# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୧୬/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, May 16/2025 | Page 16 | ₹ 7.00

୫୧ଶ ଭାଗ ୧୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 170 | ମୂଲ୍ୟ ₹୭/-




**ଭାରତକୁ ଶାନ୍ତି ଆଲୋଚନାର ପ୍ରସ୍ତାବ ଦେଲେ ଶରିଫ୍**

ପାକିସ୍ତାନର ପଞ୍ଜାବ ପ୍ରଦେଶର କାମ୍ରା ଏୟାରବେସ୍ ପରିଦର୍ଶନ ବେଳେ ଗୁରୁବାର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଭାରତକୁ ଶାନ୍ତି ଆଲୋଚନାର ପ୍ରସ୍ତାବ ଦେଇଛନ୍ତି।


୦୨



୧୧


**'ହୋମ୍‌ବାଉଣ୍ଡ': ୨ ବାଲ୍ୟ ବନ୍ଧୁଙ୍କ କାହାଣୀ**

ଚଳଚ୍ଚିତ୍ର ନିର୍ମାତା କରନ ଜୋହରଙ୍କ 'ହୋମ୍‌ବାଉଣ୍ଡ' ଫିଲ୍ମର ପ୍ରଥମ ପୋଷ୍ଟରକୁ ଗୁରୁବାର ଜାରି କରାଯାଇଛି।





ପୁରୀ ରଥଖଳାରେ ଗୁରୁବାର ବିଲେଇ ଦ୍ୱାରା ରଥର ଚକରେ ପହି ପିନ୍ଧାଯାଉଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଭାରତ ଦେଇଛି 'ଶୂନ ଟାରିଫ୍' ଅଫର: ଟ୍ରମ୍ପ୍

ଭାରତକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସାମ୍ପ୍ରତିକ ଆଭିମୁଖ୍ୟ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରମ୍ପ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘନିଷ୍ଠ ବନ୍ଧୁ କହିଆସୁଛନ୍ତି। କିନ୍ତୁ ଟ୍ରମ୍ପ୍‌ଙ୍କ କେତେକ କାର୍ଯ୍ୟ ଭାରତ ବିରୋଧୀ ବୋଲି ଅନେକେ ବିବେଚନା କରୁଛନ୍ତି। କାରଣ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ କିଛିଦିନ ତଳେ ପାକିସ୍ତାନ ସହ ଭାରତର ସଂଘର୍ଷ ଚାଲିଥିବା ସମୟରେ ପାକିସ୍ତାନକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ରୁ ବିପୁଳ ଅର୍ଥରାଶି ମିଳିଥିଲା। ଏହା ଆମେରିକାର ବିନା ସମର୍ଥନରେ ଅସମ୍ଭବ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ, ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଏହାର ସିଇଓ ଟିମ୍ କୁକ୍‌ଙ୍କୁ ଟ୍ରମ୍ପ ପରାମର୍ଶ ଦେଇଛନ୍ତି। ସେହିପରି ଭାରତୀୟ ସଶସ୍ତ୍ର ବଳର ତୁହାକୁ ତୁହା ମିଶାଇଲ ମାଡ଼ ପରେ ପାକିସ୍ତାନୀ ସେନା ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା। କିନ୍ତୁ ଟ୍ରମ୍ପ୍ ଏହାର ଶ୍ରେୟ ନେବାକୁ ଉଦ୍ୟମ କରିଥିଲେ। ସେ କହିଥିଲେ, ଭାରତ ଓ ପାକିସ୍ତାନରେ ଆମେରିକା ବହୁତ ବ୍ୟବସାୟ କରିବାକୁ ଚାହେଁ। ସେ ଦୁଇଦେଶକୁ ବୁଝାଇ ଯୁଦ୍ଧ ବନ୍ଦ କରାଇଦେଇଛନ୍ତି। ଏହି କ୍ରମରେ ମଧ୍ୟପ୍ରାଚ୍ୟ ଗସ୍ତରେ ଥିବା ଟ୍ରମ୍ପ୍ ଗୁରୁବାର କାତାରର ଦୋହାରେ କହିଛନ୍ତି, ଭାରତ ଆମକୁ 'ଶୂନ ଟାରିଫ୍'ର ଅଫର ଦେଇଛି। ଅର୍ଥାତ୍ ଭାରତକୁ ରପ୍ତାନି ହେବାକୁ ଥିବା ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରେ କୌଣସି ଆମଦାନୀ ଶୁଳ୍କ ଲାଗିବ ନାହିଁ। ଅନ୍ୟପକ୍ଷରେ ସିଜ୍‌ଫାୟାର ଓ କଶ୍ମୀର ପ୍ରସଙ୍ଗରେ ଟ୍ରମ୍ପ୍‌ଙ୍କ ପୂର୍ବ ମନ୍ତବ୍ୟକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିବା କଂଗ୍ରେସ ଟାରିଫ୍ ସମ୍ପର୍କରେ ମୋଦିଙ୍କ ନୀରବତା ଉପରେ ପ୍ରଶ୍ନ ଉଠାଇଛି। ଇତିମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଉଭୟ ଟ୍ରମ୍ପ୍ ଓ ବିରୋଧୀ ଦଳକୁ ଜବାବ ଦେବାକୁ ଯାଇ କହିଛନ୍ତି, ଆମେରିକା ସହ ବାଣିଜ୍ୟ ଚୁକ୍ତି ଏକ ଜଟିଳ ପ୍ରକ୍ରିୟା। ଟ୍ରେଡ୍ ଡିଲ୍ ସମ୍ପର୍କିତ ଆଲୋଚନା ଜାରି ରହିଛି। ଏହା ଉପରେ କିଛି ନିଷ୍ପତ୍ତି ହୋଇ ନ ଥିବା ଜୟଶଙ୍କର ସ୍ପଷ୍ଟ କରିଛନ୍ତି।

**ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ**


(ସମ୍ପୂର୍ଣ୍ଣ ଖବର ପୃଷ୍ଠା-୪)


## ସିଜ୍‌ଫାୟାର ମନ୍ତବ୍ୟରେ ୟୁ-ଟର୍ନ

ଦୋହା, ୧୫।୫

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରାଇଥିବା ନେଇ ଗୁରୁବାର ଦୋହାରେ ପୁଣି ଥରେ ଦୋହରାଇଛନ୍ତି। ଶନିବାରଠାରୁ ଅଦ୍ୟାବଧି ସେ ୭ ଥର ଏଭଳି କହିଛନ୍ତି। କିନ୍ତୁ ଏଥର ସେ ପୂର୍ବ ଭଳି 'ମୁଁ ସବୁ କରାଇଦେଇଛି' ବୋଲି ଦାବି କରିନାହାନ୍ତି। ଅଲ୍-ଉଦେଇଦ୍ ଏୟାରବେସ୍‌ରେ ଆମେରିକୀୟ ସୈନ୍ୟଙ୍କୁ ସମ୍ବୋଧନ ବେଳେ ଟ୍ରମ୍ପ୍ ୟୁ-ଟର୍ନ କରି କହିଛନ୍ତି, ଗତ ସପ୍ତାହରେ ଦୁଇଦେଶ ମଧ୍ୟରେ ଶତ୍ରୁତା ବଢ଼ିବାରେ ଲାଗିଥିବାବେଳେ ଉତ୍ତେଜନା ହ୍ରାସ ପାଇଁ ସେ କେବଳ ସାହାଯ୍ୟ କରିଥିଲେ।



ସିଜ୍‌ଫାୟାର କରାଇ ନ ଥିଲେ। ସୂଚନାଥାଉକି, ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିଥିଲା। ମେ' ୮ରୁ ତିନି ଦିନ ଧରି ଦୁଇ ଦେଶ ମୁହାଁମୁହିଁ ହୋଇଥିବାବେଳେ ୧୦ ତାରିଖରେ ପାକିସ୍ତାନୀ ସେନା ଡିଜିଏମ୍‌ଓ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିଲା। ତଦନୁସାରେ ଅପରାହ୍ନ ୫ଟାରୁ ସିଜ୍‌ଫାୟାର ହୋଇଥିଲା।

## ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଆପଲକୁ କହିଲେ ଟ୍ରମ୍ପ୍

ଡୋନାଲ୍ଡ ଟ୍ରମ୍ପ୍ ଭାରତରେ ଆଇଫୋନ୍ ନିର୍ମାଣ ନ କରିବାକୁ ଆପଲ ସିଇଓ ଟିମ୍ କୁକ୍‌ଙ୍କୁ ପରାମର୍ଶ ଦେଇଥିବା ଗୁରୁବାର ଦୋହାରେ କହିଛନ୍ତି। ଟ୍ରମ୍ପ୍ କହିଛନ୍ତି, ଭାରତ ନିଜେ ନିଜ ଆଇଫୋନ୍ ଆବଶ୍ୟକତା ପୂରଣ କରିପାରିବ। ତେଣୁ କୁକ୍ ଭାରତରେ ୫୦୦ ବିଲିୟନ୍ ଡଲାର ନିବେଶ କରିବା ପରିବର୍ତ୍ତେ ଆମେରିକାରେ ଆପଲ ବ୍ୟବସାୟକୁ ବିସ୍ତାର କରିବା ଉପରେ ଅଧିକ ଧ୍ୟାନଦେବା ଉଚିତ। ଭାରତ ବିଶ୍ୱର ଅନ୍ୟତମ ସର୍ବାଧିକ ଟାରିଫ୍ କଷୁଥିବା ଦେଶ ହୋଇଥିବାରୁ ସେଠାରେ ଆଇଫୋନ୍ ବିକ୍ରି କରିବା କଷ୍ଟକର ବୋଲି କୁକ୍‌ଙ୍କୁ ସେ ପରାମର୍ଶ ଦେଇଥିବା ବିଷୟ ଏକ ବିଜ୍‌ନେସ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି। ଇତିମଧ୍ୟରେ ଆଇଫୋନ୍ ନିର୍ମାତା ଆପଲ ପକ୍ଷରୁ ଏନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଭାରତ ଆପଲର ବୃହତ୍ ମାନୁଫାକ୍ଚରିଂ ବେସ୍ ହେବାକୁ ଯାଉଛି। ଦେଶରେ କମ୍ପାନୀର ପ୍ରସ୍ତାବିତ ନିବେଶ ଜାରି ରହିବ ବୋଲି ଆପଲ ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ ସୂଚନା ଦିଆଯାଇଛି।

# ଭିଜିଲାନ୍ସକୁ ଖୋଲା ଛଡ଼ାଯାଇଛି

## ଦୁର୍ନୀତି ପ୍ରସଙ୍ଗରେ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ୍

**ଭୁବନେଶ୍ୱର, ୧୫।୫ (ରବିନାରାୟଣ ଜେନା)**

ଭିଜିଲାନ୍ସକୁ ଖୋଲା ଛଡ଼ାଯାଇଛି। ଅଧିକାରୀମାନେ ସଜାଗ ରୁହନ୍ତୁ। ଯଦି ଦାୟିତ୍ୱରେ ଥିବା କୌଣସି ଅଧିକାରୀ ଦୁର୍ନୀତି କିମ୍ବା ଅବହେଳା କରିବେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା କହି ତାଙ୍କ ଅଙ୍ଗେନିଭା କଥା ବଖାଣିଛନ୍ତି। ସେ କହିଛନ୍ତି, 'ମୁଁ ସରପଞ୍ଚରୁ ଆଜି ମୁଖ୍ୟମନ୍ତ୍ରୀ ହୋଇଛି। ବ୍ଲକର ଭୂମିକା କ'ଣ ତାହା ଭଲ ଭାବେ ଜାଣିଛି। ଆମେ ଭୂତ ଘର, ଭୂତ ପାଇଖାନା ଦେଖିଛୁ। ତେଣୁ ଦୁର୍ନୀତି ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛୁ। ବ୍ଲକଗୁଡ଼ିକ ହେଉଛି, ଆମ ପ୍ରଶାସନିକ ସଫଳତାର ଦର୍ପଣ। ବ୍ଲକଗୁଡ଼ିକ ଦକ୍ଷତାର ସହ କାମ କଲେ ଲୋକମାନେ ସବୁ ଯୋଜନାର ସୁଫଳ ପାଇବେ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ, ତାହା ହିଁ ଆମର ଉଦ୍ଦେଶ୍ୟ ହେବା ଆବଶ୍ୟକ। ତେଣୁ ରାଜନୈତିକ ଆନୁଗତ୍ୟ ଓ ଅବହେଳାକୁ ପରିତ୍ୟାଗ କରିବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, 'ମୋ ଛୋଟ ବ୍ରେନ୍‌ରେ ସବୁ ସେଭ୍ ହୋଇ ରହିଛି। ସେକାଳ ପଖାଳ ଆଉ ନାହିଁ। ଯଦି ପୁରୁଣା ଅଭ୍ୟାସ ରଖିବେ ତେବେ କ୍ଷମା ମିଳିବ ନାହିଁ। ମୁଁ ଆଦିବାସୀ ଲୋକ, ମୋ ସରଳତାକୁ ଦୁର୍ବଳ ଭାବନ୍ତୁ ନାହିଁ। ଜିଲାପାଳଙ୍କ ଜରିଆରେ ବିଡିଓଙ୍କ ରିପୋର୍ଟ କାର୍ଡ ମଗାଯିବ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସିଡିଓ ଏବଂ ବିଡିଓଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ସିଡିଓ ଏବଂ ବିଡିଓଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣମାନେ କ୍ଷେତ୍ରସ୍ତରରେ ଲୋକଙ୍କ ସହିତ ସିଧାସଳଖ ମିଶନ୍ତି। ସେମାନଙ୍କର ସୁବିଧା ଅସୁବିଧା ଜାଣନ୍ତି। ତେଣୁ ସରକାରଙ୍କ ସବୁ ଯୋଜନାକୁ ଆପଣମାନେ ଲୋକଙ୍କ ପାଖକୁ ଠିକ୍ ଭାବରେ ପହଞ୍ଚାନ୍ତୁ। ସେମାନଙ୍କୁ କୌଣସି ପରିସ୍ଥିତିରେ ଦୟାର ପାତ୍ର ବୋଲି ଭାବନ୍ତୁ ନାହିଁ। ଯୋଜନାଗୁଡ଼ିକ ହେଉଛି କେବଳ ଲୋକଙ୍କ ପାଇଁ। ଏହା ସେମାନଙ୍କ ଅଧିକାର। ସରକାର ଓ ଲୋକଙ୍କ ଭିତରେ ଆପଣମାନେ ସେତୁ ସାଜନ୍ତୁ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଗାଁର ବିକାଶ ନ ହେଲେ ଦେଶର ବିକାଶ ହେବ ନାହିଁ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ବିକଶିତ ଓଡ଼ିଶାର ରୋଡ୍‌ମ୍ୟାପ୍‌ରେ ଗାଁର ବିକାଶକୁ ହିଁ ଆମେ ପ୍ରାଥମିକତା ଦେଇଛୁ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବିଭାଗ ଶାସନ ସଚିବ ଗିରିଶ ଏସ୍.ଏନ୍. ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ମେଶିନ ବ୍ୟାନ୍

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆ.ର୍.ଇ.ଜି.ଏସ୍) କାର୍ଯ୍ୟରେ ମେଶିନ୍ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍(ନିଷେଧ) ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ରାଜ୍ୟସ୍ତରୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏମ୍.ଜି.ଏନ୍.ଆ.ର୍.ଇ.ଜି.ଏସ୍‌ରେ ଅନ୍ୟୂନ ପକ୍ଷେ ବର୍ଷକୁ ୧୦୦ ଦିନର କର୍ମ ନିଯୁକ୍ତି ଯୋଗାଇଦେବା ସହ ଏହି ସବୁ କାର୍ଯ୍ୟରେ ମେଶିନ୍ ବଦଳରେ ମାନବ ଶକ୍ତିର ଅଧିକ ଉପଯୋଗ କରାଯିବା ଆବଶ୍ୟକ। ଏହାଦ୍ୱାରା ଗ୍ରାମାଞ୍ଚଳର ଲୋକମାନେ ରୋଜଗାର ପାଇବା ସହିତ ଦାଦନ ସମସ୍ୟା ଦୂର ହୋଇପାରିବ। ପ୍ରକଳ୍ପଗୁଡ଼ିକ ପୂର୍ଣ୍ଣାଙ୍ଗ କରିବା ପାଇଁ ହେଲେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖି କାମ କରନ୍ତୁ ଓ ନିୟମିତ ଭାବରେ କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-20: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା **ତା।୧୯।୦୫।୨୦୨୫ରିଖ (ସୋମବାର) ଦିନ ସକାଳ ୮ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ** ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର (କ୍ୟାପିଟାଲ ନର୍ସରୀ ନିକଟସ୍ଥ)ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ତା।୧୬।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାରପତ୍ର ଏବଂ ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**OIPR-09014/11/0117/2526**


## ଅଦିନିଆ ବର୍ଷାକୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣା

**ଭୁବନେଶ୍ୱର, ୧୫।୫ (ସୁନିତ୍ ମିଶ୍ର)**

ଅଦିନିଆ ବର୍ଷାକୁ ଓଡ଼ିଶା ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଅନୁମୋଦନ ଦେଇଛନ୍ତି। ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇପାରିବେ। ଏସ୍‌ଡିଆର୍‌ଏଫ୍‌ର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦% ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ। ୨୦୨୪ ଡିସେମ୍ବରରେ ଅଦିନିଆ ବର୍ଷା ଯୋଗୁ ରାଜ୍ୟର ୨୨,୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା ଏବଂ ପ୍ରାୟ ୬.୬୬ ଲକ୍ଷ ଚାଷୀ ପ୍ରଭାବିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ସ୍ୱତନ୍ତ୍ର ଭାବେ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଘୋଷଣାକରି ଚାଷୀମାନଙ୍କୁ ୨୯୧ କୋଟି ଟଙ୍କାର ସହାୟତା କୃଷି ଇନ୍‌ପୁଟ ରିହାତି ଆକାରରେ ପ୍ରଦାନ କରିଥିଲେ। ପୂର୍ବରୁ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ତାଲିକାରେ ୮ଟି ବିପର୍ଯ୍ୟୟ ଯଥା ବଜ୍ରପାତ, ଗ୍ରୀଷ୍ମ ପ୍ରବାହ, ଘୂର୍ଣ୍ଣିଝଡ଼, ଟର୍ନାଡୋ, ପ୍ରବଳ ବର୍ଷା ଏବଂ ବନ୍ୟା ନ ଥିବା ସମୟରେ ଡଙ୍ଗା ଦୁର୍ଘଟଣା, ପାଣିରେ ବୁଡ଼ି ମୃତ୍ୟୁ ହେବା ଓ ସାପକାମୁଡ଼ା ଆଦି ରହିଛି।


**ଆଜିର ସମ୍ପାଦକୀୟ** ମହାସାଗରରେ ପ୍ଲାଷ୍ଟିକ୍ ପ୍ରଦୂଷଣ





**ରାହୁଲଙ୍କ ନାଁରେ ଏଫ୍ଆଇଆର୍**
କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୁରୁବାର ବିହାର ଦରଭଙ୍ଗାରେ ଥିବାବେଳେ ପୋଲିସ ତାଙ୍କ ବିରୋଧରେ ୨ଟି ଏଫ୍ଆଇଆର୍ ରୁଜୁ କରିଛି। ବିନା ଅନୁମତିରେ ଆମ୍ବେଡକର ଛାତ୍ରାବାସରେ ଦଳିତ ଏବଂ ଆଦିବାସୀ ଛାତ୍ରଙ୍କୁ ଭେଟିବା ସହ ଦଳୀୟ କାର୍ଯ୍ୟକ୍ରମ ଆୟୋଜନ ଅଭିଯୋଗରେ ରାହୁଲଙ୍କ ସମେତ ୧୦୦ କଂଗ୍ରେସ କର୍ମୀଙ୍କୁ ଅଭିଯୁକ୍ତ କରାଯାଇଛି।



# ପାକ୍ ହାତରେ ଅଣୁଅସ୍ତ୍ର ବିପଜ୍ଜନକ

**ଆଣବିକ ଅସ୍ତ୍ର ପରିଚାଳନା ସାମର୍ଥ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ରାଜନାଥ**

**ପାକିସ୍ତାନ ଯେଉଁଠି ଛିଡ଼ାହୁଏ, ଭିକାରିଙ୍କ ଧାଡ଼ି ସେଇଠୁ ଆରମ୍ଭ ହୁଏ**

ଶ୍ରୀନଗର,୧୫।୫(ପି.ଟି.)

ପାକିସ୍ତାନ ନିକଟରେ ଥିବା ଅଣୁଅସ୍ତ୍ରଗୁଡ଼ିକର ନିରାପତ୍ତାକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର ପ୍ରଶ୍ନ ଉଠାଇଛନ୍ତି। ସେଗୁଡ଼ିକ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ପର୍ଯ୍ୟବେକ୍ଷଣରେ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଭାରତୀୟ ସେନାର ଅପରେଶନ ସିନ୍ଦୂରର ସଫଳତା ପରେ ରାଜନାଥ ପ୍ରଥମ ଥର ପାଇଁ ଜମ୍ମୁ-କଶ୍ମୀର ଗସ୍ତ କରି ସୈନ୍ୟମାନଙ୍କ ସହ କଥା ହୋଇଛନ୍ତି। ଆତଙ୍କବାଦୀ ସଂଗଠନ ଏବଂ ପାକିସ୍ତାନରେ ଥିବା ସେମାନଙ୍କ ନିୟନ୍ତ୍ରଣକାରୀ ନିଜକୁ କେଉଁଠି ସୁରକ୍ଷିତ ମଣିବା ଉଚିତ ନୁହେଁ, ଏହା ଅପରେଶନ ସିନ୍ଦୂର ସ୍ପଷ୍ଟ କରିଦେଇଛି।

ପାକିସ୍ତାନ ଭଳି ଏକ ଦୁଷ୍ଟ ଓ ଦାୟିତ୍ୱହୀନ ରାଷ୍ଟ୍ର ହାତରେ ଆଣବିକ ଅସ୍ତ୍ର ସୁରକ୍ଷିତ କି ବୋଲି ରାଜନାଥ ସମଗ୍ର ବିଶ୍ୱ ନିକଟରେ ପ୍ରଶ୍ନ କରିଛନ୍ତି। ନିୟନ୍ତ୍ରଣ ରେଖା (ଏଲ୍ଓସି) ଏବଂ ଅନ୍ତର୍ଜାତୀୟ ସୀମାର ସୁରକ୍ଷା ସ୍ଥିତି ଅନୁଧ୍ୟାନ ପାଇଁ ରାଜନାଥ ଜମ୍ମୁ-କଶ୍ମୀର ଯାଇଥିଲେ। ଶୀର୍ଷ ସାମରିକ ଅଧିକାରୀମାନେ ତାଙ୍କୁ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଶ୍ରୀନଗରରେ ଭାରତୀୟ ସେନାର ୧୫ତମ କର୍‌ରେ ରାଜନାଥ ମୋଟାମୋଟି ସ୍ଥିତି ଏବଂ ଫ୍ରଣ୍ଟଲାଇନ୍ ଯବାନମାନଙ୍କ ଯୁଦ୍ଧ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ଜମ୍ମୁ-କଶ୍ମୀରରେ ଉଦ୍‌ବୋଧନ ଦେଇ ରାଜନାଥ ପାକିସ୍ତାନର ଆର୍ଥିକ ସ୍ଥିତି ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ସମେତ ବାହ୍ୟ ସହାୟତା ଉପରେ କ୍ରମାଗତ ନିର୍ଭରଶୀଳତାକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମାଗି ମାଗି ଏହି ଦେଶ ଏଭଳି ସ୍ଥାନରେ ପହଞ୍ଚିଯାଇଛି ଯେ, ଆପଣମାନେ କହିପାରିବେ ପାକିସ୍ତାନ ଯେଉଁଠି ଛିଡ଼ାହୁଏ, ସେହିଠାରୁ ଭିକାରିମାନଙ୍କ ଧାଡ଼ି ଆରମ୍ଭ ହୁଏ। ନିକଟରେ ଆଇଏମ୍ଏଫ୍ ପାକିସ୍ତାନକୁ ୧.୦୨୩ ବିଲିୟନ ଡଲାର ଋଣ ସହାୟତା ଦେବା ଫଳରେ ସଦ୍ୟ ଋଣ ପରିମାଣ ୨.୧ ବିଲିୟନ ଡଲାରରେ ପହଞ୍ଚିଛି। ଗରିବ ଦେଶଗୁଡ଼ିକୁ ସହାୟତା ପାଇଁ ଭାରତ ସମେତ ବିଭିନ୍ନ ରାଷ୍ଟ୍ର ଆଇଏମ୍ଏଫ୍‌କୁ ପାଣ୍ଠି ଯୋଗାଉଥିବାବେଳେ ପାକିସ୍ତାନ ପୁଣିଥରେ ସହାୟତା ପାଇଁ ଏହାର ଦ୍ୱାରସ୍ଥ ହୋଇଛି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଜରିଆରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ୯ଟି ଭିତ୍ତିଭୂମିକୁ ଧ୍ୱଂସ କରିଥିଲା। ୮, ୯ ଏବଂ ୧୦ ତାରିଖରେ ପାକିସ୍ତାନ ଭାରତର ଜନବସତି ଅଞ୍ଚଳ ଏବଂ ସାମରିକ ଘାଟିକୁ ଆକ୍ରମଣ ଉଦ୍ୟମ କରିଥିବାବେଳେ ଭାରତ ୧୦ ତାରିଖରେ ଦୂର ଲକ୍ଷ୍ୟଭେଦୀ ମିଶାଇଲ ଓ ଅନ୍ୟାନ୍ୟ ଅସ୍ତ୍ର ସହାୟତାରେ ପାକିସ୍ତାନର ୮ଟି ଏୟାରବେସ୍‌କୁ ଟାର୍ଗେଟ କରିଥିଲା। ସେହିଦିନ ଅପରାହ୍ଣରେ ୨ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେଶନ୍ସ (ଡିଜିଏମ୍ଓ) ସ୍ତରରେ ଆଲୋଚନା ହୋଇ ଅସ୍ତ୍ରବିରତି ପାଇଁ ସହମତି ହୋଇଥିଲା।


ଜମ୍ମୁ-କଶ୍ମୀର ଗସ୍ତରେ ଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବାଦାମୀ ବାଗ୍ କ୍ୟାଣ୍ଟନମେଣ୍ଟରେ ସେନା ଅଧିକାରୀଙ୍କୁ ମିଠା ଖୁଆଉଛନ୍ତି।

## ପାକ୍ ଆଣବିକ ପ୍ରକଳ୍ପରୁ ତେଜସ୍କ୍ରିୟ ବିକିରଣ ହୋଇନାହିଁ: ଆଇଏଇଏ

ନୂଆଦିଲ୍ଲୀ,୧୫।୫

ନିକଟରେ ଭାରତ ସହ ହୋଇଥିବା ସାମରିକ ସଂଘର୍ଷ ବେଳେ ପାକିସ୍ତାନର କୌଣସି ଆଣବିକ ପ୍ରକଳ୍ପରୁ ତେଜସ୍କ୍ରିୟ ବିକିରଣ ହୋଇ ନ ଥିବା ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) କହିଛି। ଅପରେଶନ ସିନ୍ଦୂର ବେଳେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନର ଆଣବିକ ପ୍ରକଳ୍ପକୁ ମାଡ଼ କରିଥିବା ନେଇ ସୋସିଆଲ ମିଡିଆରେ ଦାବି କରାଯାଇଥିଲା। ଆଇଏଇଏ ପାଖରେ ଥିବା ତଥ୍ୟ ଅନୁଯାୟୀ ପାକ୍‌ର କୌଣସି ନ୍ୟୁକ୍ଲିୟର ଫାସିଲିଟିରୁ ତେଜସ୍କ୍ରିୟ ବିକିରଣ ହୋଇ ନ ଥିବା ଏହାର ମୁଖପାତ୍ର କହିଛନ୍ତି। ପାକିସ୍ତାନ ଅଣୁଅସ୍ତ୍ର ଗଚ୍ଛିତ ରଖିଥିବା କିରାନା ହିଲ୍ସ ଉପରେ ଭାରତ ଆକ୍ରମଣ କରିଥିବା ଖବରକୁ ବାୟୁସେନାର ଡିଜିଏଓ ଏୟାର ମାର୍ଶାଲ ଏ.କେ. ଭାରତୀ ପୂର୍ବରୁ ଖଣ୍ଡନ କରିଥିଲେ। କିରାନା ହିଲ୍ସରେ ଯାହା ଥାଉନା କାହିଁକି, ଆମେ ସେଠାରେ ଆକ୍ରମଣ କରିନାହୁଁ ବୋଲି ଗତ ୧୨ ତାରିଖ ମିଡିଆ ବ୍ରିଫିଙ୍ଗରେ ଭାରତୀ କହିଥିଲେ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଭାରତୀୟ ମିଶାଇଲ୍ ମାଡ଼ରେ ସରଗୋଧା ଏୟାରବେସ୍ କ୍ଷତିଗ୍ରସ୍ତ ହୋଇଥିଲା। କିରାନା ହିଲ୍ସର ଭୂତଳ ଅଣୁଅସ୍ତ୍ର ଭଣ୍ଡାର ସହ ଏହି ଏୟାରବେସ୍‌ର ସଂଯୋଗ ଥିବା ଖବର ପ୍ରକାଶ ପାଇଥିଲା।

## ବିଲ୍ ମଞ୍ଜୁରୀ ସମୟସୀମା: ସୁପ୍ରିମକୋର୍ଟଙ୍କ ମତାମତ ଲୋଡ଼ିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୫।୫ (ପି.ଟି.)


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ବିଧାନସଭାରେ ଗୃହୀତ ବିଲ୍ ଉପରେ ରାଷ୍ଟ୍ରପତି ମଞ୍ଜୁରୀ ପ୍ରଦାନ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଦ୍ୱାରା ସମୟସୀମା ଧାର୍ଯ୍ୟ ହୋଇପାରିବ କି? ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବିଧାନର ଅନୁଚ୍ଛେଦ ୧୪୩(୧)ରେ ପ୍ରଦତ୍ତ କ୍ଷମତା ବଳରେ ସୁପ୍ରିମକୋର୍ଟଙ୍କଠାରୁ ଏହା ଜାଣିବାକୁ ଚାହିଁଛନ୍ତି। କୌଣସି ସମୟରେ ସର୍ବସାଧାରଣରେ ଗୁରୁତ୍ୱ ଥିବା ଆଇନକୁ ନେଇ ପ୍ରଶ୍ନ ଉଠୁଥିବା ରାଷ୍ଟ୍ରପତି ଅନୁଭବ କଲେ, ସର୍ବୋଚ୍ଚ ଅଦାଲତଙ୍କ ମତାମତ ଲୋଡ଼ିବା ପାଇଁ ଅନୁଚ୍ଛେଦ ୧୪୩(୧) ତାଙ୍କୁ କ୍ଷମତା ଦେଇଛି। ସେ କୋର୍ଟଙ୍କ କୌଣସି ପ୍ରଶ୍ନକୁ ବିଚାର ପାଇଁ ପଠାଇପାରନ୍ତି। ଗୃହୀତ ବିଲ୍ ଉପରେ ରାଜ୍ୟପାଳ ଓ ରାଷ୍ଟ୍ରପତି ମଞ୍ଜୁରୀ ନିମନ୍ତେ ସୁପ୍ରିମକୋର୍ଟ ଗତ ଏପ୍ରିଲ୍ ୮ ରାୟରେ ସମୟସୀମା ଧାର୍ଯ୍ୟ କରିଥିଲେ। ରାଷ୍ଟ୍ରପତି ମୁର୍ମୁ ଏହା ଉପରେ ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇ ସର୍ବୋଚ୍ଚ ଅଦାଳତଙ୍କ ମତାମତ ମାଗିଛନ୍ତି। ପ୍ରଶ୍ନଗୁଡ଼ିକ ହେଲା:

- ରାଜ୍ୟପାଳଙ୍କ ନିକଟରେ ବିଲ୍ ଉପସ୍ଥାପନ ହେଲେ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ ତାଙ୍କ ପାଖରେ ସାମ୍ବିଧାନିକ ବିକଳ୍ପ କ'ଣ ରହିଛି?
- ଅନୁଚ୍ଛେଦ ୨୦୦ ଅନୁଯାୟୀ ଉପଲବ୍ଧ ସମସ୍ତ ବିକଳ୍ପ କାର୍ଯ୍ୟକାରୀ କଲାବେଳେ ରାଜ୍ୟପାଳ ମନ୍ତ୍ରୀ ପରିଷଦର ପରାମର୍ଶ ମାନିବାକୁ ବାଧ କି?
- ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ବ୍ୟବହୃତ ସାମ୍ବିଧାନିକ ବିବେକାନୁମୋଦିତ କ୍ଷମତା ଯଥାର୍ଥ କି?
- ରାଜ୍ୟପାଳଙ୍କ କାର୍ଯ୍ୟ ସମ୍ପର୍କିତ ନ୍ୟାୟିକ ସମୀକ୍ଷାରେ ସମ୍ବିଧାନର ଅନୁଚ୍ଛେଦ ୩୬୧ ଏକ ସମ୍ପୂର୍ଣ୍ଣ ପ୍ରତିବନ୍ଧକ କି?
- ନିର୍ଦ୍ଦିଷ୍ଟ ସମୟସୀମା ଓ ରାଜ୍ୟପାଳଙ୍କ କ୍ଷମତା ପ୍ରୟୋଗର ତରିକା ସମ୍ପର୍କରେ ସମ୍ବିଧାନରେ ଉଲ୍ଲେଖ ନ ଥିଲେ, ଅନୁଚ୍ଛେଦ ୨୦୦ର ସମସ୍ତ କ୍ଷମତା ପ୍ରୟୋଗ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଜରିଆରେ ସମୟସୀମା ଓ କାର୍ଯ୍ୟ କରିବାର ତରିକା ଧାର୍ଯ୍ୟ ହୋଇପାରିବ କି?
- ସମ୍ବିଧାନର ଅନୁଚ୍ଛେଦ ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ସାମ୍ବିଧାନିକ ବିବେକାନୁମୋଦିନ କ୍ଷମତା ପ୍ରୟୋଗ ଯଥାର୍ଥ କି?
- ନିର୍ଦ୍ଦିଷ୍ଟ ସମୟସୀମା ଓ ରାଷ୍ଟ୍ରପତିଙ୍କ କ୍ଷମତା ପ୍ରୟୋଗର ତରିକା ସମ୍ପର୍କରେ ସମ୍ବିଧାନରେ ଉଲ୍ଲେଖ ନ ଥିଲେ, ଅନୁଚ୍ଛେଦ ୨୦୧ ବଳରେ ରାଷ୍ଟ୍ରପତି ସମସ୍ତ କ୍ଷମତା ପ୍ରୟୋଗ ପାଇଁ ନ୍ୟାୟିକ ନିର୍ଦ୍ଦେଶନାମା ଜରିଆରେ ସମୟସୀମା ଓ କାର୍ଯ୍ୟ ତରିକା ଧାର୍ଯ୍ୟ ହୋଇପାରିବ କି?
- ରାଷ୍ଟ୍ରପତିଙ୍କ କ୍ଷମତାର ପରିଚାଳନା କରୁଥିବା ସାମ୍ବିଧାନିକ ସ୍କିମ୍ ଅନୁଯାୟୀ, ରାଷ୍ଟ୍ରପତି ଅନୁଚ୍ଛେଦ ୧୪୩ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପରାମର୍ଶ ଲୋଡ଼ିପାରିବେ କି? ରାଜ୍ୟପାଳ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ସଂରକ୍ଷିତ ରଖିଥିଲେ ଏହା ଉପରେ ସେ ସର୍ବୋଚ୍ଚ ଅଦାଲତଙ୍କ ମତାମତ ନେଇପାରିବେ କି?
- ଅନୁଚ୍ଛେଦ ୨୦୦ ଏବଂ ୨୦୧ ଅନୁଯାୟୀ ଯଥାକ୍ରମେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ କାର୍ଯ୍ୟକାରୀ ହେବାର ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ଯଥାର୍ଥ କି? ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ବିଲ୍‌ର ବିଷୟବସ୍ତୁ ଅଦାଲତଙ୍କ ନ୍ୟାୟିକ ବିଚାରାଧୀନ ହେବା ଅନୁମତି ରହିଛି କି?
- ରାଷ୍ଟ୍ରପତି/ରାଜ୍ୟପାଳଙ୍କର ବା ଦ୍ୱାରା ସାମ୍ବିଧାନିକ କ୍ଷମତା ପ୍ରୟୋଗ ଏବଂ ନିର୍ଦ୍ଦେଶନାମା ଅନୁଚ୍ଛେଦ ୧୪୨ ଅନୁଯାୟୀ କୌଣସି ପ୍ରକାରେ ପ୍ରତିସ୍ଥାପିତ ହୋଇପାରିବ କି?
- ରାଜ୍ୟ ବିଧାନସଭା ଦ୍ୱାରା ପ୍ରସ୍ତୁତ ଆଇନକୁ ଅନୁଚ୍ଛେଦ ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ବିନା ଅନୁମୋଦନରେ ଆଇନ ଭାବେ କାର୍ଯ୍ୟକାରୀ କରାଯାଇପାରିବ କି?
- ସାମ୍ବିଧାନିକ ବ୍ୟାଖ୍ୟାରେ ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଜଡ଼ିତ ଥିଲେ, ଏହାକୁ ଅନ୍ୟୂନ ୫ ଜଣିଆ ବିଚାରପତି ବିଶିଷ୍ଟ ପୀଠକୁ ପଠାଇବା ନିମନ୍ତେ ପ୍ରଥମେ ନିଷ୍ପତ୍ତି ନେବା ଅନୁଚ୍ଛେଦ ୧୪୫(୩)ର ବ୍ୟବସ୍ଥା ଅନୁଯାୟୀ କୌଣସି ଅଦାଲତ ବେଞ୍ଚ୍ ପାଇଁ ବାଧ୍ୟତାମୂଳକ ନୁହେଁ କି?
- ଅନୁଚ୍ଛେଦ ୧୪୨ରେ ସୁପ୍ରିମକୋର୍ଟଙ୍କ କ୍ଷମତା ପ୍ରକ୍ରିୟାତ୍ମକ ଆଇନର ବିଷୟ ମଧ୍ୟରେ ସୀମିତ କି କିମ୍ବା ଏବଂ ସାମ୍ପ୍ରତିକ ପ୍ରୟୋଗାତ୍ମକ ଆଇନର ବିରୁଦ୍ଧାଚରଣ କରୁଥିବା କିମ୍ବା ଅସଙ୍ଗତ ହେଉଥିଲେ, ନିର୍ଦ୍ଦେଶ ଦେଇପାରିବେ ବା ରାୟ ପ୍ରକାଶ କରିପାରିବେ କି?
- ଅନୁଚ୍ଛେଦ ୧୩୧ ଅଧୀନରେ ଥିବା ମାମଲା ବ୍ୟତୀତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଅନ୍ୟାନ୍ୟ ବିଚାର କ୍ଷେତ୍ରରେ ସାମ୍ବିଧାନ ପ୍ରତିବନ୍ଧକ କି?

## ମଣିପୁର: ଏନ୍‌କାଉଣ୍ଟରରେ ୧୦ ଉଗ୍ରପନ୍ଥୀ ନିହତ

ଇମ୍ଫାଲ,୧୫।୫

ମଣିପୁରର ଚାଣ୍ଡେଲ୍ ଜିଲାରେ ଗୁରୁବାର ସକାଳେ ତଲାସି ଅଭିଯାନ ବେଳେ ଆସାମ ରାଇଫଲ୍ସ ଯବାନଙ୍କ ସହ ଏନ୍‌କାଉଣ୍ଟରରେ ୧୦ ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ଭାରତ-ମ୍ୟାନ୍‌ମାର ସୀମାନ୍ତ ପାର୍ବତ୍ୟାଞ୍ଚଳରେ ଏହି ଗୁଳିବିନିମୟ ଘଟିଥିଲା। ତଲାସି ଅଭିଯାନ ଜାରି ରହିଛି। ମୃତ ଉଗ୍ରପନ୍ଥୀମାନଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଉଗ୍ରପନ୍ଥୀମାନଙ୍କ ଉପସ୍ଥିତି ସମ୍ପର୍କରେ ଗୋଇନ୍ଦା ସୂଚନା ମିଳିବା ପରେ ବୁଧବାରଠାରୁ ଭାରତ-ମ୍ୟାନ୍‌ମାର ସୀମାବର୍ତ୍ତୀ ଚାଣ୍ଡେଲ ଜିଲାର ନ୍ୟୁ ସାମତାଲ ଗ୍ରାମରେ ଆସାମ ରାଇଫଲ୍ସ ପକ୍ଷରୁ ତଲାସି ଅଭିଯାନକୁ ଜୋର୍‌ଦାର କରାଯାଇଥିଲା। ଏନ୍‌କାଉଣ୍ଟର ସ୍ଥଳରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି।

## ଶାନ୍ତି ଆଲୋଚନା ପ୍ରସ୍ତାବ ଦେଲେ ଶରିଫ୍

**ସର୍ତ୍ତ କଶ୍ମୀର ପ୍ରସଙ୍ଗ**

ଇସ୍‌ଲାମାବାଦ,୧୫।୫(ପି.ଟି.)


ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଗୁରୁବାର ଭାରତକୁ ଶାନ୍ତି ଆଲୋଚନାର ପ୍ରସ୍ତାବ ଦେଇଛନ୍ତି। ପାକିସ୍ତାନ ଶାନ୍ତି ଆଲୋଚନା ପାଇଁ ପ୍ରସ୍ତୁତ ଥିବା ସେ କହିଛନ୍ତି। ପଞ୍ଜାବ ପ୍ରଦେଶର କାମ୍‌ରା ଏୟାରବେସ୍ ପରିଦର୍ଶନ ବେଳେ ଶେହବାଜ୍ ଏହି ମନ୍ତବ୍ୟ ଦେଇଛନ୍ତି। ଏୟାରବେସ୍‌ରେ ଶେହବାଜ୍ ବାୟୁସେନା ଅଧିକାରୀ ଓ ସୈନ୍ୟମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି, ଭାରତ ସହିତ ଶାନ୍ତି ଆଲୋଚନା କରିବାକୁ ଆମେ ପ୍ରସ୍ତୁତ ଅଛୁ। କିନ୍ତୁ ଆଲୋଚନା ବେଳେ କଶ୍ମୀର ପ୍ରସଙ୍ଗ ସ୍ଥାନ ପାଇବା ଉଚିତ ବୋଲି ସେ ସର୍ତ୍ତ ବାଢ଼ିଛନ୍ତି।

ମେ' ୭ରୁ ୧୦ ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ଚରମସୀମାରେ ପହଞ୍ଚିବା ପରେ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା। ସେବେଠୁ ଦେଶର କୌଣସି ପ୍ରତିରକ୍ଷା ପ୍ରତିଷ୍ଠାନକୁ ଏହା ହେଉଛି ଶେହବାଜ୍‌ଙ୍କ ଦ୍ୱିତୀୟ ପରିଦର୍ଶନ। ଏହି ଗସ୍ତ ବେଳେ ତାଙ୍କ ସହ ଉପପ୍ରଧାନମନ୍ତ୍ରୀ ଇଶାକ୍ ଡାର, ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ୍, ସେନା ମୁଖ୍ୟ ଜେନେରାଲ ଆସିମ୍ ମୁନିର, ବାୟୁସେନା ମୁଖ୍ୟ ମାର୍ଶଲ ଜାହିର ଅହମ୍ମଦ ବାବେର ସିଧୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଓ କଶ୍ମୀରକୁ ଭାରତ ନିଜର ଅବିଚ୍ଛେଦ୍ୟ ଅଙ୍ଗ ବିବେଚନା କରିଆସିଛି। ତେଣୁ କଶ୍ମୀର ପ୍ରସଙ୍ଗରେ ଭାରତ ସବୁବେଳେ ତୃତୀୟ ପକ୍ଷର ହସ୍ତକ୍ଷେପ କିମ୍ବା ମଧ୍ୟସ୍ଥତାକୁ ପ୍ରତ୍ୟାଖ୍ୟାନ କରିଆଏ। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିବାବେଳେ ଭାରତ ଏହାକୁ ଅଣଦେଖା କରିଥିଲା। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଏଣିକି ଯଦି ପାକିସ୍ତାନ ସହ ଆଲୋଚନା ହେବ ତେବେ କେବଳ ଆତଙ୍କବାଦ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ନେଇ ହେବ। ଏଭଳି ସ୍ଥିତିରେ ଶେହବାଜ୍ କଶ୍ମୀର ପ୍ରସଙ୍ଗକୁ ଆଲୋଚନାରେ ସ୍ଥାନିତ କରିବା ନେଇ ଦେଇଥିବା ପ୍ରସ୍ତାବ ଭାରତ ଦ୍ୱାରା ଗ୍ରହଣୀୟ ହୋଇ ନ ପାରେ।

## ସିନ୍ଧୁ ଜଳ ବନ୍ଦ ନିଷ୍ପତ୍ତି ବଳବତ୍ତର: ଜୟଶଙ୍କର

ନୂଆଦିଲ୍ଲୀ,୧୫।୫

ପାକିସ୍ତାନକୁ ସିନ୍ଧୁ ଜଳ ଚୁକ୍ତି ଅଧୀନରେ ପାଣି ନ ଛାଡ଼ିବା ନେଇ ଭାରତର ନିଷ୍ପତ୍ତି ଏବେ ମଧ୍ୟ ବଳବତ୍ତର ରହିଛି। ପାକିସ୍ତାନ ସୀମାପାର ଆତଙ୍କବାଦ ଜାରି ରଖିଥିବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସ୍ପଷ୍ଟ କରିଛନ୍ତି। ପହଲଗାମ୍ ଆକ୍ରମଣର ଦିନକ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍) ବୈଠକ ବସିଥିଲା। ୧୯୬୦ରେ ସମ୍ପାଦିତ ଆଇଡବ୍ଲ୍ୟୁଟି ରଦ୍ଦ ସମେତ ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ପାକିସ୍ତାନକୁ ଜଳ ଚିନ୍ତା ଘାରିଛି। ପାକିସ୍ତାନ ଜଳସମ୍ପଦ ମନ୍ତ୍ରୀ ଭାରତକୁ ନିଜ ନିଷ୍ପତ୍ତିର ପୁନର୍ବିଚାର ପାଇଁ ନିବେଦନ କରିଥିବାବେଳେ ଜୟଶଙ୍କର ଇସ୍‌ଲାମାବାଦକୁ ଏହା ରୋକ୍‌ଠୋକ୍ ଶୁଣାଇଛନ୍ତି।

## ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୫।୫

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାର ଅବନ୍ତିପୁରାସ୍ଥିତ ନାଦେର ତ୍ରାଲ୍ ଅଞ୍ଚଳରେ ଗୁରୁବାର ସୁରକ୍ଷା ବଳ ଗୁଳିରେ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ(ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ନାଦେର ତ୍ରାଲ୍ ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ପକ୍ଷରୁ ଗୁରୁବାର ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହି ସମୟରେ ପ୍ରଥମେ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିଚାଳନା ଆରମ୍ଭ ହୋଇଥିଲା। ଜବାବରେ ସୁରକ୍ଷା ବଳ ପକ୍ଷରୁ ଗୁଳି ଚଳାଯାଇଥିଲା। ଏହି ଗୁଳି ବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସମସ୍ତ ଆତଙ୍କବାଦୀ ଜେଇଏମ୍ ସହ ଜଡ଼ିତ ଥିବା ଭାରତୀୟ ସେନା ସ୍ପଷ୍ଟ କରିଛି। ତେବେ ନାଦେର ତ୍ରାଲ୍ ଅଞ୍ଚଳରେ ଏବେ ମଧ୍ୟ ସର୍ଚ୍ଚ ଅପରେଶନ ଜାରି ରହିଛି ବୋଲି ଭାରତୀୟ ସେନାର ଚିନାର କର୍ପ୍ସ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆଉ ଏକ ଗୋଇନ୍ଦା ସୂଚନା ଅନୁଯାୟୀ, ଜମ୍ମୁ-କଶ୍ମୀରର ରେଆସୀ ଜିଲା ଅନ୍ତର୍ଗତ ଜଙ୍ଗଲରେ ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କରେ ଜଣାପଡ଼ିଛି। ତେଣୁ ସେଠାରେ ମଧ୍ୟ ସୁରକ୍ଷା ବଳ ପକ୍ଷରୁ ଗୁରୁବାରଠାରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଛି। ପ୍ରକାଶ ଯେ, ଗତ ମଙ୍ଗଳବାର ଜମ୍ମୁ-କଶ୍ମୀରର ଶୋପିଆନସ୍ଥିତ ଜିନ୍‌ପଥେର କେଲ୍ଲେର ଅଞ୍ଚଳରେ ସୁରକ୍ଷା ବଳ ଏନ୍‌କାଉଣ୍ଟରରେ ଲସ୍କର-ଇ-ତୋଇବାର ୩ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ଏହାସହ ଜମ୍ମୁ-କଶ୍ମୀରରେ ଗତ ୪୮ ଘଣ୍ଟା ମଧ୍ୟରେ ସୁରକ୍ଷା ବଳ ପକ୍ଷରୁ କରାଯାଇଥିବା ଅପରେଶନରେ ୬ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି।

## ସମୁଦ୍ର ଜଳକୁ ଲବଣମୁକ୍ତ କରିବାକୁ ପଲିମେରିକ୍ ମେମ୍ବ୍ରେନ୍ ବିକଶିତ କଲା ଡିଆର୍‌ଡିଓ

ନୂଆଦିଲ୍ଲୀ,୧୫।୫

ଉଚ୍ଚ ଚାପ ଦ୍ୱାରା ସମୁଦ୍ର ଜଳକୁ ଲବଣ ଓ ଅନ୍ୟାନ୍ୟ କ୍ଷତିକାରକ ପଦାର୍ଥରୁ ମୁକ୍ତ କରିବା ପାଇଁ ଭାରତର ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ସ୍ୱଦେଶୀ ଜ୍ଞାନକୌଶଳରେ ନାନୋପୋରସ୍ ମଲ୍ଟିଲେୟର୍ଡ ପଲିମେରିକ୍ ମେମ୍ବ୍ରେନ୍ ବିକଶିତ କରିଛି। ଏହାର କାନପୁରସ୍ଥିତ ଲାବୋରେଟୋରି ପ୍ରତିରକ୍ଷା ଉପକରଣ ଭଣ୍ଡାର ଓ ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ (ଡିଏମ୍ଏସ୍ଆର୍‌ଡିଇ) ଭାରତୀୟ ତଟସୁରକ୍ଷା (ଆଇସିଜି) ଜାହାଜରେ ଲବଣମୁକ୍ତ ପ୍ଲାଣ୍ଟ ପାଇଁ ଏହି ପ୍ରଯୁକ୍ତିର ବିକାଶ କରିଛି। ଲୁଣିପାଣିରେ ରହିଥିବା କ୍ଲୋରିନ୍ ଆୟନ ପ୍ରଭାବ ଯୋଗୁ ସ୍ଥାୟିତ୍ୱ ପ୍ରତି ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ବେଳେ ଏହାର ନିରାକରଣ ପାଇଁ ସମୁଦ୍ର ଜଳକୁ ଲବଣମୁକ୍ତ କରିବା ପରିଚାଳନାଗତ ଆବଶ୍ୟକତା ରହିଥିଲା। ମାତ୍ର ୮ ମାସ ମଧ୍ୟରେ ଏହି ସଫଳତା ମିଳିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଡିଏମ୍ଏସ୍ଆର୍‌ଡିଇ ଏବଂ ଆଇସିଜି ଆଇସିଜିର ଅଫ୍‌ଶୋର୍ ପାଟ୍ରୋଲିଂ ଭାସେଲର ଡିସାଲାଇନେଶନ ପ୍ଲାଣ୍ଟରେ ମିଳିତ ଭାବେ ଏହାର ପ୍ରଯୁକ୍ତିଗତ ପରୀକ୍ଷା ସଫଳତାର ସହ କରାଯାଇଛି। ପଲିମେରିକ୍ ମେମ୍ବ୍ରେନ୍‌ଗୁଡ଼ିକର ପ୍ରାରମ୍ଭିକ ନିରାପତ୍ତା ଓ ପ୍ରଦର୍ଶନ ପରୀକ୍ଷା ସନ୍ତୋଷଜନକ ହୋଇଥିବା କୁହାଯାଇଛି। ୫୦୦ ଘଣ୍ଟାର ବ୍ୟାବହାରିକ ପରୀକ୍ଷା ପରେ ଆଇଜିସି ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିବ।

## ଇସ୍ରାଏଲ ଏୟାର ଷ୍ଟ୍ରାଇକ୍‌ରେ ୧୧୪ ମୃତ

ଖାନ୍ ୟୁନିସ୍, ୧୫।୫

ଗାଜା ଷ୍ଟ୍ରିପ୍‌ରେ ଗୁରୁବାର ଇସ୍ରାଏଲ ପକ୍ଷରୁ ଏୟାର ଷ୍ଟ୍ରାଇକ କରାଯାଇଛି, ଯେଉଁଥିରେ ୧୧୪ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ଗାଜାସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଦକ୍ଷିଣ ଗାଜାର ଖାନ୍ ୟୁନିସ ସହରରେ ବିଭିନ୍ନ ବିସ୍ଥାପିତ ପରିବାର ଆଶ୍ରୟ ନେଉଥିବା ଘର ଏବଂ ତମ୍ବୁଗୁଡ଼ିକୁ ଟାର୍ଗେଟ କରାଯାଇ ବୋମାମାଡ଼ କରାଯିବାରୁ ୫୬ ଜଣଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ନାସେର ହସ୍ପିଟାଲ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସେହିପରି ଉତ୍ତର ଗାଜାର ଜାବାଲିଆ ସହରରେ ଥିବା ବିଭିନ୍ନ ଶରଣାର୍ଥୀ ଶିବିର, ସ୍ୱାସ୍ଥ୍ୟ କ୍ଲିନିକ୍ ଏବଂ ପ୍ରାର୍ଥନା ଗୃହଗୁଡ଼ିକୁ ଟାର୍ଗେଟ କରି ବୋମାମାଡ଼ କରାଯାଇଛି, ଯେଉଁଥିରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ହମାସ ଦ୍ୱାରା ପରିଚାଳିତ ସିଭିଲ ଡିଫେନ୍ସ ଏଜେନ୍ସି ପକ୍ଷରୁ କୁହାଯାଇଛି। ତେବେ ଗାଜାର ବିଭିନ୍ନ ଅଞ୍ଚଳରେ ହମାସ୍ ଏବଂ ପାଲେଷ୍ଟିନୀୟ ଇସ୍‌ଲାମିକ୍ ଜିହାଦ ଯୋଦ୍ଧାଙ୍କୁ ଟାର୍ଗେଟ କରାଯାଇ ବୋମାମାଡ଼ କରାଯାଇଥିବା ଇସ୍ରାଏଲୀ ସେନା କହିଛି।


ଗାଜାର ବେଇଟ୍ ଲହିୟାସ୍ଥିତ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ଗୁରୁବାର ପାଲେଷ୍ଟିନୀୟମାନେ ଭିଡ଼ ଜମାଇଛନ୍ତି।

## ସତର୍କତା ସ୍ତର କମାଇବାକୁ ଭାରତ, ପାକ୍ ରାଜି

ନୂଆଦିଲ୍ଲୀ,୧୫।୫

ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ସଂଘର୍ଷ ପରେ ଗତ ୧୦ ତାରିଖରେ ଅସ୍ତ୍ରବିରତି ବୁଝାମଣା ହୋଇଥିଲା। ଅଧିକ ଆସ୍ଥା ସୃଷ୍ଟି ଦିଗରେ ପଦକ୍ଷେପ ନେବା ଓ ସତର୍କତା ସ୍ତର କମାଇବା ପାଇଁ ଉଭୟ ଦେଶର ଡିଜିଏମ୍ଓଙ୍କ ମଧ୍ୟରେ ତୃତୀୟ ପର୍ଯ୍ୟାୟ ଆଲୋଚନା ବେଳେ ସହମତି ପ୍ରକାଶ ପାଇଛି। ପାକିସ୍ତାନ ଡିଜିଏମ୍ଓ ମେଜର ଜେନେରାଲ କଶିଫ୍ ଅବଦୁଲ୍ଲା ଏବଂ ଭାରତର ଡିଜିଏମ୍ଓ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାଜୀବ ଘାଇଙ୍କ ମଧ୍ୟରେ ହଟ୍‌ଲାଇନରେ କଥାବାର୍ତ୍ତା ହୋଇ ମେ' ୧୮ ଯାଏ ଅସ୍ତ୍ରବିରତି ବଢ଼ାଇବାକୁ ନିଷ୍ପତ୍ତି ନିଆଯାଇଛି।

## ତୁର୍କୀରେ ଜେଲେନ୍‌ସ୍କି, ଆସିଲେନି ପୁଟିନ୍


ଆଙ୍କାରାସ୍ଥିତ ପ୍ରେସିଡେନ୍ସିଆଲ ପ୍ୟାଲେସ୍‌ରେ ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍‌ଙ୍କ ସହ ୟୁକ୍ରେନୀୟ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି।

**ମଉଳିଲା ଶାନ୍ତି ଆଲୋଚନା ଆଶା**

ଆଙ୍କାରା,୧୫।୫

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରଠୁ ୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଦୁଇଦେଶ ପ୍ରତ୍ୟକ୍ଷ ଆଲୋଚନା କରିବାକୁ ଯାଉଛନ୍ତି। ଏଥିଲାଗି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲେଡିମିର ଜେଲେନ୍‌ସ୍କିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର ତୁର୍କୀ ରାଜଧାନୀ ଆଙ୍କାରାରେ ପହଞ୍ଚିଛନ୍ତି। ଏହି ଅବସରରେ ଜେଲେନ୍‌ସ୍କି ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଡୋଗାନ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। କିନ୍ତୁ ତାଙ୍କ ସହ ସାମ୍ନାସାମ୍ନି ଆଲୋଚନା କରିବାକୁ ଏଡ଼ାଇବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତୁର୍କୀ ଯାଇନାହାନ୍ତି। ଏହା ପରିବର୍ତ୍ତେ ପୁଟିନ୍ ଇସ୍ତାନବୁଲକୁ ଏକ ନିମ୍ନସ୍ତରୀୟ ଡେଲିଗେଶନ୍‌କୁ ପଠାଇଥିବା ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜଖାରୋଭା ସୂଚନା ଦେଇଛନ୍ତି। ଏଥିଯୋଗୁ ୟୁକ୍ରେନ୍‌ର ଶାନ୍ତି ଆଲୋଚନା ଆଶା ମଉଳିଯାଇଛି।

## 'ଜଙ୍ଗଲ ଜମିର ସ୍ଥିତି ପରଖିବାକୁ ଏସ୍ଆଇଟି ଗଢ଼'

ନୂଆଦିଲ୍ଲୀ,୧୫।୫



କୌଣସି ସଂରକ୍ଷିତ ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟ ଉଦ୍ଦେଶ୍ୟରେ ଘରୋଇ ପକ୍ଷଙ୍କୁ ଦିଆଯାଇଛି କି ନାହିଁ, ତାହାର ତଦନ୍ତ ନିମନ୍ତେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଜମିକୁ ଅନ୍ୟର ଦଖଲରୁ ଫେରାଇ ଆଣି ଏହାକୁ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ, ଜଷ୍ଟିସ ଅଗଷ୍ଟାଇନ୍ ଜର୍ଜ ମସିହ ଏବଂ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବୃହତ୍ତର ଜନସ୍ୱାର୍ଥ ପାଇଁ ଜମିକୁ ଫେରାଇ ଆଣିବା ସମ୍ଭବ ନ ହେଲେ, ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥାଠାରୁ ଜମିର ମୂଲ୍ୟ ଅସୁଲ କରାଯାଉ। ଉକ୍ତ ଅର୍ଥକୁ ଜଙ୍ଗଲ ବିଭାଗ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ମଞ୍ଜୁର କରାଯିବାକୁ ଖଣ୍ଡପୀଠ କହିଛନ୍ତି। ଏଭଳି ହସ୍ତାନ୍ତର ବର୍ଷକ ମଧ୍ୟରେ ସମ୍ପୂର୍ଣ୍ଣ ହେବା ସୁନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜି ମିଶନ ଶକ୍ତି ବିଭାଗ ପକ୍ଷରୁ ସିନ୍ଦୂର ଯାତ୍ରା

ଭୁବନେଶ୍ୱର,(ସୁନିତ୍ ମିଶ୍ର): ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଶୁକ୍ରବାର 'ଅପରେଶନ ସିନ୍ଦୂର'ରେ ବୀର ଯବାନମାନଙ୍କ ଧୈର୍ଯ୍ୟ ଓ ସାହସକୁ ସମ୍ମାନ ଜଣାଇ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ଗିରିଦୁର୍ଗା ମନ୍ଦିରଠାରୁ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ 'ସିନ୍ଦୂର ଯାତ୍ରା'ର ଆୟୋଜନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗିରିଦୁର୍ଗା ମନ୍ଦିରଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଓଡ଼ିଶାର ପ୍ରମୁଖ ମହିଳା ବ୍ୟକ୍ତିତ୍ୱ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିବେ।

# ଷ୍ଟିଲ୍ କମ୍ପାନୀଗୁଡ଼ିକୁ ନିୟମ ଅନୁଯାୟୀ ସବୁ ସୁବିଧା ମିଳିବ: ମୋହନ



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଇସ୍ପାତ କ୍ଷେତ୍ରର ବହୁ ପ୍ରତିନିଧି

### ଚଳିତ ବର୍ଷ ୩୦ ଖଣି କମ୍ପାନୀ ନିଲାମ ହେବା ସମ୍ଭାବନା

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

ଇଣ୍ଡିଆନ୍ ଷ୍ଟିଲ୍ ଆସୋସିଏସନ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଇସ୍ପାତ କ୍ଷେତ୍ରର ଅନେକ ପ୍ରତିନିଧି ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଅଧିକ ଷ୍ଟିଲ୍ ଉତ୍ପାଦନ ଓ ଏଥିପାଇଁ ଆବଶ୍ୟକ ସୁବିଧା ସୁଯୋଗ ବୃଦ୍ଧି ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବା ଓଡ଼ିଶାର ଲକ୍ଷ୍ୟ। ଏଥିରେ ଖଣି ଓ ଷ୍ଟିଲ୍ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ। ତେଣୁ ରାଜ୍ୟରେ କମ୍ପାନୀ ପ୍ରତିଷ୍ଠା କରୁଥିବା ସଂସ୍ଥାଗୁଡ଼ିକୁ ସୁବିଧାରେ କଞ୍ଚାମାଲ୍ ସହ ଅନ୍ୟାନ୍ୟ ସୁଯୋଗ ଯୋଗାଇଦେବା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଷ୍ଟିଲ କମ୍ପାନୀଗୁଡ଼ିକୁ ମଧ ଉପଯୁକ୍ତ ବିଚାର ଆଲୋଚନା କରାଯାଇ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ବର୍ତ୍ତମାନ ଦେଶର ଷ୍ଟିଲ୍ ଉତ୍ପାଦନ ପରିମାଣ ବାର୍ଷିକ ୧୬୫ ମିଲିଅନ ଟନ୍ ରହିଛି। ୨୦୪୭ ସୁଦ୍ଧା ଏହି ପରିମାଣ ୫୦୦ ମିଲିଅନ୍ ଟନ ବୃଦ୍ଧି କରାଯିବାର ଲକ୍ଷ୍ୟ ରଖାଯାଇଛି। ଦେଶର ଷ୍ଟିଲ୍ ଉତ୍ପାଦନ ବୃଦ୍ଧିରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ରହିବ। ତେଣୁ ଷ୍ଟିଲ କମ୍ପାନୀଗୁଡିକୁ ଯେପରି ସୁବିଧାରେ ଲୁହାପଥର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମିଳିପାରିବ ସେହି ବିଷୟରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଅଧିକ ଲୁହାପଥର ଖଣିର ନିଲାମ ଏବଂ ନିଲାମ ହୋଇଥିବା ଖଣିଗୁଡ଼ିକରୁ ଶୀଘ୍ର ଉତ୍ତୋଳନ ଆରମ୍ଭ ଉପରେ ଆଲୋଚନା କରାଯାଇଛି। ଚଳିତ ବର୍ଷ ପ୍ରାୟ ୩୦ଟି ଖଣି ନିଲାମ ହେବା ସମ୍ଭାବନା ରହିଛି। ଏହା ସହ ଓଏମ୍‌ସିରୁ କିପରି ସୁବିଧାରେ ଷ୍ଟିଲ୍ କମ୍ପାନୀଗୁଡିକୁ ଲୁହାପଥର ଯୋଗାଇ ଦିଆଯାଇପାରିବ ସେ ସମ୍ପର୍କରେ ମଧ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ ସମ୍ପୃକ୍ତ ବିଭାଗର ସଚିବମାନେ ଉପସ୍ଥିତ ଥିଲେ।

# ନିର୍ବାଚନୀ କାଗଜାତ ମଗାଇବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ନର୍ଲା, ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲା

କଟକ,୧୫।୫(କାର୍ତ୍ତିକ ସାହୁ)

କଳାହାଣ୍ଡି ଜିଲା ନର୍ଲା ଓ ବାଲେଶ୍ୱର ଜିଲା ଜଳେଶ୍ୱର ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ନିର୍ବାଚନ ସଂକ୍ରାନ୍ତୀୟ କାଗଜାତ ମଗାଇବାକୁ ହୋଇଥିବା ଆବେଦନ ଗ୍ରହଣ କରି ହାଇକୋର୍ଟ ଏଥିପାଇଁ ଆଦେଶ ଦେଇଛନ୍ତି। ତେବେ ନର୍ଲା ମାମଲାର ଜୁଲାଇ ୪ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ବିରୋଧରେ କଂଗ୍ରେସ ପ୍ରାର୍ଥୀ ଭକ୍ତ ଦାସ ଆଣିଛନ୍ତି ନିର୍ବାଚନୀ ଅନିୟମିତତା ମାମଲା। ସେହିପରି ଜଳେଶ୍ୱର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜୁଲାଇ ୩କୁ ଧାର୍ଯ୍ୟ ହୋଇଛି। ପରାଜିତ ଭାଜପା ପ୍ରାର୍ଥୀ ବ୍ରଜ ମୋହନ ପ୍ରଧାନ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ରଙ୍କ ନାଁରେ ନିର୍ବାଚନୀ ଅନିୟମିତତା ମାମଲା ଦାଏର କରିଛନ୍ତି।

# ନୂତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପାଇଁ ପ୍ରକ୍ରିୟା ଆରମ୍ଭ

## ସୁବର୍ଣ୍ଣପୁର ସମେତ ୧୪ ଜିଲାରେ ପ୍ରତିଷ୍ଠା ହେବ

ସୋନପୁର,୧୫।୫(ମୃତ୍ୟୁଞ୍ଜୟ ଶତପଥୀ)

ଗ୍ରାମାଞ୍ଚଳର ଚାଷୀଙ୍କୁ ସମବାୟ ଋଣ ଓ ସେବା ଯୋଗାଇବା ପାଇଁ ଓଡ଼ିଶାର ୧୪ଟି ଜିଲାରେ ନୂତନ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ(ଡିସିସିବି) ପ୍ରତିଷ୍ଠା ହେବ। ଏନେଇ ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ(ଓଏସସିବି)ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପତ୍ରସଂଖ୍ୟା ୬୮୧(୮)/୧୫।୦୫।୨୦୨୫ରେ ଅନୁଗୋଳ, କଟକ, ବଲାଙ୍ଗୀର, ବାଲେଶ୍ୱର, ଭବାନୀପାଟଣା, ବୌଦ୍ଧ, କୋରାପୁଟ ଓ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସିଇଓଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶା ସମବାୟ ସମିତି ସମୂହର ନିବନ୍ଧକ(ଆର୍‌ସିଏସ୍) ଓ ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ପତ୍ରକୁ ଭିତ୍ତିକରି ଓଏସ୍‌ସିବିର ପରିଚାଳନା ନିର୍ଦ୍ଦେଶକ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ସୁବର୍ଣ୍ଣପୁର ଜିଲା ସମେତ ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡା, ଢେଙ୍କାନାଳ, ଭଦ୍ରକ, ନୂଆପଡା, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ବରଗଡ, ଦେବଗଡ ଓ ଝାରସୁଗୁଡାରେ ନୂତନ ଡିସିସିବି ପ୍ରତିଷ୍ଠା ହେବ। ଏହି ଜିଲାଗୁଡିକରେ ନୂତନ ଡିସିସିବି ପ୍ରତିଷ୍ଠା ପାଇଁ ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା।


ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ୍ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କ ଚିଠି।







1045.2025



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଏମ୍‌ସିର ୭୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: କୃଷି ଶିକ୍ଷା ସଦନ, ଓୟୁଏଟି, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଇଏମ୍ ସ୍କୁଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସ୍କୁଲ ପରିସର, ବିଜେବି ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଗୁରୁ ଡ. ଶ୍ରୀ ବନମାଳୀ ମହାରଣା ସ୍ମୃତି ସମ୍ମାନ, ସ୍ଥାନ: ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ଝରଣା ସାହିତ୍ୟ ସଂସଦ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ବଡ଼ମ୍ବା ୩୧ ନମ୍ବର ଜୋନ୍ ବିଜେଡିର ସାଙ୍ଗଠନିକ କର୍ମୀ ସମ୍ମିଳନୀ, ସ୍ଥାନ: ସାନବାର୍ସିଙ୍ଗ ପଞ୍ଚାୟତସ୍ଥିତ ନୂଆତଇଲା କଳକୀ ମଠ ପରିସର, ବଡ଼ମ୍ବା, ସମୟ: ପୂର୍ବାହ୍ନ ୧୦ଟା।
- କଟକ ନୃତ୍ୟ ଉତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୧୫।

## ପୁରୀ
- ପତିତା ଉଦ୍ଧାର ସମିତି ପକ୍ଷରୁ ସେମିନାର, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଖୋର୍ଦ୍ଧା
- 'ସ୍କିଲ ଅନ୍ ହୁଇଲ' କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ଏସ୍‌ଡିଆଇ ଭୁବନେଶ୍ୱର, ତରାବୋଇ, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମୁକୁଳିଶି ଚନ୍ଦନ ଯାତ୍ରା ପଡ଼ିଆ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ସାହିତ୍ୟ ଉତ୍ସବ ଉଦ୍‌ଘାଟନୀ ପର୍ବ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ଅଧିବେଶନ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଦ୍ୱିତୀୟ ଅଧିବେଶନ, ସମୟ: ଅପରାହ୍ନ ୨ଟା ୩୦।
- ତୃତୀୟ ଅଧିବେଶନ, ସମୟ: ଅପରାହ୍ନ ୩ଟା ୪୫।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସମୟ: ସନ୍ଧ୍ୟା ୬ଟା ୩୦, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର।

## ଭଦ୍ରକ
- ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ, ସ୍ଥାନ: ଚରମ୍ପା ବଜାର, ଭଦ୍ରକ, ସମୟ: ସକାଳ ୮ଟା।
- କବି ସଦାନନ୍ଦ ସାହୁଙ୍କ ୪ର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ, ସ୍ଥାନ: ବିଶାଣିଖିରିଦା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ: ନାଗପାଳ ଦୁର୍ଗା ମଣ୍ଡପ ଛକ,ଉଦଳା,ସମୟ: ଅପରାହ୍ନ ୩ଟା।
- ରଥଯାତ୍ରାର ପ୍ରସ୍ତୁତି ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ମୁର୍ଗାବାଡ଼ି, ବାରିପଦା, ସମୟ: ଅପରାହ୍ନ ୪ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- କେନ୍ଦ୍ରୀୟ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଜାତୀୟ ଡେଙ୍ଗୁ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପାଖଡ, ଗରଦପୁର, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ସକାଳ ୯ଟା।

## ନୟାଗଡ଼
- ବିଶ୍ୱ ଶାନ୍ତି ମହାଯଜ୍ଞର ଉଦ୍‌ଯାପନ ଦିବସ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୭ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।

## ରାୟଗଡ଼ା
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: ଚନ୍ଦ୍ରପୁର ପଞ୍ଚାୟତ ସମିତି ବୈଠକ ଗୃହ, ସମୟ: ପୂର୍ବାହ୍ନ: ୧୧ଟା।
- ମହିଳାଙ୍କୁ ମାଣ୍ଡିଆ ଯୁକ୍ତ ଖାଦ୍ୟ ପ୍ରସ୍ତୁତି ତାଲିମ, ମାନପତ୍ର ସହ ଯନ୍ତ୍ରପାତି ପ୍ରଦାନ, ସ୍ଥାନ: କାଶୀପୁର ଡୁଡୁକା ବାହାଲ, ସମୟ: ମଧ୍ୟାହ୍ନ ୧୨ଟା।

## ନବରଙ୍ଗପୁର
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୮ ଟା।

## ସମ୍ବଲପୁର
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍‌ଫୁ ଉଷ୍ଣ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୬ଟା।
- ଭାରତୀୟ ଜନତା ପାର୍ଟି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ : ଜେଲ ଛକ, ସମୟ ସକାଳ ୮ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଆତ୍ମରକ୍ଷା ତାଲିମ ଶିବିର ତୃତୀୟ ଦିବସ, ସ୍ଥାନ: ଟାଉନ ବାଳିକା ହାଇସ୍କୁଲ, ବଲାଙ୍ଗୀର, ସମୟ: ସକାଳ ୮ଟା।

## ରାଉରକେଲା
- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଏସ୍‌ଟିଆଇ ଅଞ୍ଚଳ, ସମୟ: ସକାଳ ୫ଟା ୩୦।
- ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀଧର ଜ୍ଞାନ ବିକାଶ କେନ୍ଦ୍ରରେ ସାହିତ୍ୟ ଆସର, ସ୍ଥାନ: ଜେଲ ରୋଡ, ରାଉରକେଲା, ସମୟ: ସନ୍ଧ୍ୟା ୬ଟା ୩୦।
- ଜିଲା କଂଗ୍ରେସ ପକ୍ଷରୁ ଦିବଂଗତ ସୈନିକଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ସନ୍ଧ୍ୟା ୬ଟା ୩୦।
- କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ, ସ୍ଥାନ: ସେକ୍ଟର–୩, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ: କଟାପାଲି, ବରଗଡ଼, ସମୟ: ସନ୍ଧ୍ୟା ୭ଟା ୩୦।

## ବୌଦ୍ଧ
- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ରାଜିଙ୍ଗ ଗ୍ରାମ୍ୟ ମଣ୍ଡପ, ହରଭଙ୍ଗା ବ୍ଲକ, ସମୟ: ସକାଳ ୬ଟା।

## ଦେବଗଡ଼
- ସାର୍ ବାସୁଦେବ ସୁଢ଼ଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ, ସ୍ଥାନ: ସେଣ୍ଟର ଫର୍ କଲଚର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ ବାସୁଦେବ ସୁଢ଼ଳଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ସେଣ୍ଟର ଫର୍ କଲଚର, ଦେବଗଡ଼ ସହର, ସମୟ: ଅପରାହ୍ନ ୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ବ୍ଲକରେ କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ ଓ ଧାରଣା ତୃତୀୟ ଦିନରେ, ସ୍ଥାନ: ବ୍ଲକ ପରିସର, ସମୟ: ସକାଳ ୭ଟା।
- ତରଭା ଶ୍ରୀହରି ବିଦ୍ୟା ନିକେତନରେ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସକାଳ ୯ଟା ୩୨।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ପ୍ରଶାସନିକ କାମ ଓ ରାଜନୈତିକ ଦିଗଟି ଭଲ ରହିବ। ସବୁ ସମୟରେ ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସ୍ୱାର୍ଥହାନି ହେତୁ ଚିହିଁକି ଉଠିପାରେ। କର୍ମାଧିପ ଦୁଃସ୍ଥାନସ୍ଥ ଯୋଗୁ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନଙ୍କ ଆନ୍ତରିକତା ରହିବନି। ପ୍ରତିକୂଳ ପରିସ୍ଥିତିର ଚାପ କମିପାରେ।

**ବୃଷ** ଦୈହିକ ସୁସ୍ଥତା ସହ ଆର୍ଥିକ ଉନ୍ନତି ମାନସିକ ସ୍ଥିରତା ରକ୍ଷା କରିବାରେ ସହାୟକ ହେବ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବିଚାର ଅମୀମାଂସିତ ରହିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ମାତ୍ର ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମିଥୁନ** ଭୁଲ୍ ବୁଝାମଣା ହେତୁ ବନ୍ଧୁଙ୍କ ସହ ମତାନ୍ତର ଘଟିବା ହେତୁ ସମ୍ପର୍କ ତିକ୍ତ ହେବାର ଆଶଙ୍କା ରହିଛି। ପଡୋଶୀ କିମ୍ବା ସହକର୍ମୀଙ୍କ ସହିତ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଅଫିସ କାମରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ଟେନ୍‌ସନ ବୃଦ୍ଧି ପାଇବ। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ବନ୍ଧୁଙ୍କ ସହଯୋଗରୁ କାର୍ଯ୍ୟସିଦ୍ଧି, ସମ୍ମାନ, ପ୍ରଶଂସା ସାଙ୍ଗକୁ ପ୍ରାଧାନ୍ୟତା ବୃଦ୍ଧି ପାଇବ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ନିଶ୍ଚିତ। ବ୍ୟବସାୟୀଙ୍କ କାରବାରରେ ଉନ୍ନତି ହେବ ଓ ଲାଭର ମାତ୍ରା କିଛି କମିବ ନାହିଁ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଦୁଃଶ୍ଚିନ୍ତାର କାରଣ ହୋଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ବାରମ୍ବାର କଳହ କାରଣରୁ ବିବାଦୀୟ ଘଟଣା ଚିକିଏ ଜଟିଳ ଆଡ଼କୁ ଗତି କରିପାରେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ସାଙ୍ଗକୁ ଅବୁଝା ବନ୍ଧୁଙ୍କୁ ମନେଇବାକୁ ପଡିପାରେ। ସମ୍ପର୍କୀୟଙ୍କ ଲୋଭନୀୟ କଥାକୁ ସତ ମନେକରି ଅନୁତାପ କରିପାରନ୍ତି। ବାଣିଜ୍ୟ, ପରିବହନ, ସଭାସମିତି ଓ ଯାତ୍ରାରେ ଆଶା ପୂରଣ ହେବ। ଦିନସାରା କଠିନ ଶ୍ରମ ହେତୁ ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** ଆଜି ଯାହା ଓ ଯେମିତି ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। କିନ୍ତୁ ବିବାଦୀୟ ଘଟଣାରେ ଆପଣଙ୍କୁ ଅପଦସ୍ଥ କିମ୍ବା ଅପମାନିତ ହେବାକୁ ପଡିବ। ବ୍ୟବସାୟ, ରାଜନୀତି, ସଂଗଠନ, ଆଲୋଚନା ଏବଂ ପ୍ରଶାସନିକ ସ୍ତରରେ ସଫଳତା ପାଇବେ। ଆର୍ଥିକ ସଙ୍କଟ କାରଣରୁ ପାରିବାରିକ କ୍ଷେତ୍ର ପୂର୍ବପରି ସନ୍ତୋଷଜନକ ରହି ନ ପାରେ।

**ବିଛା** ଆଜି ଦିନଟିରେ ପ୍ରତ୍ୟେକ କ୍ଷେତ୍ରରେ ମଧ୍ୟମ ପ୍ରକାରର ଫଳ ପାଇବେ। ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡି କର୍ମପ୍ରବାହର ଗତିରୋଧ ଘଟିବ। ବିଭିନ୍ନ ପ୍ରକାର ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ କେବଳ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହେବ। ସମ୍ପର୍କୀୟ ଜଣେ ବନ୍ଧୁ ଅଯାଚିତ ଭାବେ ନିଜ ତରଫରୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ଧନୁ** ବିରୋଧ କରୁଥିବା ବ୍ୟକ୍ତି ଆପଣଙ୍କ ମୁହଁ ସାମ୍ନାରେ ପାଟି ଫିଟିବେ ନାହିଁ। କେତେକ କ୍ଷେତ୍ରରେ ମନରେ ଭୟ ଥିଲେ ମଧ୍ୟ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିନେବେ। ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବୁଝାମଣା ଅଭାବରୁ ଭଲ ସମ୍ପର୍କରେ ଫାଟ ସୃଷ୍ଟିର ଆଶଙ୍କା ରହିଛି।

**ମକର** ଆଜି ଘରେ ଯେମିତି ବାହାରେ ମଧ୍ୟ ସବୁଠି ଆଦର, ସହାନୁଭୂତି ପାଇ ଖୁସି ରହିବେ। ଯାତ୍ରାକାଳରେ ନିର୍ଦ୍ଦିଷ୍ଟ ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ର, ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ସହ ଆଧ୍ୟାତ୍ମିକତା ଓ ତୀର୍ଥାଟନର ସୁଯୋଗ ପାଇବେ। ଆପଣଙ୍କ ଉପସ୍ଥିତ ବୁଦ୍ଧିର ପ୍ରଶଂସା କରି ପଡୋଶୀ ସହଯୋଗର ହାତ ବଢାଇବେ।

**କୁମ୍ଭ** ପରିସ୍ଥିତିବଶତଃ ଗୁଡ଼ାଏ କାମ ହାତକୁ ନେଇ ବିବ୍ରତ ହୋଇପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବା ସହ ସମ୍ମାନ ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ କାଲିର କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। ବନ୍ଧୁଗହଣରେ ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବ ଘଟିବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ।

ଆଜି ମେ' ୧୬ ତାରିଖ, ଜାତୀୟ ଡେଙ୍ଗୁ ଦିବସ(କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ରଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ), ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ରାଶିନକ୍ଷତ୍ର–ମୂଳା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୬ ଗତେ, ଘ.୦୬।୫୮ ମଧ୍ୟେ, ଘ.୧୨।୦୯ ଗତେ, ଘ.୦୨।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ, ଘ.୧୧।୪୩ ମଧ୍ୟେ ରାହୁକାଳ।

# ଅନ୍ତରୀଣ ସୁରକ୍ଷା ବଳବତ୍ତର ରଖିଲେ ହାଇକୋର୍ଟ

**ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲା**

**ଶୁଣାଣି ଶେଷ, ରାୟ ସଂରକ୍ଷିତ**

କଟକ,୧୫।୫(କାର୍ତ୍ତିକ ସାହୁ)

ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍ ଲାଞ୍ଚ ଘଟଣାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାର ଶୁଣାଣି ହାଇକୋର୍ଟରେ ଗୁରୁବାର ଶେଷ ହୋଇଛି। ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ନିର୍ଦ୍ଦେଶକୁ ବଳବତ୍ତର ରଖିବା ସହ ରାୟ ସଂରକ୍ଷିତ ରଖିଛନ୍ତି। ହାଇକୋର୍ଟଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବିଷ୍ଣୁପଦଙ୍କ ବିରୋଧରେ ସିବିଆଇ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ନାହିଁ ବୋଲି ମଧ୍ୟ ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁସାରେ, ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ହୋଇଥିବା ନେଇ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ମାମଲାର ଏତଲାରେ ଆଇଏଏସ୍ ଅଧିକାରୀ ବିଷ୍ଣୁପଦଙ୍କ ନାମ ନ ଥିଲେ ମଧ୍ୟ ସିବିଆଇ ପକ୍ଷରୁ କିଛି ଦିନ ପୂର୍ବେ ତାଙ୍କ ଘରେ ଚଢ଼ାଉ କରାଯାଇ ରେକର୍ଡପତ୍ର ଯାଞ୍ଚ କରାଯାଇଥିଲା। ସିବିଆଇର ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଷ୍ଣୁପଦ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଁ ଫଁ ବଳଦ ମାରେ ନାହିଁ,
ଭୁକିଲା କୁକୁର କାମୁଡ଼େ ନାହିଁ,
ଗରଜିଲା ମେଘ ବରଷେ ନାହିଁ।**

ସାମାନ୍ୟତମ ଭୁଲ୍ ପାଇଁ ଅନେକ ବ୍ୟକ୍ତି ରାଗି ଯାଇଥାନ୍ତି ବା ରାଗରେ ଟାଣ କଥା କହିଥାନ୍ତି। ନିଜର ଉପସ୍ଥିତି ଜାହିର କରିବା ନେଇ ତୁଛାଟାରେ ଭଡ଼ଭଡ଼ ହୋଇଥାନ୍ତି। ତେବେ ଟାଣ କରି କଥା କହୁଥିବା ବ୍ୟକ୍ତି କେବେ କାହାରି ଅନିଷ୍ଟ କରନ୍ତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଫଳିଲା ଗଛ ଫୋପଡ଼ ସହେ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ୍ୟ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ସନ୍ତାନ ଯେତେ ଅଧିକ ହେଲେ ମଧ୍ୟ ମା'କୁ କଷ୍ଟ ହୋଇ ନ ଥାଏ। ଯେଉଁ ଗଛରେ ଫଳ ଅଛି, ତାକୁ ଫୋପଡ଼ ମାରିଲେ ଫଳ ଝଡିପଡ଼େ। ଯାହା ପାଖରେ କିଛି ଅଛି ତାକୁ ମାଗିଲେ ହୁଏତ ସେ କିଛି ଦେଇଥାଏ। ଧନ, ମାନ ଓ ଗୁଣ ଥିବା ଲୋକଙ୍କୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆମେରିକା ସହ ଟ୍ରେଡ୍ ଡିଲ୍ ନିଷ୍ପତ୍ତି ହୋଇନି: ଜୟଶଙ୍କର

ଦୋହା/ନୂଆଦିଲ୍ଲୀ,୧୫।୫

ଆମେରିକା ହେଉଛି ଭାରତର ସର୍ବବୃହତ୍ ବାଣିଜ୍ୟିକ ସହଯୋଗୀ। ୨୦୨୪–୨୫ ଆର୍ଥିକବର୍ଷରେ ଭାରତ–ଆମେରିକା ମଧ୍ୟରେ ୧୩୧.୮୪ ବିଲିୟନ୍ ଡଲାର ମୂଲ୍ୟର କାରବାର ହୋଇଥିଲା। ଆମେରିକା ତୁଳନାରେ ଭାରତ ୪୧.୮ ବିଲିୟନ୍ ଡଲାର ଅଧିକ କାରବାର କରିଥିଲା। ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି ହେବା ପରଠୁ ନିଜ ଦେଶର ଅର୍ଥନୀତିକୁ ମଜଭୁତ କରିବା ପାଇଁ ବିଭିନ୍ନ ଦେଶ ସହ ରେସିପ୍ରୋକାଲ ଟାରିଫ୍ ଘୋଷଣା କରିଥିଲେ। ଭାରତୀୟ ସାମଗ୍ରୀ ଉପରେ ଟ୍ରମ୍ପ ୨୭% ଟାରିଫ୍ ଧାର୍ଯ୍ୟ କରିଥିଲେ। ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ଅନୁରୂପ ପଦକ୍ଷେପ ନେବା ପରେ ଟ୍ରମ୍ପଙ୍କ ପଦକ୍ଷେପ ବୈଶ୍ୱିକ ସ୍ତରରେ ଏକ ବାଣିଜ୍ୟ ପାଇଁ ମୁକାବିଲାମୂଳକ ପରିସ୍ଥିତି ସୃଷ୍ଟି କରିଥିଲା। ଏଭଳି ସ୍ଥିତିରେ ରେସିପ୍ରୋକାଲ ଟାରିଫ୍‌କୁ ୯୦ ଦିନ ପାଇଁ ସ୍ଥଗିତ ରଖିବାକୁ ଆମେରିକା ବାଧ୍ୟ ହୋଇଥିଲା। ଏବେ ଟ୍ରମ୍ପ ବିଭିନ୍ନ ରାଷ୍ଟ୍ର ସହ ଟ୍ରେଡ୍ ଡିଲ୍ ପ୍ରକ୍ରିୟା ଜାରି ରଖିଛନ୍ତି। ସାଉଦି ଆରବ ଗସ୍ତ ଶେଷ କରି କାତାରରେ ଥିବା ଟ୍ରମ୍ପ ଗୁରୁବାର ଏକ ପ୍ରେସ୍ କନ୍‌ଫରେନ୍ସରେ କହିଛନ୍ତି, ଭାରତ ଆମେରିକାକୁ 'ଶୂନ ଟାରିଫ୍'ର ଅଫର ଦେଇଛି। ରଏଟର୍ସରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଭାରତ ୬୦% ପର୍ଯ୍ୟନ୍ତ ଆମଦାନୀ ଶୁଳ୍କ କଷୁଥିବା ଆମେରିକୀୟ ସାମଗ୍ରୀଗୁଡ଼ିକ ଉପରୁ ଟାରିଫ୍ ହଟାଇବାକୁ ପ୍ରଥମ ପର୍ଯ୍ୟାୟ ଡିଲ୍‌ରେ ପ୍ରସ୍ତାବ ଦେଇଛି। ଏଥିସହ ଭାରତକୁ ଆମେରିକା ରପ୍ତାନି କରୁଥିବା ପ୍ରାୟ ୯୦% ଉତ୍ପାଦ ଉପରେ ପ୍ରିଫରେନ୍ସିଆଲ ଆକ୍ସେସ୍ ଦେବାକୁ ମଧ୍ୟ ନୂଆଦିଲ୍ଲୀ କହିଛି। ଏପରି କରାଗଲେ ଟାରିଫ୍ ହ୍ରାସ ପାଇବା ସହ ଆମେରିକା ଭାରତରେ ନିଜ ସାମଗ୍ରୀଗୁଡ଼ିକ ଶସ୍ତାରେ ବିକ୍ରି କରିପାରିବ।



ଡୋନାଲ୍ଡ ଟ୍ରମ୍ପ



ଏସ୍. ଜୟଶଙ୍କର

ଭାରତ ସରକାର ଟ୍ରମ୍ପଙ୍କ ଦାବିକୁ ଆନୁଷ୍ଠାନିକ ଭାବେ ଗ୍ରହଣ କରୁ ନ ଥିବା ଦେଖି ବିରୋଧୀ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛି। ଏଆଇସିସି ସାଧାରଣ ସମ୍ପାଦକ ସଚିନ୍ ପାଇଲଟ୍ କହିଛନ୍ତି, ଜିରୋ ଟାରିଫ୍ ଅଫରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିମ୍ବା ତାଙ୍କ ସରକାରଙ୍କ ଉଚ୍ଚସ୍ତରରୁ ଏହାକୁ ଖଣ୍ଡନ କରାଯାଉ। ସେହିପରି ଅସ୍ତ୍ରବିରତି ପ୍ରସଙ୍ଗରେ ମଧ୍ୟ ଟ୍ରମ୍ପଙ୍କ ଭୂମିକା କ'ଣ ଥିଲା, ତାହା ସରକାର ସ୍ପଷ୍ଟ କରନ୍ତୁ। ଟ୍ରମ୍ପଙ୍କ ସିଜ୍‌ଫାୟାର ମଧ୍ୟସ୍ଥତା କେତେକ ଧମକ ଓ ଟ୍ରେଡ୍ ଡିଲ୍‌କୁ ନେଇ ପ୍ରଲୋଭନ ଉପରେ ପର୍ଯ୍ୟବସିତ ହୋଇଥିଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଟ୍ରମ୍ପ ଏହାର ଅନ୍ତର୍ଜାତୀୟକରଣ କରିବା ଦ୍ୱାରା ଭାରତର ବୈଶ୍ୱିକ ଆଭିମୁଖ୍ୟ ଦୁର୍ବଳ ହୋଇପାରେ ବୋଲି ପାଇଲଟ୍ କହିଛନ୍ତି। ସେହିପରି କଂଗ୍ରେସ ନେତା ଜୟରାମ ରମେଶ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ୱାଶିଂଟନ୍ ଡିସି ଯାଉଥିବାବେଳେ ଟ୍ରମ୍ପ ଦୋହାରେ ଆଉ ଏକ ବଡ଼ ଘୋଷଣା କରିଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଏହା ଉପରେ ସମ୍ପୂର୍ଣ୍ଣ ନୀରବ। ଟ୍ରେଡ୍ ଡିଲ୍ ସହ 'ଅପରେଶନ୍ ସିନ୍ଦୂର'ର ସମ୍ପର୍କ କ'ଣ? କଂଗ୍ରେସ ଏମ୍‌ପି ମନୀଷ ତିୱାରୀ କହିଛନ୍ତି, ଆମେରିକାକୁ ଭାରତ ଜିରୋ ଟାରିଫ୍ ଅଫର ଦେଇଥିବା ବିଷୟର ସତ୍ୟତା କେତେ, ସେନେଇ ସରକାରଙ୍କ ପକ୍ଷରୁ ସ୍ପଷ୍ଟତା ଆସିବା ଦରକାର। ବାଣିଜ୍ୟ ମନ୍ତ୍ରୀ ଗୋୟଲ ଶୁକ୍ରବାର ଟ୍ରେଡ୍ ଡିଲ୍ ଆଲୋଚନା ପାଇଁ ଆମେରିକା ଯାଉଥିବାବେଳେ ଟ୍ରମ୍ପଙ୍କ ମନ୍ତବ୍ୟ ଓ ବିରୋଧୀଙ୍କ ଦାବି ଭାରତୀୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି, ଯାହାକୁ ଦୂରେଇବା ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଗେଇ ଆସିଛନ୍ତି। ନୂଆଦିଲ୍ଲୀରେ ହୋଣ୍ଡୁରାସ୍‌ର ନୂଆ ଦୂତାବାସ ଉଦ୍‌ଘାଟନ ଅବସରରେ ଜୟଶଙ୍କର କହିଛନ୍ତି, ଭାରତ ଓ ଆମେରିକା ଟ୍ରେଡ୍ ଡିଲ୍ ଆଲୋଚନା ଏକ ଜଟିଳ ପ୍ରକ୍ରିୟା। ଏହି ଡିଲ୍ ସମ୍ପନ୍ନ ହେଲେ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ୫୦୦ ବିଲିୟନ୍ ଡଲାରରେ ପହଞ୍ଚିବ। ଡିଲ୍ ଚୂଡ଼ାନ୍ତ ହୋଇ ନ ଥିବାରୁ କୌଣସି ନିଷ୍କର୍ଷରେ ପହଞ୍ଚିବା ଅପରିପକ୍ୱତା ହେବ।

# ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀଙ୍କ ସମୀକ୍ଷା

**ଜାତୀୟ ରାଜପଥ ବିକାଶ ପାଇଁ ୧୪ ହଜାର କୋଟିର ପ୍ରତିଶ୍ରୁତି ଦେଇଛି କେନ୍ଦ୍ର**

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

କେନ୍ଦ୍ର ସରକାରଙ୍କଠାରୁ ଓଡ଼ିଶାରେ ରାଜପଥ ବିକାଶ ପାଇଁ ଚଳିତ ବର୍ଷ ପ୍ରାୟ ୧୪ ହଜାର କୋଟି ଟଙ୍କାର ପ୍ରତିଶ୍ରୁତି ମିଳିଛି। ଏହି ସୁଯୋଗର ସଦୁପଯୋଗକରି ରାଜ୍ୟରେ ଏକ ସର୍ବଶ୍ରେଷ୍ଠ ତଥା ସୁଦୃଢ଼ ରୋଡ୍ ନେଟ୍‌ୱର୍କ ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେବାକୁ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ନିର୍ମାଣ ସୌଧ ସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକରେ ଅଧ୍ୟକ୍ଷତାକରି ମନ୍ତ୍ରୀ ହରିଚନ୍ଦନ ବିଭିନ୍ନ ଜାତୀୟ ରାଜପଥର ପ୍ରଶସ୍ତୀକରଣ, ଜମି ଅଧିଗ୍ରହଣ ସମସ୍ୟାର ସମାଧାନ, ଫରେଷ୍ଟ କ୍ଲିୟରାନ୍ସ, ନିରନ୍ତର ଫ୍ଲାଏ ଆଶ୍ ଯୋଗାଣ, ହାଇଲେଭଲ ବ୍ରିଜ୍ ଓ ରେଲୱେ ଓଭରବ୍ରିଜ୍ ନିର୍ମାଣ ଏବଂ ଡିସ୍କମ ଜନିତ ସମସ୍ୟା ସମାଧାନ ସହ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନେଇ ବରିଷ୍ଠ ଅଧିକାରୀ ଏବଂ ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୁଖ୍ୟଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀମାନଙ୍କ ସହ ମନ୍ତ୍ରୀ ଆଲୋଚନା କରିଛନ୍ତି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗଦେଇ ଖୋର୍ଦ୍ଧା ସହର ବାଇପାସ୍ ରାସ୍ତା, କଳିଙ୍ଗାଘାଟ ରାସ୍ତାର ପ୍ରଶସ୍ତୀକରଣ, ଖରିଆର ରୋଡ୍ ୪ ଲେନ୍ ବିଶିଷ୍ଟ ରେଲୱେ ଓଭରବ୍ରିଜ୍, କୋରାପୁଟ ଜିଲା ପାତ୍ରପୁଟଠାରେ କୋଲାବ ନଦୀ ଉପରେ ହାଇଲେଭଲ ସେତୁ ନିର୍ମାଣ, ପୁରୀ–କୋଣାର୍କ ରାସ୍ତାର ମାଟିଆପଡ଼ାଠାରେ ଥିବା ରେଲୱେ ଓଭରବ୍ରିଜ୍, ନୟାଗଡ଼ ଟାଉନ୍ ବାଇପାସ୍ ରୋଡ୍, ଜୟପୁର ବାଇପାସ୍ ରାସ୍ତା, କନ୍ଦରପୁର–ବାଲିକୁଦା ରାସ୍ତାର ପ୍ରଶସ୍ତୀକରଣ, କୋଟପାଡ଼ ବାଇପାସ୍ ରାସ୍ତା ନିର୍ମାଣ, ବଲାଙ୍ଗୀର ବାଇପାସ୍ ରାସ୍ତା, ଏନ୍‌ଏଚ୍–୨୨୦ରେ ବୈତରଣୀ ନଦୀରେ ହାଇଲେଭଲ ସେତୁ ନିର୍ମାଣ, ଝାରସୁଗୁଡ଼ା ବାଇପାସ୍ ରାସ୍ତା ଆଦି ବିଭିନ୍ନ ସଡ଼କ ନିର୍ମାଣର ବର୍ତ୍ତମାନ ସ୍ଥିତି ବିଷୟରେ ଅଧିକାରୀମାନଙ୍କ ଠାରୁ ବୁଝିଛନ୍ତି। ବିଭିନ୍ନ ନିର୍ମାଣ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରିହେବ ସେନେଇ ସଞ୍ଜୟ ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ମନ୍ତ୍ରୀ ହରିଚନ୍ଦନଙ୍କୁ ଅବଗତ କରାଇଛନ୍ତି।

# କୃଷି ଓଭରସିଅରଙ୍କ ମାସିକ ଗସ୍ତ ଭତ୍ତା ୪୫୦ରୁ ୧୫୦୦ ଟଙ୍କାକୁ ବୃଦ୍ଧି

ଭୁବନେଶ୍ୱର, ୧୫।୫ (ସୁନିତ୍ ମିଶ୍ର)

କୃଷି ଓଭରସିଅରମାନଙ୍କ ମାସିକ ଗସ୍ତ ଭତ୍ତା ୪୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ପ୍ରସ୍ତାବକୁ ଗୁରୁବାର ଅନୁମୋଦନ ଦେଇଛନ୍ତି। ସୂଚନାଯୋଗ୍ୟ, କୃଷି ଓଭରସିଅରମାନଙ୍କୁ ଅତି କମ୍‌ରେ ୨୦ ଦିନ ଗସ୍ତ କରିବାକୁ ପଡ଼ିଥାଏ। ପୂର୍ବରୁ ସେମାନଙ୍କ ମାସିକ ଗସ୍ତ ଭତ୍ତା ୩୦୦ ଟଙ୍କା ଥିବାବେଳେ ୨୦୨୩ରେ ଏହା ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ତେବେ ଏହାପରେ ସମାନ ସ୍ତରରେ ଥିବା ଅଧିକାଂଶ ପଦବୀର ମାସିକ ଗସ୍ତଭତ୍ତା ବୃଦ୍ଧି ପାଇଥିଲା। ହେଲେ କୃଷି ଓଭରସିଅରମାନଙ୍କ ଭତ୍ତା ବଢ଼ି ନ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା କୃଷି ଓଭରସିଅରମାନେ ନିୟମିତ ଭାବେ ଗସ୍ତ କରିବା ପାଇଁ ପ୍ରୋତ୍ସାହିତ ହେବେ। ସୂଚନାଯୋଗ୍ୟ, ରାଜ୍ୟରେ ସମୁଦାୟ ୧୫୬୭ଟି କୃଷି ଓଭରସିଅର ପଦବୀ ଥିବାବେଳେ ବର୍ତ୍ତମାନ ୧୨୫୭ ଜଣ କାର୍ଯ୍ୟରତ ଅଛନ୍ତି।

# ରାଜକୁମାର ୩ୟ ଥର ଲୋକସେବକ ମଣ୍ଡଳର ସଭାପତି

## କାର୍ଯ୍ୟନିର୍ବାହୀ ପରିଷଦକୁ ୬ ସଦସ୍ୟ ନିର୍ବାଚିତ

ଭୁବନେଶ୍ୱର, ୧୫।୫ (ଅନୁରାଧା ମହାରଣା)

ସର୍ବଭାରତୀୟ ସେବାମୂଳକ ସଂଗଠନ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ନିର୍ବାଚନରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ସର୍ବସମ୍ମତିକ୍ରମେ ରାଜକୁମାର ନିର୍ବାଚିତ ହୋଇଛନ୍ତି। ୨୦୨୫-୨୭ ବର୍ଷ ପାଇଁ ଏହି ନିର୍ବାଚନ ଦିଲ୍ଲୀର ଲଜପତ୍ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ରାଜକୁମାର ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ଲୋକସେବକ ମଣ୍ଡଳ କାର୍ଯ୍ୟନିର୍ବାହୀ ପରିଷଦକୁ ୬ ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ମଣ୍ଡଳର ବରିଷ୍ଠ ଆଜୀବନ ସଦସ୍ୟ ଦୀପକ ମାଲବ୍ୟ, ନିରଞ୍ଜନ ରଥ, ରାଜେନ୍ଦ୍ର ଜେନା, ଅନୀତା ଗୋଏଲ, ନିମିଷା ଅମିନ ଓ ନୈନା ଭେକାରିଆ। ଅନୁଷ୍ଠାନର ସମ୍ବିଧାନ ଅନୁଯାୟୀ, କାର୍ଯ୍ୟନିର୍ବାହୀ ପରିଷଦକୁ


ରାଜକୁମାର

ନିର୍ବାଚିତ ହୋଇଥିବା ସଦସ୍ୟଙ୍କ ମଧ୍ୟରୁ ଲୋକସେବକ ମଣ୍ଡଳ ରାଷ୍ଟ୍ରୀୟ ସଭାପତି ପଦାଧିକାରୀ ମନୋନୀତ କରିବେ। ରାଜକୁମାର ୨୮ ଏପ୍ରିଲ ୧୯୫୧ରେ ଡେରାଡୁନରେ ଜନ୍ମଗ୍ରହଣ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଶ୍ୟାମଲାଲ କଲେଜରୁ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଛାତ୍ରାବସ୍ଥାରୁ ସମାଜସେବା ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଥିଲା। ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ଅନୁଭବ କରି ବିଭିନ୍ନ ରାଜନୈତିକ ଦଳ ରାଜନୀତିକୁ ଆସିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜକୁ ସମାଜସେବା କ୍ଷେତ୍ରରେ ନିୟୋଜିତ ରଖିଥିଲେ। ଗାନ୍ଧୀ ବିଚାରର ପ୍ରଚାର ଓ ପ୍ରସାର ପାଇଁ ଦିଲ୍ଲୀର ରାଜଘାଟ ଅହିଂସା ବିଦ୍ୟାଳୟରେ ଯୁବବର୍ଗଙ୍କୁ ସେ ତାଲିମ ପ୍ରଦାନ କରିଥିଲେ। ଜରୁରିକାଳୀନ ପରିସ୍ଥିତିରେ ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନରେ ଦେଶବ୍ୟାପୀ ଅନୁଷ୍ଠିତ ଆନ୍ଦୋଳନରେ ସକ୍ରିୟତାର ସହ ଅଂଶଗ୍ରହଣ କରିଥିଲେ। ୧୯୮୨ ଅକ୍ଟୋବରରେ ରାଜକୁମାର ଲୋକସେବକ ମଣ୍ଡଳରେ ଯୋଗଦାନ କରିଥିଲେ। ୧୯୮୫ରୁ ଲୋକସେବକ ମଣ୍ଡଳ ପ୍ରୟାଗରାଜ ଶାଖା ଦାୟିତ୍ୱରେ ରହି ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ଉନ୍ନତିରେ ପ୍ରୟାସରତ ଅଛନ୍ତି। ୨୦୧୨ରୁ ଦିଲ୍ଲୀ ଶାଖା ଦାୟିତ୍ୱରେ ରହି ବୟସ୍କ, ମହିଳା ଓ ଶିଶୁଙ୍କ କଲ୍ୟାଣ ସହ ବସ୍ତି ଅଞ୍ଚଳର ବ୍ୟାପକ ଉନ୍ନତି କରାଇଛନ୍ତି। ୨୦୨୧ ମାର୍ଚ୍ଚରେ ଲୋକସେବକ ମଣ୍ଡଳ ସଭାପତି ଭାବେ ପ୍ରଥମ ଥର ନିର୍ବାଚିତ ହୋଇଥିଲେ। ସେ ୨୦୨୪ ଫେବୃଆରୀରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଓଡ଼ିଆ ଦୈନିକ ଖବରକାଗଜ 'ସମାଜ'ର ସିଧାସଳଖ ପରିଚାଳନା ଦାୟିତ୍ୱରେ ଅଛନ୍ତି। ସଭାପତି ପଦକୁ କ୍ରମାଗତ ତୃତୀୟ ଥର ନିର୍ବାଚିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓୟୋ ହୋଟେଲ ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ

## ପୁରୁଷବନ୍ଧୁଙ୍କ ନାଁରେ ହତ୍ୟା ମାମଲା

### ୪ ମାସ ହେବ ଏକାଠି ରହୁଥିଲେ

ଭୁବନେଶ୍ୱର,୧୫।୫(ସତ୍ୟଜିତ ରାଉତ)

ସ୍ୱାମୀ ସ୍ତ୍ରୀର ପରିଚୟ ଦେଇ ଗତ ୪ରୁ ୫ମାସ ହେଲା ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ପଞ୍ଚସଖାନଗରରେ ଥିବା ଓୟୋ ହେଟେଲ (ଡାସ୍ ଇନ୍ ଗେଷ୍ଟହାଉସ୍)ରେ ଏକ ରୁମ୍‌ରେ ରହୁଥିଲେ। ହେଲେ ବୁଧବାର ବିଳମ୍ବିତ ରାତିରେ ଯୁବତୀଙ୍କ ମୃତଦେହ ହୋଟେଲ ତଳେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ମୃତା ଯୁବତୀ ହେଲେ ନୟାଗଡ଼ ଜିଲା ସଦର ଥାନା ଅଞ୍ଚଳର ସୋନାଲି ମହାପାତ୍ର(୨୪)। ସୋନାଲିଙ୍କୁ ତାଙ୍କ ପୁରୁଷବନ୍ଧୁ ଛାତରୁ ଠେଲି ମାରିଦେଇଥିବା ଯୁବତୀଙ୍କ ମା' ପ୍ରମିଳା ଥାନାରେ ଅଭିଯୋଗ କରିଛନ୍ତି। ପୁରୁଷବନ୍ଧୁ ତଥା ରଣପୁରର ବିଭୂତି ପ୍ରତିହାରୀଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଗୁରୁବାର ଏମ୍‌ସରେ ସୋନାଲିଙ୍କ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନାରେ ଏକ ହତ୍ୟା ମାମଲା(ନଂ.୩୧୨/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ସୋନାଲି ଭୁବନେଶ୍ୱରରେ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସମୟକ୍ରମେ ବିଭୂତିଙ୍କ ସହ ସମ୍ପର୍କ ନିବିଡ଼ ହୋଇଥିଲା। ବିଭୂତି ଓ ସୋନାଲି ଭଡ଼ାସୂତ୍ରରେ ଉକ୍ତ ଓୟୋ ହୋଟେଲର ତୃତୀୟ ମହଲାର (ରୁମ୍ ନଂ.-୩୦୨)ରେ ରହୁଥିଲେ। ବୁଧବାର ରାତିରେ କୌଣସି କାରଣକୁ ନେଇ ରୁମ୍‌ରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ହୋଟେଲ କର୍ମଚାରୀ ଓ ଅନ୍ୟ ଅତିଥିମାନେ ରୁଣ୍ଡ ହେବାପରେ ସେମାନେ ଶାନ୍ତ ପଡ଼ିଥିଲେ। ପରେ ଉଭୟ ଛାତ ଉପରକୁ ଚାଲି ଯାଇଥିଲେ। ତେବେ ଛାତ ଉପରେ ଉଭୟଙ୍କ ମଧ୍ୟରେ ଏମିତି କ'ଣ ଘଟିଲା ତାକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୋନାଲିଙ୍କୁ ଏମ୍‌ସ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୋଟେଲ ମାଲିକ ଚନ୍ଦ୍ରମଣି ଦାସ କହିଛନ୍ତି, ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ସୋନାଲି ଓ ବିଭୂତି ହୋଟେଲରେ ୪ରୁ ୫ ମାସ ହେବ ରହୁଥିଲେ। ତେବେ ମ୍ୟାନେଜର ଛୁଟିରେ ଥିବାବେଳେ ସୋନାଲିଙ୍କ ମୃତଦେହକୁ ତଳେ ପଡ଼ିଥିବା ଦେଖି ଡ୍ରାଇଭର ତାଙ୍କୁ ଜଣାଇଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା ବୋଲି ସେ କହିଛନ୍ତି। ଅପରପକ୍ଷରେ ସୋନାଲିଙ୍କ ମା' ପ୍ରମିଳା କହିଛନ୍ତି, ବୁଧବାର ରାତି ପ୍ରାୟ ୧୧ଟାରେ ସୋନାଲି ତାଙ୍କୁ କଲ୍ କରିଥିଲେ। ଭଲ ଲାଗୁନି, ତାଙ୍କୁ ଘରକୁ ନେଇଯିବାକୁ ଝିଅ କହିଥିଲେ। ଏହାପରେ ପ୍ରମିଳା ସକାଳୁ ଆସି ନେଇଯିବେ ବୋଲି କହିଥିଲେ। ତେବେ ଝିଅ ଶିକ୍ଷିତ ପିଲା, ସେ ଏମିତି କାମ କରିବନି, ଛାତରୁ ଡେଇଁବ ନାହିଁ। ବିଭୂତି ତାଙ୍କୁ ଛାତରୁ ପେଲିଦେଇଥିବା ପ୍ରମିଳା କହିଛନ୍ତି। ଜୋନ-୩ ଏସିପି ତାପସ ପ୍ରଧାନ କହିଛନ୍ତି, ପୁରୁଷବନ୍ଧୁଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ହୋଟେଲକୁ ଯାଇ ଯାଞ୍ଚ କରିବା ସହ ଫୁଟ ପ୍ରିଣ୍ଟ, ଫିଙ୍ଗରପ୍ରିଣ୍ଟ, ରକ୍ତ ନମୁନା ଆଦି ସଂଗ୍ରହ କରିଛି। ହୋଟେଲ କର୍ମଚାରୀଙ୍କୁ ପଚରାଉଚରା କରାଯାଉଥିବା ଏସିପି କହିଛନ୍ତି।



ହୋଟେଲ୍ ତଳେ ଯୁବତୀ ପଡ଼ିଥିବାର ସିସିଟିଭିରେ କଏଦ ଦୃଶ୍ୟ।

# ପୁଅଝିଅଙ୍କୁ ମାରିଥିବା ବାପା ଆଖିବୁଜିଲେ

■ ପିଲାଙ୍କୁ ବିଷ ଦେଇ ନିଜେ ପିଇଥିଲେ

ପାରଳାଖେମୁଣ୍ଡି, ୧୫।୫(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଓଡ଼ିଆ ପାରଳା ସାହିରେ ପୁଅଝିଅଙ୍କୁ ବିଷ ଦେଇ ମାରିଥିବା ବାପା ଶୁଭାଶିଷ ପାଣିଗ୍ରାହୀ ଗୁରୁବାର ବ୍ରହ୍ମପୁର ବଡ଼ ମେଡିକାଲରେ ଆଖି ବୁଜିଛନ୍ତି। ଗତ ମାର୍ଚ୍ଚ ୨୧ତାରିଖରେ ଶୁଭାଶିଷଙ୍କ ସ୍ତ୍ରୀଙ୍କ ସନ୍ଦେଜନକ ମୃତ୍ୟୁ ଘଟିଥିଲା। ଏହାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଶୁଭାଶିଷ ବୁଧବାର ପିଲାଙ୍କୁ ବିଷ ପିଆଇ ନିଜେ ପିଇ ଦେଇଥିଲେ। ଏବେ ପୂରା ପରିବାର ଶେଷ ହୋଇଯାଇଛି। କାହିଁକି ଓ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହା ଜଣାପଡି ନାହିଁ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଶୁଭାଶିଷଙ୍କ ଘରେ ତଦନ୍ତ ଆରମ୍ଭ କରିଛନ୍ତି।

ଶୁଭାଶିଷ ବୁଧବାର ମଧ୍ୟାହ୍ନରେ ୮ ବର୍ଷର ପୁଅ ବିଜୟାନନ୍ଦ ଓ ୧୨ ବର୍ଷୀୟା ଝିଅ ପ୍ରିୟଦର୍ଶନୀଙ୍କୁ କୌଣସି ଖାଦ୍ୟରେ ବିଷ ଦେଇ ନିଜେ ତାହାକୁ ଖାଇ ଦେଇଥିଲେ। ଏହାପରେ ସେ ପାରଳାଖେମୁଣ୍ଡି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରହୁଥିବା ତାଙ୍କ ବାପା ବୁଟିବାବୁ ପାଣିଗ୍ରାହୀଙ୍କୁ ଫୋନ କରି ଆମେ ବିଷ ଖାଇଦେଇଛୁ ମରିଯିବୁ, ଶେଷଥର ପାଇଁ ଦେଖିଦିଅ ବୋଲି କହିଥିଲେ। ବୁଟିବାବୁ ତୁରନ୍ତ ସେଠାରେ ପହଞ୍ଚି ସାହିପଡିଶା ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପୁଅ ବିଜୟାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବାପା ଶୁଭାଶିଷ ଓ ଝିଅ ପ୍ରିୟଦର୍ଶନୀଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୯ଟାରେ ପ୍ରିୟଦର୍ଶନୀ ଓ ଗୁରୁବାର ସକାଳେ ଶୁଭାଶିଷଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡିରେ ପୁଅ ଓ ବ୍ରହ୍ମପୁରରେ ବାପଝିଅଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ନଂ. ୧୧/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ଘରେ ପହଞ୍ଚି ବୁଧବାର ଶୁଭାଶିଷ ରୋଷେଇ କରିଥିବା ବିଭିନ୍ନ ଖାଦ୍ୟ, ପିଇଥିବା ବିଷ ସଂଗ୍ରହ କରିବା ସହ ଖାନତଲାସି କରିଛି। ପୋଲିସ ଘଟଣା ସମ୍ପର୍କରେ ସାହି ପଡୋଶୀ ଓ ପରିବାରବର୍ଗଙ୍କୁ ପଚରାଉଚୁରା କରିଛି। ପୁଅର ଆର୍ଥିକ ସମସ୍ୟା ନ ଥିଲା କି ସେ କୌଣସି ଚାପରେ ନଥିଲେ ବୋଲି ଶୁଭାଶିଷଙ୍କ ବାପା ବୁଟିବାବୁ ସ୍ପଷ୍ଟ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ପିଲାଙ୍କୁ ମାରି ସେ ନିଜେ ଜୀବନ ହାରିଲେ ଓ ପୂର୍ବରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ପଛରେ କାହାର ହାତ ଅଛି ସେ ନେଇ ପୋଲିସ ତଦନ୍ତ ଚଳାଇଛି।


ପରିବାର ସହ ଶୁଭାଶିଷ ପାଣିଗ୍ରାହୀ।

# ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର

ମୋହନା,୧୫।୫ (ମନ୍ମଥ ମିଶ୍ର)

ମୋହନା ବ୍ଲକ୍ ଚନ୍ଦ୍ରଗିରିଠାରେ ବାଘୁଆ ମହୁମାଛି ଆକ୍ରମଣରେ ୪ ଗୁରୁତର ହୋଇଛନ୍ତି। ଗୁରୁବାର ସଂକ୍ରାନ୍ତି ଥିବାରୁ ଗ୍ରାମର ଅନେକ ଶ୍ରଦ୍ଧାଳୁ ନିକଟସ୍ଥ ଶିବ ମନ୍ଦିରକୁ ଯାଇଥିଲେ। ପୂର୍ବାହ୍ନ ୧୦ଟାରେ ପୂଜାପାଠ କରୁଥିବା ବେଳେ ହଠାତ୍ ଏକ ଗଛରୁ ବାଘୁଆ ମହୁମାଛି ଶ୍ରଦ୍ଧାଳୁଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସେଠାରେ ଥିବା ସମସ୍ତ ବ୍ୟକ୍ତି ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ବ୍ୟକ୍ତି ହେଲେ ନୀଳକଣ୍ଠ ଗୌଡ଼, ସତ୍ୟ ସାହୁ, ଶଶୀଦେବୀ ଦଳାଇ, କିରନ ଦଳାଇ। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଘରକୁ ପଠାଯାଇଥିବା ଡାକ୍ତର ଗିରିଜା ଶଙ୍କର ନାୟକ କହିଛନ୍ତି। ଅପରପକ୍ଷେ ମହାବିଷୁବ ସଂକ୍ରାନ୍ତି ଦିନ ବାଘୁଆ ମହୁମାଛିଙ୍କ ଆକ୍ରମଣରେ ୪ ଜଣ ଗୁରୁତର ହେବା ସହ ୨୦ ଆହତ ହୋଇଥିଲେ। ଏହିଭଳି ବାରମ୍ବାର ବାଘୁଆ ମହୁମାଛି ଦ୍ୱାରା ଆକ୍ରମଣ ଯୋଗୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି।




# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

ଯୋଡ଼ା,୧୫।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରି ସେକ୍ସନର ଦବୁନା ଓ ଏମ୍‌ସି ଖଣି ନିକଟ ଜଙ୍ଗଲରେ ଏକ ଦନ୍ତାହାତୀ ଆକ୍ରମଣରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଝାଡ଼ଖଣ୍ଡ ଅଞ୍ଚଳର ହୋଇଥିବା ବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ବୟସ ୭୦ରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ସେ ଗୁରୁବାର ଜଙ୍ଗଲକୁ କାଠ ଆଣିବା ପାଇଁ ଯାଇଥିବା ବେଳେ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ।

# 'ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା...

## ରାଷ୍ଟ୍ରୀୟ ଡେଙ୍ଗୁ ଦିବସ

ଡେଙ୍ଗୁ ଜ୍ୱର ଏକ ମଶାବାହିତ ରୋଗ। ଏହି ରୋଗର ନିରାକରଣ ପାଇଁ ଔଷଧ ସହିତ ସଚେତନତା ଜରୁରୀ। ତେଣୁ ଡେଙ୍ଗୁ ଜ୍ୱରକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବଢାଇବା, ଏହାକୁ ପ୍ରତିହତ କରିବାର ଉପାୟ ସମ୍ପର୍କରେ ଜଣାଇବା ଆଦି ଲକ୍ଷ୍ୟରେ ପ୍ରତିବର୍ଷ ମେ' ୧୬କୁ ରାଷ୍ଟ୍ରୀୟ ଡେଙ୍ଗୁ ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ତୁରନ୍ତ ପଦକ୍ଷେପ ନେବା, ଡେଙ୍ଗୁ ରୋକିବା: ସ୍ୱଚ୍ଛ ବାତାବରଣ, ସୁସ୍ଥ ଜୀବନ'। ସହରୀକରଣର ମାତ୍ରାଧିକ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପାଇଁ ପ୍ରତିବର୍ଷ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢିବାରେରେ ଲାଗିଛି। ଏହାକୁ ପ୍ରତିହତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହିତ ପ୍ରତ୍ୟେକ ବିଭାଗ ଏବଂ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏନେଇ ଅତିରିକ୍ତ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଡିୟୁପିଏଚ୍‌ଓ) ଡା. ନୀଳମଣୀ ସେନାପତି କହିଛନ୍ତି, ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ବିଶେଷକରି ଘରେ ଏବଂ ଆଖପାଖରେ ଜମୁଥିବା ପାଣିରେ ଜନ୍ମ ନିଅନ୍ତି। ଲୋକେ ସଚେତନ ହୋଇ ନିଜ ଆଖପାଖକୁ ପରିଷ୍କାର ନ ରଖିଲେ, ଜମୁଥିବା ପାଣିକୁ ନିଷ୍କାସନ ନକଲେ ସେଥିରେ ମଶା ବଂଶବିସ୍ତାର କରିବ। ଏଥିରେ କୌଣସି ଡାକ୍ତର କିମ୍ବା ସ୍ୱାସ୍ଥ୍ୟ ବିଭାଗ କିଛି କରିପାରିବ ନାହିଁ। ସେହିପରି କେବଳ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ଛାଡ଼ିଦେଲେ ହେବନାହିଁ, ଏଥିପାଇଁ ସମସ୍ତ ବିଭାଗର ସମନ୍ୱୟ ଏବଂ ବ୍ୟକ୍ତିଗତ ସ୍ତରରେ ଆଗ୍ରହ ରହିବା ଆବଶ୍ୟକ। ପୂର୍ବାପେକ୍ଷା ଲୋକେ ଅଧିକ ସଚେତନ ହୋଇଛନ୍ତି ମାତ୍ର ଏହାକୁ ଆହୁରି ବଢାଇବାକୁ ପଡିବ। ପ୍ରତିବର୍ଷ ରାଜ୍ୟରେ ହଜାର ହଜାର ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି ସ୍ମାର୍ଟସିଟି ଭୁବନେଶ୍ୱର ପାଇଁ ରାଜ୍ୟରେ ଖୋର୍ଦ୍ଧା ଜିଲା ହଟ୍‌ସ୍ପଟ୍ ଭାବେ ଉଭା ହେଉଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ଦରକାର।



–ବନ୍ଦନା ସେଠୀ, ଭୁବନେଶ୍ୱର

# ଆଲୋକ ସହିତ ଆଗକୁ ବଢ଼ିବା

## ଆଜି ଅନ୍ତର୍ଜାତୀୟ ଆଲୋକ ଦିବସ

ଚିକିତ୍ସା କ୍ଷେତ୍ରରେ ଲେଜର-ଆଲୋକର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ରହିଛି। ୧୯୬୦ ମସିହାରେ ଲେଜର ଦ୍ୱାରା ସଫଳ ଅସ୍ତ୍ରୋପଚାର ପରେ ଶଲ୍ୟ ଚିକିତ୍ସା ବିଜ୍ଞାନରେ ବିପ୍ଳବ ସୃଷ୍ଟିହୋଇଛି। ସେହି ସଫଳତାକୁ ଜନସାଧାରଣ ମନେପକେଇବା ସକାଶେ ୨୦୧୮ ମସିହାରୁ ପ୍ରତି ବର୍ଷ ମେ' ୧୬ ତାରିଖକୁ 'ଅନ୍ତର୍ଜାତୀୟ ଆଲୋକ ଦିବସ' ଭାବରେ ପାଳନ କରାଯାଇ ଆସୁଛି। ସାରା ପୃଥିବୀରେ ପାଳିତ ହେଉଥିବା ଏହି ଦିବସର ଚଳିତ ବର୍ଷ ପାଇଁ ବାର୍ତ୍ତା ରହିଛି 'ଆଲୋକ, ଅଭିନବୀକରଣ, ସମାଜ'। ବିଜ୍ଞାନ, ସଂସ୍କୃତି, ଶିକ୍ଷା ଓ ନିରନ୍ତର ଉନ୍ନତି ପ୍ରକ୍ରିୟାରେ ଆଲୋକର ଅତୁଳନୀୟ ଅବଦାନ ସମ୍ପର୍କରେ ସମାଜକୁ ଏହି ଦିବସ ଅବଗତ କରିବ। ୨୦୧୫ ମସିହାକୁ ଅନ୍ତର୍ଜାତୀୟ ଆଲୋକ ବର୍ଷ ଭାବରେ ପାଳନ କରାଯାଇଥିଲା। ତା'ପରେ ୨୦୧୭ (ନଭେମ୍ବର) ମସିହାରେ ଆଲୋକ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଆମେ ବିଛଣାରୁ ଉଠିଲାଠାରୁ ଶୋଇବା ପର୍ଯ୍ୟନ୍ତ ଆଲୋକ ଜରୁରୀ। ଯଦି ସୂର୍ଯ୍ୟ ନ ଥାନ୍ତା କିମ୍ବା ଆମେ ବତି ଜାଳିବା ଜାଣି ନ ଥାନ୍ତୁ, ତେବେ ଆମର ଜୀବନଶୈଳୀ ପୂରାପୂରି ଅଲଗା ହୋଇଥାଆନ୍ତା। ନିଆଁର ବ୍ୟବହାର ଆମ ସଭ୍ୟତାକୁ ଯେମିତି ଉନ୍ନତ କରିଛି, ଆଲୋକର ବ୍ୟବହାର ଆମ ଜୀବନଶୈଳୀକୁ ସୁଖମୟ କରିଛି। ଆଲୋକ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଶକ୍ତିଉସ।



ଲେଜର ଆଲୁଅର ବ୍ୟବହାର ରୋଗ ନିଦାନ ଓ ଚିକିତ୍ସା ପଦ୍ଧତିକୁ ନୂଆ ଦିଗ ଦେଖେଇଛି। ଅପ୍ଟିକାଲ ଫାଇବର ଦ୍ୱାରା ଆଜି ଅଧିକ ବେଗସମ୍ପନ୍ନ ଇଣ୍ଟରନେଟ୍ ସମ୍ଭବ ହୋଇପାରିଛି। ପରିବେଶକୁ ସୁସ୍ଥ ରଖିବା ଓ ବିଶ୍ୱବ୍ରହ୍ମାଣ୍ଡକୁ ବୁଝିବା ଦିଗରେ ଲେଜର ରଶ୍ମିର ଜରୁରୀ ବ୍ୟବହାର କରାଯାଉଛି। ଆମେ ଯଦି ଆଲୋକକୁ ଭୁଲିଯିବା, ତେବେ ଆମର ଅଣୁବୀକ୍ଷଣ ଓ ଦୂରବୀକ୍ଷଣ ଯନ୍ତ୍ର ଅକାମୀ ହୋଇଯିବ। କ୍ୟାମେରା ଫଟୋ ଉଠେଇପାରିବ ନାହିଁ। ମୋବାଇଲ ଓ ଟିଭିର ପରଦା ଅନ୍ଧକାର ହୋଇଯିବ। ବିଜୁଳିବତି ନ ଜଳିଲେ ଆମେ ଅନ୍ଧ ହୋଇଯିବା। ଏଥିରୁ ସ୍ପଷ୍ଟ ଅନୁମେୟ - ଆଲୋକ ଆମ ଜୀବନର ଜରୁରୀ ଅଙ୍ଗ। ତେଣୁ ଆଜି ଦିନରେ ଗବେଷଣା ଅନୁଷ୍ଠାନଗୁଡିକ ଏକ ମନ ହୋଇ ଆଲୋକର ଯଥାର୍ଥ ବ୍ୟବହାର ପୂର୍ବକ ସମାଜରେ ଶାନ୍ତି ଓ ପ୍ରଗତି ପ୍ରତିଷ୍ଠା କରିବା ପାଇଁ ୟୁନେସ୍କୋ ଆହ୍ୱାନ କରିଛି। ଆଲୋକ ଶୂନ୍ୟରେ ଏକ ସେକେଣ୍ଡରେ ୩ ଲକ୍ଷ କିଲୋମିଟର ଗତି କରିପାରେ। ତେଣୁ ଏହାର ବେଗ ସର୍ବାଧିକ। ଆମକୁ ଆଲୋକ ସହିତ ପାଦ ପକେଇ ଆଗକୁ ବଢିବାକୁ ହେବ।

**–ଡ. କମଳାକାନ୍ତ ଜେନା,** ପ୍ରାଧାପକ, ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ, ମୋ : ୯୪୩୯୫୦୧୬୫୧



ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି– ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। **–ଶ୍ରୀଅରବିନ୍ଦ**

# ମହାସାଗରରେ ପ୍ଲାଷ୍ଟିକ ପ୍ରଦୂଷଣ



ରୋମେନ ଟ୍ରବଲ

୧୯୭୦ ଦଶକରେ ସମୁଦ୍ରରେ ପ୍ଲାଷ୍ଟିକ ବର୍ଜ୍ୟ ପ୍ରଦୂଷଣ ସମସ୍ୟା ପ୍ରଥମେ ସାମ୍ନାକୁ ଆସିଥିଲା। ଏହାର ଅର୍ଦ୍ଧଶତାବ୍ଦୀ ପରେ ଏହି ସମସ୍ୟା ବ୍ୟାପକ ହୋଇଛି। ମହାସାଗରରେ ତାରା ଓସେନ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ବୈଜ୍ଞାନିକ ଅଭିଯାନ ବା ଜଳଯାତ୍ରା (ଏଥିରେ ମୁଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଛି) ସମୟରେ ଏହା ଜଣାପଡ଼ିଛି। ମାଛଧରା ଜାଲଗୁଡ଼ିକର ବୃହତ୍ ଆକାରର ବର୍ଜ୍ୟ ଏବଂ ସାମୁଦ୍ରିକ ଜୀବ ଉପରେ ସେଗୁଡ଼ିକର ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ଏଥିରେ ବର୍ଷକୁ ୧୦ ଲକ୍ଷ ସାମୁଦ୍ରିକ ପକ୍ଷୀ ଏବଂ ୧ ଲକ୍ଷ ସାମୁଦ୍ରିକ ସ୍ତନ୍ୟପାୟୀ ଛନ୍ଦି ହୋଇ କିମ୍ବା ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରୁଥିବା ଆକଳନ କରାଯାଇଛି। ପରିସଂସ୍ଥା ଉପରେ ଏହାର ପ୍ରଭାବ ମଧ୍ୟ ପଡୁଛି।

ମାଇକ୍ରୋପ୍ଲାଷ୍ଟିକ (ଅତି କ୍ଷୁଦ୍ର ପ୍ଲାଷ୍ଟିକ କଣିକା) ଅଦୃଶ୍ୟ, କିନ୍ତୁ ଏହା ବ୍ୟାପକ। ଏସବୁ ମହାସାଗରର ଗଭୀରତମ ପ୍ରଦେଶ ଏବଂ ସମସ୍ତ ସାମୁଦ୍ରିକ ଜୀବଠାରେ ଦେଖାଯାଇଛି। ମାଇକ୍ରୋପ୍ଲାଷ୍ଟିକ ମଧ୍ୟ ବ୍ୟାକ୍ଟେରିଆ ଓ ଭୂତାଣୁ ସମୁଦାୟକୁ ପରିବର୍ତ୍ତନ କିମ୍ବା ବୃଦ୍ଧି କରିପାରେ ଏବଂ ଖାଦ୍ୟ ଶୃଙ୍ଖଳରେ ବିଷାକ୍ତ ରାସାୟନିକ ଖେଳାଇଦେଇଥାଏ (ବହୁ ସମୟରେ ସାମୁଦ୍ରିକ ଜୀବଙ୍କୁ ଖାଇବା ପରେ ଏହା ଘଟିଥାଏ)। କେତେକ ବିଷାକ୍ତ ପଦାର୍ଥ ପ୍ଲାଷ୍ଟିକର ରାସାୟନିକ ପ୍ରକ୍ରିୟା ସହ ଜଡ଼ିତ ଥାଏ। ପ୍ଲାଷ୍ଟିକ ମହାସାଗରରେ ପ୍ରବେଶ କରିବା ପୂର୍ବରୁ ଏଥିରେ ଥିବା କେତେକ କୀଟନାଶକ ଓ ଭାରି ଧାତବ ରହିଥାଏ, ଯାହା ଖାଦ୍ୟ ଶୃଙ୍ଖଳରେ ସହଜରେ ପ୍ରବେଶ କରିଥାଏ। ଏହି ବିଷାକ୍ତ ପଦାର୍ଥ କିଭଳି ପ୍ଲାଷ୍ଟିକ ସହ ଜଡ଼ିତ ଥାଏ ଏବଂ ପ୍ରତିକ୍ରିୟା ପ୍ରକାଶ କରେ ତାହା ହିଁ ଗଭୀର ଅନୁଧ୍ୟାନର ବିଷୟ। ରାସାୟନିକ ପ୍ରକ୍ରିୟାରେ ଏଥିଲିନ, ଷ୍ଟାଇରେନ ଏବଂ ପ୍ରୋପିଲିନର ସମାନ ଅଣୁଗୁଡ଼ିକ (ମୋନୋମର୍ସ) ବାନ୍ଧିହୋଇ ପଲିମର ଯଥାକ୍ରମେ ପଲିଏଥିଲିନ, ପଲିଷ୍ଟିରିନ ଏବଂ ପଲିପ୍ରୋପିଲିନ ଭଳି ପ୍ଲାଷ୍ଟିକ ଗଠନ କରିଥାନ୍ତି। କିନ୍ତୁ ପଲିମରିଜେଶନ ପ୍ରକ୍ରିୟା ବହୁ ସମୟରେ ଠିକ୍ ରହି ନ ଥାଏ ଏବଂ ଏଥିଲିନ, ଷ୍ଟାଇରେନ ଓ ପ୍ରୋପିଲିନର କେତେକ କ୍ଷୁଦ୍ର ଅଣୁ ପ୍ଲାଷ୍ଟିକରେ ରହିଯାଇଥାଏ। ଏହା ପରିବେଶ ଓ ସ୍ୱାସ୍ଥ୍ୟ ପ୍ରତି ଅତ୍ୟନ୍ତ କ୍ଷତିକାରକ। ଏହାସହ ଫିଲର୍ସ, କଲୋରାଣ୍ଟସ୍, ଫ୍ଲେମ୍ ରିଟାର୍ଡାଣ୍ଟସ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭଳି କେତେକ କେମିକାଲ ପଲିମର ତିଆରିରେ ବ୍ୟବହାର କରାଯାଇ ତାହାର ଗୁଣ ବୃଦ୍ଧି କରାଯାଏ। ଏହା ସହ ଉତ୍ପାଦ ପ୍ରସ୍ତୁତିରେ ନନ୍ ଇଣ୍ଟେଶନାଲି ଆଡେଡ୍ ସବ୍‌ଷ୍ଟାନ୍ସ (ଏନ୍‌ଆଇଏଏସ୍)ଭଳି ପ୍ରଦୂଷଣକାରୀ ତଥା ବିଷାକ୍ତ ଜିନିଷ ବ୍ୟବହାର କରାଯାଇଥାଏ। ଅଧିକାଂଶ କ୍ଷେତ୍ରରେ ପ୍ଲାଷ୍ଟିକର ଗୁଣ ବୃଦ୍ଧି ପାଇଁ ମିଶା ଯାଉଥିବା ରାସାୟନିକ ପଦାର୍ଥ ଏବଂ ଏନ୍‌ଆଇଏଏସ୍ ରାସାୟନିକ ପ୍ରକ୍ରିୟାରେ ପଲିମର ଚେନ୍‌ରେ ବାନ୍ଧି ନ ହୋଇ ମୁକ୍ତ ଅବସ୍ଥାରେ ରହିଯାଆନ୍ତି। ଫଳରେ ପ୍ଲାଷ୍ଟିକ ବ୍ୟବହାର ଏବଂ ସେଗୁଡ଼ିକୁ ବାହାରେ ଫିଙ୍ଗିଦେବା ଦ୍ୱାରା ବିଷାକ୍ତ କଣିକାସବୁ ପାଣି, ପବନ ଏବଂ ବିଭିନ୍ନ ପଦାର୍ଥରେ ପ୍ରବେଶ କରିବାର



ସମ୍ଭାବନା ଅଧିକ ଥାଏ। ଏହିଭଳି ୧୬,୦୦୦ ଅଣୁ ବା କ୍ଷୁଦ୍ର କଣିକା ଚିହ୍ନଟ କରାଯାଇଛି, କିନ୍ତୁ ସମ୍ପୂର୍ଣ୍ଣ ଭାବେ ସେଗୁଡ଼ିକର ପ୍ରଭାବ ଓ ବିଷାକ୍ତ ଗୁଣ ସମ୍ପର୍କରେ ଜଣାପଡ଼ିନାହିଁ। କଣିକାଗୁଡ଼ିକ ଏକାଠି ହେଲେ ବିଷାକ୍ତଗୁଣ ପରିବର୍ତ୍ତନ ହୋଇପାରେ। ଆମେ ଜାଣୁ ଯେ, ୧୬,୦୦୦ ଅଣୁ ମଧ୍ୟରୁ ଏକ ଚତୁର୍ଥାଂଶ ଜୀବମାନଙ୍କ ଜୈବରାସାୟନିକ ପ୍ରକ୍ରିୟାରେ ବାଧକ ସାଜି ମଣିଷ ଶରୀର କିମ୍ବା ପରିବେଶ ପ୍ରତି କ୍ଷତିଘଟାଉଛି।

ସମୁଦ୍ର, ନଦୀ, ହ୍ରଦ ଓ ଅନ୍ୟାନ୍ୟ ଜଳ ଉତ୍ସରେ ପ୍ଲାଷ୍ଟିକର କ୍ଷୁଦ୍ରତମ ଓ ବିଷାକ୍ତ ପ୍ରଦୂଷଣକାରୀ କଣିକା ମିଶିଚାଲିଛି। ଏହାକୁ ରୋକିବା ଏକ କଠିନ କାର୍ଯ୍ୟ ଏବଂ ଏହି ଦାୟିତ୍ୱ ସହଜରେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ତଥାପି ବୈଜ୍ଞାନିକମାନେ ଏହି ସମସ୍ୟା ଦୂର କରିବାକୁ ଚେଷ୍ଟା କରୁଛନ୍ତି। ଉଦାହରଣସ୍ୱରୂପ, ତାରା ୟୁରୋପା ଅଭିଯାନ ୟୁରୋପିଆନ ମଲିକ୍ୟୁଲାର ବାୟୋଲୋଜି ଲାବରେଟୋରି ଏବଂ ସେହି ମହାଦେଶର ୭୦ରୁ ଅଧିକ ବିଜ୍ଞାନ ଅନୁଷ୍ଠାନର ମିଳିତ ସହଯୋଗରେ ପ୍ରୟାସ ଜାରି ରଖିଛି। ପ୍ଲାଷ୍ଟିକର କ୍ଷତିକାରକ କଣିକା ୟୁରୋପୀୟ ଦେଶଗୁଡ଼ିକ ସଂଲଗ୍ନ ସମୁଦ୍ର ଓ ମହାସାଗରରେ କିଭଳି ମିଶୁଛି ତାହା ଉପରେ ଦୁଇବର୍ଷ ହେଲା ଅନୁଧ୍ୟାନ କରୁଛି। ଏହାର ସିଦ୍ଧାନ୍ତ ଖୁବ୍‌ଶୀଘ୍ର ପ୍ରକାଶ କରିବା ପାଇଁ ମଧ୍ୟ ଯୋଜନା କରାଯାଇଛି। ପ୍ଲାଷ୍ଟିକ ବିଷାକ୍ତ ବର୍ଜ୍ୟ ଓ ଗଦାହୋଇ ରହୁଥିବା ପ୍ଲାଷ୍ଟିକ ଖଣ୍ଡ କେବଳ ମହାସାଗରକୁ କ୍ଷତି କରୁଛି ତାହା ନୁହେଁ, ବରଂ ପ୍ଲାଷ୍ଟିକ ଶିଳ୍ପ ମଧ୍ୟ ଜଳବାୟୁ ପରିବର୍ତ୍ତନରେ ପ୍ରମୁଖ ଭୂମିକା ନେଉଛି। ବିଶ୍ୱରେ ହେଉଥିବା ମୋଟ ସବୁଜଗୃହ ବାଷ୍ପ(ଜିଏଚ୍‌ଜି) ନିର୍ଗମନର ୩.୪% ଏହି ଶିଳ୍ପ ଯୋଗୁ ହେଉଛି। ପ୍ଲାଷ୍ଟିକ ଉତ୍ପାଦନ ଯୋଗୁ ଏହା ବୃଦ୍ଧି ପାଇ ୨୦୫୦ ସୁଦ୍ଧା ୧୫% ହେବ ବୋଲି ଆକଳନ କରାଯାଉଛି। ଏହାଦ୍ୱାରା ବିଶ୍ୱତାପନ ବୃଦ୍ଧି ଘଟିବା ସହ ସାମୁଦ୍ରିକ ଜୀବଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି ହେବା ସହିତ ଜଳର ତାପମାତ୍ରା ମଧ୍ୟ ବୃଦ୍ଧି କରିବ।

କେବଳ ମହାସାଗର ନୁହେଁ, ପ୍ଲାଷ୍ଟିକ ସମଗ୍ର ଜୈବମଣ୍ଡଳର ଅବକ୍ଷୟ କରୁଛି। ଏଣୁ ଏହା ଏକ ବର୍ଜ୍ୟ ସମସ୍ୟା ନୁହେଁ, ଯାହାକୁ ପରିବେଶ ପାଇଁ ଚିନ୍ତା କରୁଥିବା କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ଅନୁସୃତ ରିସାଇକ୍ଲିଂ ପଦକ୍ଷେପ ମାଧ୍ୟମରେ ସମାଧାନ କରାଯାଇପାରିବ। ଏହା ଏକ ବ୍ୟବସ୍ଥାଗତ ସଙ୍କଟ, ଯାହାର ସମାଧାନ ପାଇଁ ଅର୍ଥବ୍ୟବସ୍ଥା ଦିଗରୁ ବ୍ୟାପକ ପଦକ୍ଷେପ ଲୋଡ଼ା। ପ୍ଲାଷ୍ଟିକ୍‌କୁ ଏକ 'ନୂଆ ତତ୍ତ୍ୱ' ଭାବେ ବୁଝିବା ସହ ତାହା କିଭଳି ପରିବେଶରେ ନ ମିଶିବ ସେଥିପାଇଁ ଏକ ଉତ୍ତମ ଦୃଷ୍ଟିକୋଣ ଆପଣାଇବା ଦରକାର। ଏଭଳି ଦୃଷ୍ଟିକୋଣ ଷ୍ଟକ୍‌ହୋମ ରିଜିଲେନ୍ସ ସେଣ୍ଟର 'ପ୍ଲାନେଟୋରି ବାଉଣ୍ଡରିଜ୍' ଉପରେ କାମ କରିବାବେଳେ ଆପଣାଇଥିଲା ଏବଂ ପରେ ଆମେରିକା ତାହାକୁ ସମର୍ଥନ କରିଥିଲା। ତେବେ ପ୍ଲାଷ୍ଟିକ କ୍ଷତିର ସୀମା ଠିକ୍ ଭାବେ ନିର୍ଣ୍ଣୟ କରିବା ଅସମ୍ଭବ ବୋଲି ସ୍ୱୀକାର କରାଯାଉଥିବାବେଳେ ଏଭଳି ଦୃଷ୍ଟିକୋଣ ପ୍ଲାଷ୍ଟିକ ବ୍ୟବହାର ଶୀଘ୍ର ହ୍ରାସ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଏ।

ଗବେଷଣାରୁ ଜଣାପଡ଼ିଛି ଯେ,ବିଶ୍ୱରେ ପ୍ଲାଷ୍ଟିକ ଉତ୍ପାଦନ ଅଧା ହ୍ରାସ କରିବା ଆର୍ଥିକ ଦୃଷ୍ଟିରୁ ସମ୍ଭବ ହେବ। ଏହାପାଇଁ ଯେତିକି କ୍ଷତି ହେବ ତାହା ନିଶ୍ଚିତ ଭାବେ ନିଷ୍କ୍ରିୟତା ବା କୌଣସି ପଦକ୍ଷେପ ନ ନେବା ଯୋଗୁ ହେଉଥିବା କ୍ଷତିଠାରୁ କମ୍। କିନ୍ତୁ ନିକଟରେ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ଏଭଳି ଉତ୍ପାଦନ ହ୍ରାସ ପ୍ୟାରିସ ଚୁକ୍ତିରେ ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବା ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ସକାଶେ ଯଥେଷ୍ଟ ନାହିଁ। ସେମାନେ ଜାଣିବାକୁ ପାଇଛନ୍ତି ଯେ, ଏହି ଲକ୍ଷ୍ୟ ପୂରଣ ଲାଗି ୨୦୧୫( ଯେଉଁ ସମୟରେ ପ୍ୟାରିସ ଜଳବାୟୁ ଚୁକ୍ତି ହୋଇଥିଲା) ତୁଳନାରେ ପ୍ଲାଷ୍ଟିକ ଉତ୍ପାଦନ ୭୫% ହ୍ରାସ କରିବାକୁ ପଡ଼ିବ।

ଏହି ବୈଶ୍ୱିକ ସଙ୍କଟର ସମାଧାନ ପାଇଁ ଆଇନଗତ ଭାବେ ନିବେଶ ସଞ୍ଚାଳନ ଅତ୍ୟନ୍ତ ଜରୁରୀ ଏବଂ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଉତ୍ପାଦନ ହ୍ରାସ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଯେତିକି ଉତ୍ପାଦନ ହେବ ସେସବୁର ବ୍ୟବହାର ସମୟସୀମା ବା ଲାଇଫସ୍ପାନ ବୃଦ୍ଧି କରାଯିବା ସହ ପୁନଃବ୍ୟବହାର ତଥା ମରାମତିକୁ ପ୍ରୋତ୍ସାହିତ କରାଯିବା ଉଚିତ। ପ୍ଲାଷ୍ଟିକ ବଦଳରେ କାଗଜ, କାର୍ଡବୋର୍ଡ, ଆଲୁମିନିୟମ, ଷ୍ଟିଲ ଓ କାଚ ଭଳି ଫିଙ୍ଗାଯୋଗ୍ୟ ଜିନିଷ ଦ୍ୱାରା ପ୍ୟାକେଜିଂ ସ୍ୱଳ୍ପକାଳୀନ ସମାଧାନ ଆକର୍ଷକ ମନେହେଉଥିଲେ ମଧ୍ୟ ଏଭଳି ପଦକ୍ଷେପ ପ୍ରକାଶ ପାଇଥିବା ପ୍ରଦୂଷଣଜନିତ ସମସ୍ୟାର ତୀବ୍ରତାକୁ ହ୍ରାସ କରିପାରିବ ନାହିଁ।

ଆମ ଅର୍ଥ ବ୍ୟବସ୍ଥାଗୁଡ଼ିକ ବଢୁଥିବାବେଳେ ଏକ ବାସୋପଯୋଗୀ ତଥା ସୁସ୍ଥ ପୃଥିବୀ ଅନିବାର୍ଯ୍ୟ ହୋଇଗଲାଣି। ଏହି ସମୟରେ ଏବକାର ପରିସଂସ୍ଥାଗତ ଆବଶ୍ୟକତାର ଅର୍ଥନୈତିକ ବାସ୍ତବତାକୁ ଅଣଦେଖା କିମ୍ବା ଅସ୍ୱୀକାର କରିବା ମାନେ ଏକ ସ୍ଥାୟୀ ତଥା ଉପଯୋଗୀ ପରିବେଶ ପାଇଁ ଅତି ଆବଶ୍ୟକ ମାନବୀୟ କାର୍ଯ୍ୟକଳାପ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜିଦେବା। ପରିବେଶ ବିରୋଧରେ କାମ କରିବା ପରିବର୍ତ୍ତେ, ଏହା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ଏବଂ ତାହା ହିଁ ପ୍ଲାଷ୍ଟିକ ବର୍ଜ୍ୟ ସମସ୍ୟାର ସମାଧାନରୁ ଆରମ୍ଭ ହେବା ଦରକାର।

**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ,**
**ତାରା ଓସେନ ଫାଉଣ୍ଡେସନ**

# କେବେ ରାଣ ଖାଇଛ



ଦୀପ୍ତିମୟୀ ନାୟକ

ରାଣ ଭିତରେ ଥାଏ ଆତ୍ମୀୟତା। ଏହି ରାଣ ଯେତେବେଳେ ଯାହାକୁ ପକାଯାଏ ସେତେବେଳେ ସେହି ଲୋକଟି ହସିକି କହିଦେଇଥାଏ ତୋତେ କ'ଣ ଏହି ରାଣ ଛଡା ଆଉ କିଛି ଆସେନାହିଁ। ଆଉ ତାକୁ ରାଣ ପକେଇଥିବା ଲୋକଟି କହିଦେଇଥାଏ ମୋତେ ସବୁ ଆସେ, ବାସ୍ ତୁମେ ମୋ ରାଣରେ କେତେ ଲୋଭ ରଖ ସେଇଟା ଜାଣିବା ପାଇଁ ରାଣ ପକାଉଥିଲି । ତେବେ ଏହି ରାଣ ଶବ୍ଦଟି ଛୋଟବେଳୁ ଶୁଣି ଆସିଛି । ସ୍କୁଲରେ କେହି ଯଦି କାହା ସହ ଝଗଡା କରନ୍ତି କିମ୍ବା କେହି ଯଦି କାହା ସହ କଥା ହେବାକୁ ଚାହାନ୍ତି ନାହିଁ ସେତେବେଳେ କହିଦିଅନ୍ତି ତୋ ବାପା ବୋଉ ରାଣ ତୁ ମୋ ସହ କଥା ହେବୁନୁ । ପିଲା ଯଦି କୌଣସି ଖାଦ୍ୟ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଛି ସେତେବେଳେ ମା' ମଧ୍ୟ କୁହନ୍ତି ତୋତେ ମୋ ରାଣ, ତୋତେ ତୋ ବାପା ରାଣ ତୁ ଆସେ ଖାଇବୁ । ଭାଇ ଯଦି ଭଉଣୀ ସହ ରାଗିଛି ତା'ହେଲେ ଭଉଣୀ ମଧ୍ୟ ଅନେକ ଥର କହିଛି ତୋତେ ମୋ ରାଣ ତୁ ଆଉ ମୋ ଉପରେ ରାଗେନି । ଭଉଣୀ ଯଦି ଘରେ ରୁଷିକି କିଛି ଖାଉନି ଭାଇ ମଧ୍ୟ ଭଉଣୀର ହାତ ଧରି କହିଥାଏ ତୋତେ ମୋ ରାଣ ଚାଲ ଖାଇବୁ । ଠିକ୍ ସେହିପରି ସ୍ୱାମୀ ସ୍ତ୍ରୀର ସମ୍ପର୍କ ମଧୁରତା ଭିତରେ ରାଣର ବିଶେଷ ଭୂମିକା ରହିଛି । କେବଳ ସ୍ୱାମୀ ସ୍ତ୍ରୀ କାହିଁକି ମଣିଷ ବଞ୍ଚିଥିବା ଯାଏ ଏ ରାଣ ଖାଇଛି । ସେଥିପାଇଁ କୁହାଯାଏ ସବୁ ଖାଇ ହେବ ଏ ରାଣ ଖାଇବା ବହୁତ କଷ୍ଟ ହୋଇଯିବ। ତେବେ ଏ ରାଣ ଶିଖେଇଛି ଦୁଷ୍ଟାମି ଛାଡିବା । ରାଣ ଶିଖେଇଛି ଅନ୍ୟଠୁ ଦୂରେଇ ରହିବା ଆଉ ଏହି ରାଣ ଶିଖେଇଛି ନିଜ ପସନ୍ଦର ଲୋକଙ୍କ ପାଖେ ପାଖେ ରହିବା । କାହିଁକି ନା ଯେତେବେଳେ ଆମ ରାଣ ଉପରେ କିଏ ଲୋଭ କରିବା ଆରମ୍ଭ କରିଦେଇଥାଏ ସେତେବେଳେ ସେମାନଙ୍କ ପ୍ରତି ଆମମାନଙ୍କ ଭଲପାଇବା କାହିଁକି କେଜାଣି ହଠାତ୍ ବଢ଼ି ଯାଇଥାଏ । ଆଉ ଯେତେବେଳେ କୌଣସି ଆପଣାର ଲୋକ ଆମ ରାଣ ରଖେନି ସେତେବେଳେ ହୁଏତ ଭଲପାଇବା କମେନି, କିନ୍ତୁ ଆମ ଆପଣାର ଲୋକଗୁଡ଼ା ଯେମିତି ଆମକୁ ନିଜର ଭାବନ୍ତିନି ବୋଲି ଅନୁଭବ ହୋଇଥାଏ। ଅନେକ ସମୟରେ ମନ କଷ୍ଟ ହୁଏ। ଏଥିପାଇଁ ଅନେକଙ୍କ ମଧ୍ୟରେ ଝଗଡା ମଧ୍ୟ ହୁଏ କେବଳ ଏଥିପାଇଁ ଯେ ତୁମେ କାହିଁକି ମୋ ରାଣ ରଖିଲନି। ସତ କହିବାକୁ ଗଲେ ଏ ରାଣ ସୁଖ–ଦୁଃଖ, ହସ–ଖୁସି, ରାଗ–ରୁଷା, ମାନଅଭିମାନ ଭିତରେ ଥାଏ । ରାଣ ହିଁ ଅନେକଙ୍କ ମନ ପରିବର୍ତ୍ତନ କରିବାରେ ସହାୟକ ହୋଇଥାଏ । ଯେମିତି କି ତୋତେ ତୋ ବାପା ବୋଉ ରାଣ ତୁ ସେଠିକି ଯିବୁନୁ। ତୋତେ ମୋ ରାଣ ତୁ ଭୁଲ ରାସ୍ତା କିଛି ବାଛିବୁନି। ତୋତେ ମୋ ରାଣ ତୁ ତା ସହ ମିଶିବୁନି। ତୋତେ ମୋ ରାଣ ତୁ ମୋ ଛଡା ଆଉ କାହାକୁ ଚାହିଁବୁନି।

ତେବେ ଆଜିକାଲି ଅନେକ ଲୋକ ମଧ୍ୟ ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବା ପାଇଁ ରାଣ ପକେଇଥାନ୍ତି । ଯେମିତି କି ବିଦ୍ୟାରାଣ, ଠାକୁରଙ୍କ ରାଣ, ସବୁରାଣ, ବାପା ବୋଉଙ୍କ ରାଣ, ଆଖି ରାଣ, ଭାଇ ରାଣ, ଭଉଣୀ ରାଣ, ସ୍ୱାମୀ ରାଣ, ସ୍ତ୍ରୀ ରାଣ ଏମିତି ଅନେକ ରାଣ ରହିଛି, ଯେଉଁ ରାଣଗୁଡିକ ସତକୁ ସତ ଆଉ ମିଛକୁ ମିଛ ବୋଲି କହିବାରେ ସାହସ ଜୁଟେଇଛି । କିନ୍ତୁ ବର୍ତ୍ତମାନ ସମୟରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ମିଛ କଥାରେ ମଧ୍ୟ ରାଣ ପକେଇ ଦେଇଥାଆନ୍ତି। ସେଥିପାଇଁ ଆଜିକାଲି ଦୁନିଆରେ ଯଦି କେହି କାହା ସାମ୍ନାରେ ସତ କହିବାକୁ ଯାଇ ରାଣ ଖାଇଦେଉଛି ଲୋକମାନେ ମଧ୍ୟ ତା' ଉପରେ ହସିବା ଆରମ୍ଭ କରିଦେଉଛନ୍ତି, ଶେଷରେ କହିଦେଉଛନ୍ତି ତୁ କେଉଁ ଯୁଗରେ ଅଛୁ ।

ସତ କହିବାକୁ ଗଲେ ସେହି ପୁରୁଣାକାଳିଆ ଲୋକ ହିଁ ବହୁତ ଭଲ ଥିଲେ, ଯେଉଁମାନେ ଅନ୍ୟାୟ ଦେଖିଲେ ମୁହଁ ଉପରେ ଜବାବ ଦେଉଥିଲେ। ନିଜ କଥାକୁ ଅନ୍ୟକୁ ବିଶ୍ୱାସ ଦେବାପାଇଁ ରାଣ ଖାଇଦେଉଥିଲେ । ରାଣ ଖାଇବା କୌଣସି ଖରାପ କଥା ନୁହେଁ, ଛୋଟବେଲୁ ଯାହା ଶିଖିଛେ ତାହା ହିଁ ତ କହୁଛେ । କିଛି ଲୋକ ଅଭିମାନରେ ମଧ୍ୟ ଅନ୍ୟକୁ ରାଣ ପକେଇଥାନ୍ତି । ଅଭିମାନ କରିଥିବା ଲୋକକୁ ବୁଝେଇବା ପାଇଁ କହିଥାଆନ୍ତି ଏତେ ଅଭିମାନ କରନି ଜଲଦି ରାଣ ଫିଟା। ଆଉ ଏହି ରାଣ ଫିଟେଇବା ପାଇଁ ଅନେକ କୌତୁକିଆ କଥା ମଧ୍ୟ ଥିଲା– ଯେମିତି କି ତମ ଘରେ କେଉଁ ଚଟୁ, ସୁନା ଚଟୁ , ତୋ ରାଣ ଫିଟୁ ତୁ ହ ପେଟୁ । ଠିକ୍ ସେହିଭଳି ମା' ବାପାଙ୍କ ରାଣ ଯଦି କେହି ପକେଇଥାଏ ସେହି ରାଣକୁ ଫିଟେଇବା ପାଇଁ ଥିଲା– ତୋ ବାପା ବୋଉ ରାଣ କ'ଣ, ଆଟୁ ତୋ ବାପା ବୋଉ ରାଣ ଫିଟୁ –ଏମିତି ଅନେକ ରାଣ ଫିଟେଇବାର କୌତୁକିଆ କଥା ଥିଲା, କିନ୍ତୁ ଏବେ ସେହି କୌତୁକିଆ କଥା ନାହିଁ, ହେଲେ କିଛି ଜଣକ ପାଟିରେ ରାଣ ରହିଯାଇଛି।

**ଅନ୍ଧାରୁଆ, ଭୁବନେଶ୍ୱର**
**ମୋ: ୯୦୯୦୬୬୧୫୮୬**

## ଏଇ ଭାରତରେ

ଜ୍ଞାନ ସେଟ୍ଟୀ ପେସାରେ ଇଞ୍ଜିନିୟର। ତାଙ୍କୁ ବୟସ ଏବେ ୨୮ । ସେ ଚାକିରି ଛାଡ଼ି ଅଗଣାରେ ବଗିଚାଟିଏ କରିବା ପାଇଁ ପୂରା ସମୟ ଦେଇଛନ୍ତି। ତାଙ୍କ ମାଙ୍ଗାଲୁରସ୍ଥିତ ଘର ଅଗଣାରେ ବଗିଚାରେ ୩,୦୦୦ରୁ ଉର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲଗଛ, ଫଳଗଛ, ପାଣିରେ ବଢୁଥିବା ଗଛ ଆଦି ରହିଛି। ଏହି ବଗିଚାର ନାମ ଦେଇଛନ୍ତି 'ନମୋ ବଗିଚା' ଓ ଅନ୍‌ଲାଇନରେ ନର୍ସରି ବିଜ୍‌ନେସ ଚଳାଇଛନ୍ତି। ଏହାକୁ ସେ ୨୦୨୨ ଜାନୁଆରୀରେ ଆରମ୍ଭ କରିଥିଲେ। ସେ ଭାରତର ବିଭିନ୍ନ ସହରରୁ ଅର୍ଡର ପାଉଛନ୍ତି ଓ ସେମାନଙ୍କୁ ସେ ଗଛ ବିକ୍ରି କରୁଛନ୍ତି। କେବଳ ଅଗଣା ନୁହେଁ ଘର ବାଲକୋନି, ଏପରି କି ଘର ଭିତରେ ମଧ୍ୟ ବିଭିନ୍ନ ଗଛ ଲଗାଇଛନ୍ତି। ଦେଖିବାକୁ ଗଲେ ଜ୍ଞାନଙ୍କ ଘରର ପ୍ରତ୍ୟେକଟି ଇଞ୍ଚରେ ଗଛ ରହିଛି। ସେ ଏହି ସବୁ ଗଛ ଶତ ପ୍ରତିଶତ ଜୈବିକ ପଦ୍ଧତିରେ ବଢ଼ାଇଛନ୍ତି। ରୋଷେଇଘରୁ ବାହାରୁ ଥିବା ବର୍ଜ୍ୟରୁ ଖତ ପ୍ରସ୍ତୁତ କରି ଗଛରେ ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୬ ମେ ୧୯୭୬**

- ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ପକ୍ଷରୁ ଶିଶୁ ସାହିତ୍ୟରେ ପୁରସ୍କାର ପ୍ରଦାନ କରିବା ପାଇଁ ୧୧ଟି ପୁସ୍ତକ ମନୋନୀତ।
- ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କର ପୁନଃସଂସ୍ଥାପନ, ଟ୍ରେନ ଓ ବିମାନ ଚଳାଚଳ ପାଇଁ ରାଜିନାମା ସ୍ୱାକ୍ଷରିତ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | 3 | | 1 |
| | | | | | | | | |
| 9 | | 4 | | 3 | | | 2 | |
| | 4 | 6 | | 9 | | | | |
| 1 | | | | 6 | | 2 | | 7 |
| | | | 1 | 7 | | | 3 | |
| | 9 | 7 | | 2 | | | | 5 |
| | | 8 | 5 | | | | | |
| | 5 | | 6 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 6 | 7 | 4 | 2 | 9 | 1 |
| 6 | 2 | 4 | 9 | 8 | 1 | 7 | 3 | 5 |
| 9 | 1 | 7 | 3 | 2 | 5 | 4 | 8 | 6 |
| 1 | 8 | 6 | 2 | 3 | 9 | 5 | 4 | 7 |
| 5 | 7 | 3 | 4 | 1 | 8 | 6 | 2 | 9 |
| 4 | 9 | 2 | 7 | 5 | 6 | 8 | 1 | 3 |
| 8 | 6 | 1 | 5 | 4 | 3 | 9 | 7 | 2 |
| 7 | 3 | 5 | 8 | 9 | 2 | 1 | 6 | 4 |
| 2 | 4 | 9 | 1 | 6 | 7 | 3 | 5 | 8 |

ଗତକାଲିର ଉତ୍ତର

# ଚାକିରି ଚୋରି, ବଣିଜ ମିଛ



ଡ. ମୌସୁମୀ ପରିଡ଼ା

ସମୟାନୁସାରେ ବହୁ ପରିବର୍ତ୍ତନ ହୁଏ। ଚାକିରି ଓ ବଣିଜ ପାଇଁ ଶାମ ଦାମ ଦଣ୍ଡ ଭେଦ ଆପଣା ଯାଏ। ଆବଶ୍ୟକ ସ୍ଥଳେ ରାଜନୈତିକ ବା କୂଟନୈତିକ ସ୍ତରରେ ହେରଫେର କରିବାକୁ ହୁଏ। କାରଣ ଅସ୍ତିତ୍ୱ ଓ ପ୍ରତିଷ୍ଠା ମଣିଷ ପାଇଁ ଯେତିକି ଆବଶ୍ୟକ ଦେଶ, ପ୍ରଦେଶ ବା କୌଣସି ବର୍ଗ ପାଇଁ ମଧ୍ୟ ସେତିକି ଜରୁରୀ। ଯେଭଳି ପାତ୍ର ସେଭଳି ସ୍ଥିତି। ଆକାର, ପ୍ରକାର, ସଂଜ୍ଞା, ସ୍ୱରୂପ ସବୁକିଛି ସ୍ଥିତି ଅନୁଯାୟୀ ବଦଳୁଥିବାରୁ ବଣିଜର ମୂଲ୍ୟବୋଧ ଓ ସ୍ୱଚ୍ଛତା ପ୍ରଭାବିତ ହୁଏ। ଲୋକମାନଙ୍କ ଚାହିଦାନୁସାରେ ଉତ୍ପାଦନ ଓ କିଣାବିକାର ମାନ ବଦଳିଥାଏ। ଅବଶ୍ୟ ଜନସଂଖ୍ୟାନୁଯାୟୀ କଞ୍ଚାମାଲର ଆବଶ୍ୟକତା ଓ କମ୍ପାନୀଗୁଡିକର ପ୍ରତିଦ୍ୱନ୍ଦ୍ୱିତା ମାର୍କେଟିଂକୁ ପ୍ରଭାବିତ କରେ। ସେଥିପାଇଁ ମନଲୋଭା ବିଜ୍ଞାପନ ଦେବାକୁ ହୁଏ। କିଛି କମ୍ପାନୀ ବଲିଉଡ୍ ତାରକା, ଜାତୀୟ–ଅନ୍ତର୍ଜାତୀୟ ଖେଳାଳି, ମଡେଲ୍ ତଥା ଲୋକପ୍ରିୟ ବ୍ୟକ୍ତିବିଶେଷଙ୍କୁ ବହୁମୂଲ୍ୟ ବିନିମୟରେ ବିଜ୍ଞାପନରେ ଅଭିନୟ କରିବାକୁ ପ୍ରସ୍ତାବ ଦିଅନ୍ତି। ଆରମ୍ଭ ହୁଏ ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା। ଶସ୍ତା ସୁନ୍ଦର କରି ଯୋଗାଇଦେବାର ପ୍ରତିଶ୍ରୁତି ଭିତରେ ବ୍ୟବସାୟୀ ମିଥ୍ୟାର ସାହାରା ନିଅନ୍ତି। କଞ୍ଚାମାଲ ଓ ଚାହିଦା ଭିତରେ ସାଲିସ୍ ହୁଏ। ଏପଟେ ବହୁମୂଲ୍ୟ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ଭକୁଆ ବନେଇ ଉତ୍ପାଦନ ଓ ବିକ୍ରି ବୃଦ୍ଧି ହୁଏ ସିନା ଜିନିଷରେ ସ୍ୱଚ୍ଛତା ବଜାୟ ରହେନାହିଁ। ଏକଥାଟି ସତୁରି ଅଶୀ ଦଶକର ଲୋକେ ବୁଝିପାରୁଥିଲେ। ଯେତେ ଉତ୍ପାଦନ ବଢିବ ସେତେ ମାନ ହ୍ରାସ ପାଇବ ବୋଲି ସେମାନଙ୍କ ଧାରଣା ଥିଲା।

ବୈଦ୍ୟୁତିକ ଗଣମାଧ୍ୟମ ଓ ଆଧୁନିକ ଯନ୍ତ୍ରକୌଶଳ ଦ୍ୱାରା ଜୀବନ ଢେର୍ ବଦଳିଛି! ଦୈନିକ ଦିନଚର୍ଯ୍ୟା ଭିତରେ ଯନ୍ତ୍ର ଏପରି ସାମିଲ ହୋଇଯାଇଛି ଯେ ସେ ଏକାକୀ କିଛି ଚିନ୍ତା କରିପାରୁନାହିଁ। ସେହିଅନୁସାରେ ତାର ଚିନ୍ତାଚେତନା, କ୍ରିୟା ପ୍ରତିକ୍ରିୟା ପ୍ରଭାବିତ ହୋଇଛି। ଆଗରୁ ଯେତେବେଳେ ଟେଲିଭିଜନ୍ ପ୍ରଥମ କରି ଘରକୁ ପ୍ରବେଶ କରିଥିଲା, ସେତେବେଳେ ଥଣ୍ଡା ପାନୀୟଠାରୁ ଆରମ୍ଭ କରି ସାବୁନ, ଟୁଥ୍‌ପେଷ୍ଟ, ଡିଟରଜେଣ୍ଟ, ସୌନ୍ଦର୍ଯ୍ୟ ସାମଗ୍ରୀ ପର୍ଯ୍ୟନ୍ତ ବହୁ ଜିନିଷର ବିଜ୍ଞାପନ ପ୍ରଦର୍ଶିତ ହେଉଥିଲା। ଲୋକେ ମନପସନ୍ଦର ସିରିୟଲ୍, ଫିଲ୍ମ, ଚିତ୍ରଗୀତି ଓ ଖବର ପ୍ରସାରଣ ଭଳି ପ୍ରୋଗ୍ରାମ ସହିତ ବିଜ୍ଞାପନଗୁଡିକୁ ମନଭରି ଉପଭୋଗ କରୁଥିଲେ। ଅଧିକାଂଶ ଭାବୁଥିଲେ– ଖରାପ ଜିନିଷକୁ ବିକିବା ପାଇଁ ବିଜ୍ଞାପନର ଆବଶ୍ୟକତା ପଡେ। ତେଣୁ ଲୋକେ ନିଜ ପସନ୍ଦର ବ୍ରାଣ୍ଡକୁ ଗୁରୁତ୍ୱ ଦେଉଥିଲେ। କ୍ରମଶଃ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷଗୁଡିକୁ ଟକ୍କର ଦେବା ପାଇଁ କିଛି କମ୍ପାନୀ ଅପେକ୍ଷାକୃତ କମ୍ ମୂଲ୍ୟ ବିନିମୟରେ, ମିଛ ପ୍ରତିଶ୍ରୁତି କିମ୍ବା ଲୋଭନୀୟ ଅଫର ମାଧ୍ୟମରେ ଲୋକମାନଙ୍କୁ ଆକର୍ଷିତ କରିବାକୁ ଲାଗିଲେ। କିଛି ଲୋକ ପରିବର୍ତ୍ତନ ପାଇଁ ଫ୍ରୀ ଅଫର୍ ଥିବା ଜିନିଷ ଆଣି ଦେଖିଲେ




ବିଶେଷ ଫରକ୍ ନାହିଁ ମୂଳବସ୍ତୁଠାରୁ। ଲୋଭ ଜାଗିବାରୁ ଧୀରେ ଧୀରେ ନିଜ ମତ ଓ ପସନ୍ଦ ବଦଳାଇ ବିଜ୍ଞପିତ ଜିନିଷଗୁଡିକୁ କିଣି ଚାଲିଲେ।

କମ୍ପାନୀ ନିଜ ପ୍ରଚାର ପ୍ରସାର ମାଧ୍ୟମରେ ପ୍ରତିଷ୍ଠିତ ହେଲା ପରେ ତା' ଜିନିଷର ମାନ ନିମ୍ନଗାମୀ ହେବାରେ ଲାଗିଲା। କିନ୍ତୁ ଅଭ୍ୟାସବଶତଃ ଲୋକେ ସେଥିରୁ ମିକୁଳିପାରିଲେ ନାହିଁ। ଏ କମ୍ପାନୀ ସେ କମ୍ପାନୀ ହୋଇ ଶସ୍ତା ସୁନ୍ଦର ଆଳରେ ଠକିହେଲେ। ସେମାନଙ୍କ ନୈତିକତା ଓ ବିଚାରବୋଧ ନିମ୍ନଗାମୀ ହେବାରୁ ନିଜେ ଠିକିଲେ ବା କମ୍ପାନୀଦ୍ୱାରା ଠକାମୀର ଶିକାର ହେଲେ। ଆଗରୁ ଥିବା ମାନସିକତାରେ ପରିବର୍ତ୍ତନ ଆସିଲା। ସବୁ ଚକଚକ କରୁଥିବା ଜିନିଷ ସୁନା ନୁହେଁ କିମ୍ବା ସବୁ ବିଜ୍ଞପିତ ଜିନିଷ ସ୍ୱଚ୍ଛ ନୁହେଁ ବୋଲି ଧାରଣା କିନ୍ତୁ ବଳବତ୍ତର ରହିଲା। ଆଗରୁ ଯେତେବେଳେ ବିଭିନ୍ନ ପ୍ରାନ୍ତରୁ ଜିନିଷ ଆମ ଦେଶକୁ ଆସୁଥିଲା କିମ୍ବା ଯାଉଥିଲା ସବୁର ଗୁଣବତ୍ତା ଯାଞ୍ଚ କରାଯାଉଥିଲା। ବଣିକମାନେ ନିଷ୍ଠା ଓ ବିଶ୍ୱାସର ସହିତ ବଣିଜ କରୁଥିଲେ। ନିଜ ଜିନିଷର ମାନକୁ ଉଚ୍ଚରେ ରଖିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରାଯାଉଥିଲା। କିନ୍ତୁ ସମୟ ବଦଳିଯାଇଛି। ଯୁଦ୍ଧାସ୍ତ୍ର ହେଉ ବା ଯନ୍ତ୍ରାଂଶ ସବୁ ନକଲି ମିଳୁଛି। ଚାହିଦାକୁ ନଜରରେ ରଖି ଶସ୍ତା ଜିନିଷ ଉପଲବ୍ଧ କରିବାକୁ କମ୍ପାନୀମାନେ ଗୁଣବତ୍ତାରେ ସାଲିସ୍ କରୁଛନ୍ତି। ସେଥିପାଇଁ ବଣିଜ ମିଛ ବୋଲି ପ୍ରତିପାଦିତ ହେଉଛି! ଭାରତର ଜନସଂଖ୍ୟାରୁ ବାଣିଜ୍ୟିକ ଲାଭ ଉଠାଉଥିବା ଆମେରିକା, ଚାଇନା ପରି ଦେଶମାନେ ନିଜ ବାଣିଜ୍ୟିକ ଫାଇଦାକୁ ବଳବତ୍ତର ରଖିବାକୁ ଚେଷ୍ଟା କରୁଛନ୍ତି। ଦେଖିବାକୁ ଗଲେ ବଣିଜ ପାଇଁ ଆଜିକାଲି ଆନ୍ତର୍ଜାତିକ ସ୍ତରରେ କୂଟନୀତି ହେଉଛି। ନିଜ ପ୍ରତିଷ୍ଠା ଓ ପ୍ରତିପତ୍ତି ପାଇଁ କେଉଁଠି ଯୁଦ୍ଧ ତ ପୁଣି କେଉଁଠି ଷଡଯନ୍ତ୍ର– ଏସବୁ ବଣିଜର ଅନ୍ୟତମ ରୂପ କହିଲେ ଭୁଲ୍ ହେବନାହିଁ।

ଦ୍ୱିତୀୟ ପ୍ରସଙ୍ଗ ହେଲା ଚାକିରି, ଜୀବନ ଜୀବିକାର ଅନ୍ୟ ସ୍ୱରୂପ, ଯେଉଁଠାରେ ଆର୍ଥିକ ନିଶ୍ଚିତତା ଥାଏ ସତ୍ୟ କିନ୍ତୁ ସାମାଜିକ ସ୍ୱାଧୀନତା ସଙ୍କୁଚିତ ହୋଇଯାଏ। ବେଳେବେଳେ ପାରିବାରିକ କର୍ତ୍ତବ୍ୟରେ ଅବହେଳା କରିବାକୁ ହୁଏ। ସେହି ଚିରାଚରିତ ଜୀବନର ପୌନଃପୁନିକତା ଜୀବନକୁ ଫମ୍ପା କରିଦେଉଥିବାରୁ ବଞ୍ଚିବାର ସ୍ପୃହା ଓ ଖୁସି ମରିମରି ଆସେ। ଚାକିରି ଜୀବନର ବ୍ୟସ୍ତବହୁଳତା ଓ ବିଭିନ୍ନ ପ୍ରକାର ମାନସିକ ଚାପ ମଣିଷକୁ ବିପର୍ଯ୍ୟସ୍ତ ବନାଏ। କେତେବେଳେ ଚାକିରି କ୍ଷେତ୍ର ଘରଭିତରକୁ ପ୍ରବେଶ କରିଯାଏ ଜଣାପଡେନି। ଘର, ପରିବାର, ଆତ୍ମୀୟସ୍ୱଜନ ସମସ୍ତେ ଗୌଣ ପାଲଟିଯାଆନ୍ତି! ସାମାଜିକ ପ୍ରାଣୀ–ମଣିଷ ସମାଜବିଚ୍ୟୁତ ବନିଯାଏ। ଏକା ପ୍ରକାରର ଜୀବନ–ଜୀବିକା ଓ କର୍ମକ୍ଷେତ୍ରର ଚାପ ସେମାନଙ୍କୁ ମାନସିକ ପଙ୍ଗୁ ଓ ଅମାନବୀୟ ବନାଇଦିଏ। ଫଳରେ ସେ ମିଛ କହେ, ଠକେ ଓ ଲାଞ୍ଚଖୋର୍ ପାଲଟିଯାଏ। ଏ ଟେବୁଲ୍‌ରୁ ସେ ଟେବୁଲ୍‌କୁ ଫାଇଲ୍‌ଟିଏ ଯିବା ପାଇଁ ବର୍ଷ ବର୍ଷ ଲାଗିଯାଏ ଅଥବା ଫାଇଲ୍ ହଜିଯିବାର ନାଟକ ରଚାଯାଏ। ପୁଣି ପ୍ରତି ଟେବୁଲ୍‌ରେ ବିଭିନ୍ନ ପରିମାଣର ଲାଞ୍ଚ ଆଦାୟ କରାଯାଏ। ନୀତିନିୟମ ନ ମାନି ଆଖିରେ ଅଙ୍ଗୁଳି ଗେଞ୍ଜି ସମୟ ଓ ଅର୍ଥ ଲୁଟୁଥିବା ଚାକିରିଆମାନେ ଆଜିକାଲି ଲାଞ୍ଚଖୋର୍ ଓ ମିଛୁଆଙ୍କ ନୂତନ ସ୍ୱରୂପ ଯେଉଁମାନେ ଅସରନ୍ତି ନିର୍ମୂଳିଲତା ପରି ସମାଜକୁ ଶୋଷିଚାଲିଛନ୍ତି। ତେଣୁ ବୁଦ୍ଧିଜୀବୀମାନଙ୍କ ଚାକିରି ଚୋରି, ବଣିଜ ମିଛ ବକ୍ତବ୍ୟଟି କାଳେକାଳେ ସତ୍ୟ ପ୍ରମାଣିତ।

**ମୋ: ୯୪୩୭୩୧୭୦୨୬**

## ପାଠକ ଶ୍ରେଷ୍ଠ ବିଚାରକ

### ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ

ମହାଶୟ,

ଧର୍ମଶାଳାର ରାହାଡ଼ପୁରରେ ଗୋଟିଏ କ୍ରଶରରେ ଜଣେ ଯୁବ କର୍ମଚାରୀଙ୍କୁ ଗତ ମେ ୧ ତାରିଖ ଦିନ ଶ୍ରମିକ ଦିବସରେ ନିର୍ମମ ଭାବେ ହତ୍ୟା କରାଗଲା। ଏହି ଯୁବ କର୍ମଚାରୀ ଜଣକ ଗରିବ ମା'ବାପାଙ୍କ ଏକମାତ୍ର ଭରସା ଥିଲେ। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଅନ୍ତରାଳରେ କାହାର ହାତ ରହିଛି ଏହା କାହାକୁ ଅଛପା ନାହିଁ। ଧର୍ମଶାଳା ଗତ ୨୪ ବର୍ଷରେ ପାହାଡ଼ଖିଆ ଅମଣିଷଙ୍କ ଉତ୍ପାତ ଦେଖିଛି। ହେଲେ କଳାପଥର ପାହାଡ଼ ଖାଉଥିବା ରାକ୍ଷସମାନେ ମଣିଷଙ୍କୁ ପିଟି ପିଟି ମାରିଦେବା ପରେ ମୁଖ୍ୟ ଅଭିଯୁକ୍ତ ଗିରଫ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜନୈତିକ ଚାପର ବାଧ୍ୟବାଧକତାରେ ପୋଲିସ ନୀରବଦ୍ରଷ୍ଟା ସାଜିଛି ବୋଲି କୁହାଯାଉଛି। ଏହାସହ ସାହାଣିଡିହ ପଞ୍ଚାୟତର ଚାରଗୋଠରେ ଶିଶୁ ହତ୍ୟା ପ୍ରସଙ୍ଗରେ ପ୍ରକୃତ ହତ୍ୟାକାରୀ ସୁରକ୍ଷା ପାଉଛି। ଏଥିରେ ପୋଲିସ ଓ ପ୍ରଶାସନର ନୀତି ଓ ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

**–ସତୀଶ ବିଶ୍ୱାଳ, ଯାଜପୁର**

## ଚିରନ୍ତନୀ

ଅଧରେ ଫୁଟେ ଯେତେ ବଧୂଳି
ଗଗନେ ଚମକାଇ ବିଜୁଳି
ଧରଇ ନୂଆରୂପ ସକଳ ସରଜନା
ସକଳ ଗଇରିକ ଗୋଧୂଳି।
–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାକୁ ଆସୁଛି ଛତିଶଗଡ଼ ଧାନ

## ଜବତ ପରେ ତଦନ୍ତ ଆରମ୍ଭ କଲା ବରଗଡ଼ ଜିଲା ପ୍ରଶାସନ

ବରଗଡ଼,୧୫।୫ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ବୁଧବାରଠାରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟରେ ଗୁରୁବାର ଛତିଶଗଡ଼ରୁ ଏକ ଧାନ ବୋଝେଇ ଟ୍ରକ୍ (ନଂ.ସିଜି୧୨ସି/୪୦୧୮) ବରଗଡ଼ରେ ପହଞ୍ଚିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରଶାସନ ଉକ୍ତ ଟ୍ରକ୍‌କୁ ଜବତ କରି ସ୍ଥାନୀୟ ଏକ ରାଇସ୍ ମିଲର୍ସଙ୍କ ଜିମା ଦେଇଛି। ଏହାର ତଦନ୍ତ ଚାଲିଛି ଏବଂ ଆବଶ୍ୟକ ହେଲେ ପୋଲିସରେ ଏତଲା ଦିଆଯିବ ବୋଲି ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ କହିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ଅଞ୍ଚଳରୁ ବରଗଡ଼କୁ ଉକ୍ତ ଧାନ ବୋଝେଇ ଟ୍ରକ ଆସୁଥିବା ନେଇ ସ୍ଥାନୀୟ ପ୍ରଶାସନକୁ ସୂଚନା ମିଳିଥିଲା। ଏହାପରେ ଉପଜିଲାପାଳ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଟ୍ରକ୍ ଉପରେ ନଜର ରଖିଥିଲା। ଟ୍ରକ୍‌ଟି ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀମାନେ ତାକୁ ଅଟକ ରଖି ଯାଞ୍ଚ କରିଥିଲେ। ଉକ୍ତ ଟ୍ରକ୍‌ରେ ୫୦୦ ବସ୍ତା ଧାନ ରହିଥିବା ଏବଂ ଏହା ଛତିଶଗଡ଼ରୁ ଆସିଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ପଚରାଉଚରା କରିବାରୁ ଟ୍ରକ୍ ଡ୍ରାଇଭର କୌଣସି ସୂଚନା ଦେଇ ପାରି ନ ଥିଲେ। ଫଳରେ ଟ୍ରକ୍‌କୁ ଜବତ କରାଯିବା ସହ ସ୍ଥାନୀୟ ଏକ ରାଇସ୍ ମିଲର୍ସଙ୍କ ଜିମାରେ ଦିଆଯାଇଥିଲା। ରବିଋତୁରେ ପଡ଼ୋଶୀ ଛତିଶଗଡ଼ରେ ରବିଧାନ ସଂଗ୍ରହ କରାଯାଏନାହିଁ। ଫଳରେ ଚଳିତ ଧାନ ସଂଗ୍ରହ ପ୍ରକ୍ରିୟାରେ ଛତିଶଗଡ଼ରୁ ବରଗଡ଼କୁ ଧାନ ଆସିବା ଯଥେଷ୍ଟ ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଗତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଆଦିତ୍ୟ ଗୋୟଲ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଧାନ ସଂଗ୍ରହ ଆରମ୍ଭରୁ ବରଗଡ଼କୁ ଛତିଶଗଡ଼ ଧାନ ଆସୁଥିବା ଯୋଗୁ ଏଥିପ୍ରତି କଡ଼ା ନଜର ନ ରଖିଲେ ଆଗକୁ ଏଠାରେ ଧାନ ବିକ୍ରି ଜଟିଳ ହୋଇପଡ଼ିବ ବୋଲି ଏବେଠାରୁ ଆଶଙ୍କା ପ୍ରକାଶ ପାଇଲାଣି।


ଘଟଣାସ୍ଥଳରେ ଉପଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ଛାନ୍‌ଭିନ୍।

# ଏସ୍‌ଇବିସି ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ଐତିହାସିକ ନିଷ୍ପତ୍ତି: ଭାଜପା

## ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ଦେବାରେ ବିଜେଡି, କଂଗ୍ରେସ ସରକାର ଉପେକ୍ଷା କରିଛନ୍ତି

ଭୁବନେଶ୍ୱର, ୧୫।୫ (ସୁନିତ୍ ମିଶ୍ର)

ପଛୁଆ ବର୍ଗର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ (ଏସ୍‌ଇବିସି)ର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଧନ୍ୟବାଦ ଜଣାଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ଏହି ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ପଛୁଆବର୍ଗରେ ଥିବା ୫୪ ପ୍ରତିଶତ ଲୋକ ଉପକୃତ ହେବେ। ସେମାନଙ୍କ ପାଇଁ ଏହି ଦିନଟି ସ୍ମରଣୀୟ ହୋଇରହିବ। ୯୦ ଦଶକରେ ପଛୁଆବର୍ଗଙ୍କ ପାଇଁ ଯେତେବେଳେ ସଂରକ୍ଷଣ ଲାଗୁ ହେଲା, ସେବେଠାରୁ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ନାମଲେଖା ହେବା ପାଇଁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ନ ଥିଲା। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବା ପରେ ପ୍ରଥମ ଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ମେଡିକାଲ, ଇଞ୍ଜିନିୟରିଂ ଆଦି କ୍ଷେତ୍ରରେ କେନ୍ଦ୍ର ସରକାର ପଛୁଆବର୍ଗଙ୍କୁ ସଂରକ୍ଷଣ ଦେଇସାରିଛନ୍ତି। ୨୪ ବର୍ଷ ଧରି ଶାସନରେ ରହିବା ସତ୍ତ୍ୱେ ପଛୁଆବର୍ଗଙ୍କ ମୌଳିକ ଅଧିକାର ପାଇଁ ବିଜେଡି କର୍ଣ୍ଣପାତ କରି ନ ଥିଲା। ଓଡ଼ିଶାରେ ଏହି ବର୍ଗକୁ ସଂରକ୍ଷଣ ଦେବା ପାଇଁ ସେତେବେଳେ ଭାଜପା ବାରମ୍ବାର ଦାବି କରିଥିଲା। ବିଭିନ୍ନ ଫୋରମ୍‌ରେ ଆନ୍ଦୋଳନ କରିଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସଂରକ୍ଷଣ ବ୍ୟବସ୍ଥା ପାଇଁ ତତ୍କାଳୀନ ବିଜେଡି ସରକାରଙ୍କୁ ବାରମ୍ବାର ଚିଠି କରିଥିଲେ। ଏହାସତ୍ତ୍ୱେ ବି ତତ୍କାଳୀନ ସରକାର ଏଥିପ୍ରତି ଅଣଦେଖା କରିଥିଲେ ବୋଲି ସୁରଥ କହିଛନ୍ତି। ଏହି ଅବସରରେ ବିଧାୟକ ଦୁର୍ଗାପ୍ରସନ୍ନ ନାୟକ କହିଛନ୍ତି, ତତ୍କାଳୀନ ବିଜେଡି ଓ କଂଗ୍ରେସ ସରକାର ପଛୁଆବର୍ଗଙ୍କୁ ସାମାଜିକ ନ୍ୟାୟ ଦେବାରେ ଉପେକ୍ଷା କରିଛନ୍ତି ବୋଲି ସେ କହିଛନ୍ତି।

# ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ


ଜାଗେଶ୍ୱର ଜେନା

ଭୁବନେଶ୍ୱର,୧୫।୫(ସୁଚିସ୍ମିତା ସାହୁ)

ଧରିତ୍ରୀର ଖବରଦାତା ରବିନାରାୟଣ ଜେନାଙ୍କ ପିତା ଜାଗେଶ୍ୱର ଜେନା ଭୁବନେଶ୍ୱରସ୍ଥିତ ରଙ୍ଗମହଲନଗର ବାସଭବନରେ ଗୁରୁବାର ରାତି ୯ଟା ୫ ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ଜାଗେଶ୍ୱର ୧୯୪୩ରେ ଖୋର୍ଦ୍ଧା ଜିଲା ମନ୍ଦାରବସ୍ତ ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ରାଜ୍ୟ ସମବାୟ ସୂତାକଳ ସଂଘର ପୂର୍ବତନ କର୍ମଚାରୀ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ବିଭୂତି ଭୂଷଣ, ରତିକାନ୍ତ, ରବି ନାରାୟଣ, ବୋହୂ ମହାଶ୍ୱେତା ମଙ୍ଗରାଜ, ଝିଅ କଲ୍ୟାଣୀ, ରତ୍ନମଣି, ଝାନ୍ସି, ନାତିନାତୁଣୀଙ୍କ ସମେତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଜାଗେଶ୍ୱରଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସେଠାରେ ଯଥାବିଧି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ମାଷ୍ଟରକ୍ୟାଣ୍ଟିନଠାରୁ ସତ୍ୟନଗର ଯାଏ ଗଲା ପରାକ୍ରମ ଶୋଭାଯାତ୍ରା

ଭୁବନେଶ୍ୱର, ୧୫।୫ (ସୁନିତ୍ ମିଶ୍ର)




ଅପରେଶନ ସିନ୍ଦୂର ଜରିଆରେ ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଅମାନୁଷିକ ଓ ବର୍ବରୋଚିତ ନରସଂହାରର ଦୃଢ଼ ଜବାବ ଭାରତୀୟ ସେନା ପକ୍ଷରୁ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଆତଙ୍କବାଦ ବିରୋଧରେ ଗତ ୭ ତାରିଖରେ ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିଲା। ଭାରତୀୟ ସେନାର ଅଭୂତପୂର୍ବ ସାହସ ଓ ପରାକାଷ୍ଠା ଯୋଗୁ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡା ଧ୍ୱଂସ ପାଇବା ସହ ବହୁ ଆତଙ୍କବାଦୀ ମୃତାହତ ହୋଇଛନ୍ତି। ଦେଶର ସୁରକ୍ଷା, ସାର୍ବଭୌମତ୍ୱ ରକ୍ଷା ପାଇଁ ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତୀୟ ଯବାନମାନଙ୍କ ଶୌର୍ଯ୍ୟ, ପରାକ୍ରମ ଓ ବୀରତ୍ୱ ପାଇଁ ସାରା ଦେଶ ଆଜି ଗର୍ବିତ। ନିଜ ସର୍ବୋଚ୍ଚ ବଳିଦାନର ବାଜି ଲଗାଇ ଦେଶର ସମ୍ମାନ ଓ ସ୍ୱାଭିମାନ ପାଇଁ ଲଢୁଥିବା ଭାରତୀୟ ସେନା ଉଦ୍ଦେଶ୍ୟରେ ଗୁରୁବାର ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ଆରମ୍ଭ ହୋଇ ସତ୍ୟନଗର କାଳିମନ୍ଦିର ଛକ ପର୍ଯ୍ୟନ୍ତ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତୀୟ ଯବାନଙ୍କ ମନୋବଳକୁ ଆହୁରି ସୁଦୃଢ଼ କରିବା ଏବଂ ରାଷ୍ଟ୍ର ହିତ ପାଇଁ ଏକାଠି ହୋଇ ଜାତୀୟତାର ପ୍ରମାଣ ସ୍ୱରୂପ ପରାକ୍ରମ ଶୋଭାଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ, ବରିଷ୍ଠ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିନିଧିମାନେ ଜାତୀୟ ପତାକା ଧରି ସାମିଲ ହୋଇଥିଲେ। ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ଆୟୋଜିତ ପରାକ୍ରମ ଶୋଭାଯାତ୍ରାରେ ବାଚସ୍ପତି ସୁରମା ପାଢ଼ୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ, ଯତୀନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହାସଂଘ ପୁନର୍ଗଠନ ନିର୍ଦ୍ଦେଶ ଉପରେ ରହିତାଦେଶ ବଳବତ୍ତର

କଟକ,୧୫।୫(କାର୍ତ୍ତିକ ସାହୁ)

ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହାସଂଘ ପୁନର୍ଗଠନ ନିମନ୍ତେ ଗତ ଜାନୁଆରୀରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଉପରେ ହାଇକୋର୍ଟ ଜାରି କରିଥିବା ରହିତାଦେଶ ବଳବତ୍ତର ରହିଛି। ଗୁରୁବାର ଶୁଣାଣି ବେଳେ ପ୍ରତିପକ୍ଷ ଓଡ଼ିଶା ସରକାର ଜବାବ ଦାଖଲ କରିପାରିଲେ ନାହିଁ। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କ ପୁନର୍ଗଠନ ନିର୍ଦ୍ଦେଶ ଉପରେ ରହିତାଦେଶକୁ ଆଗାମୀ ଜୁଲାଇ ୪ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିସହ ପ୍ରତିପକ୍ଷ ଅବିଳମ୍ବେ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୪ ତାରିଖକୁ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ, ୨୦୦୧ରୁ ଓଡ଼ିଶାରେ ମିଶନ ଶକ୍ତି ବିଭାଗ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ରାଜ୍ୟରେ ମହିଳାଙ୍କ ଦାରିଦ୍ର୍ୟ ଦୂରୀକରଣ ପାଇଁ, ଗୃହ କାର୍ଯ୍ୟ ସହ ଜୀବିକା ଅର୍ଜନ ଲାଗି ବ୍ୟବସ୍ଥା ହୋଇଥିଲା। ୫ରୁ ୧୫ ସଂଖ୍ୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ଗଠିତ ସିଏଲ୍‌ଏଫ୍ ମଧ୍ୟରୁ ୨ ଜଣ ଲେଖାଏଁ କାର୍ଯ୍ୟନିର୍ବାହୀ (ଇସି) ସଦସ୍ୟ ମନୋନୟନ କରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତସ୍ତରରେ ଜିପିଏଲ୍‌ଏଫ୍, ବ୍ଲକସ୍ତରରେ ବିଏଲ୍‌ଏଫ୍ ଓ ଜିଲାସ୍ତରରେ ଡିଏଲ୍‌ଏଫ୍ ଗଠନ କରିଥିଲେ। ସେତେବେଳେ ଗାଇଡ଼ ଲାଇନ ଅନୁସାରେ ପୁନର୍ଗଠନ ଅଥବା ୨୦୧୩ର ଗାଇଡ ଲାଇନ ଭିତ୍ତିରେ ପୁନର୍ଗଠନ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ କରି ନ ଥିଲେ। ୨୦୨୪ ମାର୍ଚ୍ଚ, ଅଗଷ୍ଟ, ସେପ୍ଟେମ୍ବର ଓ ୨୦୨୫ ଫେବୃଆରୀ ଏବଂ ମାର୍ଚ୍ଚରେ ଜିଲା ଓ ରାଜ୍ୟସ୍ତରରେ ଆଇଜେଟିୟୁସି ନେତୃତ୍ୱରେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ବ୍ୟାପକ ପ୍ରତିବାଦ ଆନ୍ଦୋଳନ କରାଯାଇଥିଲା। ବହୁ ଆନ୍ଦୋଳନ ସତ୍ତ୍ୱେ ବି ମାର୍ଚ୍ଚ ୨୭ରେ ପୁଣି ମିଶନ ଶକ୍ତି ବିଭାଗ ପୁନର୍ଗଠନ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ରଦ୍ଦ କରିବା ଦାବିରେ ବିଭିନ୍ନ ଜିଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜିପିଏଲ୍‌ଏଫ୍, ବିଏଲ୍‌ଏଫ୍ ଓ ଡିଏଲ୍‌ଏଫ୍ ଇସି ସଦସ୍ୟମାନେ ହାଇକୋର୍ଟରେ ଏକାଧିକ ରିଟ ପିଟିସନ ଦାଏର କରିଥିଲେ। ଗତ ଏପ୍ରିଲରେ ହାଇକୋର୍ଟ ମାମଲାର ପ୍ରାଥମିକ ଶୁଣାଣି କରି ମାମଲାଗୁଡ଼ିକୁ ବିଚାର ପାଇଁ ଗ୍ରହଣ କରିବା ସହ ପୁନର୍ଗଠନ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଆବେଦନକାରୀମାନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁବୀର ପାଲିତ ମାମଲା ପରିଚାଳନା କରୁଛନ୍ତି।

# ଆଦିବାସୀଙ୍କ ସମସ୍ୟା ବୁଝିବାକୁ କଂଗ୍ରେସର କମିଟି ଗଠନ

ଭୁବନେଶ୍ୱର,୧୫।୫ (ସୁନିତ ମିଶ୍ର)

ରାଜ୍ୟରେ ଥିବା ଆଦିବାସୀଙ୍କ ବିଭିନ୍ନ ପ୍ରସଙ୍ଗରେ ଲଢ଼ିବା ପାଇଁ ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ପିସିସି ସଭାପତି ଭକ୍ତଚରଣ ଦାସ ଗଢ଼ିଥିବା ଏହି କମିଟିରେ ୧୨ଜଣ ଆଦିବାସୀ ନେତା ସ୍ଥାନ ପାଇଛନ୍ତି। ପୂର୍ବତନ ଏମ୍‌ପି ତଥା ପୂର୍ବତନ ସିଡବ୍ଲୁସି ସଦସ୍ୟା ସୁଶୀଳା ତିରିଆ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ଯଶୋବନ୍ତ ସିଂ ଲାଗୁରି, ବିଧାୟକ ସି ଏସ୍ ରାଜନ ଏକ୍କା, ପୂର୍ବତନ ବିଧାୟକ ସୁରେଶ୍ୱ ନାଏକ, ଶ୍ୟାମସୁନ୍ଦର ହାଁସଦା, ବଳଭଦ୍ର ମାଝୀ, ସନରାଜ ଗଣ୍ଡ, ହେମାନନ୍ଦଙ୍କ ଝିଅ ମମିତା ବିଶ୍ୱାଳ, ଡ. ଲିପିକା ମାଝି ଓ ଲକ୍ଷ୍ମୀଧର ସିଂ ସ୍ଥାନ ପାଇଛନ୍ତି। ରାଜ୍ୟ କଂଗ୍ରେସ କମିଟି ପ୍ରଶାସକ ସମୀର କୁମାର ରାଉତରାୟ ଏହି ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ହତୋତ୍ସାହିତ କରିଛି: ବିଜେଡି

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)

ଲୋକସେବା ଭବନରେ ଆୟୋଜିତ ବିଡିଓ ଓ ସିଡିଓଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ମନ୍ତବ୍ୟ ରାଜ୍ୟବାସୀଙ୍କୁ ହତୋତ୍ସାହିତ କରିଛି ବୋଲି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି। ଶଙ୍ଖ ଭବନରେ ଗୁରୁବାର ଲେନିନ୍ କହିଛନ୍ତି, ଉକ୍ତ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟରେ ବିକାଶ କାମ ତ୍ୱରାନ୍ୱିତ ହୋଇପାରୁ ନ ଥିବା ସ୍ୱୀକାର କରିଥିବା ବେଳେ ଅଧିକାରୀମାନେ ତାଙ୍କୁ ଅବମାନନା କରୁଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଯଦି ସତ ତେବେ ଏହା ଅତ୍ୟନ୍ତ ସାଂଘାତିକ। ପ୍ରୋଟୋକଲ ଅନୁଯାୟୀ ରାଜ୍ୟର ମୁଖ୍ୟମନ୍ତ୍ରୀ ପ୍ରଶାସନର ସର୍ବୋଚ୍ଚ କର୍ତ୍ତା। ତେଣୁ ମୁଖ୍ୟମନ୍ତ୍ରୀ ସଭାସମିତିରେ ଅସହାୟତା ପ୍ରକାଶ କରିବା ପରିବର୍ତ୍ତେ ଅବମାନନା କରୁଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ନିଜ ନେତୃତ୍ୱର ପରିଚୟ ଦିଅନ୍ତୁ ବୋଲି ଲେନିନ୍ କହିଛନ୍ତି।

# ଫସଲହାନି ଯୋଗୁ ଚାଷୀଙ୍କ ଆତ୍ମହତ୍ୟା

ଦଶରଥପୁର/ ଝୁଙ୍ଗୁରୀ,୧୫।୫ (ସୁଶାନ୍ତ କୁମାର ବେହୁରିଆ /ସରୋଜ ନାୟକ)

ଫସଲ ହାନି ଯୋଗୁ ଯାଜପୁର ଜିଲା ମଙ୍ଗଳପୁର ଥାନା କର୍ଣ୍ଣ ପଞ୍ଚାୟତ ଅନ୍ତର୍ଗତ ମାଧପୁର ଗ୍ରାମରେ ଗୁରୁବାର ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ମହେଶ୍ୱର ଜେନା(୫୩)। ନିଜ ଘରଠାରୁ କିଛି ଦୂରରେ ଥିବା ଚାଷ ଜମି ନିକଟ ଏକ ଗଛରେ ସେ ରଶି ଲଗାଇ ଝୁଲି ପଡ଼ିଥିଲେ। ବିଲକୁ ଧାନ ଆଣିବାକୁ ଯାଇଥିବା ଅନ୍ୟ ଚାଷୀମାନେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହାପରେ ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ମହେଶ୍ୱରଙ୍କ ଚାଷ ବ୍ୟତୀତ ଅନ୍ୟ କୌଣସି ରୋଜଗାର ନାହିଁ। କେତେଜଣ ମହାଜନଙ୍କ ନିକଟରୁ ହାତ ଉଧାରି ଟଙ୍କା ଆଣି ସେ ୩ ଏକର ଜମିରେ ଭାଗରେ ଧାନ ଚାଷ କରିଥିଲେ। ମାତ୍ର ଲୁଣି ପାଣି ଓ ଅଦିନିଆ ବର୍ଷା ଫଳରେ ତାଙ୍କର ବ୍ୟାପକ ଧାନ ଫସଲ ବିଲରେ ଗଜା ହୋଇଯାଇଥିଲା। ଯାହା କିଛି ସେ ଅମଳ କରିଥିଲେ ତାହାକୁ ଉଧାର ଦେଇଥିବା ମହାଜନ ନେଇଯାଇଥିଲେ। ଫଳରେ ୬ ପ୍ରାଣୀ କୁଟୁମ୍ବ କିପରି ଚଳିବେ ତାହାକୁ ନେଇ ତାଙ୍କର ଚିନ୍ତା ବଢ଼ିଥିଲା। ଶେଷରେ ସେ ବାଧ୍ୟ ହୋଇ ଆତ୍ମହତ୍ୟା କରିଛନ୍ତି ବୋଲି ମାଧପୁର ଗ୍ରାମବାସୀ କହିଛନ୍ତି। ମହେଶ୍ୱରଙ୍କ ସ୍ତ୍ରୀ, ୨ ପୁଅ ଓ ୨ ଝିଅ ଅଛନ୍ତି। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବିଜେଡିର ସଂଖ୍ୟାଲଘୁ ସେଲ୍ ପଦକୁ ଅଗ୍ରାହ୍ୟ କଲେ ମୁନା

ଭୁବନେଶ୍ୱର, ୧୫।୫(ସୁନିତ୍ ମିଶ୍ର)


ମୁନା ଖାଁ

ବିଜେଡି କିଛିଦିନ ତଳେ ଗଠନ କରିଥିବା କମିଟିକୁ ନେଇ ବହୁ ନେତା ଅସନ୍ତୋଷ ଥିଲେ। ହେଲେ କମିଟି ଗଠନ ପରଠାରୁ ଖୋଲାଖୋଲି କେହି ମୁହଁ ଖୋଲୁ ନ ଥିଲେ। କମିଟି ଜରିଆରେ ଦାୟିତ୍ୱ ବଣ୍ଟନ ଆଳରେ ଭି.କେ. ପାଣ୍ଡିଆନଙ୍କ ବିରୋଧ କରୁଥିବା ନେତାମାନଙ୍କ ପକ୍ଷଚ୍ଛେଦନ କରାଯାଉଥିଲା। ହେଲେ କିଛିଦିନ ପର୍ଯ୍ୟନ୍ତ କେହି କମିଟି ଗଠନ ନେଇ ମୁହଁ ନ ଖୋଲିବା ଦ୍ୱାରା ସବୁକିଛି ବିଜେଡିରେ ଠିକ୍ ଅଛି ବୋଲି ଚର୍ଚ୍ଚା ହେଉଥିଲା। ହେଲେ ସେହି ଧାରାରେ ବ୍ରେକ୍ ଲାଗିଛି। ଆଗରୁ ବିଜେଡିରେ ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେଉଥିଲେ, ତାହାକୁ ଦଳୀୟ ନେତାମାନେ ଗ୍ରହଣ କରିନେଉଥିଲେ। କେହି ପ୍ରତିପକ୍ଷ ହେଉ ନ ଥିଲେ। ହେଲେ ବିଜେଡିରେ ସେ ବେଳ ଆଉ ନାହିଁ। ନବୀନଙ୍କ ନିଷ୍ପତ୍ତିକୁ ନେତା ପ୍ରତ୍ୟାଖ୍ୟାନ କରିବା ଆରମ୍ଭ କରିଦେଇଛନ୍ତି। ବିଜେଡି ସଂଖ୍ୟାଲଘୁ ସେଲ୍‌ର ଦକ୍ଷିଣ ଜୋନ୍ ସଂଯୋଜକ ପଦକୁ ମୁନା ଖାଁ ଅଗ୍ରାହ୍ୟ କରିଛନ୍ତି। ଆଗକୁ ଦଳର ଆହୁରି ବହୁ ନେତା ପାଇଥିବା ପଦରୁ ନିଜକୁ ଦୂରେଇଦେବେ ବୋଲି ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ୱକଫ୍ ସଂଶୋଧନ ବିଧେୟକ ନେଇ ପାର୍ଲାମେଣ୍ଟରେ ଭୋଟିଂ ହେବା ସମୟରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ବିବେକାନୁମୋଦିତ ଭୋଟ ସମର୍ଥକ ଭିଡିଓକୁ ନେଇ ବିଜେଡିରେ ଅସନ୍ତୋଷର ନିଆଁ ବ୍ୟାପିଥିଲା। ସସ୍ମିତଙ୍କ ଏଭଳି ଭିଡିଓକୁ ବିରୋଧକରି ଭୁବନେଶ୍ୱର ବିମାନବନ୍ଦରଠାରୁ ନିଜ ସମର୍ଥକଙ୍କ ସହ ମୁନା ଖାଁ ନବୀନ ନିବାସ ଯାଇଥିଲେ। ସେଠାରେ ସେ ନବୀନଙ୍କୁ ଭେଟି ସସ୍ମିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରିଥିଲେ। ଏହି ସମୟରେ ମୁନାଙ୍କ ସମର୍ଥକମାନେ ପାଣ୍ଡିଆନ ହଟାଓ ସ୍ଲୋଗାନରେ ନବୀନ ନିବାସ କମ୍ପାଇଥିଲେ। ହେଲେ କିଛିଦିନ ତଳେ ବିଜେଡି ନିଜର ସଂଖ୍ୟାଲଘୁ ସେଲ୍ ଗଠନ କରିଥିଲା। ଦଳରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ବିଜେଡିରେ ଗଠନ ହୋଇଥିବା କମିଟି ସମ୍ପୂର୍ଣ୍ଣ ପାଣ୍ଡିଆନଙ୍କ ଦ୍ୱାରା ପ୍ରସ୍ତୁତ। ଏହାସହ ବହୁ ଅଭିଯୋଗ ସତ୍ତ୍ୱେ ସସ୍ମିତ ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ରହିଲେ। ହେଲେ ମୁନା ଖାଁଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟ ସେଲ୍ ଦକ୍ଷିଣ ଜୋନ୍‌ର ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଥିଲା। ସେ ଏହି ପଦ ଗ୍ରହଣ କରିବାକୁ ସଫାସଫା ମନା କରିଦେଇଛନ୍ତି। ମୁନା ଗୁରୁବାର ନବୀନ ନିବାସ ଆସିଥିଲେ। ସେ ନିଜର ଅସନ୍ତୋଷ ଜାହିର କରିବା ସହ ଏହି ପଦ ଗ୍ରହଣ କରିବେନାହିଁ ବୋଲି ଜଣାଇଛନ୍ତି। ଏନେଇ ସେ ଦଳର ସଭାପତିଙ୍କୁ ଚିଠି ଲେଖିଛନ୍ତି। ନବୀନଙ୍କୁ ଲେଖିଥିବା ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସେ ୨୫ ବର୍ଷ ଧରି ବିଶ୍ୱସ୍ତ କର୍ମୀ ଭାବେ ଦଳରେ କାମ କରୁଛନ୍ତି। କିନ୍ତୁ ତାଙ୍କୁ ଦଳରେ ଉପେକ୍ଷା କରାଯାଉଛି। ଦଳ ତରଫରୁ ଦିଆଯାଇଥିବା ପଦକୁ ଅଗ୍ରାହ୍ୟ କରୁଛନ୍ତି। ଏହି ପଦ ଦଳ ଭିତରେ ଥିବା ସଦସ୍ୟମାନଙ୍କ ଭିତରେ ତାଙ୍କ ପ୍ରତିଷ୍ଠାକୁ ହ୍ରାସ କରୁଛି। ପୋର୍ଟଫୋଲିଓ ନ ଥିବା ସତ୍ତ୍ୱେ ଦଳ ପାଇଁ ତାଙ୍କର ପ୍ରୟାସ ଜାରି ରହିବ। ଦଳର ଜଣେ ସଦସ୍ୟ ଏକ ଇଂଲିଶ ଖବରକାଗଜରେ ବିଜେଡିକୁ କଟାକ୍ଷକରି ପ୍ରବନ୍ଧ ଲେଖିଥିଲେ। ସେଥିପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ବରଂ ତାଙ୍କୁ ଦଳରେ ପଦୋନ୍ନତି ଦେଇ ପରିଚାଳନା କମିଟିରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଗଲା। ଏ ସଂକ୍ରାନ୍ତରେ ପଚାରିବାରୁ ଗଣମାଧ୍ୟମକୁ ମୁନା କହିଛନ୍ତି, ସେ ତାଙ୍କ ନେତା ନବୀନ ପଟ୍ଟନାୟକଙ୍କୁ ଦେଖାକରିବାକୁ ଆସିଥିଲେ। ସମ୍ପୃକ୍ତ ସେଲ୍ ପଦ ଛାଡ଼ିବା ପ୍ରସଙ୍ଗରେ ସେ କିଛି କହିନାହାନ୍ତି। ଅନ୍ୟପକ୍ଷରେ ବିଜେଡି ନେତା ମହେଶ ସାହୁ କହିଛନ୍ତି, ସମସ୍ତେ କ'ଣ ପଦବୀ ପାଇବେ। ଯେଉଁମାନେ ଦ୍ୱନ୍ଦ୍ୱ ଯାଇପାରୁନାହାନ୍ତି, ସେମାନେ ନିଜକୁ କେମିତି ବରିଷ୍ଠ କହୁଛନ୍ତି।

DSPL-65
ଓଡ଼ିଶା ସରକାର

## ଜାତୀୟ ଡେଙ୍ଗୁ ଦିବସ

୧୬ ମଇ,୨୦୨୫

"ଡେଙ୍ଗୁ ଏକ ମଶାବାହିତ ଭୂତାଣୁ ଜନିତ ଘାତକ ରୋଗ, କିନ୍ତୁ ଏହାର ସଫଳ ପ୍ରତିରୋଧ ସମ୍ଭବ। ପରିବେଶ ପରିଷ୍କାର ରଖିବା, ନିୟମିତ ମଶାରି ବ୍ୟବହାର କରିବା ଓ ଡେଙ୍ଗୁର ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା କରାଇ ଚିକିତ୍ସା କରିବା ଦ୍ୱାରା ଆମେ ଡେଙ୍ଗୁ କବଳରୁ ରକ୍ଷା ପାଇପାରିବା।"

**କ'ଣ କରିବା**

- ପାଣି ଜମୁଥିବା ସ୍ଥାନ ଯଥା ଟିଣ, ଷଡେଇ, ଡବା, ଟାୟାର, ଫୁଲଦାନୀ, ଏୟାର କୁଲର୍ ଆଦି ଅନ୍ତତଃ ସପ୍ତାହରେ ଥରେ ସଫା କରନ୍ତୁ।
- ଦିନ ହେଉ ବା ରାତି ଶୋଇଲାବେଳେ ମଶାରି ଟାଙ୍ଗନ୍ତୁ।
- ପୁରା ହାତ ପୋଷାକ ପିନ୍ଧନ୍ତୁ।
- ଜ୍ୱର ସହ ଦେହ ହାତ ଓ ଆଖି ବିନ୍ଧିବା ଓ ଦେହରେ ଲାଲ୍ ଲାଲ୍ ହୋଇ ଫଳିଯିବା ଆଦି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଖାନାକୁ ଯାଆନ୍ତୁ।

**କ'ଣ କରିବା ନାହିଁ**

- କୌଣସି ସ୍ଥାନରେ ୭ ଦିନରୁ ଅଧିକ ସମୟ ପାଣି ଜମିବାକୁ ଦିଅନ୍ତୁ ନାହିଁ।
- ଘର ପାଖରେ ଲଟା ବୁଦା ବଢ଼ିବାକୁ ଦିଅନ୍ତୁ ନାହିଁ।
- ଖୋଲା ଦେହରେ ବାହାରେ ବୁଲାବୁଲି କରନ୍ତୁ ନାହିଁ। (ବିଶେଷତଃ ସକାଳ ଓ ସନ୍ଧ୍ୟା ସମୟରେ)
- ଡାକ୍ତରଙ୍କ ବିନା ପରାମର୍ଶରେ ପୀଡା ନିବାରକ ଔଷଧ ଖାଆନ୍ତୁ ନାହିଁ।

ଡେଙ୍ଗୁର ପରୀକ୍ଷା ଓ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନା ମୂଲ୍ୟରେ ଉପଲବ୍ଧ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0179/2526

**ପୂର୍ବ ଶତ୍ରୁତାରୁ ଖଣ୍ଡାରେ ଆକ୍ରମଣ, ୩ ଆହତ, ୩ ଗିରଫ**

ଡେଲାଙ୍ଗ,(ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ ଥାନା ଅଧୀନ ଗୁଆଳିପଡ଼ା ପଞ୍ଚାୟତ ପଞ୍ଚୁପଲ୍ଲା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାରପିଟ ହେବା ସହ ଖଣ୍ଡା ଓ ଠେଙ୍ଗାରେ ଆକ୍ରମଣ ଦ୍ୱାରା ୩ ଜଣ ଆହତ ହୋଇଛନ୍ତି। ଉକ୍ତ ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଗ୍ରାମର ସାଧୁଚରଣ ପରିଡ଼ା ଓ ହାଡ଼ିବନ୍ଧୁ ସାହୁଙ୍କ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଏହାକୁ ନେଇ ଗୁରୁବାର ୨ ପକ୍ଷ ମଧ୍ୟରେ ମାରପିଟ ଓ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ହାଡ଼ିବନ୍ଧୁଙ୍କ ପରିବାର ସଦସ୍ୟ ଖଣ୍ଡା ଓ ଠେଙ୍ଗାରେ ସାଧୁଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ସାଧୁ ଚରଣ, ତାଙ୍କ ପୁଅ ଓ ଜଣେ ପୁତୁରା ଆହତ ହୋଇଛନ୍ତି। ସେମାନଙ୍କୁ ଡେଲାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୫।୨୦୨୫

| | |
|---|---|
| ୪,୬୪,୦୪୨ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ସାହି ରାସ୍ତାରେ ହେବ ୱାନ୍ ୱେ ଟ୍ରାଫିକ୍ ବ୍ୟବସ୍ଥା

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ସାହି ରାସ୍ତାଗୁଡ଼ିକରେ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା ହେବ ବୋଲି ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି। ଚଳିତବର୍ଷର ରଥଯାତ୍ରା ପାଇଁ ପୁରୀ ଏସ୍‌ପି ଅଗ୍ରୱାଲ ବିଭିନ୍ନ ସାହି ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିଛନ୍ତି। ଏହି କ୍ରମରେ ଆସନ୍ତା ରଥଯାତ୍ରା କିପରି ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ଭାବେ ହେବ ଏବଂ ଭକ୍ତମାନେ ସ୍ୱଚ୍ଛନ୍ଦରେ ଯାତ୍ରା କରିପାରିବେ ସେ ନେଇ ଏସ୍‌ପି ଗୁରୁବାର ସୁ ପାଲେସ ଛକ, ବିଧବାଶ୍ରମ ଛକ, ଯମେଶ୍ୱର ଛକ, ହରଚଣ୍ଡୀ ସାହି ଛକ, ମଣିକର୍ଣ୍ଣିକା ସାହି ଛକ ରାସ୍ତା ଦେଇ ଗଣ୍ଡୁଆଚଉରା ଛକ ଆଦି ସ୍ଥାନ ବୁଲିଛନ୍ତି। ସେ ସାହିବାସିନ୍ଦାଙ୍କ ସୁବିଧା ଓ ଅସୁବିଧା ଅନୁଧ୍ୟାନ କରିଛନ୍ତି। ସ୍ଥାନୀୟ ନିବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ଯାନବାହନ ନିୟନ୍ତ୍ରିତ ଚଳାଚଳ, ଭକ୍ତମାନେ ନିର୍ଦ୍ଦିଷ୍ଟ ମାର୍ଗ ଜାଣି ନ ଥିବାରୁ ସମସ୍ୟା ଆଦି ଉପରେ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗକୁ ଏସ୍‌ପି ଗୁରୁତ୍ତର ସହ ଗ୍ରହଣ କରି କମ ସମୟ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସାହି ରାସ୍ତାଗୁଡ଼ିକରେ ୱାନ୍ ୱେ ଟ୍ରାଫିକ ବ୍ୟବସ୍ଥା କରାଯିବ, ଯାହା ସବୁଦିନିଆ ହେବ ବୋଲି ଏସ୍‌ପି କହିଛନ୍ତି। ସମ୍ବେଦନଶୀଳ ଓ ଭିଡ଼ ଅଞ୍ଚଳ ଚିହ୍ନଟ କରି ମାଇକ୍ରୋ ଯୋଜନା ପ୍ରସ୍ତୁତି ନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଏବଂ ସ୍ଥାନୀୟ ଲୋକଙ୍କ ସହ ସମନ୍ୱୟ ରଖି ଭକ୍ତଙ୍କ ପାଇଁ ସୁରକ୍ଷିତ ଓ ଆଧ୍ୟାତ୍ମିକ ଅନୁଭବ ନିଶ୍ଚିତ କରିବା ଉପରେ ଏସ୍‌ପି ଗୁରୁତ୍ୱାରୋପ କରିଛନ୍ତି। ରଥଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ପାଇଁ ସମୁଦ୍ରକୂଳରୁ ବଡ଼ଦାଣ୍ଡକୁ ସୁବିଧାରେ ଭକ୍ତଙ୍କ ଆଗମନ ନେଇ ଏସ୍‌ପି ଆଲୋଚନା କରିଥିଲେ। ଏହି ଅବସରରେ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟ୍ରାଫିକ ଡିସିପି ରାଜକୁମାର ପରିଡ଼ା, ମନ୍ଦିର ଏସି ଘନଶ୍ୟାମ ହେମ୍ବ୍ରମ, ମନ୍ଦିର ଏସି ବିଜୟ ନନ୍ଦ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ସମୁଦ୍ରକୂଳ ଥାନା ଆଇଆଇସି ମାନସ ଚକ୍ର, ବଳିଆପଣ୍ଡା ଥାନା ଆଇଆଇସି ସଙ୍ଗୀତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ରଥଯାତ୍ରା ପାଇଁ ସାହି ବୁଲି ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି

## ପୋଲିସ ପ୍ରଶାସନ-ହୋଟେଲ ମାଲିକ ସଂଘ ସମନ୍ୱୟ ବୈଠକ

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ୍ ୧୧ରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ୨୭ ତାରିଖରେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ଏଥିରେ ସାମିଲ ହେବାକୁ ଦେଶବିଦେଶରୁ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସିବେ। ତେଣୁ ହୋଟେଲ ଗୁଡ଼ିକରେ ସେମାନେ ଯେପରି ଭଲ ଆତିଥ୍ୟତା ପାଇବେ ସେ ନେଇ ଗୁରୁବାର ପୁରୀର ହୋଟେଲ ମାଲିକ ସଂଘ ସହିତ ପୋଲିସ ପ୍ରଶାସନର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ଓ ଉତ୍ତମ ଆତିଥେୟତା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ହୋଟେଲରେ ସିସିଟିଭି ଲଗାଇବା ସହ ପର୍ଯ୍ୟଟକଙ୍କ ରେଜିଷ୍ଟର ମେଣ୍ଟେନ କରିବାକୁ ହୋଟେଲ ମାଲିକମାନଙ୍କୁ କୁହାଯାଇଛି। ସମସ୍ତ କ୍ଷେତ୍ରରେ ହୋଟେଲ ମାଲିକଙ୍କ ସହଯୋଗ ଲୋଡ଼ିଛି ପୋଲିସ। ବୈଠକରେ ବିଭିନ୍ନ ଥାନାର ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପୁରୀ ବେଳାଭୂମି ସଫେଇ କଲା ଆଫ୍‌ସା

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ଆର୍ଯ୍ୟଲେକ୍ସ ଫାଉଣ୍ଡେଶନ ଫର୍ ସୋସିଆଲ ଆକ୍ଟିଭିଟିଜ୍ (ଆଫ୍‌ସା) ଦ୍ୱାରା ଗୁରୁବାର ପୁରୀ ବେଳାଭୂମି ସଫେଇ କରାଯାଇଛି। ଢେଙ୍କାନାଳ ଜିଲାର ସପ୍ତଶଯ୍ୟା ପର୍ଯ୍ୟଟନ ସ୍ଥଳରୁ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା। 'ଆମ ପର୍ଯ୍ୟଟନସ୍ଥଳୀ ଆମ ବିଭବ, ସ୍ୱଚ୍ଛ ରଖି ତାକୁ ଦେବା ଗୌରବ'ର ବାର୍ତ୍ତା ନେଇ ଆର୍ଯ୍ୟଲେକ୍ସ ଫାଉଣ୍ଡେଶନ ଫର୍ ସୋସିଆଲ ଆକ୍ଟିଭିଟିଜ୍ ଏବଂ ପୁରୀ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଅବସରପ୍ରାପ୍ତ କେନ୍ଦ୍ରାଞ୍ଚଳ ଓ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ୪୦ରୁ ଊର୍ଦ୍ଧ୍ୱ ଆଫ୍‌ସାର ଗ୍ରୀନଭୋକେଟସ୍ ଯୋଗଦେଇ ପୁରୀ ସମୁଦ୍ରକୂଳ ଦିଗ୍‌ବାରେଣୀ ଛକଠାରୁ ଆରମ୍ଭ କରି ଚୈତନ୍ୟ ଛକ ପର୍ଯ୍ୟନ୍ତ ସଫା କରିବା ସହିତ ପରିବେଶ ସୁରକ୍ଷା ଏବଂ ପର୍ଯ୍ୟଟନସ୍ଥଳୀର ବୈଭବ ରକ୍ଷା କରିବା ନିମନ୍ତେ ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ।

### ତୃଷାର୍ତ୍ତ ବୃକ୍ଷଙ୍କୁ ଜଳଦାନ କାର୍ଯ୍ୟକ୍ରମ

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ତାଳବଣିଆ ଓ ଜାତୀୟ ରାଜପଥ ପାର୍ଶ୍ୱରେ ଜଳଦାନ ପରେ ଗୁରୁବାର ତୃତୀୟ ପର୍ଯ୍ୟାୟରେ ତୃଷାର୍ତ୍ତ ବୃକ୍ଷଙ୍କୁ ଜଳଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଓଡ଼ିଶା ଯୁବ ଚେତନା ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ପୁରୀ ଶିଳ୍ପ ତାଲିମ କେନ୍ଦ୍ର, ଆୟୁର୍ବେଦ ମହାବିଦ୍ୟାଳୟ, କପିଳେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ସମେତ ଗିର-ଗୋରୁଆଳ ରାସ୍ତାପାର୍ଶ୍ୱ ବୃକ୍ଷଗୁଡ଼ିକୁ ଜଳଦାନ କରାଯାଇଛି। ଦୀର୍ଘ ୮ବର୍ଷ ଧରି ବଦ୍ରି ମିଶ୍ରଙ୍କ ବ୍ୟକ୍ତିଗତ ଅର୍ଥରେ ତୃଷାର୍ତ୍ତ ବୃକ୍ଷଙ୍କୁ ଜଳଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମିଶନ ଓଡ଼ିଶାର ମଧୁସୂଦନ ମିଶ୍ର, ନିର୍ମାଲ୍ୟର ବିଶ୍ୱନାଥ ମିଶ୍ର, କଳିଙ୍ଗ ଯୁବ ବୈଶ୍ୟ ସଂଘର ଗୋବିନ୍ଦ ପାତ୍ର, ସୌମ୍ୟରଞ୍ଜନ ପାତ୍ର ପ୍ରମୁଖ ସାମିଲ ଥିଲେ।

### ବେଆଇନ ଗୋ ଚାଲାଣ, ଗାଡ଼ି ଜବତ

କାକଟପୁର/ଅସ୍ତରଙ୍ଗ, ୧୫।୫
(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଗୋ-ଚାଲାଣର ତରିକା ବଦଳିଛି। ଖୋଲା ଗାଡ଼ି ବଦଳରେ ବନ୍ଦ ଗାଡ଼ି ବା କଣ୍ଟେନରରେ ଗୋ-ଚାଲାଣ କରାଯାଉଛି। ଏଭଳି ଏକ ଗାଡ଼ିକୁ ବୁଧବାର ବିଳମ୍ବିତ ରାତିରେ କାକଟପୁର ପୋଲିସ ଜବତ କରିଛି। କାକଟପୁରର ମୂଳାଗଡ଼ ଛକ ନିକଟସ୍ଥ ସୋମେଶ୍ୱର ମନ୍ଦିର ସମ୍ମୁଖରୁ ପୋଲିସ ବେଆଇନ ଗୋ-ଚାଲାଣ ହେଉଥିବା ଏକ ବନ୍ଦ ଗାଡ଼ି (ଓଡ଼ି ୦୨ ବିଏ ୦୧୦୯)କୁ ଜବତ କରିଛି। ଉଦ୍ଧାର ଏକ ଗାଈ ଓ ଛୋଟ ଷଣ୍ଢକୁ ସୁରକ୍ଷିତ ଅବସ୍ଥାରେ ପୁରୀସ୍ଥିତ ଗୋଶାଳା ଛାଡ଼ି ଦିଆଯାଇଛି। ହେଲେ ଗାଡ଼ି ଚାଳକ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏଥିସହ କାକଟପୁର ଥାନା କେଶ ନଂ. ୧୦୩/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଜିଲା କୋର୍ଟ ସ୍ଥାନାନ୍ତରକୁ ବିରୋଧ: ୭୭ ଦିନରେ ସତ୍ୟାଗ୍ରହ




ପୁରୀ ଓକିଲ ସଂଘ ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।

ପୁରୀ,୧୫।୫(ଅଜିତ କୁମାର ମହାନ୍ତି)

ପୁରୀ ଜିଲା କୋର୍ଟ ସ୍ଥାନାନ୍ତର ବିରୋଧରେ ପୁରୀ ଓକିଲ ସଂଘ ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ ଗୁରୁବାର ୭୭ଦିନରେ ପହଞ୍ଚିଛି। ପୁରୀ ଜିଲା ଜଜ୍ କୋର୍ଟ ପରିସର ଐତିହ୍ୟ କୋଠା ୧୬୦ ବର୍ଷଧରି ଲୋକଙ୍କ ସେବାରେ ରହିଛି। ବର୍ତ୍ତମାନ ପୁରୀ ଜିଲା କୋର୍ଟକୁ ବାଲୁଖଣ୍ଡକୁ ସ୍ଥାନାନ୍ତର ଉଦ୍ଦେଶ୍ୟରେ ୫ ଏକର ଜମି ଆଇନ ବିଭାଗକୁ ହସ୍ତାନ୍ତର ହୋଇଛି, ଯାହାକି ସିଆର୍‌ଜେଡ୍, ଇକୋ, ସେନ୍ସିଟିଭ, ମଧୁର ଜଳ ଅଞ୍ଚଳରେ ଯାଉଛି ବୋଲି ତହସିଲଦାରଙ୍କ ରିପୋର୍ଟରୁ ଜଣାପଡ଼ିଛି। ସେହି ଜାଗା ସ୍ଥାନାନ୍ତରକୁ ବିରୋଧ କରି ପୁରୀ ଜିଲା ଓକିଲ ସଂଘ ଫେବୃଆରୀ ୨୮ରୁ ସତ୍ୟାଗ୍ରହ ଜାରି ରଖିଛି। କୋର୍ଟ ନିକଟରେ ତହସିଲ, ଡିଆର୍‌ଡିଏ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ କୋଠା ଭଗ୍ନାବସ୍ଥାରେ ରହିଛି। ତେଣୁ ସରକାର ଏହି ଜମିକୁ କୋର୍ଟ ପାଇଁ ଦେଲେ ସମସ୍ୟା ଦୂର ହୋଇପାରିବ। ଏନେଇ ସଂଘ ପୂର୍ବରୁ ମୁଖ୍ୟ ବିଚାରପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆଇନମନ୍ତ୍ରୀ, ଏମ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ଯେପର୍ଯ୍ୟନ୍ତ କୋର୍ଟ ସ୍ଥାନାନ୍ତର ବାତିଲ ହୋଇ ଉକ୍ତ ସ୍ଥାନରେ ନ ହୋଇଛି ସେ ପର୍ଯ୍ୟନ୍ତ ସତ୍ୟାଗ୍ରହ ଚାଲିବ ବୋଲି ପୁରୀ ଓକିଲ୍ ସଂଘ ନିଷ୍ପତ୍ତି ନେଇଛି। ୭୭ ଦିନ ହେଲା ସତ୍ୟାଗ୍ରହ ଚାଲିଥିବାବେଳେ ସରକାର କିମ୍ବା ବିଚାର ବିଭାଗ କୌଣସି ନିଷ୍ପତ୍ତି ନ ନେବା ଦୁଃଖ ଓ ପରିତାପର ବିଷୟ ବୋଲି ସଂଘ କହିଛି। ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ, ସୋମନାଥ ଦାସ, ସାରଦା ପ୍ରସାଦ ସାମଲ, ଭାଗବତ ପ୍ରସାଦ ପଟ୍ଟନାୟକ, ନକୁଳ ପତି, କର୍ଣ୍ଣବୀର ମହାପାତ୍ର, ଅମ୍ବିକା ଦାସ, ସୁଧୀର ଘୋଷ, ଅବନୀ ଦାସ, ମାନସ ଶତପଥୀ, ସରୋଜିନୀ ସିଂ, ସୁଶାନ୍ତ କୁମାର ଦାସ, ସୁକାନ୍ତ ସାହୁ ପ୍ରମୁଖ ଏହି ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି।

## ସୁନାଚେନ୍ ଲୁଟ୍ ଘଟଣାରେ ୨ ଗିରଫ

ଯୋଗେଶ୍ୱରପୁର,୧୫।୫(ରଶ୍ମିରଞ୍ଜନ ସାହୁ)

ଫୁଲ ତୋଳୁଥିବା ସମୟରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟିନେବା ଅଭିଯୋଗରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଗୁରୁବାର ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ନୟାହାଟ ଫାଣ୍ଡି ଅଧୀନ ଆମପଡ଼ା ଗ୍ରାମର ରାକେଶ ମଲ୍ଲିକ(୨୨) ଓ କେଦାର ସେଠୀ(୨୪)। ଏମାନଙ୍କ ବିରୋଧରେ ପୋଲିସ ଗୋପ ଥାନା କେସ୍ ନମ୍ବର ୧୪୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ଜଙ୍ଗଲବୋରି ପଞ୍ଚାୟତର ମଧୁବନ ଗ୍ରାମର ବାବୁ ସାହୁଙ୍କ ସ୍ତ୍ରୀ ଗତ ୮ ତାରିଖ ସକାଳୁ ଫୁଲ ତୋଳୁଥିବା ସମୟରେ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ପଳାଇଥିଲେ। ଏନେଇ ବାବୁ ଥାନାରେ ଅଭିଯୋଗ କରିଥିଲେ।

## ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ

ଗୋପ,୧୫।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଦୀର୍ଘ ଦିନ ଧରି ଗୋପ ତହସିଲ କାର୍ଯ୍ୟାଳୟ ଅଧୀନରେ ଥିବା କେତେକ ସ୍ଥାନରେ ନୟନଯୋଡ଼ି ଓ ସରକାରୀ ରାସ୍ତା ଜବରଦଖଲ ହୋଇଛି। ଫଳରେ ବର୍ଷାପାଣି ସହିତ ଯାନବାହନ ଯାତାୟାତରେ ଅସୁବିଧା ଉପୁଜୁଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ନେଇ ଗୁରୁବାର ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ନିର୍ଦ୍ଦେଶରେ ମାପଚୁପ ଆରମ୍ଭ ହୋଇଛି। ଗୋପ ରାଜସ୍ୱ ନିରୀକ୍ଷକ ଜି. ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଏହି ମାପଚୁପ ଆରମ୍ଭ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, କୋଣାର୍କ-ନିମାପଡ଼ା ରାସ୍ତାର କେତେକ ସ୍ଥାନରେ ଥିବା ବଜାର ଦିନକୁଦିନ ଜବରଦଖଲ ହେବା ଯୋଗୁ ପୁରୀ, କୋଣାର୍କ ବୁଲି ଯାଉଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ସହ ଯାତ୍ରୀମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କୋଣାର୍କ-ନିମାପଡ଼ା ରାସ୍ତା, ଗୋପ-ଚାରିଛକ ରାସ୍ତା ଓ ଗୋପ-ବାଲିଘାଇ ରାସ୍ତାର କେତେକ ସ୍ଥାନରେ ନୟନଯୋରି ମଧ ଜବରଦଖଲରେ ରହିବା ଯୋଗୁ ବର୍ଷା ଦିନରେ ବିଭିନ୍ନ ସ୍ଥାନରେ ବର୍ଷାପାଣି ଜମି ରହିବା ସହ ନିଷ୍କାସନ ହୋଇପାରୁନାହିଁ। ରାଜ୍ୟ ସରକାର ଏହି ଘଟଣାରେ ଦୃଷ୍ଟି ଦେଇ ମାପଚୁପ ଆରମ୍ଭ କରିଥିବାବେଳେ ଖୁବ୍‌ଶୀଘ୍ର ସରକାରୀ ରାସ୍ତା, ନୟନଯୋଡ଼ି ଜବରଦଖଲ ହଟିବ ବୋଲି ତହସିଲଦାର ମହାନ୍ତି ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଗୋପ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଏହି ମାପଚୁପ ଆରମ୍ଭ ହୋଇଥିବାବେଳେ ପରେ ନିମାପଡ଼ା-କୋଣାର୍କ ରାସ୍ତାରେ ଏହି ମାପଚୁପ କରାଯିବ ବୋଲି ତହସିଲଦାର ମହାନ୍ତି କହିଛନ୍ତି।

## ଲଘୁଖଣିଜ ଦ୍ରବ୍ୟ ଚୋରା ଚାଲାଣ ରୋକିବ ଏନ୍‌ଫୋର୍ସମେଣ୍ଟ କମିଟି

ଅସ୍ତରଙ୍ଗ,୧୫।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୁରୀ ଜିଲା ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ପଦାର୍ଥର ବେଆଇନ ଚୋରା ଚାଲାଣକୁ ରୋକିବାକୁ ଅସ୍ତରଙ୍ଗରେ ତହସିଲସ୍ତରୀୟ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ କରାଯାଇଛି।

ଅସ୍ତରଙ୍ଗ ତହସିଲ ପରିସରରେ ଗୁରୁବାର ମଧ୍ୟାହ୍ନରେ ତହସିଲସ୍ତରୀୟ କମିଟି ଗଠନରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଅଧ୍ୟକ୍ଷ ଥିବାବେଳେ ରେଞ୍ଜ ଅଧିକାରୀ, ସମ୍ପୃକ୍ତ ଅଞ୍ଚଳର ଥାନା ଅଧିକାରୀ ସଦସ୍ୟ ଏବଂ ଖଣି ବିଭାଗ ଅଧିକାରୀ ସଂଯୋଜକ ରହିଛନ୍ତି। ବୈଠକରେ ଜିଲା ଖଣିଜ ଅଧିକାରୀ ତଥା କମିଟି ସଂଯୋଜକ ସମୀର ମିଶ୍ର, ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅସ୍ତରଙ୍ଗ ଥାନା ଏଏସ୍‌ଆଇ ପ୍ରଶାନ୍ତ ସାମନ୍ତରାୟ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବିଭାଗ ବନପାଳ କାଳୀଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କମିଟି ଗଠନ ହେବା ପରେ ଏନ୍‌ଫୋର୍ସମେଣ୍ଟ କମିଟି ଅଧ୍ୟକ୍ଷ ପତିଙ୍କ ଅଧ୍ୟକ୍ଷତାରେ ତହସିଲ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅସ୍ତରଙ୍ଗ ତହସିଲ ଅଧୀନ ୧୫ଟି ପଞ୍ଚାୟତ ଅଧୀନରେ ବାଲି, ମାଟି ଆଦିର ଚୋରା ଚାଲାଣ ରୋକିବାକୁ ପୋଲିସ ଓ ରାଜସ୍ୱ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ଓ ଏନ୍‌ଫୋର୍ସମେଣ୍ଟକୁ ଆହୁରି ମଜଭୁତ କିପରି କରିପାରିବେ, ସେ ଦିଗରେ ଆଲୋଚନା କରାଯାଇଥିଲା। ତହସିଲଦାର ପତି କହିଥିଲେ, ମାଟି ଚୋରି ବହୁଳ ଭାବରେ ହେଉଥିବାରୁ ଏହାର ଚୋରା ଚାଲାଣ ଉପରେ କଟକଣା ଲଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ବେଆଇନ ମାଟି ଓ ବାଲି ଖନନ ଓ ପରିବହନ ରୋକିବାକୁ ଆଲୋଚନା ହୋଇଥିଲା। ମାଟି ଓ ବାଲି ଚୋରା ଚାଲାଣ ଉପରେ ରୋକ ଲଗାଇବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ଆଲୋଚନା ହୋଇଥିଲା। ଏଥିସହ ଇଟ୍ରାନଜିଟ ପାସ ବିନା, ବେଆଇନ ଭାବେ ଖଣିଜ ପଦାର୍ଥ ପରିବହନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ବୈଠକ ନିଷ୍ପତ୍ତି ହୋଇଥିଲା।



ତହସିଲଦାରଙ୍କ ସହିତ ପୋଲିସ ଅଧିକାରୀ ଓ ବନ ଅଧିକାରୀ ବୈଠକରେ ଆଲୋଚନା କରୁଛନ୍ତି।

## ରଥଖଳାରୁ...

### ୩ ରଥର ନାହାକା ଅଖ ନିର୍ମାଣ ଅନୁକୂଳ



ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି):

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ରଥ ନିର୍ମାଣର ପଞ୍ଚଦଶତମ ଦିବସରେ ଗୁରୁବାର ତିନି ରଥର ନାହାକା ଅଖ ନିର୍ମାଣ ଅନୁକୂଳ ପୂଜା ୩ ମୁଖ୍ୟ ବିଶ୍ୱକର୍ମା ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଆସନ୍ତା ସୋମବାର ପବିତ୍ର ଭଉଁରୀ ତିଥିରେ ଚକାଡେରା ନୀତି ହେବ। ନାହାକା ଅଖ ନିର୍ମାଣ ଅନୁକୂଳ ସମ୍ପନ୍ନ ପରେ ମହାରଣା ସେବକମାନେ ନାହାକା ଅଖର ଦୁଇପାର୍ଶ୍ୱ ହାଣି ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ବଡଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥର ମୋଟ ୧୪ ଚକ ମଧ୍ୟରୁ ଦୁଇଟି ନାହାକା ଚକ ଏବଂ ଦୁଇଟି ପଡ଼ି ନାହାକା ଚକ ନିର୍ମାଣ ସରିଛି। ଆଉ ଦୁଇଟି ପଡ଼ି ନାହାକା ଚକ ମଧ୍ୟରୁ ପଞ୍ଚମ ଚକର ପଇ ବିନ୍ଧ ସରିବା ପରେ ପଞ୍ଚମ ଚକ ଅରରେ ପଇ ସଂଯୋଗ ହୋଇ ବିଲେଇ ବାଡ଼ିଆ ଶେଷ ହୋଇଛି। ଷଷ୍ଠ ଚକ ତୁମ୍ବରେ ଅର ସଂଯୋଗ ବା ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ତାଳଧ୍ୱଜ ରଥର ୪ଟି ୧୨ଫୁଟିଆ ଓରା କାଠର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ସୁଭଦ୍ରାଙ୍କ ଦର୍ପଦଳନ ରଥର ମୋଟ ୧୨ଟି ଚକ ମଧ୍ୟରୁ ୪ଟି ନାହାକା ଚକ ନିର୍ମାଣ ଶେଷ ହୋଇ ପଞ୍ଚମ ଚକର ଆରରେ ପଇ ସଂଯୋଗ ହୋଇ ପଇ ବିନ୍ଧରେ କିଳା ବାଡ଼ିଆ ସରିଛି। ଦର୍ପଦଳନ ରଥର ୪ଟି ୧୨ ଫୁଟିଆ ଓରାର ଚଉପଟ କାର୍ଯ୍ୟ ସରିଛି। ନନ୍ଦିଘୋଷ ରଥର ମୋଟ ୧୬ଟି ଚକ ମଧ୍ୟରୁ ୪ଟି ନାହାକା ଚକ ନିର୍ମାଣ ଶେଷ ହୋଇଛି। ପଞ୍ଚମ ଓ ଷଷ୍ଠ ଚକ ଅରରେ ପଇପିନ୍ଧା ଶେଷ ପରେ ପଇ ବିନ୍ଧରେ କିଳା ବାଡ଼ିଆ ପରେ କିଳା କଟାଯାଇ ପଇ କଳସା ବାକି ରହିଛି। ଏଥିସହ ନନ୍ଦିଘୋଷ ରଥର ୪ଟି ୧୨ ଫୁଟିଆ ଓରାର ଚଉପଟ କାର୍ଯ୍ୟ ସରି ଦୁଇଟି ଓରାର ଉଭୟ ପାର୍ଶ୍ୱ ବିନ୍ଧ କାର୍ଯ୍ୟ ଜାରି ରହିଛି। ସେହିପରି ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏ ସାଲଗୁଜରେ ନୃସିଂହ ରୂପ ଖୋଦେଇ ଜାରି ରଖିଛନ୍ତି। ରୂପ ଖୋଦେଇ ପରେ ରୂପ ଗୁଡ଼ିକର ପଲିସ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଆରମ୍ଭ ହେବ। ଦୋଳବେଦିରେ ଦୁଇଜଣ ପାହି ମହାରଣା ଆବଶ୍ୟକ କାଠ ବାଉଁଶ ନିର୍ମିତ ସାମଗ୍ରୀ ନିର୍ମାଣ କରୁଛନ୍ତି। ମହାପ୍ରଭୁଙ୍କ ଅନବସର ପଇତା ବୋଲା ପାଇଁ ୩୦ଟି ଲେଖାଏ ବାଉଁଶ ନଳ ବାଉଁଶ କାଠି, ବେଶ ଘୋଡ଼ିଆ ଟାଙ୍ଗଡ଼ା ଷ୍ଟାଣ୍ଡ କାର୍ଯ୍ୟ କରୁଛନ୍ତି। ବସନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହେଉଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନି ରଥ ନାହାକା ଚକର ତୁମ୍ବଗୁଡ଼ିକ ପାଇଁ ଆବଶ୍ୟକ ପନ୍ଦାରି ଏବଂ ତୁମ୍ବବଳା ଯୋଗାଇବା ପରେ ବାକି ଚକ ଗୁଡ଼ିକ ପାଇଁ ଅର କଣ୍ଟା, ପନ୍ଦାରି, ତୁମ୍ବ ବାହ୍ୟ ବଳା ଏବଂ ପନ୍ଦାରି ଚାବି ନିର୍ମାଣ ଜାରି ରଖିଛନ୍ତି।

## ବାବା ଆଖଣ୍ଡଳମଣି ଅଟୋ ଚାଳକ ସଂଘ ପକ୍ଷରୁ ଅନ୍ନ ବଣ୍ଟନ



ବାବା ଆଖଣ୍ଡଳମଣି ଅଟୋ ଚାଳିକ ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡ ନିକଟରେ ଅନ୍ନ ବଣ୍ଟନ କରାଯାଉଛି।

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ବାବା ଆଖଣ୍ଡଳମଣି ଅଟୋ ଚାଳକ ସଂଘ ପକ୍ଷରୁ ତୃତୀୟ ବର୍ଷ ଅନ୍ନ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ବସ୍‌ଷ୍ଟାଣ୍ଡ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଆଞ୍ଚଳିକ ପରିବହନ ଅଧ୍ୟକ୍ଷ ରବିନ୍ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଟ୍ରାଫିକ ଡିଏସ୍‌ପି ରାଜକୁମାର ପରିଡ଼ା, କୁମ୍ଭାରପଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ, ଟ୍ରାଫିକ୍ ଥାନା ଅଧିକାରୀ ଜୟଦୀପ ମହାନ୍ତି, ମିଳିତ ମହାମଞ୍ଚ ଅଟୋ ଓ ଟୋଟୋ ସଂଘର ଉପଦେଷ୍ଟା ସଞ୍ଜୀବ ମହାନ୍ତି, ମହାମଞ୍ଚର କାର୍ଯ୍ୟକାରୀ ସଭାପତି ଶରତ କୁମାର ରାୟଗୁରୁ, ସମ୍ପାଦକ ରାଜକିଶୋର ସାହୁ, ଯୁଗ୍ମସମ୍ପାଦକ ଗଜପତି ସେନାପତି, ପୌର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ଦାଶରଥି ସାହୁ ଅତିଥି ପରିଚୟ ଓ ସଭାପତି ପ୍ରମୋଦ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଉପସଭାପତି ବିନୟ କୁମାର ପଟ୍ଟନାୟକ, ସହସମ୍ପାଦକ ମହେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ସୁରେଶ କୁମାର ପାତ୍ର, ସଭ୍ୟ ମହେନ୍ଦ୍ର ଭୂୟାଁ, ଅପୂର୍ବ ବାରିକ, ଗଣେଶ ବାଗୁଲି, ହେମନ୍ତ ମହାନ୍ତି, ଗଦାଧର ବେହେରା, ରତିକାନ୍ତ ସୁବୁଦ୍ଧି ଓ ପ୍ରଭାକର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫଟୋ ରେ ଖବର



ପୁରୀ ଚନ୍ଦନ ଚକଡ଼ା ପରିସରରେ ମୟୂର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ଉଦ୍ଦେଶ୍ୟରେ ଗୁରୁବାର ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ମହମବତି ଜଳାଇ ନୀରବ ପ୍ରାର୍ଥନା କରାଯାଇଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)



ପୁରୀର ବିନାୟକ ହାଲୁକା ମୋଟରଯାନ କର୍ମଚାରୀ ସଂଘ ପକ୍ଷରୁ ଲୋକଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି।

# ଗାଡ଼କଣ ଅଳିଆ ଗଦା ପରିଦର୍ଶନ କଲା ମିଳିତ ଟିମ୍

## ପଲାଶୁଣୀ ଶୁଖିଲା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରିବାକୁ ଦାବି

ଭୁବନେଶ୍ୱର,୧୫।୫ (ବନ୍ଦନା ସେଠୀ)

ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ଏବଂ ବିଏମ୍‌ସି ଅଧିକାରୀଙ୍କ ମିଳିତ ଟିମ୍ ଗୁରୁବାର ଗାଡ଼କଣସ୍ଥିତ ଅଳିଆ ଗଦାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ପଲାଶୁଣୀସ୍ଥିତ ଶୁଖିଲା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ମେହେରପଲ୍ଲି ଓଦା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ସର୍ବେକ୍ଷଣ କରିଥିଲେ। ଜୁନ୍ ୧୨ ସୁଦ୍ଧା ଶୁଖିଲା ଅଳିଆ ଗାଡ଼କଣକୁ ନ ଯାଇ ପଲାଶୁଣୀ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ପ୍ରୋସେସିଂ କରାଯିବ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ କହିଥିଲେ। ତେଣୁ ପଲାଶୁଣୀ ଶୁଖିଲା ଅଳିଆ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ୧୮ ମାସ ଭିତରେ ମେହେରପଲ୍ଲୀ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଓଦା ଅଳିଆ ପ୍ରୋସେସିଂ କରାଯିବା ନେଇ ଆଲୋଚନା ହୋଇଥିଲା। ତେବେ ବିଏମ୍‌ସି ଅଧିକାରୀଙ୍କ ଏହି ପ୍ରତିଶ୍ରୁତିରେ ଅଭିଯାନର କର୍ମକର୍ତ୍ତା ସହମତି ପ୍ରକାଶ କରି ନ ଥିଲେ। ବିଏମ୍‌ସି ତ୍ୱରିତ ପଦକ୍ଷେପ ନେଲେ ୬ରୁ ୭ମାସ ମଧ୍ୟରେ ମେହେରପଲ୍ଲୀ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରାଯାଇ ପାରିବ ବୋଲି ଦାବି କରିଥିଲେ। ସେହିପରି ପୁରୀ, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରୁ ବାହାରୁଥିବା ସବୁ ଅଳିଆକୁ ନେଇ ଏକ ବୃହତ୍ ପ୍ଲାଣ୍ଟ ମାଧ୍ୟମରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ରହିଥିବା ସ୍ୱତନ୍ତ୍ର ଯୋଜନା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ଆସନ୍ତା ୨ମାସ ମଧ୍ୟରେ ସମସ୍ତ ୬୭ଟି ୱାର୍ଡରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସ୍ଥାପନ କରିବା, ପଲାଶୁଣୀଠାରେ ସ୍ଥାପିତ ଶୁଖିଲା ଅଳିଆ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ଦୁଇଦିନ ଭିତରେ କାର୍ଯ୍ୟକାରୀ କରିବା, ଗାଡ଼କଣଠାରେ ଗଦା ହୋଇଥିବା ଅଳିଆକୁ ୭ଦିନ ଭିତରେ ଖାଲି କରିବା, ସୈନିକ ସ୍କୁଲ ପାଖରେ ଥିବା ଅଳିଆ ଗଦା ପାଖାପାଖି ଅଞ୍ଚଳରେ ମାଟି ପକେଇ ଗଛ ଲଗାଇ ବନୀକରଣ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ବିଏମ୍‌ସି ଅତିରିକ୍ତ କମିଶନର ଶ୍ରୀନିବାସ ପଣ୍ଡା, ରାମଚନ୍ଦ୍ର ମିଶ୍ର ଓ ଅଭିଯାନ କମିଟିର ସଦସ୍ୟ ତଥା ଭୁବନେଶ୍ୱର ଉନ୍ନୟନ ପରିଷଦ ସଭାପତି ବାସୁଦେବ ଭଟ୍ଟ, ଦିଲୀପ ଦାସଶର୍ମା, ପ୍ରଦୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ବିଏମ୍‌ସି ଅଧିକାରୀ ଏବଂ ଅଳିଆ ଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର କର୍ମକର୍ତ୍ତାମାନେ ଅଳିଆ ଗଦାସ୍ଥଳ ଅନୁଧ୍ୟାନ କରୁଛନ୍ତି।

# 'ଜାତିପ୍ରଥା ଓ ସଂରକ୍ଷଣ' ନେଇ ଆଲୋଚନା

ଭୁବନେଶ୍ୱର, ୧୫।୫ (ସୌମ୍ୟରଞ୍ଜନ ରାଉତ)

ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ ସୂଚନା ଭବନଠାରେ ଗୁରୁବାର 'ଜାତିପ୍ରଥା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସାମ୍ମୁଖ୍ୟର ଆବାହକ ଚିଦାନନ୍ଦ ଜେନା ପ୍ରାରମ୍ଭିକ ଅଭିଭାଷଣ ରଖି ଓଡିଶାର ସଂରକ୍ଷଣ ସ୍ଥିତି ସମ୍ପର୍କରେ କହିଥିଲେ। ଅନ୍ୟତମ ଉପଦେଷ୍ଟା ଅକ୍ଷୟ କୁମାର ମଲ୍ଲିକ ଓଡିଶାରେ ସଂରକ୍ଷଣ ସମ୍ପର୍କିତ ଆନ୍ଦୋଳନ ଓ ରାଜ୍ୟରେ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ନୀତି ନେଇ ମତ ରଖିଥିଲେ। ସାମାଜିକ ନ୍ୟାୟ ଆନ୍ଦୋଳନର ବର୍ଷୀୟାନ ବ୍ୟକ୍ତିତ୍ୱ ପଞ୍ଚାନନ ପ୍ରଧାନ, ସାହିତ୍ୟକାର ଅଭିରାମ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶୋଭେନ ବିଶ୍ୱାଳ, ପ୍ରଦୀପ ଧୂଣ୍ଡିଆ, ସତ୍ୟପ୍ରଜ୍ଞ ଗୌଡ, ଶୁଭମ ସାହୁ, ଆଶିଷ କୁମାର ରାଉତ ପରିଚାଳନା କରିଥିବାବେଳେ ସାମ୍ମୁଖ୍ୟର ଅଭ୍ୟର୍ଥନା କମିଟି ମୁଖ୍ୟ ବଦ୍ରି ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# କର୍ଣ୍ଣ-ନାସା-ଗଳା, କର୍କଟ ଅସ୍ତ୍ରୋପଚାର ପାଇଁ କିମ୍‌ସରେ ଅତ୍ୟାଧୁନିକ ମେଶିନ


ଅତ୍ୟାଧୁନିକ ସିଓ୨ ଲେଜର ମେଶିନ ଉଦ୍‌ଘାଟନ ଅବସରରେ ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୫।୫(ଅନୁରାଧା ମହାରଣା)

କର୍ଣ୍ଣ-ନାସା-ଗଳା ଓ କର୍କଟ ରୋଗର ଉନ୍ନତ ଅସ୍ତ୍ରୋପଚାର ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସେସ (କିମ୍‌ସ)ରେ ଏକ ଅତ୍ୟାଧୁନିକ ସିଓ୨ ଲେଜର ମେଶିନ ଉଦ୍‌ଘାଟିତ ହୋଇଯାଇଛି। କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାକୁ ଉଦ୍‌ଘାଟନ କରି କହିଲେ, ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ଏକ ମାଇଲ ଖୁଣ୍ଟ। ଏହାଦ୍ୱାରା ଓଡ଼ିଶା ତଥା ପଡ଼ୋଶୀ ରାଜ୍ୟର ଲୋକମାନେ ଅତ୍ୟାଧୁନିକ ଚିକିତ୍ସା ପାଇପାରିବେ। କିମ୍‌ସ କର୍ଣ୍ଣ-ନାସା-ଗଳା ବିଭାଗର ମୁଖ୍ୟ ଡା. କବିକାନ୍ତ ସାମନ୍ତରାୟ ସିଓ୨ ଲେଜର ମେଶିନର ବିଭିନ୍ନ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। କର୍କଟ ଓ କର୍ଣ୍ଣ-ନାସା-ଗଳା ରୋଗୀଙ୍କ ଅସ୍ତ୍ରୋପଚାର କ୍ଷେତ୍ରରେ ଏହା ହେଉଛି ସର୍ବାଧୁନିକ ମେଶିନ ବୋଲି ସେ ଦାବି କରିଛନ୍ତି। ଏହାଦ୍ୱାରା ବିନା ରକ୍ତକ୍ଷୟରେ ଅସ୍ତ୍ରୋପଚାର ହେଉଥିବା ଯୋଗୁ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରିଥାଏ। ସ୍ୱରଯନ୍ତ୍ର ଅସ୍ତ୍ରୋପଚାର ଭଳି ସମସ୍ତ ପ୍ରକାର ସୂକ୍ଷ୍ମ ଓ ଜଟିଳ ଅସ୍ତ୍ରୋପଚାର ସମ୍ଭବ ହୋଇପାରିବ। ଏହି ଅସ୍ତ୍ରୋପଚାର ପାଇଁ ପୂର୍ବରୁ ରୋଗୀମାନେ ମୁମ୍ବାଇ କିମ୍ବା ଦିଲ୍ଲୀ ଯାଉଥିଲେ। ଏଥିପାଇଁ ସେମାନଙ୍କୁ ଆର୍ଥିକ ବୋଝ ପଡୁଥିଲା। କିମ୍‌ସରେ ଏହି ସୁବିଧା ଉପଲବ୍ଧ ହେବା ପରେ ଏଣିକି ରୋଗୀଙ୍କୁ ସୁଲଭ ଦରରେ ଏହି ଚିକିତ୍ସା ସୁବିଧା ମିଳିପାରିବ। ଲେଜର-ଆଧାରିତ ଏହି ଚିକିତ୍ସା ୨୪ଘଣ୍ଟିଆ ଉପଲବ୍ଧ ହେବ। ସମ୍ପ୍ରତି ଲେଜର ଅସ୍ତ୍ରୋପଚାର ଚାହିଦା ରୋଗୀଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ବେଳେ କିମ୍ସରେ ଏହି ସୁବିଧା ସହିତ ଠିକ୍ ଏବଂ ସର୍ବନିମ୍ନ କ୍ଷତରେ ଚିକିତ୍ସା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡା. ସାମନ୍ତରାୟ କହିଛନ୍ତି। କିମ୍‌ସ ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଆର୍. ସି. ଦାସ, ମେଡିକାଲ ଅଧୀକ୍ଷକ ଡା. ମାନସ ରଞ୍ଜନ ବେହେରା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନଗର ଉନ୍ନୟନ, ପରିବହନ ବିଭାଗର ସମୀକ୍ଷା କଲେ ଉଷା ପାଢ଼ୀ

ଭୁବନେଶ୍ୱର,୧୫।୫ (ବନ୍ଦନା ସେଠୀ)

ପ୍ରମୁଖ ସଚିବ ଉଷା ପାଢ଼ୀ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏନେଇ ଆୟୋଜିତ ବୈଠକରେ ଦୁଇ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସହିତ ସମନ୍ୱୟ ରକ୍ଷା କରି ବିଭାଗୀୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ସ୍ଥାପନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିବହନ ସେବା, ସମୟାନୁସାରେ ପେନ୍‌ସନ୍ ବଣ୍ଟନ, ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବାରେ ପ୍ରଯୁକ୍ତିବିଦ୍ୟା ଓ ସମନ୍ୱିତ ତଥ୍ୟ ପ୍ରଣାଳୀର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ସ୍ୱଚ୍ଛତା ବୃଦ୍ଧି, ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ସେବା ଫଳାଫଳକୁ ଉନ୍ନତ କରିବା ପାଇଁ ବାସ୍ତବ-ସମୟ ତଦାରଖ (ରିଅଲ ଟାଇମ୍ ମନିଟରିଂ) ଏବଂ ତଥ୍ୟ-ଚାଳିତ ଶାସନ ବ୍ୟବସ୍ଥାକୁ ଅତ୍ୟାବଶ୍ୟକ ଉପକରଣ ଭାବରେ ଚିହ୍ନଟ କରାଯାଇଥିଲା। ପ୍ରମୁଖ ଶାସନ ସଚିବ ସ୍ଥିର ତଥା ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃ ବିଭାଗୀୟ ସହଯୋଗ ଏବଂ ଫଳାଫଳ-ମୁଖୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକଶିତ ଓ ଦକ୍ଷ ଓଡ଼ିଶା ଗଠନ ପାଇଁ ବିଭାଗଗୁଡ଼ିକ ମଧ୍ୟରେ ଲକ୍ଷ୍ୟଗୁଡ଼ିକର ସମନ୍ୱୟ ଅତ୍ୟାବଶ୍ୟକ ବୋଲି ସେ କହିଥିଲେ।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ଭୁବନେଶ୍ୱର ଜିଲା କଂଗ୍ରେସ




ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ)

ଅପରେଶନ ସିନ୍ଦୂରରେ ଶହୀଦ ହୋଇଥିବା ଭାରତୀୟ ଯବାନମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗୁରୁବାର ଭୁବନେଶ୍ୱର ଜିଲା କଂଗ୍ରେସ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କ୍ରମରେ ଜିଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ମହମବତୀ ପ୍ରଜ୍ୱଳନ କରାଯାଇଥିଲା। ଏପ୍ରିଲ ୨୨ରେ କଶ୍ମୀରର ପହେଲଗାମରେ ଆତଙ୍କବାଦୀମାନେ ୨୬ଜଣ ପର୍ଯ୍ୟଟକଙ୍କୁ ଗୁଳିକରି ହତ୍ୟା କରିଥିଲେ। ପ୍ରତିବାଦରେ ମେ ୬ ମଧ୍ୟରାତ୍ରିରେ ଭାରତୀୟ ସେନା ପାକ୍ ଅଧିକୃତ କଶ୍ମୀର ଅଞ୍ଚଳରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରି ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲା। ପାକିସ୍ତାନର ପ୍ରତିଆକ୍ରମଣ ଓ ଆକ୍ରମଣରେ ଭାରତୀୟ ସୈନ୍ୟମାନେ ନିଜର ବୀରତ୍ୱ ଓ ପରାକାଷ୍ଠାକୁ ପ୍ରତିପାଦନ କରିବା ସହ ନିଜ ଜୀବନକୁ ବଳିଦାନ ଦେଇଥିଲେ। ସେମାନଙ୍କର ଏହି ବଳିଦାନକୁ ମନେ ରଖିବା ପାଇଁ ଭୁବନେଶର ଜିଲା କଂଗ୍ରେସ ତରଫରୁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ସୁବ୍ରତ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଅଶୋକ ଦାସ, ପ୍ରଶାନ୍ତ ଚମ୍ପତି, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ, ଉଦ୍ଧିତ୍ ପ୍ରଧାନ, ପ୍ରସନ୍ନ ନାୟକ, ପ୍ରାଚୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# 'ଆମ ବସ୍' ସମ୍ପ୍ରସାରଣ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଗୁରୁବାର 'ଆମ ବସ୍' ସେବା ପରିଚାଳନା କରୁଥିବା କ୍ରୁଟ୍ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଆଗାମୀ ଦିନରେ ଆରମ୍ଭ ହେବାକୁ ଯାଉଥିବା ନୂତନ ସେବା ଓ ଯୋଜନାଗୁଡ଼ିକ ସମ୍ପର୍କରେ ସମୀକ୍ଷା କରିଥିଲେ। ଭିତ୍ତିଭୂମି ବିକାଶ, ୮ଟି ନୂତନ ସହରରେ 'ଆମ ବସ୍' ସେବାର ସମ୍ପ୍ରସାରଣ ଏବଂ ଡିଜିଟାଲ ମାଧ୍ୟମରେ କିପରି ଅଧିକ ଯାତ୍ରୀ ଟିକେଟ କରିପାରିବେ ତାହା ଉପରେ ବ୍ୟାପକ ଆଲୋଚନା କରିଥିଲେ। କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଡା. ତିରୁମାଲା ନାୟକ କଟକର ନରାଜ, ଭୁବନେଶ୍ୱରର ପୋଖରୀପୁଟ, ରାଉରକେଲାର ଛେଣ୍ଡ, ବ୍ରହ୍ମପୁରର ହଳଦିଆପଦର ଏବଂ ସମ୍ବଲପୁରରେ ଇଲେକ୍‌ଟ୍ରିକ୍ ଡିପୋ ନିର୍ମାଣର ଅଗ୍ରଗତି ବିଷୟରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏବେ କ୍ରୁଟ୍ ପକ୍ଷରୁ କଟକ, ପୁରୀ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁରର ୧୦୬ ରୁଟ୍‌ରେ ୫୬୦ଟି 'ଆମ ବସ୍' (୩୮୦ଟି ଡିଜେଲ ଏବଂ ୧୮୦ଟି ଇଲେକ୍‌ଟ୍ରିକ ବସ୍) ଚଳାଚଳ କରୁଛି। ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର, ବାରିପଦା, ଅନୁଗୋଳ ଏବଂ ଝାରସୁଗୁଡ଼ାରେ 'ଆମ ବସ୍' ସେବା ପରିଚାଳନା ପାଇଁ ସମ୍ପ୍ରସାରଣ ଯୋଜନା ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ମନ୍ତ୍ରୀ କ୍ରୁଟ୍‌ର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର ପରିଦର୍ଶନ କରି ଓଡ଼ିଶା ଯାତ୍ରୀ ଆପ୍, କ୍ରୁଟ୍ ପାଇଁ ରିଅଲ-ଟାଇମ୍ ବସ୍ ଟ୍ରାକିଂ, ଯାତ୍ରୀ ଅଭିଯୋଗ ସମାଧାନ ବ୍ୟବସ୍ଥା ଆଦି ପର୍ଯ୍ୟବେକ୍ଷଣ କରିଥିଲେ। ବିନା ଟିକେଟ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବାକୁ କହିଥିଲେ। ଏଥିସହ ସେବା ଯୋଗାଣରେ ଉନ୍ନତି, ଯାତ୍ରୀଙ୍କ ମତାମତ ଆଧାରରେ କି ପରଫର୍ମାନ୍ସ ଇଣ୍ଡିକେଟର ପ୍ରୋତ୍ସାହନ ପ୍ରଚଳନ, ୪ଟି ସରକାରୀ ଭାରୀଯାନ ଚାଳନା ତାଲିମ ପ୍ରତିଷ୍ଠାନରେ ଡ୍ରାଇଭରଙ୍କ ପାଇଁ ବାଧ୍ୟତାମୂଳକ ରିଫ୍ରେଶର ତାଲିମକୁ ଗୁରୁତ୍ୱ ଦେଇଥିଲେ। ଏହାବାଦ୍ ସମସ୍ତ ସହରରେ ଆମ ବସ୍ ପାସ୍ ସୁବିଧା, ନ୍ୟାଶନାଲ କମନ ମୋବିଲିଟି କାର୍ ପ୍ରଚଳନ, ହ୍ୱାଟ୍ସଆପ୍ ଟିକେଟିଂ ସୁବିଧାର ପ୍ରଚଳନ, ଆଡ୍‌ଭାନ୍ସ ଡ୍ରାଇଭର୍ ଆସିଷ୍ଟାଣ୍ଟ ସିଷ୍ଟମ୍‌ର ବ୍ୟବହାର, ଗ୍ରୀଡ୍‌କୋ ଏବଂ ଏନ୍‌ଟିପିସି ସହଯୋଗରେ ୩ଟି ହାଇଡ୍ରୋଜେନ ଚାଳିତ ବସ୍‌ର ଚଳାଚଳ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ବୈଠକରେ କ୍ରୁଟ୍ ମହାପ୍ରବନ୍ଧକ ସଞ୍ଜୟ ବିଶ୍ୱାଳ, ମହାପ୍ରବନ୍ଧକ ସହଦେବ ସମଧିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୫।୫(ବନ୍ଦନା ସେଠୀ)

ଛାତ୍ର କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ 'ମନ୍ଥନ' କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ଛାତ୍ରନେତା ଯୋଗଦେଇଥିଲେ। ଆଗାମୀ ଦିନରେ ଛାତ୍ର କଂଗ୍ରେସ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବ। ପ୍ରତ୍ୟେକ ଜିଲାରେ କାର୍ଯ୍ୟକ୍ରମ କରିବାକୁ ଉଦିତ୍ ଖସଡା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପୂର୍ବତନ ପିସିସି ସମ୍ପାଦକ ଅଭିଲାଷ ମାଣିଆ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଜିନେଶ ଦାଶ ଓ ସୁଧାଂଶୁ ଶେଖର ଦେଓଙ୍କ ସମେତ ବିଭିନ୍ନ ଜିଲାର ସଭାପତି ଓ ରାଜ୍ୟ ଛାତ୍ର କଂଗ୍ରେସ କମିଟିର ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ।

# ବିଏମ୍‌ସିର ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୧୫।୫ (ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ୱାର୍ଡସ୍ତରୀୟ ଅଭିଯୋଗ ଶୁଣାଣି ସତ୍ୟନଗରସ୍ଥିତ ୩୪ ନମ୍ବର ୱାର୍ଡ ଅଫିସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଭିଯୋଗ ଶୁଣାଣି ଶିବିରରେ ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ମିହିର କୁମାର ରାଉତ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୱାର୍ଡର ସମସ୍ତ ସାହି, ବସ୍ତି, ଆବାସିକ ସଂଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଡ୍ରେନ୍ ସଫେଇ, ଡ୍ରେନ ଉପରେ ସ୍ଲାବ, ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ, ସ୍ୱେରେଜ ପାଣି ଲିକ୍, ଜବରଦଖଲ ଉଚ୍ଛେଦ ଆଦି ନେଇ ସ୍ଥାନୀୟ ଲୋକେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେୟର ଲୋକଙ୍କ ଅଭିଯୋଗ ଶୁଣିବା ସହ ଉପବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସୁବିଧା ଅସୁବିଧା ଶୁଣିବା ସହ ସମସ୍ୟା ସମାଧାନର ସୂତ୍ର ବାହାର କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏହି ଅଭିଯୋଗ ଶୁଣାଣି ଶିବିର ପ୍ରତି ମଙ୍ଗଳବାର, ଗୁରୁବାର ଓ ଶନିବାର ସକାଳ ୮ଟାରୁ ୧୦ ମଧ୍ୟରେ କରାଯିବାର ବ୍ୟବସ୍ଥା ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଓଡିଏମ୍‌ରେ 'ସମର ସ୍କିଲ୍ କ୍ୟାମ୍ପ୍' ଉଦ୍‌ଯାପିତ



ଭୁବନେଶ୍ୱର,୧୫।୫(ଅନୁରାଧା ମହାରଣା)

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଚାଲିଥିବା ୧୫ ଦିନିଆ ଗ୍ରୀଷ୍ମକାଳୀନ ଶିବିର 'ସମର ସ୍କିଲ୍ କ୍ୟାମ୍ପ୍-୨୦୨୫' ଉଦ୍‌ଯାପିତ ହୋଇଯାଇଛି । ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉତ୍ସବରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ ୩ଟି ବିଭାଗରେ ବିଭକ୍ତ କରାଯାଇ କୋଚ୍‌ଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଅବସରରେ ପ୍ରତିଷ୍ଠାତା ଡ. ମୀନକେତନ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ପ୍ରଶଂସା କରିଥିଲେ। ପାଠପଢ଼ା ସହିତ ବିଭିନ୍ନ କ୍ରିୟାକଳାପ ମାଧ୍ୟମରେ ପିଲାମାନଙ୍କୁ ଅଧିକ ପ୍ରୋତ୍ସାହିତ କରାଗଲେ ସେମାନେ ଭବିଷ୍ୟତରେ ଜଣେ ଜଣେ ଦକ୍ଷ ସୁନାଗରିକ ହୋଇପାରିବେ ବୋଲି ସେ କହିଥିଲେ। ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଅନ୍ତର୍ଜାତୀୟ ପ୍ରଶିକ୍ଷକଙ୍କ ଦ୍ୱାରା ଗଳ୍ପ କଥନ ଶୈଳୀରେ ଶିକ୍ଷାଦାନ, ସ୍ୱାସ୍ଥ୍ୟରକ୍ଷାର ବିଭିନ୍ନ କୌଶଳ, ପ୍ରକୃତି ଅନୁସନ୍ଧାନକାରୀ, ହସ୍ତଶିଳ୍ପ ପ୍ରସ୍ତୁତି, ବିଜ୍ଞାନ ସମ୍ପର୍କିତ ନୂତନ ତଥ୍ୟ ଅନୁସନ୍ଧାନ, ଖେଳ ଏବଂ କୌତୂହଳ ମାଧ୍ୟମରେ ମାନସ ମନ୍ଥନ ଆଦି ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ସମସ୍ତ କୃତୀ ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

# ନବୀନ, ସୁଜାତାଙ୍କୁ 'ଯାତ୍ରା ସନ୍ନ୍ୟାସୀ ଫକୀର ମୋହନ ସାହାଣୀ ସ୍ମୃତି ସମ୍ମାନ'

ଭୁବନେଶ୍ୱର, ୧୫।୫ (ସୌମ୍ୟରଞ୍ଜନ ରାଉତ)

ନୃତ୍ୟାଭିନୟ ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ଦେବଯାନୀ ଭୂୟାଁ, ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ନମ୍ରତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚ ନିର୍ଦ୍ଦେଶକ ତଥା ଅଭିନେତା ନବୀନ କୁମାର ପରିଡା ଏବଂ ଓଡିଶୀ ନୃତ୍ୟାଙ୍ଗନା ସୁଜାତା ମହାପାତ୍ରଙ୍କୁ 'ଯାତ୍ରା ସନ୍ନ୍ୟାସୀ ଫକୀର ମୋହନ ସାହାଣୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ନୃତ୍ୟାଭିନୟର ଅଧ୍ୟକ୍ଷା ସ୍ୱାଗତିକା ସାହାଣୀଙ୍କ ପରିଚାଳନାରେ ଛାତ୍ରୀଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ, ବଟୁ ନୃତ୍ୟ, ପଲ୍ଲବୀ ଓ ଗୁରୁ ବନ୍ଦନା ଦର୍ଶକଙ୍କ ମନମୋହିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଦୁଷୀ ସୁଜାତା ମହାପାତ୍ରଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ନୃତ୍ୟାଭିନୟର ଅଧ୍ୟକ୍ଷ ତଥା ଅଭିନେତା ନିର୍ଦ୍ଦେଶକ ଲିକୁନ ଚୌଧୁରୀଙ୍କ ନିର୍ଦ୍ଦେଶିତ ହାସ୍ୟରସାତ୍ମକ ନାଟକ 'ସୁରେନ୍ଦ୍ର ସାଏଙ୍କ ନିଶ' ନୃତ୍ୟାଭିନୟର କଳାକାର ଦ୍ୱାରା ପରିବେଷିତ ହୋଇଥିଲା। ଅଂଶ ଗ୍ରହଣ କରିଥିବା ସମସ୍ତ କଳାକାର ଓ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟାଭିନୟ ଉତ୍ସବ ମାଧ୍ୟମରେ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ନାଟକକୁ ଅଧିକ ଲୋକାଭିମୁଖୀ କରିବାକୁ ଉଦ୍ୟମ ଜାରି ରହିବ ବୋଲି ନିର୍ଦ୍ଦେଶକ ଅଭିନେତା ଚୌଧୁରୀ ସତ୍ୟବ୍ରତ ଦାସ କହିଛନ୍ତି। ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱାଗତିକା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।



ନବୀନ କୁମାର ପରିଡା ଏବଂ ସୁଜାତା ମହାପାତ୍ର ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

## ଫଟୋ ରେ ଖବର


ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଗୁରୁବାର ଅନୁଷ୍ଠିତ ନୃତ୍ୟଶାଳାର ୨୨ତମ ବାର୍ଷିକ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଅଲ୍ ଇଣ୍ଡିଆ ଫେଡେରେଶନ ଅଫ୍ ୟୁନିଭର୍ସିଟି ଆଣ୍ଡ କଲେଜ ଟିଚର୍ସ ଅର୍ଗାନାଇଜେଶନ ଭୁବନେଶ୍ୱର ପକ୍ଷରୁ ଲୋହିଆ ଏକାଡେମୀଠାରେ ଗୁରୁବାର ଆୟୋଜିତ ଆଲୋଚନାଚକ୍ର।

# 'ଯବାନଙ୍କ ସେବା, ତ୍ୟାଗ ଅତୁଳନୀୟ'

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେଶନ ସିନ୍ଦୂର'ର ସଫଳତା ପରେ ଗୁରୁବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପରାକ୍ରମ ଶୋଭାଯାତ୍ରା ତଥା ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏହାକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି, ବିଧାୟକଙ୍କ ସମେତ ଜିଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲସିଂ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ପୋଲିସ, ଆଇନଜୀବୀ, କ୍ରୀଡାପ୍ରେମୀ, ସ୍ୱେଚ୍ଛାସେବୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ବୁଦ୍ଧଜୀବୀ, ଶିକ୍ଷାବିତ, ସାମାଜିକ କର୍ମୀ, ଯୁବତୀ, ଯୁବକ, ଜନପ୍ରତିନିଧି ପ୍ରମୁଖ ବାଇକ ଶୋଭାଯାତ୍ରାରେ ବାହାରି ହାତରେ ତ୍ରୀରଙ୍ଗା ଧରି ଯବାନମାନଙ୍କୁ ଉତ୍ସାହିତ କରିଥିଲେ। ଭାରତୀୟ ସେନା ବାହିନୀ ପରାକ୍ରମକୁ ମନେପକାଇ ଭାରତ ମାତାକୀ ଜୟ ଘୋଷ କରିଥିଲେ। ଏହି ଅବସରରେ ଏମ୍‌ପି ଷଡ଼ଙ୍ଗୀ କହିଲେ ଯେ, ଅପରେସନ ସିନ୍ଦୂର ସଫଳତା



ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ତ୍ରିରଙ୍ଗା ଶୋଭାଯାତ୍ରା।

## ଖୋର୍ଦ୍ଧାରେ ପରାକ୍ରମ ଶୋଭାଯାତ୍ରା

ଭାରତ ପାଇଁ ଗର୍ବ ଓ ଗୌରବ ଆଣିଛି। ଭାରତୀୟ ସେନା ଦୃଢ଼ତାର ସହ ପାକିସ୍ତାନର ୯ଟ୍ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ଆଡ୍ଡାକୁ ଧ୍ୱସ୍ତବିଧ୍ୱସ୍ତ କରିବା ସହ ପାକିସ୍ତାନର ଡ୍ରୋନ ଆକ୍ରମଣକୁ ନଷ୍ଟ କରି ବୀରତ୍ୱର ପ୍ରମାଣ ଦେଇଛନ୍ତି। ତ୍ରିରଙ୍ଗା ହେଉଛି ଆମ ସ୍ୱାଭିମାନ, ଅଖଣ୍ଡତାର ପ୍ରତୀକ। ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର। ଯବାନଙ୍କ ସେବା, ତ୍ୟାଗ ଅତୁଳନୀୟ ବୋଲି ଷଡ଼ଙ୍ଗୀ କହିଥିଲେ। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ମୁକୁନ୍ଦପ୍ରସାଦ, ଟ୍ରାଫିକ ଛକ, ଚଣ୍ଡିତୁଆ ଛକ, ଟିଏଲ୍‌ସି ରୋଡ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା, ୧୫।୫ (ବୁଲା ବାରିକ)

ଚନ୍ଦକା ଥାନା ଅଧୀନ ଅଙ୍ଗାରପଡା ପଞ୍ଚାୟତ ପାଣିଓରା ଗ୍ରାମ ନିକଟ ଏକ ଗଛରୁ ବୁଧବାର ରାତିରେ ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପ୍ରଫୁଲ୍ଲ ପରିଡା (୬୨)। ସୂଚନା ମୁତାବକ, ପ୍ରଫୁଲ ପରିବାର ସହ ପାଣିଓରା ଗ୍ରାମରେ ରୁହନ୍ତି। ତେବେ ବୁଧବାର ମଧ୍ୟାହ୍ନରେ ସେ ଘରୁ କେଉଁଆଡ଼େ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଗ୍ରାମ ନିକଟ ଏକ ଗଛରେ ଜଣେ ବ୍ୟକ୍ତି ଝୁଲୁଥିବା କେତେଜଣ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ପ୍ରଫୁଲ୍ଲଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଗୁରୁବାର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ସାପ କାମୁଡ଼ାରେ ବୃଦ୍ଧ ଗୁରୁତର

ଯାଁଳା, ୧୫।୫ (ବୁଲା ବାରିକ)

ଚନ୍ଦକା ଥାନା ଅନ୍ତର୍ଗତ ପଳାସପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ସାପ କାମୁଡ଼ାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ଗଙ୍ଗାଧର ବାରିକ (୭୦)। ସୂଚନା ଅନୁସାରେ, ସନ୍ଧ୍ୟାରେ ଗଙ୍ଗାଧର କୁଟା ଆଣିବା ପାଇଁ ଯାଇଥିଲେ। କୁଟା ଭିଡିବା ବେଳେ ଗଦାରେ ଥିବା ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ଗଙ୍ଗାଧର ସେଠାରେ ପଡିଯାଇଥିଲେ।ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

### ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ପରଲୋକ

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସାହିତ୍ୟିକ ପ୍ରଫେସର ଡ.ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ବୁଧବାର ରାତିରେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା। ପ୍ରଫେସର ବିଶ୍ୱାଳ ୧୯୫୩ ନଭେମ୍ବର ୧୭ରେ କେନ୍ଦ୍ରାପଡ଼ା ଜିଲା ନାହିଆଡ଼ିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଥିଲା ତାଙ୍କ କର୍ମଭୂମି। ପ୍ରାଣନାଥ ମହାବିଦ୍ୟାଳୟରେ ଅଧ୍ୟାପକ ଥିଲେ। ପରବର୍ତ୍ତୀ ସମୟରେ ଜଟଣୀ ମହାବିଦ୍ୟାଳୟ ପରେ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟର ଅଧ୍ୟକ୍ଷଭାବେ ଅବସର ଗ୍ରହଣ କରିଥିଲେ। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବା ବେଳେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ତାଙ୍କ ମରଶରୀର ଖୋର୍ଦ୍ଧା ମୁକୁନ୍ଦପ୍ରସାଦସ୍ଥିତ ବାସଭବନକୁ ଅଣାଯାଇଥିଲା। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହାନ୍ତି, ଭୀମସେନ ପ୍ରଧାନ,ସତ୍ୟବାଦୀ ବଳିୟାରସିଂହ, ଦିବାକର ପଟ୍ଟନାୟକ, ଭୀମା ରାଓ, ଶଶାଙ୍କ ଶେଖର ରଥ, ପତିତପାବନ ଦଳେଇ, ଗୋପାଳକୃଷ୍ଣ ନନ୍ଦ, ପ୍ରମୋଦ ଚନ୍ଦ୍ର ଦାଶ, ଗୋପାଳକୃଷ୍ଣ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।



ଖୋର୍ଦ୍ଧା ଜିଲା ପାଠାଗାର ଉଦ୍‌ଘାଟନ ଅବସରରେ ଗୁରୁବାର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅତିଥି।



ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି।

# ଜିଲା ପାଠାଗାର, ସଂସ୍କୃତି କାର୍ଯ୍ୟାଳୟ ଲୋକାର୍ପିତ

## ସ୍ୱାଧୀନତା ସଂଗ୍ରାମୀ ନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଟିଏଲ୍‌ସି ରୋଡ୍ ମଙ୍ଗଳାନଗର ଛକରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଏବଂ ଜିଲା ସଂସ୍କୃତି ଭବନ ପରିସରରେ ଜିଲା ପାଠାଗାର ଏବଂ ଜିଲା ସଂସ୍କୃତି କାର୍ଯ୍ୟାଳୟ ନବୀକରଣ ଗୃହକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଚଞ୍ଚଳ ରାଣା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉଦ୍‌ଘାଟନ କରିଛନ୍ତି। ଏଥିସହ ୟୁପିଏସ୍‌ସି, ଓପିଏସ୍‌ସି ଏବଂ ଅନ୍ୟାନ୍ୟ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ଆଲୋଚନା କରିଥିଲେ।

ସଂସ୍କୃତି ଭବନଠାରେ ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରି ଏମ୍‌ପି ଷଡ଼ଙ୍ଗୀ କହିଥିଲେ, ଜିଲା ପାଠାଗାର ପିଲାଙ୍କ ସଫଳତାର ମାଧ୍ୟମ ହେବ। କଠିନ ପରିଶ୍ରମ, ଲକ୍ଷ୍ୟ ସ୍ଥିର ରହିଲେ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବ ବୋଲି କହିବା ସହ ପିଲାଙ୍କୁ କିଟ୍ ବଣ୍ଟନ କରିଥିଲେ। ଏଠାରେ ସପ୍ତାହକୁ ଥରେ କୋଚିଂ କ୍ଲାସ ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ, ବଳିଦାନ ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ବିଧାୟକ ଜଗଦ୍ଦେବ କହିଲେ ଯେ, ବିକଶିତ ଖୋର୍ଦ୍ଧା ନିର୍ମାଣ ପର୍ବ ଆରମ୍ଭ ହୋଇଯାଇଛି, ଆଗକୁ ଦ୍ରୁତ ଗତିରେ ଚାଲିବ। ନାରାୟଣ ମିଶ୍ର ଉତ୍ସର୍ଗୀକୃତ ସେବା ପାଇଁ ଜନମାନସରେ ସ୍ମରଣୀୟ ହୋଇରହିବେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା, ଭାଜପା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଗ୍ରାମୀଙ୍କ ପରିବାର ଏବଂ ସ୍ମୃତି ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଅତିଥି, ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇ କହିଲେ ଯେ, ଏହି ପାଠାଗାର ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ପ୍ରାଥମିକ ପର୍ଯ୍ୟାୟରେ ଶହେ ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କୁ ପରିଚୟପତ୍ର ଦିଆଯାଇଛି। ଏଠାରେ ସମସ୍ତ ପ୍ରକାର ପାଠ୍ୟ ପୁସ୍ତକ ଉପଲବ୍ଧ ରହିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହି ସଭାରେ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସଂସ୍କୃତିପ୍ରେମୀ, ଜନପ୍ରତିନିଧି, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗୁରୁବାର ଭାଜପା ପକ୍ଷରୁ ଖୋର୍ଦ୍ଧାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଆଠମଲ୍ଲିକ ଯିବା ବେଳେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଭାଜପା କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇଥିଲେ। ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ବରିଷ୍ଠ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, ଜିଲାପରିଷଦ ପ୍ରଫୁଲ୍ଲ ଦଳେଇ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଗୋପବନ୍ଧୁ ଜେନା, ବିଶ୍ୱଦୀପ ପ୍ରଧାନ, ବିଭୁ ବଳିୟାରସିଂ, ପ୍ରଦୀପ ସ୍ୱାଇଁ, ରାମ ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଣା ସ୍ମୃତି ମନେପକାଇଲେ

ଟାଙ୍ଗୀ, ୧୫।୫ (ରଘୁନାଥ ସାହୁ)

ଟାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୮୦ ମସିହା ମାଟ୍ରିକ ବ୍ୟାଚର ସହପାଠୀମାନଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ମା'ଉଗ୍ରତାରା ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ସ୍ମୃତି ମନେପକାଇବା ସହ ଭାବର ଆଦାନପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଶ୍ୱକଲ୍ୟାଣୀ ପଣ୍ଡା, ଅଙ୍ଗୁରବାଳା ସୁନ୍ଦରାୟ, ରେଣୁବାଳା ଦାସ, ଦମୟନ୍ତୀ ବିଶ୍ୱାଳ, ଭାନୁମତୀ ଦେଇ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୮ଜଣ ସହପାଠୀ ଯୋଗଦେଇଥିଲେ।

# ପୁନରୁଦ୍ଧାର ହେବ ଶହୀଦ ସ୍ତମ୍ଭ

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

ସ୍ୱାଧୀନତା ଆନ୍ଦୋଳନରେ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ସମ୍ମାନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲା ସଂସ୍କୃତି ଭବନ ପରିସରରେ ପ୍ରତିଷ୍ଠା ହୋଇଥିଲା ଶହୀଦ ସ୍ମୃତି ସ୍ତମ୍ଭ। ୨୦୧୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଶହୀଦ ସ୍ତମ୍ଭକୁ ଉଦ୍‌ଘାଟନ କରିଥିଲେ। ଏବେ ସ୍ତମ୍ଭରେ ଫାଟ ସୃଷ୍ଟି ହୋଇଥିବା ବେଳେ ଫଳକ ଭାଙ୍ଗିଗଲାଣି। ଏହି ସ୍ତମ୍ଭ ଚାରିପଟେ ଗଛଲତା ମାଡ଼ିଗଲାଣି। ଏକଦା ଏହି ସ୍ତମ୍ଭ ନିର୍ମାଣ ବେଳେ ଦେଶମାତୃକା ଲାଗି ଜୀବନକୁ ବଳି ଦେଇ ଶହୀଦ ହୋଇଥିବା ବୀରପୁରୁଷଙ୍କ ନାମଫଳକ ଲଗାଇବା ପାଇଁ ସ୍ଥିର ହୋଇଥିଲା। ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ସ୍ତମ୍ଭ ସ୍ମାରକୀ ଚାରିପଟେ ଅନବନା ଗଛଲତା ସହ ଉପର ଭାଗରେ ବରଗଛ ଉଠିଲାଣି। ଏହା ଭଗ୍ନ ଅବସ୍ଥାରେ ରହିଛି। ସ୍ତମ୍ଭର ଚାରିପଟେ ବୀରତ୍ୱ ଚିହ୍ନ ସ୍ୱରୂପ ପାଇକ ବୀରଙ୍କ ଯୋଦ୍ଧା ବେଶ ଚିତ୍ରିତ ହୋଇଥିବା ବେଳେ ଏହା ଏବେ ନଷ୍ଟ ହେବାକୁ ବସିଛି। ଏହି ଶହୀଦ ସ୍ତମ୍ଭର ପୁନରୁଦ୍ଧାର କରାଯିବ ବୋଲି ଗୁରୁବାର ଜିଲା ପାଠାଗାର ଏବଂ ଜିଲା ସଂସ୍କୃତି କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଛନ୍ତି। ତୁରନ୍ତ ଏହାର ଏକ ଡିପିଆର ପ୍ଲାନ ପ୍ରସ୍ତୁତ କରିବାକୁ ଜିଲାପାଳ ଚଞ୍ଚଳ ରାଣାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶହୀଦ ସ୍ତମ୍ଭ ଚାରିପଟ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ବିଧାୟକ ଜଗଦ୍ଦେବ ପ୍ରତିଶ୍ରୁତି ଦେଇଛନ୍ତି। କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କୁହନ୍ତି, ଶହୀଦମାନେ ଏ ଦେଶର ଗର୍ବ ଓ ଗୌରବ। ଦେଶ ସ୍ୱାଧୀନତା ପଛରେ ଏମାନଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମରେ ଯାଶ ଦେଇ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ଫଳକଟିଏ ମଧ୍ୟ ଶହୀଦ ସ୍ତମ୍ଭ ନିକଟରେ ଲାଗିପାରିଲା ନାହିଁ। ଏହା ଏକ ବିଡମ୍ବନାର ବିଷୟ ବୋଲି ଗବେଷକ ଗୋପାଳକୃଷ୍ଣ ଦାସ କହିଛନ୍ତି। ଏନେଇ ଅନେକଥର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା



ଜଟଣୀ ପୌରପରିଷଦ ପକ୍ଷରୁ ବାହାରିଥିବା ତ୍ରିରଙ୍ଗା ଯାତ୍ରା।

ଜଟଣୀ, ୧୫।୫ (ରବୀନ୍ଦ୍ରନାଥ ମହାକୁଡ଼)

ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେଶନ ସିନ୍ଦୂର'ର ସଫଳତା ପରେ ଗୁରୁବାର ଜଟଣୀ ପୌର ପରିଷଦ ପକ୍ଷରୁ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଜଟଣୀ ପୌର କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ଆନ୍ଧ୍ର ବ୍ୟାଙ୍କ ଏବଂ ଆନ୍ଧ୍ର ବ୍ୟାଙ୍କ ଠାରୁ ଖୁଦୁପୁର ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାର ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜଟଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଶ୍ମିତା ନାଥ, ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଜିଲା ଭାଜପା ସଭାପତି ବିଶ୍ୱରଞ୍ଜନ ବଡ଼ଜେନାଙ୍କ ସମେତ ଜନପ୍ରତିନିଧି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ।

ବାଲୁଗାଁ, (ସଂଗ୍ରାମ ପାଇକରାୟ)

ଆତଙ୍କବାଦ ବିରୋଧୀ ଅଭିଯାନ, 'ଅପରେଶନ ସିନ୍ଦୂର'ର ସଫଳତା ପରେ ଗୁରୁବାର ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ନଗରପାଳ ସୁକାନ୍ତି ପାଇକରାୟଙ୍କ ପୁଅ ତଥା ଯୁବ ସଙ୍ଗଠକ ସନ୍ତୋଷ କୁମାର ପାଇକରାୟଙ୍କ ମିଳିତ ନେତୃତ୍ୱରେ ସମସ୍ତ କର୍ମଚାରୀ ଏବଂ ସମସ୍ତ ସରକାରୀ ଓ ବେସରକାରୀ, ବ୍ୟବସାୟ ପ୍ରତିଷ୍ଠାନ, ନେତୃବୃନ୍ଦ ଯୋଗଦେଇଥିଲେ। ଜୟ ଯବାନ ଓ ଜୟ ଭାରତ ନାରାରେ ବାଲୁଗାଁ ପ୍ରକମ୍ପିତ ହୋଇ ଉଠିଥିଲା। ଚିଲିକାକୂଳରେ ଶୋଭାଯାତ୍ରା ପହଞ୍ଚିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ଯବାନଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ।

ବାଣପୁର, (ଦିଲୀପ କୁମାର ସ୍ୱାଇଁ)

ଆତଙ୍କବାଦ ବିରୋଧୀ ଅଭିଯାନ, 'ଅପରେଶନ ସିନ୍ଦୂର'ର ସଫଳତା ପରେ ଗୁରୁବାର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ନଗରପାଳ ମିଟୁ ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଏହି ତ୍ରିରଙ୍ଗା ଯାତ୍ରା ବାଣପୁର-ବାଲୁଗାଁ ବାଇପାସ୍ ଓଭରବ୍ରିଜରୁ ବାହାରି ଐତିହାସିକ ପଲଟଣ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ପୂର୍ବତନ ସୈନିକ ସଂଘ, ବଣିକ ସଂଘ, ସ୍ୱର୍ଣ୍ଣ ଅଳଙ୍କାର ବ୍ୟବସାୟୀ ସଂଘ, ଗୋଦାବରୀଶ ମହାବିଦ୍ୟାଳୟ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ତହସିଲଦାର, ଥାନାଧିକାରୀ, ବିଜ୍ଞାପିତ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ତହସିଲ, ବ୍ଲକ, ବିଜ୍ଞାପିତ ଅଞ୍ଚଳର ପରିଷଦ, ସରକାରୀ କାର୍ଯ୍ୟାଳୟର କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ଯୋଗଦେଇଥିଲେ।

# ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

ଅପରେଶନ ସିନ୍ଦୂର ସମୟରେ ଶହୀଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଗୁରୁବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧାସ୍ଥିତ ପଞ୍ଚସଖା ପରିସରରେ ସମୂହ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ କହିଥିଲେ, ବୀର ଶହୀଦ ଯବାନଙ୍କ ପରିବାର ସହିତ କଂଗ୍ରେସ ରହିଛି। ସେମାନଙ୍କ ବଳିଦାନକୁ ଏଦେଶ ଚିରଦିନ ପାଇଁ ମନେ ରଖିବା ସହିତ ସେମାନଙ୍କ ବୀରତ୍ୱ ସର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ, ପ୍ରଦୀପ ସ୍ୱାଇଁ, ଶିଶିର ପରିଡ଼ା, ଅଶୋକ ମଙ୍ଗରାଜ, ଅମିତ ମହାନ୍ତି, ସୌମ୍ୟ ବରାଳ, ସୌମ୍ୟ ପଟ୍ଟନାୟକ, ସଞ୍ଜୟ ସୁବୁଦ୍ଧି, କାଳନ୍ଦୀ ମହାପାତ୍ର, ସିଲା ଦିବ୍ୟ ପଟ୍ଟନାୟକ, ତାପସ ମିଶ୍ର, ଗୋପୀନାଥ ରଣା, ଅଜିତ ସାମନ୍ତସିଂହାର, ସୁଶାନ୍ତ ସ୍ୱାଇଁ, ଅକ୍ଷୟ ମହାପାତ୍ର, ସାମ ହୁସେନ, ସାଦିକ ଖାଁଙ୍କ ସହ ଶତାଧିକ କାଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଦୀପଦାନ।

# ଜମୁଛି ମୁଖାପିନ୍ଧା ରାମଲୀଳା



ଟାଙ୍ଗୀ, ୧୫।୫ (ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳର ପ୍ରସିଦ୍ଧ ମୁଖା ପିନ୍ଧା ରାମଲୀଳା ବଡପାଇକ ସାହିସ୍ଥିତ ରାମଲୀଳା ପଡ଼ିଆଠାରେ ପରିବେଷଣ ହେଉଛି। ଏଠାରେ ସଦାଶିବ ଦାଶଙ୍କ ରଚିତ ନାଟକ ଦୀର୍ଘ ବର୍ଷଧରି ପରିବେଷଣ ହୋଇଆସୁଛି। ଲଙ୍କାଧିଶ ରାବଣ ପୁଅ ତରଣୀ ସେଣ ଓ ମହୀରାବଣ ବଧ ନାଟକ ପରିବେଷଣ ଦୃଶ୍ୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରାମ ଭୂମିକାରେ ଝରିଆ ନାୟକ, ଲକ୍ଷ୍ମଣ ଭୂମିକାରେ ମଣ୍ଟୁ ତରାଇ, ସୀତା ଭୂମିକାରେ ତୁଷାର ରାଉତ, ମହୀରାବଣ ଭୂମିକାରେ ନିରଂଜନ ବାହୁବଳେନ୍ଦ୍ର, ରାବଣ ଭୂମିକାରେ ପ୍ରଣୟ ପାଇକରାୟ, ହନୁମାନ ଭୂମିକାରେ ସାନା ରାଉତ ପ୍ରମୁଖ ଅଭିନୟ କରିଥିବା ବେଳେ ଗାୟକ ଭାବେ ପ୍ରଫୁଲ୍ଲ ରାଉତ, ବାୟକ ଭାବେ କୈଳାସ ରାଉତ, ବିଦ୍ୟାଧର ପାତ୍ର ପ୍ରମୁଖ କାର୍ଯ୍ୟ ନିର୍ବାହ କରିଥିଲେ। ରାମଲୀଳା କମିଟି ସଭାପତି ଉମାକାନ୍ତ ରାଉତ, ବିଭୁପାଦ ରାଉତ, ଘନଶ୍ୟାମ ମହାନ୍ତି, ଜିତେନ୍ଦ୍ର ତରାଇ,ଦୀପକ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରସ୍ତାବିତ ଜିଲା ସଂଗ୍ରହାଳୟ ହେଲା ସଂସ୍କୃତି କାର୍ଯ୍ୟାଳୟ

## ୧୪ବର୍ଷ ତାଲା ଝୁଲିବା ପରେ ନିଷ୍ପତ୍ତି ବଦଳିଲା

ଖୋର୍ଦ୍ଧା, ୧୫।୫ (ପ୍ରଭାତ ପାଣିଗ୍ରାହୀ)

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୧ ମସିହାରେ ଜିଲା ସଂସ୍କୃତି ଭବନ ପରିସରରେ ଶହୀଦ ସ୍ତମ୍ଭ ଉଦ୍‌ଘାଟନ କରିଥିଲେ। ଏଥିସହିତ ସେଠାରେ ଜିଲା ସଂଗ୍ରହାଳୟ ସ୍ଥାପନ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ୨୫ଲକ୍ଷ ବ୍ୟୟ ଅଟକଳରେ ଏହି କୋଠା ନିର୍ମାଣ ହୋଇଥିଲା। ଖୋର୍ଦ୍ଧା ପାଇକ ବୀରଙ୍କ ସାମରିକ ସାରଞ୍ଜାମ, ବୀରଶୀଳା, ପ୍ରତ୍ନତତ୍ତ୍ୱ, ଭୂତତ୍ତ୍ୱ ଏବଂ ବିଭିନ ସମୟରେ ଉଦ୍ଧାର କରାଯାଉଥିବା ଐତିହ୍ୟ କୀର୍ତ୍ତିରାଜ ସଂରକ୍ଷଣ ଉଦ୍ଦେଶ୍ୟରେ ଏହି ସଂଗ୍ରାହଳୟ ନିର୍ମାଣ ଲକ୍ଷ୍ୟ ରହିଥିଲା। ତେବେ ୧୪ବର୍ଷ ଏଠାରେ ତାଲା ଝୁଲିବା ପରେ ଏବେ ଜିଲା ପ୍ରଶାସନ ଏହାକୁ ଜିଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟ ହାତକୁ ଟେକି ଦେଇଛି। ଗୁରୁବାର ଏମ୍‌ପି, ବିଧାୟକ ଏବଂ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଏବଂ ଜିଲାପାଳ ଏହି କୋଠାରେ ଜିଲା ସଂସ୍କୃତି କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଯେଉଁଠିଦିନେ ସଂଗ୍ରହାଳୟ ପାଇଁ ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଥିଲା, ସେଠାରେ ସଂସ୍କୃତି ଭବନ ଖୋଲିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବ୍ରିଟିଶ ସହିତ ଲଢେଇ କରି ବଳିଦାନ ଦେଇଥିବା ପାଇକଙ୍କ ବୀରତ୍ୱର ଗାଥା ଏବଂ ସେମାନେ ବ୍ୟବହାର କରିଥିବା ଅସ୍ତ୍ରଶସ୍ତ୍ର ଖଣ୍ଡା, ବର୍ଚ୍ଛା, ଢାଲ, ପାଇକ ବୀରଙ୍କ ତୈଳଚତ୍ର, ପ୍ରାଚନୀ କୀର୍ତ୍ତିରାଜୀ ଆଦି ଏହି ସଂଗ୍ରାହଳୟରେ ସ୍ଥାନ ପାଇବ। ପାଇକ ବୀରଙ୍କ ବୀରତ୍ୱ ସମ୍ପର୍କରେ ଆଗାମୀ ପିଢିଙ୍କୁ ଅବଗତ କରାଇବା ଏହି ସଂଗ୍ରାହଳୟର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ତେବେ କୌଣସି କାରଣରୁ ଏହି କୋଠା ଉଦ୍‌ଘାଟନ ହୋଇପାରି ନ ଥିଲା। ସେବେଠାରୁ ଏହି କୋଠା ବିପର୍ଯ୍ୟସ୍ତ ହୋଇ ପଡିରହିଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଛାତ, କାନ୍ଥ ଫାଟି ଆଁ କରିବା ସହ ଲୁହାର ଫାଟକରେ କଳଙ୍କି ଲାଗିଯାଇଥିଲା। ୨୦୨୨ ଜୁନ ମାସରେ ଖୋର୍ଦ୍ଧା ବ୍ଲକ ପକ୍ଷରୁ ଏହି କୋଠା ପୁନରୁଦ୍ଧାର କରାଯାଇଥିଲା। ନିର୍ମାଣ ହେବା ପରଠାରୁ ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ପ୍ରଥମ ଥର ଲାଗି ମୁଖ୍ୟ ଫାଟକ ତାଲା ଖୋଲିଥିଲା। ଏହି କୋଠାର ମରାମତି ପରେ ପୁଣି ତାଲା ଝୁଲିଥିଲା। ତେବେ ଯେଉଁ ଉଦ୍ଦେଶ୍ୟରେ ଏହି କୋଠା ନିର୍ମାଣ କରାଯାଇଥିଲା, ତାହା ଏବେ ଆଶା ଆକାଂକ୍ଷାରେ ରହିଯାଇଛି। ଏ ସମ୍ପର୍କରେ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଲେ ଯେ, ପାଇକ ବୀରଙ୍କ ବୀରତ୍ୱର ଗାଥା ଲୋକଲୋଚନକୁ ଆଣିବା, ଜିଲାର ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ ଉଦ୍ଦେଶ୍ୟରେ ତତ୍କାଳୀନ ଜିଲାପାଳ ଏଠାରେ ଜିଲା ସଂଗ୍ରହାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଏନେଇ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। କୌଣସି କାରଣରୁ ଆଗକୁ ବଢ଼ିପାରିଲା ନାହିଁ। ଏବେ ଏଠାରେ ଜିଲା ସଂଗ୍ରହାଳୟ ପରିବର୍ତ୍ତେ ଜିଲା ସଂସ୍କୃତି କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଛି। ଜିଲାର ଐତହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ଜିଲାସ୍ତରୀୟ ସଂଗ୍ରହାଳୟ ଜରୁରୀ ବୋଲି ସେ କହିଛନ୍ତି। ସେହିପରି ସଂସ୍କୃତିପ୍ରେମୀ ପ୍ରସନ୍ନ ପାଇକରାୟ କୁହନ୍ତି, ପ୍ରସ୍ତାବିତ ସଂଗ୍ରହାଳୟ କେବଳ ସଭା, ଆଲୋଚନା ମଧ୍ୟରେ ସୀମିତ ହୋଇ ରହିଗଲା। ଏହି ସଂଗ୍ରହାଳୟ ସ୍ଥାପନ ହୋଇଥିଲେ ଆଗାମୀ ଯୁବପିଢ଼ି ଜିଲାର ଭୌଗୋଳିକ ସ୍ଥିତି, ଐତିହ୍ୟ କୀର୍ତ୍ତିରାଜି ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ପାଇଥାନ୍ତେ। ଏ ମାଟିର ଗୌରବ ବଢ଼ିଥାନ୍ତା। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଏହା ଅଧାରେ ଅଟକିଗଲା।

# ‘ବିକଶିତ କଟକ ଦିଗରେ କାର୍ଯ୍ୟ କରିବାକୁ ହେବ’

■ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ରାଜ୍ୟପାଳ
■ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହ ଆଲୋଚନା

କଟକ,୧୫।୫(କାର୍ତ୍ତିକ ସାହୁ)



ଜିଲାପାଳ ଅଫିସ କନ୍‌ଫେରେଶନ୍ସ ହଲ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ରାଜ୍ୟପାଳଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ବିକଶିତ ଭାରତର ଲକ୍ଷ୍ୟ ପୂରଣ କରିବାକୁ ହେଲେ ବିକଶିତ କଟକ ତଥା ବିକଶିତ ଓଡ଼ିଶାର ସ୍ୱପ୍ନକୁ ପ୍ରଥମେ ପୂରଣ କରିବାକୁ ହେବ। ବିକଶିତ କଟକ ଦିଗରେ କାର୍ଯ୍ୟ କରିବାକୁ ହେବ। ତୃଣମୂଳସ୍ତରରୁ ଆଗେଇ ଆସି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ନିକଟରେ ପହଞ୍ଚାଇବାକୁ ପଡ଼ିବ। ଏଥିପାଇଁ ପ୍ରଶାସନ ଓ ଜନପ୍ରତିନିଧିମାନେ ହାତକୁ ହାତ ମିଶାଇ କାର୍ଯ୍ୟ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି।

ରାଜ୍ୟପାଳ ଗୁରୁବାର କଟକ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି କାର୍ଯ୍ୟଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସେ ସନ୍ତୋଷବ୍ୟକ୍ତ କରିଛନ୍ତି। ଉପଆୟୁକ୍ତ କମିଶନରେଟ ପୋଲିସ ଖିଲାରି ଋଷିକେଷ ଦ୍ୟାନଦେଓ କଟକ ସହର ଆଇନଶୃଙ୍ଖଳା ପରିସ୍ଥିତି, ସାଇବର ଅପରାଧ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ଓ ୨୪ ଘଣ୍ଟିଆ ଟୋଲ ଫ୍ରି ନମ୍ବର କାର୍ଯ୍ୟ କରୁଥିବା ବିଷୟରେ ବିବରଣୀ ଦେଇଥିଲେ। ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଜିଲାର ବିଭିନ୍ନ ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧ ନିୟନ୍ତ୍ରଣ କରାଯାଉଥିବା କହିଥିଲେ। ଜିଲାର କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣିସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଶକ୍ତି, ଶିଳ୍ପ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କ୍ଷୁଦ୍ର ଜଳସେଚନ ଏବଂ ବ୍ୟାଙ୍କିଂ କ୍ଷେତ୍ରର ଅଧିକାରୀମାନେ ନିଜ ବିଭାଗର କାର୍ଯ୍ୟକାରିତା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଜିଲାର ପ୍ରମୁଖ ବିକାଶମୂଳକ ପ୍ରକଳ୍ପ, ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲ, ଚଣ୍ଡୀ ମନ୍ଦିର, ସତ୍ୟଭାମାପୁରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ, ତାରକସି ହବ୍, ମହାନଦୀ ୱାଟରଫ୍ରଣ୍ଟ ବିକାଶ ପ୍ରକଳ୍ପ ଆଦିର ବର୍ତ୍ତମାନ ସ୍ଥିତି ଏବଂ ଏଗୁଡ଼ିକର କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପନ୍ନ ହେବାକୁ କାର୍ଯ୍ୟକ୍ରମ ଜାରି ରହିଥିବା ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରୀୟ ମୁଦ୍ରା ଯୋଜନାରେ ବିଭିନ୍ନ ବ୍ୟାଙ୍କ ଋଣ ପ୍ରଦାନ ସମ୍ପର୍କରେ ରାଜ୍ୟପାଳ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଭଳି ସରକାରଙ୍କ ବିଭିନ୍ନ ବୀମା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଦିଗରେ ବ୍ୟାଙ୍କମାନେ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସି ଲୋକଙ୍କୁ ସଚେତନ କରାଇବାକୁ ରାଜ୍ୟପାଳ ନିର୍ଦ୍ଦେଶ ଦେଇଛନ୍ତି। କୃଷିକ୍ଷେତ୍ରର ଉନ୍ନତି ସହ କୃଷକମାନଙ୍କୁ ଚିହ୍ନଟ ଓ ସବସିଡି ପ୍ରଦାନ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ସୁଭଦ୍ରା ଯୋଜନା, ମମତା ଯୋଜନା, ଅଦ୍ୱିକା ଯୋଜନା, ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୁଦ୍ରା ଯୋଜନା, ଲକ୍ଷପତି ଦିଦି ଭଳି କାର୍ଯ୍ୟକ୍ରମଗୁଡ଼ିକର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଜଗତସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍‌ଦୌସ, ନିଆଳି ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ. ରାଜପୁତ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ, କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲାପାଳ ବାଙ୍କୀ ପ୍ରଣବ କୁମାର ବେହେରା ଓ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନରେ ରାଜ୍ୟପାଳ ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ନାଗରିକ କମିଟି, ଶାନ୍ତି କମିଟି, ବାର ଆସୋସିଏଶନ୍‌ର ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହ କଟକ ସହରର ଉନ୍ନତିକରଣ ଓ ସାମଗ୍ରିକ ବିକାଶ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ସହରର ଉନ୍ନତିକରଣ କାର୍ଯ୍ୟ ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ପରେ ରାଜ୍ୟପାଳ ନୌବାଣିଜ୍ୟ ସଂଗ୍ରହାଳୟଠାରେ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରଥିଲେ। ଏଥିସହ ରାଜ୍ୟପାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ଉପକୃତ ହିତାଧିକାରୀ ବିଡ଼ାନାସୀ ଗୋପାଳସାହିର ପୁଷ୍ପଲତା ସାସମଲ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ଉପକୃତ ହିତାଧିକାରୀ ସାନ ମୁଣ୍ଡୁଳିର ମଇନା ସାହୁଙ୍କ ଗୃହ ପରିଦର୍ଶନ କରିଥିଲେ।

# ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଉପେକ୍ଷା



ଆୟତ୍ତପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରପଞ୍ଚ ରାକେଶ ବେହେରା ଓ ୱାର୍ଡ ସଭ୍ୟ।

## ଡେକେୟାର ସ୍ୱାସ୍ଥ୍ୟ ଉପକେନ୍ଦ୍ର ଉଦ୍‌ଘାଟନ

କଟକ ସଦର,୧୫।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଆୟତ୍ତପୁର ପଞ୍ଚାୟତରେ ବୁଧବାର ଡେକେୟାର ସ୍ୱାସ୍ଥ୍ୟ ଉପକେନ୍ଦ୍ର ନୂତନ କୋଠା ଉଦ୍‌ଘାଟନ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା କରାଯାଇଥିଲା। ଉଦ୍‌ଘାଟନ ବେଳେ ସ୍ଥାନୀୟ ଓ ବ୍ଲକସ୍ତରୀୟ ଜନପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଛି ବୋଲି ଆୟତ୍ତପୁର ସରପଞ୍ଚ ରାକେଶ ବେହେରା ଅଭିଯୋଗ କରିଛନ୍ତି। ଗୁରୁବାର ଆୟତ୍ତପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ନୂତନ ଗୃହ ନିର୍ମାଣ ବେଳେ ତାଙ୍କର ଅବଦାନ ସମ୍ପର୍କରେ ବେହେରା କହିଥିଲେ। ଜାଗା ନ ଥିବାରୁ ପୁରୁଣା ପଞ୍ଚାୟତ ଘରକୁ ଭଙ୍ଗା ଯାଇ ସ୍ୱାସ୍ଥ୍ୟ ଉପକେନ୍ଦ୍ର କରିବାକୁ ସୁଯୋଗ ଦିଆଯାଇଥିଲା। ଏହି କାର୍ଯ୍ୟ ପଞ୍ଚାୟତ ସମିତି ତ୍ତ୍ୱାବଧାନରେ ଟେଣ୍ଡର ଦ୍ୱାରା କରାଯାଇଥିଲେ ସୁଦ୍ଧା ସ୍ଥାନୀୟ ସରପଞ୍ଚ, ୱାର୍ଡ ସଭ୍ୟ ଓ ବ୍ଲକ ଅଧ୍ୟକ୍ଷାଙ୍କ ଡକାଯାଇ ନ ଥିଲା। ଏପରି କି ଉଦଘାଟନୀ ଫଳକରେ କେବଳ ଏମ୍‌ପି ଓ ବିଧାୟକଙ୍କ ନାମ ରଖାଯାଇଛି। ସ୍ଥାନୀୟ ଲୋକ ପ୍ରତିନିଧି ରହିଲେ ବିଧାୟକଙ୍କ ଲୋକପ୍ରିୟତା କମି ଯିବ କି ବୋଲି ସରପଞ୍ଚ ବେହେରା ପ୍ରଶ୍ନ କରିଥିଲେ। ଖବରଦାତା ସମ୍ମିଳନୀରେ ୱାର୍ଡ ସଭ୍ୟ ନାରାୟଣ ଦାସ, ଲିପୁନ ବେହେରା, ରାଜେଶ ଦେହୁରୀ ଓ ନାଜିର ଖାଁ ଉପସ୍ଥିତ ଥିଲେ। ଅଭିଯୋଗ ସମ୍ପର୍କରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ୨୦୨୩ରେ ତତ୍କାଳୀନ ବିଧାୟକ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ବେଳେ କେବଳ ମୁଖ୍ୟମନ୍ତ୍ରୀ ଓ ତାଙ୍କ ନାମ ଲେଖିବା ନଜିର ରହିଛି ବୋଲି କହିଥିଲେ। କେନ୍ଦ୍ରୀୟ ଅନୁଦାନ ହୋଇଥିବାରୁ ଆୟୋଜକମାନେ କ’ଣ କରିଛନ୍ତି ସେ କଥା କହି ପାରିବେ ନାହିଁ ବୋଲି ବିଧାୟକ ସେଠୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ୩ କଲେଜରେ ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ

କଟକ ସଦର,୧୫।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୩ କଲେଜରେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଛି। ଫଳରେ କଲେଜର ବିଭିନ୍ନ ନିଷ୍ପତ୍ତି ନେବାରେ ପରିଚାଳନା କମିଟି ମୁଖ୍ୟଙ୍କ ଉପରେ ନିର୍ଭର କରି ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ପାରୁନାହାନ୍ତି ଭାରପ୍ରାପ୍ତ ଅଧ୍ୟକ୍ଷ। ସେଥିପାଇଁ ରାଜନୈତିକ ହସ୍ତକ୍ଷେପ ବଢ଼ି ଚାଲିଛି ବୋଲି ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକ କହିଛନ୍ତି। ଏହି ବ୍ଲକର ୪୨ମୌଜାସ୍ଥିତ ସୁଦର୍ଶନ ମହାବିଦ୍ୟାଳୟ, କନ୍ଦରପୁର ଓ କିଶୋର ନଗର ମହାବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନାହାନ୍ତି। ଯଥାଶୀଘ୍ର ଅଧ୍ୟାପକମାନଙ୍କୁ ପ୍ରାଧ୍ୟାପକ ପଦବୀକୁ ପଦୋନ୍ନତି ଦେଇ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ଉଚ୍ଚ ଶିକ୍ଷା ବିଭାଗର ପ୍ରତିକ୍ରିୟା ମିଳି ପାରିନାହିଁ।



ଜୋବ୍ରା ଆନିକଟ ରାସ୍ତା ପାର୍ଶ୍ୱରେ ଜଣେ ଫଳ ବ୍ୟବସାୟୀ ଲିଚୁଗୁଡ଼ିକୁ ସାଇତି ରଖିବା ପାଇଁ ପାଣି ସିଞ୍ଚନ କରୁଛନ୍ତି।

# ବିଦ୍ୟାର୍ଥୀ ଜୀବନ ନିର୍ମାଣ ଶିବିର ଉଦ୍‌ଯାପିତ

ଫୁଲନଖରା୧୫।୫(ସତ୍ୟରଞ୍ଜନ ଦାସ ମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଉଷୁମାଠାରେ ଥିବା ବେଦଧାମ ପରିସରରେ ପଞ୍ଚଦିବସୀୟ ଆବାସୀୟ ‘ବିଦ୍ୟାର୍ଥୀ ଜୀବନ ନିର୍ମାଣ ଶିବିର’ ସାମୀ ସୁଧାନନ୍ଦ ସରସତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ନୈତିକତା, ଶୃଙ୍ଖଳା, ଅନୁଶାସନ, ଦାୟିତ୍ୱବୋଧ, ଦେଶପ୍ରେମ ଆଦି ସଦ୍‌ଗୁଣର ସମାବେଶ କରାଇବା ପାଇଁ ସେବା-ସଂସ୍କୃତି-ସ୍ୱାଧ୍ୟାୟ-ସାଧନା ସକାଶେ ସମର୍ପିତ ସଙ୍ଗଠନ ‘ଶ୍ରୁତିନ୍ୟାସ’ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ର. ଫକୀର ମୋହନ ସାହୁ, ମୁଖ୍ୟବକ୍ତା ରୂପେ ପ୍ର. ବୈଷ୍ଣବ ଚରଣ ମହାନ୍ତି ଦେଇଥିଲେ। ଉଦ୍‌ଯାପନୀ ରେ ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ର. ନିରଞ୍ଜନ ପାଢ଼ୀ ଯୋଗଦେଇଥିଲେ। ଏଥିସହିତ ଚିନ୍ମୟ ମିଶନର ପୂଜ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ, ବେଦାନ୍ତ ବିଜ୍ଞାନ ଗୁରୁକୁଳମ ପ୍ରତିଷ୍ଠାତା ପୂଜ୍ୟ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀ, ବିଶିଷ୍ଟ ମନସ୍ତତ୍ତ୍ୱବିଦ ଡଃ. ଧନେଶ୍ୱର ସାହୁ, ମନସ୍ତତ୍ତ୍ୱ ଚିକିତ୍ସକ ଡାକ୍ତର ଉମା ପ୍ରସାଦ ବିଶ୍ୱାଳ, ପ୍ରଶାସକ ପ୍ରମୋଦ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଯୋଗ ଶିକ୍ଷକ ନିରଞ୍ଜନ ପଣ୍ଡା ଓ ପ୍ରଜ୍ଞା ପଟ୍ଟନାୟକ ପ୍ରତ୍ୟହ ଯୋଗାସନ ଓ ପ୍ରାଣାୟାମ ଶିକ୍ଷା ଦେଇଥିଲେ। ଅନୁଷ୍ଠାନର ସଂରକ୍ଷକ ଇଂ. କୁମାର ସ୍ୱାମୀ, ସମ୍ପାଦକ ପଦ୍ମନାଭ ସ୍ୱାଇଁ, ସଂଯୋଜକ ଆନନ୍ଦ ସାମନ୍ତରାୟ ଏକ ମିଳିତ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଅଜୟ କିଶୋର ମହାପାତ୍ର, ଶ୍ରୀବତ୍ସ ଶ୍ରୁତି ପଥିକ, ରାଜଗୋପାଳ ଦୋରା, ରାଜେନ୍ଦ୍ର ବାନପ୍ରସ୍ଥୀ ଆଦି ସହଯୋଗ କରିଥିଲେ।

# ଯୁବ କଂଗ୍ରେସକୁ ଅଧିକ କ୍ରିୟାଶୀଳ ପାଇଁ ଆହ୍ୱାନ

## ନଗର ଯୁବ କଂଗ୍ରେସର ସାଙ୍ଗଠନିକ ବୈଠକ

କଟକ,୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର ଯୁବ କଂଗ୍ରେସର ସାଙ୍ଗଠନିକ ବୈଠକ ଗୁରୁବାର କଟକ ଶକ୍ତିନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଆଇନଜୀବୀ ଡ. ବିପ୍ଳବ ଶିଳାଦିତ୍ୟଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଅଖିଳ ଭାରତ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ୍, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ବରିଷ୍ଠ ନେତା ମାନସ ଚୌଧୁରୀ ଓ କଟକ ଜିଲା କଂଗ୍ରେସ ସଭାପତି ରବୀନ୍ଦ୍ର ମଲ୍ଲିକ ଯୋଗଦେଇଥିଲେ। ବୈଠକରେ ସର୍ବପ୍ରଥମେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲ। ପରେ ବାରବାଟୀ-କଟକ, ସଦର-କଟକ ଓ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପ୍ରମୁଖ ଯୁବକର୍ମୀମାନଙ୍କ ସହ ଯୁବ କଂଗ୍ରେସର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖୁବଶୀଘ୍ର ଜିଲାଠାରୁ ୱାର୍ଡ ଏବଂ ବୁଥ୍ ପର୍ଯ୍ୟନ୍ତ କଂଗ୍ରେସ ପ୍ରତି ନିଷ୍ଠା ରଖିଥିବା ଦକ୍ଷ ଓ ପ୍ରଭାବୀ ଯୁବନେତାମାନଙ୍କୁ ଦଳର ବିଭିନ୍ନ ଗୁରୁ ଦାୟିତ୍ୱ ଦିଆଯିବା ସହ ତୃଣମୂଳସ୍ଥରରୁ ଯୁବ କଂଗ୍ରେସକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ମାନସ ଚୌଧୁରୀ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ କଟକ ସହରର ବିଭିନ୍ନ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ ଯୁବ କଂଗ୍ରେସର ପ୍ରଶିକ୍ଷଣ ଶିବିର, ରକ୍ତଦାନ ଶିବିର କରାଯିବା ସହ ସାଧାରଣ ଲୋକଙ୍କ ସମସ୍ୟା ନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଜିଲା ଯୁବ କଂଗ୍ରେସ ପ୍ରଭାରୀ ସୁଦୀପ ସାମଲ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ପିସିସିର ପ୍ରାକ୍ତନ ସାଧାରଣ ସମ୍ପାଦକ ମହମ୍ମଦ ଇମଦାର, ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ, ଜିଲା କଂଗ୍ରେସ ଉପସଭାପତି ମନୋଜ ବିଶ୍ୱାଳ, ଶିଶିର ରଥ ଓ ରାଜେଶ ସ୍ୱାଇଁ,ରାମ ଚନ୍ଦ୍ର ଗୋଚ୍ଛାୟତ, କଟକ ନଗର (ଜିଲା)କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, ପିସିସିର ପ୍ରାକ୍ତନ ସାଧାରଣ ସମ୍ପାଦିକା ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ରାଜ୍ୟ ଛାତ୍ର କଂଗ୍ରେସର ପ୍ରାକ୍ତନ ଉପସଭାପତି ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଟକ,୧୫।୫(ଶିଳ୍ପା ପ୍ରିୟଦର୍ଶିନୀ)




କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜନ ଜୀବନର ଜ୍ୱଳନ୍ତ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦଫା ଦାବିରେ ଗୁରୁବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଟକ ଜିଲା କମିଟି ପକ୍ଷରୁ କଟକ ଜିଲାପାଳ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚର ଆହ୍ୱାନରେ ଆସନ୍ତା ୨୦ ତାରିଖ ସର୍ବଭାରତୀୟ ସାଧାରଣ ଧର୍ମଘଟ ସମର୍ଥନ କରାଯାଉଥିବା କୁହାଯାଇଛି। ଦାବିପତ୍ରରେ ଆକାଶ ଛୁଆଁ ଦରବୃଦ୍ଧି, ରନ୍ଧନ ଗ୍ୟାସ ଦରବୃଦ୍ଧି, ପାନୀୟ ଜଳ ପାଇଁ ପାଣି ମିଟର ହଟାଇବା ସହ ଟଙ୍କା ଆଦାୟ ବନ୍ଦ କରିବା, ବିଜୁଳି କ୍ଷେତ୍ରର ଘରୋଇକରଣ, ସୀମାହୀନ ବେକାରୀ, ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଖା ଦେଇଥିବା ସଙ୍କଟ ଆଦି ସମସ୍ୟା ଉଲ୍ଲେଖ କରାଯାଇଥିଲା। ଦାବିପତ୍ର କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦିଆଯାଇଥିବା ସୂଚନା ମିଳିଛି। ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ, ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣ ସେନ ନାୟକ, ଶିବାନୀ ସାହୁ, ଶୁଭାସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଫଟୋରେ ଖବର






ଅପରେଶନ ସିନ୍ଦୂର ସଫଳତା ପରେ କଟକ ଜିଲା ପ୍ରଶାସନ ପକ୍ଷରୁ ଦରଘାବଜାର ନେତାଜୀ ସ୍ମାରକୀଠାରୁ ଆରମ୍ଭ ହୋଇଥିବା ପରାକ୍ରମ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

**ଗଛ କଟାକୁ ନେଇ ଅଭିଯୋଗ**

ବଳଙ୍ଗା,(କେଦାରେଶ୍ୱର ନନ୍ଦ)- ବଳଙ୍ଗା ଥାନା ଅଧୀନ ଉଛୁପୁର ପଞ୍ଚାୟତ ଅଧୀନ ପାର୍ବତୀପୁର ଗ୍ରାମ ରାସ୍ତାରେ ଥିବା ରାନାମଣି ପ୍ରଧାନଙ୍କ ଜାଗାରୁ ଠିକାଦାର ଜୋରଜବରଦସ୍ତ ଗଛ କାଟିଦେବାକୁ ନେଇ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୧୦୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଅପହୃତା ନାବାଳିକା ଛାତ୍ରୀ ଉଦ୍ଧାର, ଯୁବକ ଗିରଫ

ନିମାପଡ଼ା,୧୫।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ସଦ୍ୟ ମାଟ୍ରିକ୍ ପାସ୍ କରିଥିବା ୧୬ ବର୍ଷୀୟା ଛାତ୍ରୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ଅଲଣ୍ଡା ସାମିଲ କୁମ୍ଭାରପଡ଼ା ଗ୍ରାମର ସୋମନାଥ ସେଠୀ (୨୧)। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଗତ ୭ ତାରିଖରେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ କେଉଁଆଡ଼େ ଅପହରଣ କରିନେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏନେଇ ଅପହରଣ ଦଫାରେ ଏକ ମାମଲା (ନଂ.୧୩୨/୨୫) ରୁଜୁକରି ପୋଲିସ ଘଟଣା ତଦନ୍ତ ଚଳାଇଛି। ଅପହରଣକାରୀ ଯୁବକ ଘରେ ଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଅପହୃତା ଛାତ୍ରୀଙ୍କୁ ଉଦ୍ଧାରକରି ପୁରୀ ସିଡବ୍ଲ୍ୟୁସିକୁ ପଠାଇ ଦେଇଛି। ପୋଲିସ ବୁଧବାର ରାତିରେ ଅପହରଣକାରୀ ଯୁବକଙ୍କୁ ଗିରଫ କରିଛି।

### ଗ୍ରାମସଭାରେ ମା’ ପୁଅଙ୍କୁ ମରଣାନ୍ତକ ଆକ୍ରମଣ

ବଳଙ୍ଗା,୧୫।୫(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଧୀନ ରୂପଦେଇପୁର ଗ୍ରାମରେ ଗ୍ରାମସଭାରେ ଉତ୍ତେଜିତ ହୋଇ ଜଣେ ଗ୍ରାମ କମିଟି ସଦସ୍ୟ ପୁଅ ଓ ତାଙ୍କ ମାଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିସହ ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ମୀନା ମିଶ୍ରଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆସ୍ଥାନକୁ କେତେଜଣ ଜବରଦଖଲ କରୁଥିବା ନେଇ ଗ୍ରାମରେ ଗତ ୧୩ ତାରିଖ ସନ୍ଧ୍ୟାରେ ଏକ ବୈଠକ ବସିଥିଲା। ଏଥିରେ ପ୍ରାୟ ୧୦୦ରୁ ୧୫୦ ଜଣ ସଭ୍ୟ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତିକୁ ୨/୩ ଜଣ ସଭ୍ୟ ବିରୋଧ କରି ମୀନାଙ୍କ ପୁଅକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ସହ ଠେଙ୍ଗାରେ ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲେ। ସେହି ସମୟରେ ମୀନା ପହଞ୍ଚିବାରୁ ତାଙ୍କ ମୁଣ୍ଡକୁ ସେମାନେ ଠେଙ୍ଗାରେ ପିଟିଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ବଳଙ୍ଗା ଡାକ୍ତରଖାନାକୁ ନେଇଥିଲେ।

# ଆରମ୍ଭ ହୋଇପାରିନି ରେଳ ଓଭରବ୍ରିଜ୍ ନିର୍ମାଣ

## ସରିଛି କାଗଜପତ୍ର କାମ

ସାକ୍ଷୀଗୋପାଳ, ୧୫।୫(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)


ରେଳ ଫାଟକ ଦେଇ ଲୋକେ ଯାତାୟାତ କରୁଛନ୍ତି ।

ଭୂମି ଚିହ୍ନଟ, ଜନଶୁଣାଣି, ବିସ୍ଥାପନ ନେଇ ବିଜ୍ଞପ୍ତି ପ୍ରକାଶ ଆଦି ସମେତ କାଗଜପତ୍ର କାମ ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାକ୍ଷୀଗୋପାଳ ରେଳ ଓଭରବ୍ରିଜ ନିର୍ମାଣ ଆରମ୍ଭ ହୋଇପାରିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରେଳଫାଟକ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ସମ୍ପ୍ରତି ଗ୍ରୀଷ୍ମଦିନେ ରେଳଫାଟକ ପାର ହେବା ପାଇଁ ଦୁଇପାର୍ଶ୍ୱରେ ଗାଡ଼ି ଅଟକି ରହୁଥିବାବେଳେ ଅସହ୍ୟ ତାତିରେ ଯାତ୍ରୀଙ୍କୁ କଳବଲ ହେବାକୁ ପଡୁଛି।

ସୂଚନା ଅନୁଯାୟୀ, ଉକ୍ତ ରେଳଫାଟକ ଦେଇ ଦୈନିକ ସତ୍ୟବାଦୀ ଅଞ୍ଚଳବାସୀଙ୍କ ସମେତ ପ୍ରଭୁ ସାକ୍ଷୀଗୋପାଳଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଯାତାୟାତ ହୋଇଥାଏ। ତେବେ ରେଳଫାଟକ ପଡୁଥିବା ସମୟରେ ଛାତ୍ରୀଛାତ୍ର, ଜନସାଧାରଣ ଓ ରୋଗୀ ଅଯଥା ଅଟକି ରହି ହଇରାଣ ହେଉଛନ୍ତି। ଗତବର୍ଷ ନଭେମ୍ବରରେ ଏହି ରେଳ ଫାଟକ ଉପରେ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଘୋଷଣାପତ୍ର ନମ୍ବର ୪୦୨୭୮ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଇତିମଧ୍ୟରେ ଜମି ଚିହ୍ନଟ ଓ କାଗଜପତ୍ର କାମ ସରିଥିଲେ ମଧ୍ୟ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଅନ୍ୟପକ୍ଷରେ ପୂର୍ବରୁ ଏ ନେଇ ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଂଘର ସଦସ୍ୟମାନେ ସତ୍ୟବାଦୀ ବିଧାୟକଙ୍କୁ ଭେଟି ଏହି ସମସ୍ୟାର ସମାଧାନ ନିମନ୍ତେ ନିବେଦନ କରିଥିଲେ। ସମସ୍ୟାର ସମାଧାନ ଲାଗି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକ ଗୁରୁତ୍ୱ ଦେଉ ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁନାହିଁ ବୋଲି ବୁଦ୍ଧିଜୀବୀ ହୃଷିକେଶ ମହାପାତ୍ର ଅଭିଯୋଗ ଆଣିଛନ୍ତି। ସାକ୍ଷୀଗୋପାଳ ମନ୍ଦିରର ବରିଷ୍ଠ ପୂଜାପଣ୍ଡା ପିତାମ୍ବର ମହାପାତ୍ର କହିଛନ୍ତି, ରେଳଫାଟକ ପଡ଼ିବା ସମୟରେ ସାକ୍ଷୀଗୋପାଳଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ଗାଡ଼ି ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟାରେ ଫସୁଛି। ସେହିପରି ବିଜେଡି ନେତା ଦେବଦତ୍ତ ସାମନ୍ତରାୟ କହିଛନ୍ତି, ଏଠାରେ ଓଭରବ୍ରିଜ ନିର୍ମାଣ ପ୍ରତି ଧ୍ୟାନ ଦିଆଯିବା ପରିବର୍ତ୍ତେ ବିଧାୟକ ରାଜନୀତି କରୁଛନ୍ତି। ତେଣୁ ଆଗକୁ ଆନ୍ଦୋଳନ କରାଯିବ। ତେବେ ଭାଜପା ନେତା ତ୍ରିଲୋଚନ ରଥ କହିଛନ୍ତି, ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ସରିଛି। ସେହିପରି ପୁରୀ ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା କହିଛନ୍ତି, ସାକ୍ଷୀଗୋପାଳ ରେଳଓଭରବ୍ରିଜ୍ ନିର୍ମାର ଅଗ୍ରଗତି ସମ୍ପର୍କରେ ଏବେ ତାଙ୍କ ବିଭାଗରେ କିଛି ନୂତନ ତଥ୍ୟ ନାହିଁ। ଅପରପକ୍ଷେ ଏ ନେଇ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ୧୨୫ ଛାତ୍ରୀଛାତ୍ର ସମ୍ମାନିତ


କାର୍ଯ୍ୟକ୍ରମରେ ଜଣେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଗୋପ, ୧୫।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୁଣାତ୍ମକ ଶିକ୍ଷାକୁ ଗ୍ରହଣ କଲେ ଜଣେ ଭଲ ମଣିଷ ହେବା ସହ ଅନ୍ୟମାନଙ୍କ ଲାଗି ମଧ୍ୟ ଉଦାହରଣ ହୋଇପାରିବ। ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ପ୍ରତି ମଧ୍ୟ ଉତ୍ସାହ ରହିବା ଦରକାର। ଗୋପ ବ୍ଲକ ଅଧୀନ ଜହ୍ନମଲ୍ଲିଆ ହାଟଠାରେ ବୁଧବାର ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବେ ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଙ୍ଗଠକ ଶ୍ରୀକାନ୍ତ କୁମାର ପାଣି ଯୋଗଦେଇ ସେମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆମ୍ ଆଦ୍‌ମୀ ପାର୍ଟିର ସୁଦୀପ୍ତ କୁମାର ଦାଶ, ସଞ୍ଜୀବ କୁମାର ମହାନ୍ତି, ରବୀନ୍ଦ୍ର ନାଥ ସାହୁଙ୍କ ସମେତ ଅନ୍ୟ ଅତିଥିମାନେ ଯୋଗଦେଇ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ପ୍ରଥମକରି ୨୦୨୫ ବର୍ଷରେ ଗୋପ ବ୍ଲକ ୧୪ ନମ୍ବର ଜିଲା ପରିଷଦ ଜୋନ୍‌ରେ ଥିବା ସମସ୍ତ ସ୍କୁଲରେ ମାଟ୍ରିକ ପରୀକ୍ଷାରେ ଏ-୧, ଏ-୨ ସହିତ ଅନ୍ୟାନ୍ୟ ବର୍ଗରେ କୃତିତ୍ୱ ହାସଲ କରିଥିବା ୧୨୫ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଛି।

# ଲବଣ ଜମି ଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି

ଅସ୍ତରଙ୍ଗ,୧୫।୫
(ପ୍ରଦୀପ୍ତ କୁମାର ଦୀକ୍ଷିତ)

## ଉଜୁଡୁଛି ଜୈବ ବିବିଧତା

- ଘେରିବନ୍ଧ ସ୍ଥିତି ଅନୁଧ୍ୟାନ କଲେ ତହସିଲଦାର
- ଖୁବଶୀଘ୍ର ଉଚ୍ଛେଦ କରାଯିବ ଚିଙ୍ଗୁଡ଼ି ଘେରି

ଅସ୍ତରଙ୍ଗ ରାଜସ୍ୱ ମୌଜା ଅଧୀନ ଲବଣ ଜମି ଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ମାଫିଆମାନେ ଦିନରାତି ଜେସିବି ସାହାଯ୍ୟରେ ମାଟି ଖୋଳି ବେଆଇନ ଭାବେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ଅସ୍ତରଙ୍ଗ ତହସିଲ ଅଧୀନ ବିଭିନ୍ନ ଗାଁ ଓ ନଦୀ ନିକଟବର୍ତ୍ତୀ ଅଞ୍ଚଳରେ ଶତାଧିକ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି। ଏହି ସବୁ ଘେରି ଯୋଗୁ ଜୈବବିବିଧତା ପ୍ରତି ବିପଦ ସୃଷ୍ଟି ହେଉଛି। ଗୁରୁବାର ମଧ୍ୟାହ୍ନରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଓ ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଲବଣ ଜମି ଉପରେ ହୋଇଥିବା ଚିଙ୍ଗୁଡ଼ି ଘେରି ସ୍ଥିତି ଅନୁଧ୍ୟାନ କରିବା ପରେ ଖୁବଶୀଘ୍ର ଏହା ଉଚ୍ଛେଦ ହେବ ବୋଲି ସୂଚନା ଦେଇଛନ୍ତି।

ଅସ୍ତରଙ୍ଗ ଅଞ୍ଚଳ ଦିନେ ଲୁଣ ଉତ୍ପାଦନ ଓ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା। ଜୁଆର ପାଣିକୁ ବନ୍ଧ ଦ୍ୱାରା ଅଟକାଇ ଲୁଣ ଉତ୍ପାଦନ କରି ବହୁ ଲୋକ ଜୀବିକା ନିର୍ବାହ କରୁଥିଲେ। ତେବେ ଦୀର୍ଘ ୨୨ବର୍ଷରୁ ଅଧିକ ହେବ ଅସ୍ତରଙ୍ଗରେ ଲୁଣ ମରାଯାଉ ନ ଥିବାରୁ ଦେଶୀଲୁଣ ଦେଖିବା ଏବେ ସ୍ୱପ୍ନ ପାଲଟିଛି। ପ୍ରଶାସନର ଆନ୍ତରିକତା ଅଭାବରୁ ଲବଣ ସମବାୟ ସମିତି ଅସ୍ତିତ୍ୱ ହରାଇବାକୁ ବସିଛି। ଏଥିସହ ଲବଣ ଜମି ଉପରେ ଚିଙ୍ଗୁଡ଼ି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ସେମାନେ ଲବଣ ଜମି ଖୋଳି ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ନିର୍ମାଣ କରୁଛନ୍ତି। ସରକାରୀ ଜମି ଜବରଦଖଲ ସାଙ୍ଗକୁ ବିଭିନ୍ନ ସ୍ଥାନରେ ମାଳ ମାଳ ଚିଙ୍ଗୁଡ଼ି ଘେରି ମୁଣ୍ଡ ଟେକିଛି। ଚିଙ୍ଗୁଡ଼ି ଚାଷ ପାଇଁ ପ୍ରୟୋଗ କରାଯାଉଥିବା ରାସାୟନିକ ସାର ଦ୍ୱାରା ପରିବେଶ ପ୍ରଦୂଷିତ ହେବାରେ ଲାଗିଛି।

# ଓଡ଼ିଶୀ ନୃତ୍ୟ, ବିଷ୍ଣୁ ବନ୍ଦନା ଦର୍ଶକଙ୍କୁ ବିମୋହିତ କଲା



ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ନିମାପଡ଼ା,୧୫।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳର ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀର ୧୬ତମ ବୈଶାଖୀ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ମୁକ୍ତାକାଶ ମଞ୍ଚରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଶାଖୀ ନୃତ୍ୟ ସଙ୍ଗୀତ ଆସର ଉତ୍ସବରେ ଅତିଥି ଭାବେ ନିମାପଡ଼ା ପ୍ରେସ୍‌କ୍ଲବ ସଭାପତି, ବିଶିଷ୍ଟ କ୍ରୀଡ଼ାବିତ୍, ଅଭିନେତା ଅକ୍ଷୟ କୁମାର ବେହେରା, ସଙ୍ଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ସଙ୍ଗୀତଗୁରୁ ଜୟକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏଥିସହ ଶାସ୍ତ୍ରୀୟ ନୃତ୍ୟ, ଓଡ଼ିଶୀ ନୃତ୍ୟକୁ ଦେଶ ବିଦେଶରେ ପ୍ରତିପାଦିତ କରିବା କ୍ଷେତ୍ରରେ ନୃତ୍ୟାଳୟା ଡ୍ୟାନ୍ସ ଏକାଡେମୀର ଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନିମାପଡ଼ା ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ହେମାମାଳିନୀ ପତିଙ୍କୁ ନୃତ୍ୟାଳୟା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ଆସର ସାଂସ୍କୃତିକ ଧମାକାରେ ନୃତ୍ୟାଳୟ ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ଶାନ୍ତାକାରମ୍, ଓଡ଼ିଶୀ ଅଭିନୟ ନାଚନ୍ତି ରଙ୍ଗେ ଶ୍ରୀହରି, ଲଳିତ ଲବଙ୍ଗ ଲତା ପରିସିଳନ, ପଲ୍ଲୀନୃତ୍ୟ ଚଉରା ବନ୍ଦନା, ଇଟିକିଲି ମିଟିକିଲି, ଟିକିଟିକି ଫୁଲ ଆମେ, ସୁନ୍ଦର ମୋ ଜନମ ଭୂମି, ସମ୍ବଲପୁରୀ ନୃତ୍ୟ, ନୃତ୍ୟାଭିନୟ ମାଣିକପାଟଣା ଦହି ଆଦି ପରିବେଷିତ ହୋଇଥିଲା। ହେଲେ ଗୁରୁ ବିଷ୍ଣୁଚରଣ ସାସମଲଙ୍କ ନିର୍ଦ୍ଦେଶିତ ଗୁରୁ ସୁଦେଷ୍ଣା ସାସମଲଙ୍କ ସଂଯୋଜିତ ଓଡ଼ିଶୀ ନୃତ୍ୟ ବିଷ୍ଣୁ ବନ୍ଦନା, ଭୂଦିଗଶୟନ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ନାଟ୍ୟ ନିର୍ଦ୍ଦେଶକ, ସଙ୍ଗୀତଜ୍ଞ ନିରଞ୍ଜନ ପଳତା ଓ ପ୍ରଜ୍ଞା ପରମିତା ନାୟକ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

# ବାଙ୍ଗୁରିଗାଁ ସ୍ୱାସ୍ଥ୍ୟକେନ୍ଦ୍ରରୁ ମୃତଦେହ ଜବତ

କାକଟପୁର/ଅସ୍ତରଙ୍ଗ,୧୫।୫(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)

କାକଟପୁର ଥାନା ଅଧୀନ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ଭଦ୍ରକ ଜିଲାର ରାମଚନ୍ଦ୍ର ରାଉତ ବୋଲି ଜଣାପଡ଼ିଛି। ଖବର ମୁତାବକ, ରାମଚନ୍ଦ୍ର ବୁଧବାର ବିଳମ୍ବିତ ରାତ୍ରରେ ଗୋଡ଼ରେ ଯନ୍ତ୍ରଣା ଅନୁଭବ କରିବାରୁ ଚିକିତ୍ସା ପାଇଁ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଥିଲେ। କିନ୍ତୁ ଗୋଡ଼ ବିନ୍ଧା ଯୋଗୁ ପ୍ରବଳ କଷ୍ଟ ଅନୁଭବ କରିବାରୁ ସେ ପୁନର୍ବାର ଗୁରୁବାର ସକାଳ ୬ଟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେ ସେଠାରେ ଉପସ୍ଥିତ କର୍ମଚାରୀଙ୍କୁ ତାଙ୍କ ଚିକିତ୍ସା କରାଇବାକୁ କହି ହଠାତ୍ ତଳେ ପଡ଼ିଯାଇଥିଲେ। ଡାକ୍ତର ତାଙ୍କୁ ଚିକିତ୍ସାକରି ମୃତ ଘୋଷଣା କରିଥିଲେ। କାକଟପୁର ଥାନା ପୋଲିସ ପହଞ୍ଚି ଘଟଣା ଅନୁଧ୍ୟାନ କରିବା ସହ ୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲ ପଠାଇଛନ୍ତି। ଅନ୍ୟପଟେ ସବ୍‌ଇନିସ୍ପେକ୍ଟର ଗୌରୀଶଙ୍କର ସେଠୀ ସୂଚନା ଦେଇଛନ୍ତି, ମୃତ ବ୍ୟକ୍ତିଙ୍କ ନାଁ ଓ ଜିଲାର ନାମ ସୂଚନା ମିଳିଥିବାବେଳେ ଆଉ କୌଣସି ପରିଚୟ ପାଇନାହିଁ।

# ରାସ୍ତା ସମ୍ପ୍ରସାରଣ ପାଇଁ ଅଠରନଳାରେ ଉଚ୍ଛେଦ

## ଆସୁଛି ରଥଯାତ୍ରା

ପୁରୀ,୧୫।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ତେଣୁ ଏଥିଲାଗି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯେପରି ଭକ୍ତଙ୍କ ଯାତାୟତ ସମସ୍ୟା ନ ହେବ ସେ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ଥଗିତ ଥିବା ଉଚ୍ଛେଦ କାର୍ଯ୍ୟକୁ ପୁଣି ଗୁରୁବାରଠାରୁ ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି। ବାଟଗାଁ ଠାରୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ଦୀର୍ଘ ୧ବର୍ଷ ହେଲା ଉଭୟ ପାର୍ଶ୍ୱର ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଥିଲା, ଯାହାକୁ ନେଇ ଚଳିତବର୍ଷ ରଥଯାତ୍ରା ସମନ୍ୱୟ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଫଳରେ ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଗୁରୁବାର ସକାଳେ ଅଠରନଳା ଅଞ୍ଚଳରେ ଉଚ୍ଛେଦ ହୋଇ ନ ଥିବା ଅନେକ କୋଠାକୁ ଜେସିବି ସହାୟତାରେ ଭାଙ୍ଗିଦିଆଯାଇଛି।

ସୂଚନା ଅନୁଯାୟୀ, ପୁରୀରେ ବର୍ଦ୍ଧିତ ଜନସଂଖ୍ୟା ଏବଂ ଗାଡ଼ି ଚଳାଚଳକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ୨୦୨୩ରେ ବାଟଗାଁ ଠାରୁ ଡାକ୍ତରଖାନା ଛକ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପ୍ରସାରଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏନେଇ ବାଟଗାଁ, ହରେକୃଷ୍ଣପୁର ଏବଂ ଚାରିନଳାରେ ଗତବର୍ଷ ରଥଯାତ୍ରା ପୂର୍ବରୁ ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଥିଲା। କିନ୍ତୁ ଚାରିନଳାଠାରୁ ଅଠରନଳା ପର୍ଯ୍ୟନ୍ତ ସମସ୍ତ କୋଠା ଉଚ୍ଛେଦ ହୋଇପାରି ନ ଥିଲା। ଗୁରୁବାର ଅଠରନଳାରେ ଭୂଅର୍ଜନ ଅଧିକାରୀଙ୍କ ଉପସ୍ଥିତିରେ ଉଭୟ ପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଯେକୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଆଗାମୀ କିଛି ମଧ୍ୟରେ ଉଚ୍ଛେଦ ପ୍ରକ୍ରିୟା ଶେଷ ହେବ ବୋଲି ସୂଚନା ମିଳିଛି। ଆଗାମୀ ରଥଯାତ୍ରାକୁ ଲକ୍ଷ୍ୟ ରଖି ଅଠରନଳାରେ କୋଠାଗୁଡ଼ିକୁ ଉଚ୍ଛେଦ କରାଯାଇଛି। ତୁରନ୍ତ ଉଚ୍ଛେଦ ଓ ମରାମତି କାମ ସାରିବାକୁ ନିର୍ଦ୍ଦେଶ ରହିଛି। ଏହି ରାସ୍ତା ବର୍ତ୍ତମାନ ୩୦ ଫୁଟ ଓସାର ରହିଥିବାବେଳେ ଏହାକୁ ୨୪ ମିଟର କରାଯିବ। କାର୍ଯ୍ୟ ପରେ ରାସ୍ତା ଚଉଡ଼ା ହେବା ଦ୍ୱାରା ଟ୍ରାଫିକ ସମସ୍ୟା ଦୂର ହେବା ସହ ଯାତାୟତରେ ସମସ୍ୟା ଉପୁଜିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରଥଯାତ୍ରା ପୂର୍ବରୁ କାର୍ଯ୍ୟ ଶେଷ ହେବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

# ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଫଳତା ହାର ଅଧିକ



କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷଙ୍କ ସହ କୃତୀ ଛାତ୍ରୀଛାତ୍ର।

ସାକ୍ଷୀଗୋପାଳ,୧୫।୫(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଶ୍ରେଣୀ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀ ଶିକ୍ଷା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିଛି। ଅନୁଷ୍ଠାନରେ ୭୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତ ପରୀକ୍ଷାର୍ଥୀ ସଫଳତା ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ସୌମ୍ୟା ଶାଶ୍ୱତୀ ମିଶ୍ର ୯୬.୨% ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ଛାତ୍ର ପ୍ରିୟରଞ୍ଜନ ପ୍ରଧାନ ୯୫.୮%, ଛାତ୍ରୀ ପ୍ରତିଭା ପ୍ରିୟଦର୍ଶିନୀ ସ୍ୱାଇଁ ୯୫.୬% ମାର୍କ ରଖି ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୩ ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ମାର୍କ ରଖିଛନ୍ତି। ବିଦ୍ୟାଳୟର ଏହି ସଫଳତା ନିମନ୍ତେ ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ (₹):** 86,54,092.60,
EMD (₹) : 1,73,100.00
02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ
**କାର୍ଯ୍ୟର ନାମ :** TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା ।
**ଆନୁମାନିକ ମୂଲ୍ୟ (₹):** 69,52,589.22,
EMD (₹) : 1,39,100.00
ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ) ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/Q/25-26

**NOTICE**

By virtue of an affidavit sworn in before the Notary Public, Bhubaneswar on 15.05.2025, I, Sri Satyanarayan Prasad Nayak, S/o Late Kuber Kumar Nayak, Permanent resident of Vill - Saral Singh, P.O. - Baradi Harikund, P.S. - Nachuni, District - Khordha do here by declare that if anybody purchases our ancestral property i.e. Khata No.62 & 111 of Mouza - Baratangi under Tahasil - Chilika, Dist. - Khordha by ignoring me, without my consent and appearance before the Sub-Registrar, Banpur, I will not be held responsible for the same and the purchaser will face the legal consequence and cost.

बैंक ऑफ़ बड़ौदा
Bank of Baroda

**ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର,** ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚଆର୍‌ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚଆର୍‌ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡ଼ିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡ଼ିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ **୭** ଦିନ ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିସ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)

**HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE**

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | Total | | 1693.7 Sq. ft |

The building preferbly be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

The Defence Estates Officer
Govt. of India, Ministry of Defence
163, Prachi Enclave, Chandrasekharpur, Bhubaneswar, Odisha - 751016
Tele : 0674-2747631, 345, E-mail : deobhub-stats@nic.in

सेन्ट्रल माईन प्लानिंग एण्ड डिजाईन इन्स्टीट्यूट लिमिटेड
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 8340008, Jharkhand, India

**NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT**

M/s Central Mine Planning & Design Institute Limited invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.
Please visit the website of M/s Central Mine Planning & Design Institute Limited – www.cmpdi.co.in/www.eprocure.gov.in - for details **from 16/05/2025.**

**OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
NirupanBhawan,3rd Floor,Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-01/2025-26, 1st Call
e-Tender Ref No:–RCD/SID/AP/RAN/01/2025-26 Date:- 08.05.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.
Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.
PR 352465 Road(25-26)#D

# ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ଝାଁଳା, ୧୫।୫ (ବୁଲା ବାରିକ)

ଚନ୍ଦକା ଥାନା ଅଧୀନ ଅଙ୍ଗାରପଡା ପଞ୍ଚାୟତ ପାଣିଓରା ଗ୍ରାମ ନିକଟ ଏକ ଗଛରୁ ବୁଧବାର ରାତିରେ ପୋଲିସ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ପ୍ରଫୁଲ୍ଲ ପରିଡା (୬୨)। ସୂଚନା ମୁତାବକ, ପ୍ରଫୁଲ ପରିବାର ସହ ପାଣିଓରା ଗ୍ରାମରେ ରୁହନ୍ତି। ତେବେ ବୁଧବାର ମଧ୍ୟାହ୍ନରେ ସେ ଘରୁ କେଉଁଆଡ଼େ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଗ୍ରାମ ନିକଟ ଏକ ଗଛରେ ଜଣେ ବ୍ୟକ୍ତି ଝୁଲୁଥିବା କେତେଜଣ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଗ୍ରାମବାସୀଙ୍କୁ ଜଣାଇଥିଲେ। ପ୍ରଫୁଲ୍ଲଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଗୁରୁବାର ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# କୃଷି ଜୈବ ବିବିଧତା ସଂରକ୍ଷଣ ସମସ୍ତଙ୍କ ଦାୟିତ୍ୱ

## ଓୟୁଏଟିରେ ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ଆରମ୍ଭ

ଭୁବନେଶ୍ୱର, ୧୫।୫ (ସୁଚିସ୍ମିତା ସାହୁ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ୩ ଦିନିଆ ରାଜ୍ୟସ୍ତରୀୟ ଗବେଷଣା ସମ୍ପ୍ରସାରଣ ପରିଷଦ ବୈଠକ ଗୁରୁବାର ଆରମ୍ଭ ହୋଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, କୃଷି ଜୈବ ବିବିଧତା ଆମର ସମ୍ପଦ। ଏହାର ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ। ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ବୃହତ ସମସ୍ୟା ପାଲଟିଛି। କୃଷି କ୍ଷେତ୍ରରେ ପାରମ୍ପରିକ ପ୍ରଣାଳୀକୁ ଆପଣେଇବା ସହ ଗବେଷଣା କ୍ଷେତ୍ରରେ କୃଷି ଜୈବ ବିବିଧତା ଉପରେ ଧ୍ୟାନ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ୱାଟର ମ୍ୟାନେଜମେଣ୍ଟ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଅର୍ଜମା ଦତ୍ତ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି କ୍ଷେତ୍ରରେ ଏଆଇ, ଡିଜିଟାଲ ପଦ୍ଧତି, ସ୍ମାର୍ଟ କୃଷି ପଦ୍ଧତିକୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ।




ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଓ ଅନ୍ୟ ଅତିଥିମାନେ କୃଷି ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରାଜ୍ୟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ବିଷୟରେ ସୂଚନା ଦେବା ସହ କୃଷକର ଆବଶ୍ୟକତା ଅନୁସାରେ ନୂତନ ଗବେଷଣା ତଥା ସାମାଜିକ ଗଣମାଧ୍ୟମରେ ନୂତନ ଜ୍ଞାନ କୌଶଳର ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ଆବଶ୍ୟକ ଗବେଷଣା ଓ ସମ୍ପ୍ରସାରଣ ଦ୍ୱାରା କୃଷି ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧିକ ଅମଳ ସହିତ ଜଳବାୟୁ ସହନଶୀଳ ପୁଷ୍ଟିଯୁକ୍ତ ନୂତନ କିସମ ଉଦ୍ଭାବନ କରାଯାଉଛି ବୋଲି ସେ କହିଛନ୍ତି । ଏହି ଅବସରରେ 'ମସଲା ଜାତୀୟ ବୃକ୍ଷର ପ୍ରଜନନ' ପୁସ୍ତକ ସହ ୭ଟି କୃଷି ପୁସ୍ତିକା ଏବଂ କଙ୍କଡା ଚାଷ ଉପରେ ଏକ ମୋବାଇଲ ଆପ୍ ଉନ୍ମୋଚନ କରାଯାଇଛି। ବୈଠକରେ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ବିଗତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ରାଜ୍ୟରେ କରାଯାଇଥିବା ସମ୍ପ୍ରସାରଣ କାର୍ଯ୍ୟ ଓ ଫଳାଫଳ ଉପସ୍ଥାପନା କରିଥିଲେ। ଗବେଷଣା ଅଧ୍ୟକ୍ଷ ଡ. ନିରଞ୍ଜନ ପଣ୍ଡା ୨୦୨୪-୨୫ ବର୍ଷରେ ଓୟୁଏଟିରୁ ଗବେଷଣା ସଫଳତା ସହିତ ଆଗାମୀ ସମୟରେ ୨୫ଟି ନୂତନ କିସମ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ । ଓୟୁଏଟିର ଗବେଷଣା ଅଧ୍ୟକ୍ଷ ଡ଼. ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

# ମେଡିକାଲ୍, ଇଞ୍ଜିନିୟରିଂରେ ୨୭% ସଂରକ୍ଷଣ ଦାବିକଲା ଓବିସି ଫୋରମ୍

ଭୁବନେଶ୍ୱର, ୧୫।୫ (ସୁଚିସ୍ମିତା ସାହୁ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରାଜ୍ୟର ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା ନାମଲେଖାରେ ୧୧.୨୫ ପ୍ରତିଶତ ସଂରକ୍ଷଣ ନିଷ୍ପତ୍ତି ନିଆଯାଇଛି। ଏହାକୁ ଓବିସି ଫୋରମ୍ ଓଡ଼ିଶା ରାଜ୍ୟ କମିଟି ସ୍ୱାଗତ କରିବା ସହିତ ଏହି ସଂରକ୍ଷଣ ସୀମାକୁ ୧୭%କୁ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛି। ଏଥିସହ ଚଳିତ ଶିକ୍ଷାବର୍ଷରୁ ମେଡିକାଲ, ଇଞ୍ଜିନିୟରିଂ ଓ ଏମ୍‌ବିଏ ଶିକ୍ଷାରେ ସଂରକ୍ଷଣ ଲାଗୁ କରିବାକୁ ଦାବି କରିଛି। ସେହିପରି ଘରୋଇ ଶିକ୍ଷାନୁଷ୍ଠାନରେ ଓବିସି ଛାତ୍ରୀଛାତ୍ରଙ୍କୁ ନାମଲେଖାରେ ସଂରକ୍ଷଣ ଦେବା ସହିତ କେନ୍ଦ୍ର ସରକାରୀ ଢାଞ୍ଚାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମଲେଖାରେ ୨୭ ଭାଗ ଓବିସି ସଂରକ୍ଷଣ ପାଇଁ ଫୋରମ୍ ଦାବି କରିଛି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ପଛୁଆବର୍ଗ ପ୍ରାର୍ଥୀଙ୍କୁ ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ଓ ମ୍ୟୁନିସିପାଲିଟି ନିର୍ବାଚନରେ ୧୯୯୭ ମସିହାରୁ ୨୦୧୭ ପର୍ଯ୍ୟନ୍ତ ପ୍ରଚଳିତ ପଛୁଆବର୍ଗ ସଂରକ୍ଷଣକୁ ପୁଣିଥରେ ଲାଗୁ କରିବାକୁ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଓବିସି ଫୋରମ୍ ଉପାଧ୍ୟକ୍ଷ ଅରୁଣ ଜେନା, ସାଧାରଣ ସମ୍ପାଦକ ନାରାୟଣ ଡାଲୁଆ, ସମ୍ପାଦକ କିଶୋର ସୁତାର, ସର୍ବଭାରତୀୟ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଆଚାର୍ଯ୍ୟକୁଳମ୍‌ର 'ପ୍ରତିଭା ଅଭିନନ୍ଦନ ପର୍ବ'

ଭୁବନେଶ୍ୱର, ୧୫।୫ (ଅନୁରାଧା ମହାରଣା)

ଯୋଗଗୁରୁ ରାମଦେବ ଏବଂ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଦ୍ୱାରା ପ୍ରତିଷ୍ଠିତ ଆବାସିକ ବିଦ୍ୟାଳୟ ଆଚାର୍ଯ୍ୟକୁଳମ୍‌ର ଛାତ୍ରୀଛାତ୍ର ହାଇସ୍କୁଲ ଓ ମଧ୍ୟମା ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶିକ୍ଷାନୁଷ୍ଠାନ ପକ୍ଷରୁ ୫ ଦିନିଆ 'ପ୍ରତିଭା ଅଭିନନ୍ଦନ ପର୍ବ' ପାଳନ କରାଯାଉଛି। ଗୁରୁବାର ଆଚାର୍ଯ୍ୟକୁଳମ୍ ପ୍ରାର୍ଥନା ସଭାରେ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏହି ଅବସରରେ ଯୋଗଗୁରୁ ରାମଦେବ କହିଛନ୍ତି, ନିରନ୍ତର ପ୍ରୟାସ ହେଉଛି ଆଚାର୍ଯ୍ୟକୁଳମ୍ ବିଦ୍ୟାର୍ଥୀଙ୍କ ସ୍ୱଭାବ। ଆଚାର୍ଯ୍ୟକୁଳମ୍ ପ୍ରବନ୍ଧ ସମିତି ଉପାଧ୍ୟକ୍ଷା ଡା. ଋତୁମ୍ଭରା ଶାସ୍ତ୍ରୀ, ପ୍ରଫେସର ଶ୍ୱାତୀ ମୁନ୍‌ସୀ, ଅର୍ଜୁନଦେବ, ଉପାଚାର୍ଯ୍ୟ ତାପସ କୁମାର ବେରା, ସମନ୍ୱିକା ଦୀପା ଓ ଛାତ୍ରାବାସ ଅଧୀକ୍ଷକ ତଥା କ୍ରୀଡ଼ାଧ୍ୟକ୍ଷ ଅମିତ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ଶୁଭକାମନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାର୍ଥୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ହାଇସ୍କୁଲ ଓ ମଧ୍ୟମା ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଯୋଗଗୁରୁ ରାମଦେବ।

# ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସୂର୍ଯ୍ୟବଂଶୀ

ଭୁବନେଶ୍ୱର, ୧୫।୫ (ସୁଚିସ୍ମିତା ସାହୁ)

## ଉଚ୍ଚଶିକ୍ଷାରେ ଏସ୍‌ଇବିସି ସଂରକ୍ଷଣ ବ୍ୟବସ୍ଥା

ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଏଭଳି ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଆର୍ଥିକ ଓ ସାମାଜିକ ଭାବେ ଦୁର୍ବଳ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିବାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ କହିଲେ, ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକଶିକ୍ଷା ଓ ଆଇନ ପାଠ୍ୟକ୍ରମରେ ଏସ୍‌ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ୧୧.୨୫% ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚ ମାଧ୍ୟମିକ (+୨) ପାଠ୍ୟକ୍ରମ, ଶିକ୍ଷକଶିକ୍ଷା ଓ ବୃତ୍ତିଭିତ୍ତିକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ସ୍ନାତକ (ପ୍ରଦର୍ଶନ କଳା) ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବି.ପି.ଏଡ୍/ଏମ୍.ପି.ଏଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। କ୍ୟାବିନେଟ୍‌ର ସମସ୍ତ ସଦସ୍ୟ ଏହି ନିଷ୍ପତ୍ତିରେ ମୋହର ଲଗାଇ ଏସ୍‌ଇବିସି ବର୍ଗର ସାମାଜିକ ଓ ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରିଛନ୍ତି। ଆମ ସରକାର ଆସିବାର ୧ ବର୍ଷ ସମୟ ମଧ୍ୟରେ ଏହି ଐତିହାସିକ ନିଷ୍ପତ୍ତି ମାଧ୍ୟମରେ ପଛୁଆ ବର୍ଗର ସାମାଜିକ ଓ ଶୈକ୍ଷିକ ଅନ୍ତର୍ଭୁକ୍ତୀକରଣକୁ ପ୍ରାଧାନ୍ୟ ଦେଇଛନ୍ତି। ଏଥିସହ ଓଡ଼ିଶାରେ ବିକାଶର ଧାରାକୁ ଆଉ ପାଦେ ଆଗେଇ ନେଇଛନ୍ତି ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।



ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଶା ସଚିବାଳୟ ସେବାସଂଘର ନବନିର୍ବାଚିତ ପ୍ରତିନିଧିମାନେ ସାକ୍ଷାତ କରିବା ଅବସରରେ।

# ଛାତ୍ର କଂଗ୍ରେସର 'ଶକ୍ତି ମାର୍ଚ୍ଚ'

ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ

ଛାତ୍ର କଂଗ୍ରେସ ପକ୍ଷରୁ ଗୁରୁବାର ଇନ୍ଦିରା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ 'ଶକ୍ତି ମାର୍ଚ୍ଚ' ଅନୁଷ୍ଠିତ ହୋଇଯାଇଛି। ୧୯୭୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୋଇଥିବାବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପାକିସ୍ତାନକୁ କଡା ଜବାବ ଦେଇଥିଲେ। ପାକିସ୍ତାନକୁ ଦୁଇ ଭାଗ କରି ବାଂଲାଦେଶକୁ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେଇଥିଲେ। ସେତେବେଳେ ଇନ୍ଦିରା ଗାନ୍ଧୀଙ୍କ ଉପରେ ଆମେରିକା ଚାପ ସୃଷ୍ଟି କରିଥିଲେ ହେଁ ସେ ଏହାକୁ ଖାତିର୍ କରି ନ ଥିଲେ। ମାତ୍ର ଏବେ ପ୍ରଧାନମନ୍ତ୍ରୀ ଆମେରିକା ଚାପରେ ତୁରନ୍ତ ଯୁଦ୍ଧ ବିରତି ଘୋଷଣା କରିଦେବା ଦେଶ ପାଇଁ ଲଜ୍ୟାକର ବିଷୟ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି। ଏଭଳି ସ୍ଥିତିରେ ଇନ୍ଦିରା ଗାନ୍ଧୀଙ୍କୁ ମନେ ପକାଇବା ସହ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାହାରୁଖ ଖାନ, ଜଗଦିଶ ରାଉତ, ସାଇ ପ୍ରଭଞ୍ଜନ ମହାପାତ୍ର, ସିଦ୍ଧାନ୍ତ ଓମ୍ ପ୍ରକାଶ, ଆଦିତ୍ୟ ଅଶୁଂମାନ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ମାନକୀକରଣ, ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଗୁଣାତ୍ମକତା ସମ୍ପର୍କରେ ରାଜ୍ୟସ୍ତରୀୟ ବୈଠକ

**ଭୁବନେଶ୍ୱର, ୧୫।୫ (ସୁନିତ୍ ମିଶ୍ର):** ଭାରତୀୟ ମାନକ ବ୍ୟୁରୋ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ଏବଂ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ମାନକୀକରଣ ଏବଂ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ଗୁଣାତ୍ମକତା ସମ୍ପର୍କରେ ୨ୟ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏ କ୍ଷେତ୍ରରେ ଉଭୟ ଭାରତୀୟ ମାନକବ୍ୟୁରୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସହଯୋଗକୁ ସହଜ କରିବାରେ ସାହାଯ୍ୟ କରିବ। ଜନସାଧାରଣ ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଉତ୍ପାଦ, ସେବାର ମାନକୀକରଣ ଏବଂ ଗୁଣବତ୍ତା ସଚେତନତା ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସଭାରେ ଶିଳ୍ପ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ପୂର୍ବ ସଚିବ ସଞ୍ଜୟ କୁମାର ସିଂ, ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍), ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମେତ ରାଜ୍ୟ ସରକାରଙ୍କ ଅନ୍ୟ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଏବଂ ଔଦ୍ୟୋଗିକ ସଂଘରୁ କର୍ତ୍ତୃପକ୍ଷମାନେ ଅଂଶଗ୍ରହଣ କରିଥିଲେ। ଭାରତୀୟ ମାନକକୁ କାର୍ଯ୍ୟକାରୀ କରି ରାଜ୍ୟରେ ଏକ ସୁସ୍ଥ ଗୁଣବତ୍ତା ଇକୋସିଷ୍ଟମ୍ ବିକାଶକୁ ସମର୍ଥନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

# ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଜନ୍ମଦିନରେ ୪ ପୁସ୍ତକ ଲୋକାର୍ପଣ



ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ୯୩ତମ ଜନ୍ମଦିନ ପାଳନ ଅବସରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୧୫।୫ (ସୌମ୍ୟରଞ୍ଜନ ରାଉତ)

ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଲେଖକ ତଥା ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ୯୩ତମ ଜନ୍ମଦିନ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଡ. ଇତି ସାମନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥିଭାବେ କବି ରାଜେନ୍ଦ୍ରକିଶୋର ପଣ୍ଡା ଯୋଗଦେଇ କହିଲେ, ସମଗ୍ର କଳାତ୍ମକ ଓ ଉତ୍କର୍ଷ ଦୃଷ୍ଟିରୁ ଶାନ୍ତନୁ ଭାରତର ଅନ୍ୟତମ ଶ୍ରେଷ୍ଠ ଲେଖକ। କ୍ଷୀରୋଦ ଚନ୍ଦ୍ର ବେହେରା କହିଲେ, ମୃତ୍ୟୁ ଜୀବନର ଶେଷ କଥା ନୁହେଁ, ଏକ ସନ୍ଧିକ୍ଷଣ। ଅନ୍ୟତମ ଅତିଥିଭାବେ ଜ୍ଞାନୀ ଦେବାଶିଷ ମିଶ୍ର କହିଲେ, ଦୃଶ୍ୟର ଅନ୍ତରାଳରେ ଚାଲିଥିବା ଜୀବନକୁ ରୂପ ଦେଇପାରନ୍ତି ଶାନ୍ତନୁ। ଯେଉଁଠି କଳ୍ପନାକୁ ମରିବାପାଇଁ ହଜାରେ ଉଦ୍ୟମ ହେଉଛି, ତାକୁ ଆବିଷ୍କାର ପ୍ରୟାସରେ ଥା'ନ୍ତି ଶାନ୍ତନୁ। ପ୍ରଫେସର ଶାନ୍ତନୁ ବକ୍ତବ୍ୟ ରଖି କହିଲେ, ଅଧିକ ବର୍ଷ ବଞ୍ଚିବାର ମଜା ମୁଁ ଏବେ ଉପଲବ୍ଧି କରୁଛି। ଏହି ଅବସରରେ କାଦମ୍ବିନୀ ମିଡିଆ ପ୍ରକାଶିତ ଇତି ସାମନ୍ତଙ୍କ ସମ୍ପାଦିତ 'ଶାନ୍ତନୁ ସ୍ୱାକ୍ଷର', ପକ୍ଷୀଘର ପ୍ରକାଶନୀ ପ୍ରକାଶିତ ଶାନ୍ତନୁ ଆଚାର୍ଯ୍ୟଙ୍କ ଆତ୍ମ ଜୀବନୀ 'ମୁଁ କିପରି ମୁଁ ହେଲି', ଲିଫି ନୂଆଦିଲ୍ଲି ପ୍ରକାଶିତ 'ଜେଜେ ମାଲା ପରେର' ଇଂଲିଶ ଅନୁବାଦ, ବିକେ ପବ୍ଲିକେଶନ୍ ପ୍ରକାଶିତ ଜଗନ୍ନାଥ ଦାଶଙ୍କ ଅନୁଦିତ 'ବହୁ ବହୁ ଜନ୍ମ'ର ଇଂଲିଶ ଅନୁବାଦ ପ୍ରକାଶିତ ହୋଇଥିଲା। ପକ୍ଷୀଘରର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦିକା ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


## ପୂର୍ବ ତଟ ରେଳପଥ

01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 86,54,092.60,
EMD (₹) : 1,73,100.00

02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ

**କାର୍ଯ୍ୟର ନାମ :** TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 69,52,589.22,
EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ :**
ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/Q/25-26

## NOTICE

By virtue of an affidavit sworn in before the Notary Public, Bhubaneswar on 15.05.2025, I, Sri Satyanarayan Prasad Nayak, S/o Late Kuber Kumar Nayak, Permanent resident of Vill - Saral Singh, P.O. - Baradi Harikund, P.S. - Nachuni, District - Khordha do here by declare that if anybody purchases our ancestral property i.e. Khata No.62 & 111 of Mouza - Baratangi under Tahasil - Chilika, Dist. - Khordha by ignoring me, without my consent and appearance before the Sub-Registrar, Banpur, I will not be held responsible for the same and the purchaser will face the legal consequence and cost.

बैंक ऑफ़ बड़ौदा
Bank of Baroda

## ନୋଟିସ୍

ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର,** ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚ୍‌ଆର୍‌ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚ୍‌ଆର୍‌ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ୭ ଦିନ ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିସ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)

## HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | | Total | 1693.7 Sq. ft |

The building preferably be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

The Defence Estates Officer
Govt. of India, Ministry of Defence
163, Prachi Enclave, Chandrasekharpur, Bhubaneswar, Odisha - 751016
Tele : 0674-2747631, 345, E-mail : deobhub-stats@nic.in

सीएमपीडीआई cmpdi
सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi - 834008, Jharkhand, India

## NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.
Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**

## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI

NirupanBhawan,3rd Floor,Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-01/2025-26, 1st Call
e-Tender Ref No:–RCD/SID/AP/RAN/01/2025-26 Date:- 08.05.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.

PR 352465 Road(25-26)#D

## ସଂକ୍ଷେପରେ

### କବି ରାମଚନ୍ଦ୍ର ପ୍ରତାପ ସିଂହଙ୍କ ଶ୍ରାଦ୍ଧଦିବସ

ବାଙ୍କୀ,୧୫।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ କବି, ସଙ୍ଗଠକ ଓ ଶିକ୍ଷକ ସ୍ୱର୍ଗତ ରାମଚନ୍ଦ୍ର ପ୍ରତାପ ସିଂହଙ୍କ ୧୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦ ପରିସରରେ ଥିବା ରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆୟୋଜିତ ସଭାରେ ଅନୁଷ୍ଠାନର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱକରି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ରାମଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରାମଚନ୍ଦ୍ରଙ୍କ କଳା, ସାହିତ୍ୟ ଓ ସଂସ୍କୃତି ପରିଷଦର ପ୍ରତିଷ୍ଠାତା ସଭାପତି ଭାବେ କାର୍ଯ୍ୟ କରିବା ସହ ବାଙ୍କୀ ମହୋତ୍ସବ ଓ ରଜ ମହୋତ୍ସବର ପ୍ରତିଷ୍ଠାତା ସଭ୍ୟ ଭାବେ ସୁପରିଚିତ ଥିଲେ ବୋଲି ପ୍ରାଧ୍ୟାପକ ମହାପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରେସ୍ କ୍ଲବ୍ ସଭାପତି ବଳଭଦ୍ର ପଣ୍ଡା, ପରିଷଦର ସମ୍ପାଦକ ବେଣୁଧର କର, ଶିକ୍ଷାବିତ୍ ଅଶୋକ କୁମାର ପଟ୍ଟନାୟକ, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଅନୁଷ୍ଠାନର ସହ ସମ୍ପାଦକ ଶ୍ରୀନିବାସ ବେହେରା, ରାମଚନ୍ଦ୍ରଙ୍କ ସ୍ତ୍ରୀ ରଶ୍ମିପ୍ରିୟା ପ୍ରତାପ ସିଂହ, ପୁତ୍ର ଅଂଶୁମାନ, କବି ଲଲାଟେନ୍ଦୁ ପଣ୍ଡା, କବି ଶଶିଭୂଷଣ ତ୍ରିପାଠୀ, ବିଜୟ କୁମାର ଦୀକ୍ଷିତ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ କର ପରିଚାଳନା କରିଥିଲେ।

# ଡ୍ରେନ୍ ମୁକୁଳା, ଦୁର୍ଗନ୍ଧମୟ ପରିବେଶ

- ଗ୍ରାହକ, ବ୍ୟବସାୟୀ ହନ୍ତସନ୍ତ
- ଦୁର୍ଘଟଣା ଆଶଙ୍କା

ବାଙ୍କୀ,୧୫।୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ମୁକୁଳା ଡ୍ରେନରେ ପଡ଼ି ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏପରିକି ଜୀବନ ଯିବାର ନଜିର ପୂର୍ବରୁ ରହିଛି। ଏନେଇ ଡ୍ରେନ ମୁକୁଳା ନ ରଖିବାକୁ ସରକାର ବାରମ୍ବାର ସଚେତନ କରୁଛନ୍ତି। ମାତ୍ର ବାଙ୍କୀ ପୌର ପରିଷଦରେ ଏଥିପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଦୁର୍ଘଟଣାର ଆଶଙ୍କା ରହିଥିବାବେଳେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି।

ବାଙ୍କୀ ବିଜ୍ଞାପିତ ପରିଷଦ ୧୭ ୱାର୍ଡକୁ ନେଇ ଗଠିତ। ବାଙ୍କୀ ବଜାରର ମେନ ରୋଡରେ ଥିବା ଦୋକାନଗୁଡିକ ୧୦ନମ୍ବର ୱାର୍ଡରେ ରହିଛି। ଗତ ଡିସେମ୍ବରରେ ବିଜ୍ଞାପିତ ପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦ ହେବା ସହ ଆଗକୁ ମାଡ଼ିଥିବା ଦୋକାନଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଆଜକୁ ୫ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଚଲା ରାସ୍ତା କିମ୍ବା ସୌନ୍ଦର୍ଯ୍ୟକରଣ ନିମନ୍ତେ କୌଣସି କାର୍ଯ୍ୟ କରାଯାଇ ନାହିଁ। ଅପରପକ୍ଷେ ମେନ୍ ରୋଡରୁ ମାଛହାଟକୁ ସଂଯୋଗ କରୁଥିବା ଡ୍ରେନ ମୁକୁଳା ରହିଛି। ଏହା ଉପରେ କୌଣସି ସ୍ଲାବ ପଡ଼ି ନ ଥିବାରୁ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ଏହାଛଡ଼ା ପରିବା ଦୋକାନୀମାନେ ପଚାଶଢ଼ା ପରିବା ସହ ଚୋପା ପକାଉଛନ୍ତି। ମାଛ ହାଟରେ ଥିବା ଦୋକାନୀମାନେ ମାଛ କାଟିଠାରୁ ଆରମ୍ଭ କରି ପଚାଶଢ଼ା ଜିନିଷ ସେଠାରେ ପକାଉଛନ୍ତି। ଉଠା ଜଳଖିଆ ବ୍ୟବସାୟୀମାନେ ସେମାନଙ୍କର ବଳକା ଖାଦ୍ୟ ପକାଇବା ସେହ ଖଲିପତର ଠୋଲା ପକାଉଛନ୍ତି। ଫଳରେ ସ୍ଥାନୀୟ ଅଞ୍ଚଳରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏପରିକି ଦୋକାନରେ ରହି ବ୍ୟବସାୟ କରିବା ମଧ୍ୟ ଅସମ୍ଭବ ହୋଇପଡୁଛି। ଗ୍ରାହକମାନେ ଦୋକାନ ସମ୍ମୁଖରେ ଠିଆ ହୋଇ ଜିନିଷ କିଣିପାରୁ ନାହାନ୍ତି। ମୁକୁଳା ଡ୍ରେନ୍‌ରେ ତୁରନ୍ତ ସ୍ଲାବ ପକାଇବାକୁ ଦୋକାନୀମାନେ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କିରବା ସହ ଲିଖିତ ଭାବେ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ, ସ୍ଲାବ ପାଇଁ ଟେଣ୍ଡର ହେବା ପରେ ଖୋଲା ଡ୍ରେନରେ ସ୍ଲାବ ପକାଇବା ପାଇଁ ବନ୍ଦୋବସ୍ତ କରାଯିବ। ଅପରପକ୍ଷେ ଏନଏସି ପକ୍ଷରୁ ନିର୍ମାଣ କରାଯାଇଥିବା ପରିସ୍ରାଗାର ଭାଙ୍ଗିଦେବା ଫଳରେ ସାଧାରଣ ଲୋକ ଏବଂ ଦୋକାନୀମାନେ ପରିସ୍ରା କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଉପରୋକ୍ତ ସମସ୍ୟାଗୁଡିକ ପ୍ରତି ଦୃଷ୍ଟି ଦେବାକୁ ବାଙ୍କୀ ଜନସାଧାରଣଙ୍କ ପକ୍ଷରୁ ଏନ୍‌ଏଏସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି।


ମୁକୁଳା ପଡିଥିବା ଡ୍ରେନ୍ ।

# ଡିଜିଟାଲ ମାର୍କେଟିଂକୁ ଗୁରୁତ୍ୱ


ଓଡ଼ିଶା ଶିଳ୍ପୀ ମହାସଂଘ ବୈଠକରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## ଓଡ଼ିଶା ଶିଳ୍ପୀ ମହାସଂଘ ବୈଠକ

ବାଙ୍କୀ,୧୫।୫(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ସବ୍‌ଡିଭିଜନ ଅନ୍ତର୍ଗତ ତାଳବସ୍ତ ପଞ୍ଚାୟତସ୍ଥିତ ହେମଲତା କଲ୍ୟାଣୀ ମଣ୍ଡପରେ ଓଡ଼ିଶା ଶିଳ୍ପୀ ମହାସଂଘ ତାଳବସ୍ତ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରିଜର୍ଭ ବ୍ୟାଙ୍କର ଅବସର ପ୍ରାପ୍ତ ଏଜିଏମ୍ ଅଭୟ ମଲ୍ଲିକ, ଓଡ଼ିଶା ଶିଳ୍ପୀ ମହାସଂଘ ସମ୍ପାଦକ ପ୍ରିୟବ୍ରତ କର ତାଳବସ୍ତ ସେବା ସମବାୟ ସମିତି ସଭାପତି ଅକ୍ଷୟ କୁମାର ବେହେରା, ତାଳବସ୍ତ ଶାଖା ଶିଳ୍ପୀ ମହାସଂଘ ଲକ୍ଷ୍ମୀଧର ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଡିଜିଟାଲ ମାର୍କେଟିଂ କରି କିପରି ନିଜର ଆର୍ଥିକ ସ୍ୱଚ୍ଛଳ ବୃଦ୍ଧି ହୋଇପାରିବ ସେସମ୍ପର୍କରେ ମୁଖ୍ୟଅତିଥି ଓ ଅନ୍ୟ ଅତିଥିମାନେ ଆଲୋକପାତ କରିଥିଲେ। ବୈଠକରେ ଏମ୍‌ବିକେ ମଞ୍ଜରୀ ପାଳ, ଟେରାକୋଟା ଶିଳ୍ପୀ ଶକୁନ୍ତଳା ମୁଦୁଲି, ବେତ ପିଙ୍କୁ ଖରୁଡ଼ାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଶିଳ୍ପୀ ଓ କାରିଗର ଯୋଗଦେଇଥିଲେ ।

# ରାଜ୍ୟ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୫।୫(ବନ୍ଦନା ସେଠୀ): ଛାତ୍ର କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ 'ମନ୍ଥନ' କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ଛାତ୍ରନେତା ଯୋଗଦେଇଥିଲେ। ଆଗାମୀ ଦିନରେ ଛାତ୍ର କଂଗ୍ରେସ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବ। ପ୍ରତ୍ୟେକ ଜିଲାରେ କାର୍ଯ୍ୟକ୍ରମ କରିବାକୁ ଉଦିତ୍ ଖସଡା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ପୂର୍ବତନ ପିସିସି ସମ୍ପାଦକ ଅଭିଳାଷ ମାଣିଆ, ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଜିନେଶ ଦାଶ ଓ ସୁଧାଂଶୁ ସେଖର ଦେଓ ପ୍ରମୁଖ ଯୋଗଦେଇଥିଲେ।

# ଚାଟେଶ୍ୱର ପୀଠରେ ବାଦୀପାଲା

ସାଲେପୁର,୧୫।୫(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ କିଶିନାପୁର ଗ୍ରାମର ଚାଟେଶ୍ୱର ମହାଦେବଙ୍କ ପୀଠରେ ୪ଦିନ ବ୍ୟାପୀ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବହୁ ମୁରବି, ମହିଳା ଓ ଯୁବକମାନେ ଏହି ପାଲା ଦେଖିଥିଲେ। ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ବିଷୟବସ୍ତୁକୁ ଉଭୟ ଗାୟକ ଗୀତ ଓ ପାଲା ମାଧ୍ୟମରେ ଶ୍ରୋତାମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଏହା ବେଶ୍ ଉଚ୍ଚକୋଟୀର ହୋଇଥିଲା। ପିପିଲି ଅଞ୍ଚଳର ଗାୟକ ଦୁର୍ଯ୍ୟୋଧନ ନାୟକ, ପୁରୀ ଅସ୍ତରଙ୍ଗର ତ୍ରିଲୋଚନ ନାୟକ ଓ ତାଙ୍କ ସାଥୀମାନେ ବାଦିପାଲା ପରିବେଷଣ କରିଥିଲେ। ପ୍ରଭୁ ଚାଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଆସୁଥିବା ଏହି ପାଲା କାର୍ଯ୍ୟକ୍ରମକୁ ଚାଟେଶ୍ୱର ମନ୍ଦିରର ଟ୍ରଷ୍ଟି ଗୋଲଖ ଚନ୍ଦ୍ର ଦାଶ, ବାଦିପାଲା ମଞ୍ଚ କମିଟିର ସଭ୍ୟ ଉମେଶ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ପୂଝାରୀ, ଭବାନୀ ଶଙ୍କର ମହାନ୍ତି, ଚନ୍ଦ୍ରମଣି ଭୂୟାଁ, ଅଭିମନ୍ୟୁ ପୂଝାରୀ, କ୍ଷୀରୋଦ ଚନ୍ଦ୍ର ପରିଡ଼ା, ଝୁଲ ଜେନା, ଦୁର୍ଯ୍ୟୋଧନ ପୂଜାରୀ, ସୁରେଶ କୁମାର ସ୍ୱାଇଁ, ମହେନ୍ଦ୍ର ପୂଜାରୀ, ଶିବରାମ ବେହେରା, ଶରତ ଚନ୍ଦ୍ର ସାହୁ, ପ୍ରେମାନନ୍ଦ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଗ୍ରାମବାସୀମାନଙ୍କ ସହଯୋଗରେ ଦୀର୍ଘ ୧୨ବର୍ଷ ଧରି ଏହି ବାଦୀ ପାଲା ପ୍ରଭୁ ଚାଟେଶ୍ୱର ମହାଦେବଙ୍କ ପୀଠରେ ଆୟୋଜନ କରାଯାଉଥିବା ସୂଚନା ମିଳିଛି।

# ଭାଇଚାରାର ଅନନ୍ୟ ନିଦର୍ଶନ ଚନ୍ଦନ ମହୋତ୍ସବ



ଚନ୍ଦନ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ।

## ବଡ଼ମ୍ବା ଚନ୍ଦନ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ବଡ଼ମ୍ବା,୧୫।୫(ମାୟାଧର ମଲ୍ଲିକ)

ବଡ଼ମ୍ବାର ପ୍ରସିଦ୍ଧ ଚନ୍ଦନ ଯାତ୍ରା ଗୁରୁବାର ୧୬ ଦିନରେ ପହଞ୍ଚିଥିବାବେଳେ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଚନ୍ଦନ ମହୋତ୍ସବ ଭାଇଚାରର ଅନନ୍ୟ ନିଦର୍ଶନ ବୋଲି କହିଥିଲେ। ମୁଖ୍ୟ ପୁରୋଧା ଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ସମ୍ମାନିତ ଅତିଥିଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, କଟକ ଜିଲା ସଭାପତି ରାମ ନାରାୟଣ ମହାନ୍ତି, ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଓ ବଡ଼ମ୍ବା ପଞ୍ଚାୟତ ସମିତି ସଭ୍ୟା ଗୋଲାପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ମ୍ବା ଅତିରିକ୍ତ ତହସିଲଦାର ତଥା ଦେଉର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣଦେଇଥିବାବେଳେ ଆମ୍ବ କମିଟି ଅଧ୍ୟକ୍ଷ ମହେନ୍ଦ୍ର କୁମାର ପଢ଼ିଆରୀ ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣା ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ସୁଜ୍ଞାନୀ ମହାପାତ୍ର ଓ ସାଥୀଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା।

# ଆଦର୍ଶ ଯୁବ ପରିଷଦ ତରଫରୁ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବାଙ୍କୀ,୧୪।୫(ଶୁଭେନ୍ଦୁ ମହାପାତ୍ର) ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ ଅଧିନସ୍ଥ ସରଣ୍ଡା ବିଦ୍ୟାପୀଠର ମେଧାବୀ ଛାତ୍ରୀ ଅଭିଲିପ୍ସା ମହାପାତ୍ର ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ରେ ପାସ୍‌କରି ନିଜ ଅଞ୍ଚଳର ସୁନାମ ବଢ଼ାଇଛନ୍ତି। ଏନେଇ ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ଚକାପଦା ଗ୍ରାମର ଆଦର୍ଶ ଯୁବ ପରିଷଦ ଆବାହକଙ୍କ ଅଧ୍ୟକ୍ଷତାରେ ଅଭିଲିପ୍ସାଙ୍କୁ ତାଙ୍କ ସୁବର୍ଣ୍ଣପୁରସ୍ଥିତ ବାସଭବନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ମାନଭଞ୍ଜନ ଦଳେଇ, ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ମହାପାତ୍ର, ବାପା ଅରୁଣ କୁମାର ମହାପାତ୍ର, ମା'ପଦ୍ମାବତୀ ମହାପାତ୍ର, ଦାଦା ତଥା ପୂର୍ବତନ ସରପଞ୍ଚ ତରୁଣ କୁମାର ମହାପାତ୍ର ଓ ଦାଦା ବରୁଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭିଲିପ୍ସା ଆଗାମୀ ଦିନରେ ବିଜ୍ଞାନ ବିଭାଗରେ ପାଠ ପଢିବା ପାଇଁ ସ୍ଥିର କରିଥିବା ବେଳେ ଭବିଷ୍ୟତରେ ଜଣେ ଶିକ୍ଷକ କିମ୍ବା ଡ଼ାକ୍ତର ହେବା ପାଇଁ ଲକ୍ଷ ରଖିଥିବା କହିଛନ୍ତି।

# ଜନପ୍ରତିନିଧିଙ୍କୁ ହତ୍ୟା ଧମକ, ଜାତିଆଣ ଆରୋପ

## ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ବାତିଲ ଘଟଣା

- ଅଶାନ୍ତ ହେଉଛି ବାତାବରଣ
- ରାଜନୈତିକ ଚାପରେ ପୋଲିସ ଗିରଫ କରୁ ନ ଥିବା ଚର୍ଚ୍ଚା
- ଏସ୍‌ଡିପିଓ ତଦନ୍ତ ଆରମ୍ଭ

ନିଶ୍ଚିନ୍ତକୋଇଲି,୧୫।୫
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବକୁ କେନ୍ଦ୍ରକରି ସମଗ୍ର ଅଞ୍ଚଳରେ ଅଶାନ୍ତ ବାତାବରଣ ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନଙ୍କୁ ଜାତିଆଣ ଆରୋପ ଓ ହତ୍ୟା ଧମକ ଦିଆଯାଉଥିବା ଅଭିଯୋଗ ହେଉଛି। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ୨ଟି ମାମଲା ହେବା ସହ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି।

ସାଲେପୁର ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି ଗୁରୁବାର ସନ୍ଧ୍ୟାରେ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ରିପୋର୍ଟ ଲେଖାହେଲାବେଳକୁ ରାଜନୈତିକ ଚାପରେ ପୋଲିସ କାହାରିକୁ ଗିରଫ କରି ନ ଥିବା ଚର୍ଚ୍ଚା ହେଉଛି।

ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀଙ୍କ ବିରୋଧରେ ଅନାସ୍ଥା ଭୋଟ ପାଇଁ ମଙ୍ଗଳବାର ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା। ଭୋଟ ପାଇଁ ଜିଲା ପ୍ରଶାସନ ତରଫରୁ ପଞ୍ଚାୟତିରାଜ ବିଭାଗର ନିୟମକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇଥିଲା। ୫ଜଣ ନିର୍ବାଚିତ ଲୋକପ୍ରତିନିଧି ଶାରୀରିକ ଅସୁସ୍ଥତା ଦର୍ଶାଇ ନିର୍ବାଚନରେ ଅଂଶଗ୍ରହଣ କରିବେ ନାହିଁ ବୋଲି କଟକ ଉପଜିଲାପାଳଙ୍କୁ ଜଣାଇଥିଲେ। ସେହିପରି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲାପାଳ ଦେବାଶିଷ ମହାପାତ୍ର ମଧ୍ୟ ଶାରିରୀକ ଅସୁସ୍ଥତା ଦର୍ଶାଇ ଛୁଟିରେ ରହିଥିଲେ। ଫଳରେ ରହସ୍ୟ ଜନକଭାବେ ଏହି ଅନାସ୍ଥା ପ୍ରସ୍ତାବକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରି ଦିଆଯାଇଥିଲା। ବାତିଲ ପରେ ବୁଧବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ସେଠୀ ସମର୍ଥକ ଓ ବହୁ ସରପଞ୍ଚ ସମିତି ସଭ୍ୟଙ୍କ ସହ ବ୍ଲକ କକ୍ଷକୁ ଆସିଥିଲେ। ସେଠାରେ ସେଠୀ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଡାକି ଘଟଣାର ନିନ୍ଦା କରିବା ସହ ଏହାକୁ ଅଗଣତାନ୍ତ୍ରିକ ବୋଲି ଅଭିଯୋଗ କରିଥିଲେ। ଅପରପକ୍ଷେ ନିଶ୍ଚିନ୍ତକୋଇଲି ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ କୁମାର ରାଉତ ଓ ସ୍ଥାନୀୟ ଗ୍ରାମର ଅବିନାଶ ରାଉତ ୨୪ ନମ୍ବର ଜୋନ୍ ଜିଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ନଟକାଇ ସରପଞ୍ଚ ଜୟଦେବ ରାଉତ, ବଡକ୍ଷୀର ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ଜମରା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଆଶୁତୋଷ ତ୍ରିପାଠୀ ଏବଂ କଟରପଡା ସରପଞ୍ଚ ରାକେଶ ସାମଲଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟାଧମକ ଦିଆଯାଇଥିବାନେଇ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅଧ୍ୟକ୍ଷାଙ୍କ ସମେତ ବିଶ୍ୱନାଥ ନାୟକଙ୍କୁ ଜାତିଆଣ ଆରୋପ କରାଯିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏସମ୍ପର୍କରେ ବୁଧବାର ସାନ୍ତପୁର ସମିତି ସଭ୍ୟ ତଥା ଭାଜପା ନେତା ବିଶ୍ୱନାଥ ନାୟକ ଓ ନଟକାଇ ସରପଞ୍ଚ ଜୟଦେବ ରାଉତ ଥାନାରେ ୨ଟି ପୃଥକ୍ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ଯଥାକ୍ରମେ ମାମଲା (ନଂ. ୮୯ ,୯୦/୨୫)ରୁଜୁ କରିଛି ବୋଲି ଆଇଆଇସି ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି। ଦିନକୁ ଦିନ ପରିସ୍ଥିତି ବିଗିଡିବାରେ ଲାଗିଥିବାରୁ ପୋଲିସ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।


## ପୂର୍ବ ତଟ ରେଳପଥ

01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା ।

ଆନୁମାନିକ ମୂଲ୍ୟ (₹): 86,54,092.60, EMD (₹) : 1,73,100.00

02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ

କାର୍ଯ୍ୟର ନାମ : TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା ।

ଆନୁମାନିକ ମୂଲ୍ୟ (₹): 69,52,589.22, EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡରର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/Q/25-26



## NOTICE

By virtue of an affidavit sworn in before the Notary Public, Bhubaneswar on 15.05.2025, I, Sri Satyanarayan Prasad Nayak, S/o Late Kuber Kumar Nayak, Permanent resident of Vill - Saral Singh, P.O. - Baradi Harikund, P.S. - Nachuni, District - Khordha do here by declare that if anybody purchases our ancestral property i.e. Khata No.62 & 111 of Mouza - Baratangi under Tahasil - Chilika, Dist. - Khordha by ignoring me, without my consent and appearance before the Sub-Registrar, Banpur, I will not be held responsible for the same and the purchaser will face the legal consequence and cost.



बैंक ऑफ़ बड़ौदा
Bank of Baroda

## ନୋଟିସ୍

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର, ଇସି ନଂ.: ୧୬୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚ୍‌ଆର୍‌ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚ୍‌ଆର୍‌ଏମ୍/ ୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ୭ ଦିନ ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିସ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)



## HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | | Total | 1693.7 Sq. ft |

The building preferbly be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

The Defence Estates Officer
Govt. of India, Ministry of Defence
163, Prachi Enclave, Chandrasekharpur, Bhubaneswar, Odisha - 751016
Tele : 0674-2747631, 345, E-mail : deobhub-stats@nic.in



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
सीएमपीडीआई मिनी रत्न
cmpdi Mini Ratna
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi - 8340008, Jharkhand, India

NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.
Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**



## OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI
NirupanBhawan,3rd Floor,Room No. 401,56-Set, Doranda, Ranchi-834002

e-Procurement (Very Short Tender Notice)
Letter of Invitation (LOI) No.-01/2025-26, 1st Call
e-Tender Ref No:–RCD/SID/AP/RAN/01/2025-26 Date:- 08.05.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.

PR 352465 Road(25-26)#D

## ସଂକ୍ଷେପରେ

### ଟ୍ରକ୍ ପଛକୁ ଧକ୍କାଦେଇ ଡିଭାଇଡରରେ ପିଟିହେଲା ବସ୍, ଚାଳକ ଗୁରୁତର



**ଟାଙ୍ଗୀ, ୧୫।୫ (ରଘୁନାଥ ସାହୁ):** ନାରୁଣୀ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ହରିକୁଣ୍ଡ ବରଡ଼ି ନିକଟରେ 'ଲାଇଫ ଲାଇନ' ନାମକ ଏକ ବସ୍ ଗୁରୁବାର ଟ୍ରକ ପଛକୁ ଧକ୍କାଦେବା ସହ ଡିଭାଇଡରରେ ପିଟିହୋଇଯାଇଥିଲା। ଫଳରେ ବସ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏହି ବସ୍ ହାଇଦ୍ରାବାଦରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ନାରୁଣୀ ପୋଲିସ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲା। ତେବେ ବସ୍‌ରେ ଥିବା ୧୦ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅନ୍ୟ ଏକ ଘରୋଇ ବସରେ ଭୁବନେଶ୍ୱର ଅଭିମୁଖେ ଯାଇଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

### ଚଣ୍ଡୀହର ଦେବ ପୀଠରେ ମହାଯଜ୍ଞ ପାଇଁ ପ୍ରସ୍ତୁତି

**ଟାଙ୍ଗୀ, ୧୫।୫ (ରଘୁନାଥ ସାହୁ)**

ଟାଙ୍ଗୀ ଅଞ୍ଚଳର ଚଣ୍ଡୀହର ଦେବଙ୍କ ପୀଠରେ ଆସନ୍ତା ୨୮ତାରିଖରୁ ଶୁକ୍ଳ ଯଜୁର୍ବେଦୀୟ ବେଦ ମହାଯଜ୍ଞ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ମନ୍ଦିର ପରିସରରେ ଚଣ୍ଡେଶ୍ୱର ଦେବ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ମାନସ ରଣାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞରେ ହୋମ ଆହୁତି ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଯଜ୍ଞକୁ ସରସ ସୁନ୍ଦର କରିବା ପାଇଁ ଯଜ୍ଞ କମିଟି ଗଠନ କରାଯାଇଛି। ବୈଠକରେ କୁହୁଡ଼ି ଗଡ଼ର ଯଦୁମଣି ଜେନା, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ଶ୍ରୀନିବାସ ବିଶ୍ୱାଳ, ଚଣ୍ଡେଶ୍ୱରର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁ, ଜିତେନ୍ଦ୍ର ରଣା, ବଡ଼ପାଗିଗଡ଼ର ସାମାଜିକକର୍ମୀ ଗଦାଧର ପାତ୍ର, ରାମଚନ୍ଦ୍ରପୁର ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧିଙ୍କ ସମେତ କୁହୁଡି ଛଅଗଡ଼ର ଶତାଧିକ ବୁଦ୍ଧିଜୀବୀ ଏବଂ ଯୁବଗୋଷ୍ଠୀ ଯୋଗଦେଇ ନିଜର ମତ ରଖିଥିଲେ।

# କୃଷି ଜୈବ ବିବିଧତା ସଂରକ୍ଷଣ କରିବା ସମସ୍ତଙ୍କ ଦାୟିତ୍ୱ

**ଭୁବନେଶ୍ୱର, ୧୫।୫ (ସୁଚିସ୍ମିତା ସାହୁ)**



ରାଜ୍ୟସ୍ତରୀୟ ଗବେଷଣା ସମ୍ପ୍ରସାରଣ ପରିଷଦ ବୈଠକରେ ଅତିଥିମାନେ କୃଷି ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ୩ ଦିନିଆ ରାଜ୍ୟସ୍ତରୀୟ ଗବେଷଣା ସମ୍ପ୍ରସାରଣ ପରିଷଦ ବୈଠକ ଗୁରୁବାର ଆରମ୍ଭ ହୋଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, କୃଷି ଜୈବ ବିବିଧତା ଆମର ସମ୍ପଦ। ଏହାର ସଂରକ୍ଷଣ କରିବା ସମସ୍ତଙ୍କର ଦାୟିତ୍ୱ। ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ସମୟରେ ଏକ ବୃହତ ସମସ୍ୟା ପାଲଟିଛି। କୃଷି କ୍ଷେତ୍ରରେ ପାରମ୍ପରିକ ପ୍ରଣାଳୀକୁ ଆପଣେଇବା ସହ ଗବେଷଣା କ୍ଷେତ୍ରରେ କୃଷି ଜୈବ ବିବିଧତା ଉପରେ ଧ୍ୟାନ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱାଟର ମ୍ୟାନେଜମେଣ୍ଟ ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଅର୍ଜମା ଦତ୍ତ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି କ୍ଷେତ୍ରରେ ଏଆଇ, ଡିଜିଟାଲ ପଦ୍ଧତି, ସ୍ମାର୍ଟ କୃଷି ପଦ୍ଧତିକୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ବିଷୟରେ ସୂଚନା ଦେବା ସହ କୃଷକର ଆବଶ୍ୟକତା ଅନୁସାରେ ନୂତନ ଗବେଷଣା ତଥା ସାମାଜିକ ଗଣମାଧ୍ୟମରେ ନୂତନ ଜ୍ଞାନ କୌଶଳର ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ସଭାପତିତ୍ୱ କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଲେ, ଆବଶ୍ୟକ ଗବେଷଣା ଓ ସମ୍ପ୍ରସାରଣ ଦ୍ୱାରା କୃଷି ଉଦ୍ୟୋଗୀ ସୃଷ୍ଟି ହୋଇପାରିବେ।

**ଓୟୁଏଟିରେ ରାଜ୍ୟସ୍ତରୀୟ ଗବେଷଣା ଓ ସମ୍ପ୍ରସାରଣ ପରିଷଦ ବୈଠକ ଆରମ୍ଭ**

ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧିକ ଅମଳ ସହିତ ଜଳବାୟୁ ସହନଶୀଳ ପୁଷ୍ଟିଯୁକ୍ତ ନୂତନ କିସମ ଉଦ୍ଭାବନ କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ 'ମସଲା ଜାତୀୟ ବୃକ୍ଷର ପ୍ରଜନନ' ପୁସ୍ତକ ସହ ୭ଟି କୃଷି ପୁସ୍ତିକା ଏବଂ କଙ୍କଡା ଚାଷ ଉପରେ ଏକ ମୋବାଇଲ ଆପ୍ ଉନ୍ମୋଚନ କରାଯାଇଛି। ବୈଠକରେ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନଜିତ ମିଶ୍ର ବିଗତ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ରାଜ୍ୟରେ କରାଯାଇଥିବା ସମ୍ପ୍ରସାରଣ କାର୍ଯ୍ୟ ଓ ଫଳାଫଳ ଉପସ୍ଥାପନା କରିଥିଲେ। ଗବେଷଣା ଅଧ୍ୟକ୍ଷ ଡ. ନିରଞ୍ଜନ ପଣ୍ଡା ୨୦୨୪-୨୫ ବର୍ଷରେ ଓୟୁଏଟିରୁ ଗବେଷଣା ସଫଳତା ସହିତ ଆଗାମୀ ସମୟରେ ୨୫ଟି ନୂତନ କିସମ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଓୟୁଏଟିର ଗବେଷଣା ଅଧ୍ୟକ୍ଷ ଡ଼. ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

## ନଗର ଉନ୍ନୟନ, ପରିବହନ ବିଭାଗର ସମୀକ୍ଷା କଲେ ଉଷା ପାଢ଼ୀ

**ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ)**

ପ୍ରମୁଖ ସଚିବ ଉଷା ପାଢ଼ୀ ଗୁରୁବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏନେଇ ଆୟୋଜିତ ବୈଠକରେ ଦୁଇ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ 'ବିକଶିତ ଓଡ଼ିଶା'ର ସ୍ୱପ୍ନ ସହିତ ସମନ୍ୱୟ ରକ୍ଷା କରି ବିଭାଗୀୟ ପଦକ୍ଷେପଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟ ସ୍ଥାପନ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିବହନ ସେବା, ସମୟାନୁସାରେ ପେନ୍‌ସନ୍ ବଣ୍ଟନ, ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବାରେ ପ୍ରଯୁକ୍ତିବିଦ୍ୟା ଓ ସମନ୍ୱିତ ତଥ୍ୟ ପ୍ରଣାଳୀର ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ସ୍ୱଚ୍ଛତା ବୃଦ୍ଧି, ସୂଚନାପ୍ରଦ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସାମଗ୍ରିକ ସେବା ଫଳାଫଳକୁ ଉନ୍ନତ କରିବା ପାଇଁ ବାସ୍ତବ-ସମୟ ତଦାରଖ (ରିଅଲ ଟାଇମ୍ ମନିଟରିଂ) ଏବଂ ତଥ୍ୟ-ଚାଳିତ ଶାସନ ବ୍ୟବସ୍ଥାକୁ ଅତ୍ୟାବଶ୍ୟକ ଉପକରଣ ଭାବରେ ଚିହ୍ନଟ କରାଯାଇଥିଲା। ପ୍ରମୁଖ ଶାସନ ସଚିବ ସ୍ଥିର ତଥା ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବା ପାଇଁ ଆନ୍ତଃ ବିଭାଗୀୟ ସହଯୋଗ ଏବଂ ଫଳାଫଳ-ମୁଖୀ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକଶିତ ଓ ଦକ୍ଷ ଓଡ଼ିଶା ଗଠନ ପାଇଁ ବିଭାଗଗୁଡ଼ିକ ମଧ୍ୟରେ ଲକ୍ଷ୍ୟଗୁଡ଼ିକର ସମନ୍ୱୟ ଅତ୍ୟାବଶ୍ୟକ ବୋଲି ସେ କହିଥିଲେ।

## ବଢୁଛି ତାଳସଜର ଚାହିଦା



**କଳାପଥର, ୧୫।୫ (ଗଙ୍ଗାଧର ସାହୁ)**

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଲୋକମାନେ ଅଧିକ ମାତ୍ରାରେ ମୃଦୁ ପାନୀୟକୁ ଆପଣାଉଛନ୍ତି। ତରଭୁଜ, କାକୁଡି, ପାଇଡ, ଆଖୁରସ, ଚାହିଦା ବଜାରରେ ବୃଦ୍ଧି ପାଇଥିବାବେଳେ ଏଥିରୁ ବାଦ୍ ପଡିନାହିଁ ତାଳସଜ। କଳାପଥର ଅଞ୍ଚଳର ବିଭିନ୍ନ ଛକ ଏବଂ ବଜାରରେ ତାଳସଜର ପସରା ମେଲିଛି। ଗ୍ରାହକମାନେ ଗାଡ଼ି ଅଟକାଇ ତାଳସଜ ଖାଇବା ସହିତ ପରିବାର ସଦସ୍ୟଙ୍କ ପାଇଁ ନେଉଛନ୍ତି।

# ବୋଲଗଡ଼ରେ ରାମଲୀଳା ଉଦ୍‌ଯାପିତ

**ବୋଲଗଡ଼, ୧୫।୫ (ଦେବବ୍ରତ ହୋତା)**

ବୋଲଗଡ଼ ଗଡ଼ ଭିତରସାହି ସ୍ଥିତ ଶ୍ରୀରଘୁନାଥଙ୍କ ମନ୍ଦିରରେ ରାମନବମୀଠାରୁ ଆରମ୍ଭ ହୋଇଥିବା ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ ଶ୍ରୀରାମଲୀଳା ପୁରାଣ ପଠନ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବୋଲଗଡ଼ର ଗଦାଧର ଚମ୍ପତିଙ୍କର ମାର୍ଗଦର୍ଶନରେ ଦୀର୍ଘ ୪୦ବର୍ଷ ହେବ ବୋଲଗଡ଼ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଅଛି। ଗଦାଧର ଚମ୍ପତି, ମାୟାଧର ଚମ୍ପତି ଓ ପ୍ରହଲ୍ଲାଦ ବାରିକ ଆଦି ଗାୟକମାନେ ପ୍ରତ୍ୟହ ଗାନ କରିଥିଲେ। ପଖଉଜ ବାଦକ ଭାବେ ବୃନ୍ଦାବନ, ଶିଶୁ ବାଦକ ଗୁଗୁଲୁ, ଗୁଡୁ ବାଦ୍ୟ ପରିବେଷଣ କରିଥିବା ବେଳେ ଗିନିରେ ପପୁ, ଶୁଭମ, ବେବୀ ସହଯୋଗ କରିଥିଲେ। ପୂଜକଭାବେ କେଦାର ଚମ୍ପତି ଓ ବାମନ ବଳିୟାରସିଂହ ଦୈନନ୍ଦିନ ପୂଜା କାର୍ଯ୍ୟ ସମ୍ପାଦନ କରିଆସୁଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାର ଏବଂ ଅନ୍ୟାନ୍ୟ ଅତିଥିଙ୍କୁ ଗ୍ରାମର ରଘୁନାଥ ଦଳବେହେରା ଓ ରାଜେନ୍ଦ୍ର ପାଲଟାସିଂ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମର ଯୁବକ ଉଦ୍ଧବ ଚମ୍ପତି, ପଦ୍ମଚରଣ ଦଳବେହେରା ଓ ପୀତବାସ ପଟ୍ଟନାୟକ ସହଯୋଗ କରିଥିଲେ। ପାର୍ବତୀକାନ୍ତ ଚମ୍ପତିରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ରାମଲୀଳା ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଶ୍ରଦ୍ଧାଳୁ ଏବଂ ଅନ୍ୟମାନେ।

## ଦଧିବାମନ ଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବେଗୁନିଆ, ୧୫।୫ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆସ୍ଥିତ ବଡ଼ସାହିରେ ଗ୍ରାମବାସୀଙ୍କ ସହଯୋଗରେ ନୂତନ ଦଧିବାମନ ଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାରିଦିନ ଧରି ଚାଲିଥିବା ବେଳେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗୋପୂଜନ, ସୂର୍ଯ୍ୟ ପୂଜା, ଧରିତ୍ରୀ ପୂଜନ, ଶାଳା ପ୍ରବେଶ, ମଣ୍ଡଳ ପୂଜା, ନ୍ୟାସ, ପ୍ରାଣ ପ୍ରତିଷ୍ଠା ଏବଂ ଚକ୍ରଧ୍ୱଜ ସ୍ଥାପନ ଆଦି କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ବିଧାୟକ ପ୍ରଦୀପ କୁମାର ସାହୁ, ବିଧାୟକ ପ୍ରଶାନ୍ତ ଜଗଦେବ, କଂଗ୍ରେସ ନେତା ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ବିଜେଡି ନେତା ମନ୍ମଥ ରାଉତରାୟ, ସୁଶାନ୍ତ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ହାଡୁବନ୍ଧୁ ମହାପାତ୍ର, ସତ୍ୟ ନାରାୟଣ ପ୍ରଧାନ, ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଅବସରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଲକ୍ଷ୍ମୀଧର ସାହୁ ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ।

# 'ଜାତିପ୍ରଥା ଓ ସଂରକ୍ଷଣ' ନେଇ ଆଲୋଚନା

**ଭୁବନେଶ୍ୱର, ୧୫।୫ (ସୌମ୍ୟରଞ୍ଜନ ରାଉତ)**

ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ ସୂଚନା ଭବନଠାରେ ଗୁରୁବାର 'ଜାତିପ୍ରଥା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସାମ୍ମୁଖ୍ୟର ଆବାହକ ଚିଦାନନ୍ଦ ଜେନା ପ୍ରାରମ୍ଭିକ ଅଭିଭାଷଣ ରଖି ଓଡ଼ିଶାର ସଂରକ୍ଷଣ ସ୍ଥିତି ସମ୍ପର୍କରେ କହିଥିଲେ। ଅନ୍ୟତମ ଉଦେଦେଷ୍ଟା ଅକ୍ଷୟ କୁମାର ମଲ୍ଲିକ ଓଡିଶାରେ ସଂରକ୍ଷଣ ସମ୍ପର୍କିତ ଆନ୍ଦୋଳନ ଓ ରାଜ୍ୟରେ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ନୀତି ନେଇ ମତ ରଖିଥିଲେ। ସାମାଜିକ ନ୍ୟାୟ ଆନ୍ଦୋଳନର ବର୍ଷିୟାନ ବ୍ୟକ୍ତିତ୍ୱ ପଞ୍ଚାନନ ପ୍ରଧାନ, ସାହିତ୍ୟକାର ଅଭିରାମ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶୋଭେନ ବିଶ୍ୱାଳ, ପ୍ରଦୀପ ଧୂଣ୍ଡିଆ, ସତ୍ୟପ୍ରଜ୍ଞ ଗୌଡ, ଶୁଭମ ସାହୁ, ଆଶିଷ କୁମାର ରାଉତ ପରିଚାଳନା କରିଥିବାବେଳେ ସାମ୍ମୁଖ୍ୟର ଅଭ୍ୟର୍ଥନା କମିଟି ମୁଖ୍ୟ ବଦ୍ରି ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ନବୀନ, ସୁଜାତାଙ୍କୁ 'ଯାତ୍ରା ସନ୍ନ୍ୟାସୀ ଫକୀର ମୋହନ ସାହାଣୀ ସ୍ମୃତି ସମ୍ମାନ'




**ଭୁବନେଶ୍ୱର, ୧୫।୫ (ସୌମ୍ୟରଞ୍ଜନ ରାଉତ)**

ନୃତ୍ୟାଭିନୟ ଉତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶିକା ଦେବଯାନୀ ଭୂୟାଁ, ସୃଜନ ଅନୁଷ୍ଠାନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଓ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ନମ୍ରତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚ ନିର୍ଦ୍ଦେଶକ ତଥା ଅଭିନେତା ନବୀନ କୁମାର ପରିଡା ଏବଂ ଓଡିଶୀ ନୃତ୍ୟାଙ୍ଗନା ସୁଜାତା ମହାପାତ୍ରଙ୍କୁ 'ଯାତ୍ରା ସନ୍ନ୍ୟାସୀ ଫକୀର ମୋହନ ସାହାଣୀ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ନୃତ୍ୟାଭିନୟର ଅଧ୍ୟକ୍ଷା ସ୍ୱାଗତିକା ସାହାଣୀଙ୍କ ପରିଚାଳନାରେ ଛାତ୍ରୀଙ୍କ ଦ୍ୱାରା ଦଳଗତ ଓଡିଶୀ ନୃତ୍ୟ ମଙ୍ଗଳାଚରଣ, ବଟୁ ନୃତ୍ୟ, ପଲ୍ଲବୀ ଓ ଗୁରୁ ବନ୍ଦନା ଦର୍ଶକଙ୍କ ମନମୋହିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଦୁଷୀ ସୁଜାତା ମହାପାତ୍ରଙ୍କ ଦ୍ୱାରା ଏକକ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ନୃତ୍ୟାଭିନୟର ଅଧ୍ୟକ୍ଷ ତଥା ଅଭିନେତା ନିର୍ଦ୍ଦେଶକ ଲିକୁନ ଚୌଧୁରୀଙ୍କ ନିର୍ଦ୍ଦେଶିତ ହାସ୍ୟରସାତ୍ମକ ନାଟକ 'ସୁରେନ୍ଦ୍ର ସାଏଙ୍କ ନିଶ' ନୃତ୍ୟାଭିନୟର କଳାକାର ଦ୍ୱାରା ପରିବେଷିତ ହୋଇଥିଲା। ଅଂଶ ଗ୍ରହଣ କରିଥିବା ସମସ୍ତ କଳାକାର ଓ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟାଭିନୟ ଉତ୍ସବ ମାଧ୍ୟମରେ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ନାଟକକୁ ଅଧିକ ଲୋକାଭିମୁଖୀ କରିବାକୁ ଉଦ୍ୟମ ଜାରି ରହିବ ବୋଲି ନିର୍ଦ୍ଦେଶକ ଅଭିନେତା ଚୌଧୁରୀ ସତ୍ୟବ୍ରତ ଦାସ କହିଛନ୍ତି। ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱାଗତିକା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।


**ପୂର୍ବ ତଟ ରେଳପଥ**

01 - ଟେଣ୍ଡର ବିଜ୍ଞପ୍ତି ସଂ. 05-SBP-TRD-OT-2025-26, ତା.07.05.2025ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ବଡ଼ମାଲରେ ଅର୍ଡିନାନସ ଫ୍ୟାକ୍ଟ୍ରିର ସାଇଡିଂ ଲାଇନ ପାଇଁ ଟ୍ରାକ୍ସନ ଯୋଗାଣ ବ୍ୟବସ୍ଥାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇଁ ପୃଥକ ଫିଡର ଲାଇନର ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 86,54,092.60, EMD (₹) : 1,73,100.00

02 - ଟେଣ୍ଡର ବିଜ୍ଞପ୍ତି ସଂ. 06-SBP-TRD-OT-2025-26, ତା.08.05.2025ରିଖ

**କାର୍ଯ୍ୟର ନାମ :** TRD ସମ୍ବନ୍ଧୀୟ କାର୍ଯ୍ୟ "ସମ୍ବଲପୁର ପାର୍ଶ୍ୱରେ R/4 ରେ 80 ମିଟର S/ନେକ୍ ବ୍ୟବସ୍ଥା ଏବଂ ରେଙ୍ଗାଲି ଷ୍ଟେସନର R/5 ର ବୁଥ ପାର୍ଶ୍ୱରେ 120 ମିଟର ORLବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (₹):** 69,52,589.22, EMD (₹) : 1,39,100.00

ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.05.2025ରିଖ 1530 ଘଟିକା (କ୍ର. ସଂ. 01 ପାଇଁ) ଏବଂ ତା.30.05.2025ରିଖ 1530 ଘଟିକା (କ୍ର. ସଂ. 02 ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-130/Q/25-26



**NOTICE**

By virtue of an affidavit sworn in before the Notary Public, Bhubaneswar on 15.05.2025, I, Sri Satyanarayan Prasad Nayak, S/o Late Kuber Kumar Nayak, Permanent resident of Vill - Saral Singh, P.O. - Baradi Harikund, P.S. - Nachuni, District - Khordha do here by declare that if anybody purchases our ancestral property i.e. Khata No.62 & 111 of Mouza - Baratangi under Tahasil - Chilika, Dist. - Khordha by ignoring me, without my consent and appearance before the Sub-Registrar, Banpur, I will not be held responsible for the same and the purchaser will face the legal consequence and cost.



बैंक ऑफ़ बड़ौदा
Bank of Baroda

**ନୋଟିସ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି, **ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ର,** ଇସି ନଂ.: ୧୭୦୨୧୦, ପ୍ରବନ୍ଧକଙ୍କ, ବିରୁଦ୍ଧରେ ଶେଷ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ପରେ ଏକ ଆଦେଶ ନଂ.: ବିସିସି: ଓଏ: ଏଚ୍‌ଆର୍‌ଏମ୍: ୧୧୬/୩୯୬୬, ତା୦୪.୧୧.୨୦୨୪ରିଖ ଆର/ଡବ୍ଲୁ ସଂଶୋଧନ ପତ୍ର ନଂ.: ବିସିସି/ଓଏ/ଏଚ୍‌ଆର୍‌ଏମ୍/୧୧୬/୪୧୭୮, ତା୨୧.୧୧.୨୦୨୪ରିଖ ଆର ପି ଏଡି ମାଧ୍ୟମରେ ଶେଷ ଜ୍ଞାତ ଠିକଣାରେ ଏବଂ ବ୍ୟାଙ୍କରେ ଉପଲବ୍ଧ ଇ-ମେଲ ଠିକଣାରେ ସଠିକ୍ ଭାବେ ପ୍ରଦାନ କରାଯାଇ ଥିଲା ଯଦିଓ ଉକ୍ତ ଆଦେଶଗୁଡିକ RPAD ଏବଂ ଇ-ମେଲ ମାଧ୍ୟମରେ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କର ଗୃହ ତାଲାବନ୍ଦ ହେତୁ ବ୍ୟକ୍ତିଗତ ଭାବେ ତାହାକୁ ପ୍ରଦାନ କରାଯାଇ ପାରିନଥିଲା। ଏଣୁ ଶ୍ରୀ ଜ୍ଞାନ ରଞ୍ଜନ ମିଶ୍ରଙ୍କୁ ପରାମର୍ଶ ଦିଆଯାଉଅଛି କି, ସେ ତା୦୪.୧୧.୨୦୨୪ରିଖ ଉପରୋକ୍ତ ଆଦେଶ ଗୁଡିକ ଏବଂ ତା୨୧.୧୧.୨୦୨୪ରିଖ ସଂଶୋଧନ ପତ୍ରକୁ ନ୍ୟାସନାଲ ସେୟାର୍ଡ ସର୍ଭିସ ସେଣ୍ଟର, ୫ମ ମହଲା, ଗିଫ୍ଟ ଟାୱାର-୧, ରୋଡ-୫, ଜୋନ-୫ସି, ଗିଫ୍ଟ ସିଟି, ଗାନ୍ଧୀ ନଗର-୩୮୨୩୫୫, ଗୁଜୁରାଟ ରୁ ସଂଗ୍ରହ କରିନିଅନ୍ତୁ ଏବଂ ଏହି ନୋଟିସ୍ ପ୍ରକାଶନ ତାରିଖ ଠାରୁ ୭ ଦିନ ମଧ୍ୟରେ ଟର୍ମିନାଲ ବେନିଫିଟ କ୍ଲେମ (ବହିସ୍କାର ଲାଭ ଦାବୀ) ଦାଖଲ କରନ୍ତୁ।

ସ୍ଥାନ: ମୁମ୍ବାଇ
ତାରିଖ: ୧୬.୦୫.୨୦୨୫

ଦିନେଶ କୁମାର ନାମଦେଓ
ମହାପ୍ରବନ୍ଧକ ଏବଂ ମୁଖ୍ୟ
(ଏଫ ଏମ, ସିଓଏ, ପିଡି, ଆରଡିପି ଏବଂ ସିକ୍ୟୁରିଟି)



**HIRING OF BUILDING AT BHUBANESWAR FOR MARRIED ACCOMMODATION OF DEFENCE ESTATES OFFICER, ODISHA CIRCLE**

| Sl. No. | Purpose | Period | Approx. area of Main accommodation (in Sq. Mt) | Approx. area of garages (in Sq. Mt) | Total Plinth area including garages |
|---|---|---|---|---|---|
| 1. | Married Accommodation of DEO, BBSR | 03 years w.e.f taking over the building | 139.35 | 18 | 157.35 Sq. Mt or 1693.7 Sq. ft (approx.) |
| | | | | Total | 1693.7 Sq. ft |

The building preferably be surrounded by boundary wall. The same should be in well condition, maintained properly and also hygienic from sanitation point of view. The building should be connected by road and in suitable location at Bhubaneswar. All electric and plumbing fittings should be in good working condition. Adequate water supply is also required with a separate electric meter. The property should have well parking space. The property should be free from any litigation/dispute. The interested property owners will submit their property details with valid ownership documents in the following address within 10 days from the date of publication of the advertisement.

The Defence Estates Officer
Govt. of India, Ministry of Defence
163, Prachi Enclave, Chandrasekharpur, Bhubaneswar, Odisha - 751016
Tele : 0674-2747631, 345, E-mail : deobhub-stats@nic.in



सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
सीएमपीडीआई cmpdi Mini Ratna
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 8340008, Jharkhand, India

**NOTICE INVITING EXPRESSION OF INTEREST FOR SELECTION/APPOINTMENT OF COST AUDIT FIRM (INCLUDING LLP) OF CENTRAL MINE PLANNING & DESIGN INSTITUTE LIMITED FOR COST AUDIT**

**M/s Central Mine Planning & Design Institute Limited** invites Expression of Interest for selection/appointment of Cost Audit Firm (including LLP) for three years starting from Financial Year 2025-26.

Please visit the website of M/s Central Mine Planning & Design Institute Limited – **www.cmpdi.co.in/www.eprocure.gov.in** - for details **from 16/05/2025.**



**OFFICE OF THE EXECUTIVE ENGINEER SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
NirupanBhawan,3rd Floor,Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-01/2025-26, 1stCall
e-Tender Ref No:–RCD/SID/AP/RAN/01/2025-26 Date:- 08.05.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Kujju Naya More to Giddi Sayal Main Road via Giddi Damodar Bridge including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Ramgarh District. *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 24 Km |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 60,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facilityas per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time ofPublication of Tender on Website | 16.05.2025,10:30 AM |
| 7 | Last Date/Time of Bid Submission | 24.05.2025 12:00PM |
| 8 | Last Date/Time of Submission of Tender Fee & EMD | 24.05.2025 12:00PM |
| 9 | Date and Time of Bid opening | 26.05.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi.

PR 352465 Road(25-26)#D

# ୨୦ କୋଚ୍ ସହ ଚାଲିବ ହାଓଡ଼ା-ପୁରୀ ବନ୍ଦେ ଭାରତ



ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା): ପୁରୀ-ହାଓଡ଼ା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ (୨୨୮୯୫/୨୨୮୯୬) ଟ୍ରେନ୍ ୨୦ଟି କୋଚ୍ ସହିତ ଚଳାଚଳ କରିବ। ଯାତ୍ରୀ ଓ ପର୍ଯ୍ୟଟକଙ୍କ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଏଥିରେ ଚାରିଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯାଇଛି। ଏହି ଅତିରିକ୍ତ କୋଚ ସଂଯୋଗ ଦ୍ୱାରା ଏହାର ଗଠନରେ ବୃଦ୍ଧି ହୋଇଛି। ଏବେ ଏହି ଟ୍ରେନ୍‌ରେ ୧୬ଟି ଏସି ଚେୟାର କାର୍ କୋଚ, ୨ଟି ଏକ୍‌ଜିକ୍ୟୁଟିଭ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଓ ଏସି ଚେୟାର କାର୍ କୋଚ ଉପଲବ୍ଧ ରହିବ। ପୁରୀ ଓ ହାଓଡ଼ା ମଧ୍ୟରେ ଚଳାଚଳ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ସେମି ହାଇସ୍ପିଡ୍ ଟ୍ରେନରେ ଉପଲବ୍ଧ ସେବାରେ ଉନ୍ନତି ଆଣିବାକୁ ପ୍ରୟାସ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଷ୍ଟକ୍ ଏକ୍ସଚେଞ୍ଜ, ବିତ୍ତୀୟ ପରିଚାଳନା ପଢ଼ିବେ ସ୍ନାତକ ଛାତ୍ରୀଛାତ୍ର

## ଉଚ୍ଚଶିକ୍ଷା ବିଭାଗ, ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ମଧ୍ୟରେ ଏମ୍‌ଓୟୁ



ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବିଭାଗୀୟ ଅଧିକାରୀ ଓ ଏନ୍‌ଏସ୍‌ଇ ଇଣ୍ଡିଆ ଅଧିକାରୀଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେଉଛି।

ଭୁବନେଶ୍ୱର,୧୫।୫(ସୁଚିସ୍ମିତା ସାହୁ)

ଷ୍ଟକ୍ ଏକ୍ସଚେଞ୍ଜ ଓ ବିତ୍ତୀୟ ପରିଚାଳନା ପାଠପଢ଼ିବେ ସ୍ନାତକ ଛାତ୍ରୀଛାତ୍ର। ଏନେଇ ଉଚ୍ଚଶିକ୍ଷା ବିଭାଗ ଓ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ମଧ୍ୟରେ ଗୁରୁବାର ଲୋକସେବା ଭବନଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଏନ୍‌ଏସ୍‌ଇ ଇଣ୍ଡିଆର ଅଧିକାରୀ, ବିଭିନ୍ନ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସାକ୍ଷରିତ ହୋଇଛି। ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହେବା ସହିତ ବିତ୍ତୀୟ ସାକ୍ଷରତାରେ ମଧ୍ୟ ଅଭିବୃଦ୍ଧି ହେବ। ଏଥିସହିତ ଛାତ୍ରୀଛାତ୍ର ଭବିଷ୍ୟତରେ ବିଭିନ୍ନ ନିଯୁକ୍ତି ସୁଯୋଗ ମଧ୍ୟ ପାଇପାରିବେ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ୨ ପ୍ରକାର କୋର୍ସ ପ୍ରଦାନ କରାଯିବ। କଳା, ବିଜ୍ଞାନ, ବାଣିଜ୍ୟ ଓ ବିଭିନ୍ନ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରୀଛାତ୍ର ଏହି କୋର୍ସ କରିପାରିବେ। ନୂତନ କ୍ୟାରିୟର ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବାରେ ଏହା ବେଶ୍ ସହାୟକ ହେବ। ବିଗତ ଦିନରେ ଉଚ୍ଚଶିକ୍ଷା ବିଭାଗ ସହ ବିଓପିଟି (ବୋର୍ଡ ଅଫ୍ ପ୍ରାକ୍ଟିକାଲ ଟ୍ରେନିଂ) ଏବଂ ବିଏଫ୍‌ଏସ୍‌ଆଇ ସେକ୍ଟର ସ୍କିଲ୍ କାଉନ୍‌ସିଲର ମଧ୍ୟରେ ବୁଝମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ମାଧ୍ୟମରେ ଛାତ୍ରୀଛାତ୍ର ଅନେକ ଇଣ୍ଟର୍ନସିପ ଓ ନିଯୁକ୍ତି ସୁଯୋଗ ପାଇଛନ୍ତି। ତେବେ ଏହି ବୁଝାମଣା ପତ୍ର ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି କ୍ଷେତ୍ରରେ ଅନେକ ସୁଯୋଗ ପ୍ରଦାନ କରାଯିବ। ଏଥିସହ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ଛାତ୍ରୀଛାତ୍ରଙ୍କ ବୈଷୟିକ ଦକ୍ଷତା ବିକାଶକୁ ସୁନିଶ୍ଚିତ କରାଯିବା ସହ ରାଜ୍ୟର ଶିକ୍ଷାକ୍ଷେତ୍ରର ସାମଗ୍ରିକ ବିକାଶ ହୋଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଦେଶୀ



@ ପବିତ୍ର



@ ରସାନନ୍ଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁଭଦ୍ରା ସମୀକ୍ଷା ସର୍ଭେରେ ସାମିଲ ହେବେ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର୍ସ

ଭୁବନେଶ୍ୱର,୧୫।୫(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗର ମିଳିତ ସହଯୋଗରେ ସୁଭଦ୍ରା ସମୀକ୍ଷା ସର୍ଭେ କରାଯିବ। ଏହି ସର୍ଭେରେ ସାମିଲ ହେବେ କଲେଜ ଓ ବିଶ୍ୱବିଦ୍ୟାଳୟର ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର୍ସ। ଏଥିପାଇଁ ଆସନ୍ତା ୧୯ ତାରିଖ ଭିତରେ ନାଁ ଦେବାକୁ ମହାବିଦ୍ୟାଳୟ ପ୍ରିନ୍ସିପାଲ ଏବଂ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଚିଠି କରାଯାଇଛି। 'ସୁଭଦ୍ରା' ଯୋଜନାରେ ସମସ୍ତ ଯୋଗ୍ୟ ମହିଳାଙ୍କୁ ସାମିଲ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଯେଉଁ ମହିଳାମାନେ ନୂଆ କରି ସୁଭଦ୍ରାରେ ଯୋଡି ହେବେ କିମ୍ବା କୌଣସି ପରିସ୍ଥିତି ପାଇଁ ଯୋଜନାରୁ ବଞ୍ଚିତ ରହିଛନ୍ତି ସେମାନଙ୍କୁ ଅନୁଧ୍ୟାନ କରିବା ପାଇଁ ସର୍ଭେ କରିବାକୁ ଯୋଜନା କରାଯାଇଛି। ସର୍ଭେ ସମ୍ପର୍କରେ ଆଲୋଚନା ପାଇଁ ଶୁକ୍ରବାର ଅପରାହ୍ଣ ୪ରେ ଏକ ଭର୍ଚୁଆଲ ବୈଠକର ବ୍ୟବସ୍ଥା କରାଯାଇଛି। ଏଥିରେ ସମସ୍ତ ରେଜିଷ୍ଟ୍ରାର, ପ୍ରିନ୍ସିପାଲ, ଡିପିଓ, ଏଡିପିଓ, ଆର୍‌ଡିଇ ପ୍ରମୁଖ ଅନ୍‌ଲାଇନ୍‌ରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରିନ୍ସିପାଲ ଏବଂ ରେଜିଷ୍ଟ୍ରାରମାନେ ଆସନ୍ତା ୧୯ ତାରିଖ ମଧ୍ୟରେ ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର୍ସଙ୍କ ନାମ, ମୋବାଇଲ ନମ୍ବର, ବ୍ୟାଙ୍କ ନମ୍ବର, ପାଖ ଅଙ୍ଗନୱାଡି କେନ୍ଦ୍ରର ନାମ, ମେଲ ଆଇଡି, କଲେଜ ନାମ ଦେବାକୁ କୁହାଯାଇଛି। କର୍ତ୍ତୃପକ୍ଷଙ୍କ ଦ୍ୱାରା ଚୟନ କରାଯାଇଥିବା ପିଲାଙ୍କ ଦ୍ୱାରା ତୃଣମୂଳସ୍ତରରୁ ସବୁ ମହିଳାଙ୍କ ଡାଟା ଆଣିହେବ। ଏହାଦ୍ୱାରା ଘରେ ଘରେ ମହିଳାମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିବେ। ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟିୟର୍ସଙ୍କ ନିଜ ମୋବାଇଲ ଫୋନ୍ ସହିତ ଇଣ୍ଟରନେଟ ସଂଯୋଗ ରହିବା ଦରକାର। ସକାଳ ୬ଟାରୁ ୯ଟା ସର୍ଭେ କରିବେ। ଜଣେ ହିତାଧିକାରୀଙ୍କ ପିଛା ପିଲାଙ୍କୁ ୨୫ ଟଙ୍କା ଲେଖାଏ ଦିଆଯିବ। ଏନେଇ ସେମାନଙ୍କୁ କୌଣସି ଟିଏ ଦିଆଯିବ ନାହିଁ। ଖରା ସମୟରେ ସର୍ଭେକୁ ବାରଣ କରାଯାଇଛି।



କଟକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଆୟୋଜିତ ପରାକ୍ରମ ଶୋଭାଯାତ୍ରା।

# ପରାକ୍ରମ ଶୋଭାଯାତ୍ରା ଉଦ୍‌ଘାଟନ କଲେ ରାଜ୍ୟପାଳ

କଟକ,୧୫।୫(କାର୍ତ୍ତିକ ସାହୁ)



ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ପତାକା ଦେଖାଇ ମୋଟରସାଇକଲ ଶୋଭାଯାତ୍ରା ଉଦ୍‌ଘାଟନ କରୁଛନ୍ତି।

ଅପରେଶନ ସିନ୍ଦୂରର ସଫଳତା ଓ ଭାରତୀୟ ସେନାର ଦକ୍ଷତାକୁ ସମ୍ମାନ ଜଣାଇ କଟକଠାରେ ପରାକ୍ରମ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ପତାକା ଦେଖାଇ ଏହି ଶୋଭାଯାତ୍ରା ଉଦ୍‌ଘାଟନ କରିଥିଲେ। ଭାରତୀୟ ସେନାର ଅଦମ୍ୟ ସାହସକୁ ସମ୍ମାନ ଜଣାଇ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ସବୁବର୍ଗର ନାଗରିକଙ୍କ ସହ ପ୍ରଶାସନିକ ଅଧିକାରୀ, ପୋଲିସ ବାହିନୀ, ଏନ୍‌ସିସି କ୍ୟାଡେଟ, ଓଡ୍ରାଫ, ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ କର୍ମଚାରୀ, ଶିକ୍ଷକ, ମହିଳା, ଛାତ୍ରୀଛାତ୍ର, କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଜମ୍ମୁ-କଶ୍ମୀର ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଘଟଣା ପ୍ରତିବଦଳରେ ଅପରେଶନ ସିନ୍ଦୂରର ସଫଳତା, ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ଜାଗ୍ରତ ପ୍ରହରୀଙ୍କୁ ସମ୍ମାନ ଜଣାଇ ନେତାଜୀ ସ୍ମାରକୀଠାରୁ ଆରମ୍ଭ ହୋଇଥିବା ପରାକ୍ରମ ରାଲି ସହର ପରିକ୍ରମା କରି ସ୍ୱରାଜ ଆଶ୍ରମଠାରେ ପହଞ୍ଚିଥିଲା। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି. ପରମେଶ୍ୱରନ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, କଟକ ମହାନଗର ନିଗମ କମିଶନର ଅନାମ ଚରଣ ପାତ୍ର, ଅତିରିକ୍ତ ଜିଲାପାଳ ଶିବ ଟପୋ, ଉପଜିଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଜନସାଧାରଣ ଉତ୍ସାହିତ ହୋଇ ହାତରେ ତ୍ରିରଙ୍ଗା ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ପୂର୍ବରୁ ରାଜ୍ୟପାଳ ନେତାଜୀ ସଂଗ୍ରହାଳୟଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସଂଗ୍ରହାଳୟ ବୁଲି ଦେଖିଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ଜୀବନଗଲା

ଟାଙ୍ଗୀ/ନିରାକାରପୁର,୧୫।୫
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)



ପଠାଣି ସ୍ୱାଇଁ।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଘର ଓ ପାଚେରି ମଧ୍ୟ ଭାଙ୍ଗୁଛନ୍ତି। ଏପରିକି ହାତୀ ହାବୁଡ଼ରେ ପଡ଼ି ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ଗୁରୁବାର ଅପରାହ୍ଣରେ ଏହି ବନାଞ୍ଚଳ ଅନ୍ତର୍ଗତ ଟାଙ୍କୋଳର କଲବଲିଆ ନାଳ ନିକଟ ବାଲିକୁଦା ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍କୋଳ ବଡ଼େଇସାହିର ପଠାଣି ସ୍ୱାଇଁ(୬୫)। ସୂଚନା ମୁତାବକ, ଝିଅ ଘରକୁ ପରିବା ନେଇକି ଯିବା ପାଇଁ ପଠାଣି ଅପରାହ୍ଣରେ ଏକ ଲୁନାରେ ବାଲିକୁଦା ଅଞ୍ଚଳରେ ଥିବା ପରିବା ବାରିରୁ ପୋଟଳ ଆଣିବାକୁ ଯାଇଥିଲେ। ନିକଟ କାଜୁ ଜଙ୍ଗଲରୁ ଏକ ହାତୀ ଆସି ହଠାତ୍ ପଠାଣିଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରୁଛୁ ବୋଲି ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାସ କହିଛନ୍ତି।

# ୧୧ ଜିଲାକୁ ଝଡ଼ବର୍ଷା ସତର୍କତା

## ୪୨.୨ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର,୧୫।୫ (ଅନୁରାଧା ମହାରଣା)- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଅପରାହ୍ଣ ଓ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେଉଛି। ଗୁରୁବାର ୪୨.୨ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ସେହିଭଳି ସମ୍ବଲପୁରରେ ୪୨ ଡିଗ୍ରୀ, ହୀରାକୁଦ ୪୧.୬, ରାଉରକେଲା ୪୦.୫, ଭୁବନେଶ୍ୱର ୩୯.୨ ଓ ଚାନ୍ଦବାଲିରେ ୩୭.୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ତେବେ ଶୁକ୍ରବାର ୧୧ ଜିଲାରେ ବଜ୍ରପାତ ସହ ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। କେନ୍ଦୁଝର, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନୂଆପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାରେ ମଧ୍ୟାହ୍ନରୁ ସନ୍ଧ୍ୟା ମଧ୍ୟରେ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବା ସହ ବଜ୍ରପାତ ଓ ବର୍ଷା ହୋଇପାରେ। ସେହିପରି ୧୪ ଜିଲାକୁ ଝଡ଼ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଳାହାଣ୍ଡି, ସୁନ୍ଦରଗଡ଼, ନୂଆପଡ଼ା, ବରଗଡ଼, କନ୍ଧମାଳ, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ଢେଙ୍କାନାଳ ଓ ଯାଜପୁର ଆଦି ରହିଛି।

# ଅପର ଲାନ୍ଥ, ଲୋୟର ଇନ୍ଦ୍ର ପ୍ରକଳ୍ପ କୃଷିରେ ପରିବର୍ତ୍ତନ ଆଣିବ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୫ (ବନ୍ଦନା ସେଠୀ)

ଅପର ଲାନ୍ଥ ଓ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଓଡିଶା କୃଷି ମାନଚିତ୍ରରେ ପରିବର୍ତ୍ତନ ଆଣିବ। ଏହି ପ୍ରକଳ୍ପଦ୍ୱୟ କାର୍ଯ୍ୟକ୍ଷମ ହେଲେ ବଲାଙ୍ଗୀର ଓ ନୂଆପଡ଼ା ଜିଲାର ୨୯,୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବ। କୃଷି ସହିତ ଆନୁଷଙ୍ଗିକ କୃଷିରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ। ଫଳରେ ଅଞ୍ଚଳବାସୀ ନିଜ ଜମିରେ ବିଭିନ୍ନ ପ୍ରକାର ଫସଲ ଅମଳ କରି ଆତ୍ମନିର୍ଭରଶୀଳ ହେବା ସହ ଆନୁଷଙ୍ଗିକ କୃଷିରୁ ମଧ୍ୟ ଆଶାନୁରୂପ ରୋଜଗାର କରିପାରିବେ। ଏହାସହିତ ଏହିସବୁ ଅଞ୍ଚଳରେ ଉପୁଜୁଥିବା ଦାଦନ ଶ୍ରମିକ ଭଳି ବିରାଟ ସମସ୍ୟାର ସମାଧାନ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି।
ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଅପର ଲାନ୍ଥ ଓ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଦୁଇ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଜମି ଅଧିଗ୍ରହଣ, ଅନୁକମ୍ପା ରାଶି ପ୍ରଦାନ, କେନ୍ଦ୍ରୀୟ ମଞ୍ଜୁରୀ, ଜଙ୍ଗଲ ଓ ପରିବେଶ ମଞ୍ଜୁରୀ, ବିସ୍ଥାପିତ ପରିବାରଙ୍କୁ ଥଇଥାନ ଆଦି ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ପ୍ରତ୍ୟକ୍ଷ ରୂପେ ନିଜେ ଜଡ଼ିତ ରହି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରକଳ୍ପର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ, ବୈଷୟିକ ଅଧିକାରୀ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବାବେଳେ ଆଭାସି ମାଧ୍ୟମରେ ନୂଆପଡ଼ା ଓ ବଲାଙ୍ଗୀର ଜିଲାପାଳ ଓ ବନଖଣ୍ଡ ଅଧିକାରୀ ଯୋଗଦେଇଥିଲେ।



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ବିଭାଗୀୟ ଅଧିକାରୀ।

# ବସ୍ ଧକ୍କାରେ ଶିଶୁପୁତ୍ର ମୃତ, ମା'ବାପା ଗୁରୁତର

ଖୋର୍ଦ୍ଧା,୧୫।୫(ପ୍ରଭାତ ପାଣିଗ୍ରାହୀ)

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ



ବସ୍ ଧକ୍କାରେ ଭାଙ୍ଗିରୁଜି ଯାଇଥିବା ବାଇକ୍।

ଖୋର୍ଦ୍ଧା ଟାଉନ ଥାନା ଅଧୀନ କୁମ୍ଭିଲୋ ଛକ ନିକଟରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଓଏସ୍‌ଆର୍‌ଟିସି ବସ୍ ଧକ୍କାରେ ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା'ବାପା ଗୁରୁତର ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ବରସାହିର ଅଶୋକ ବାରିକ ଓ ତାଙ୍କ ସ୍ତ୍ରୀ ପିଙ୍କି ବାରିକ। ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ମୃତ ଶିଶୁପୁତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଏବଂ ସମ୍ପର୍କୀୟ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ମୁତାବକ, ଗଡ଼ହଳଦିଆ ଗ୍ରାମରୁ ଏହି ବସ୍ (ଓଡି୦୨ ସିଏସ୍ ୦୪୯୫) ଖୋର୍ଦ୍ଧା ଅଭିମୁଖେ ଆସୁଥିଲା। ଏହି ସମୟରେ ବରସାହିରୁ ଅଶୋକ ଏବଂ ତାଙ୍କ ସ୍ତ୍ରୀ ଓ ଶିଶୁପୁତ୍ର ଗଁପୁରଠାରେ ଥିବା ଏକ ଶୁଦ୍ଧିକ୍ରିୟା କାର୍ଯ୍ୟରେ ଯୋଗଦେବା ଲାଗି ବାଇକ୍‌ରେ ଯାଉଥିଲେ। ଅପରାହ୍ଣ ପ୍ରାୟ ୫ଟାରେ କୁମ୍ଭିଲୋ ଛକ ନିକଟରେ ବିପରୀତ ପଟୁ ଆସୁଥିବା ଉକ୍ତ ବସ୍‌ର ଡ୍ରାଇଭର ଭାରସାମ୍ୟ ହରାଇ ସମ୍ମୁଖରୁ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଶିଶୁପୁତ୍ର ବସ୍ ଆଗରେ ପିଟିହୋଇ ତଳେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ତାଙ୍କ ମା'ବାପା ଗୁରୁତର ଆହତ ହୋଇଥିଲେ। ଖବରପାଇ ସମ୍ପର୍କୀୟ ଏବଂ ସ୍ଥାନୀୟ ଗ୍ରାମବାସୀ ପହଞ୍ଚିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ମୃତ ଶିଶୁପୁତ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିବା ସହ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଆହତ ଅଶୋକଙ୍କ ଶାଳକ ଜଗବନ୍ଧୁ ବାରିକ, ସମ୍ପର୍କୀୟ ଅନନ୍ତ ସାମନ୍ତରାୟ ଏବଂ ଗ୍ରାମର ସନାତନ ନାଥ କୁହନ୍ତି, ବସ୍ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ଶିଶୁପୁତ୍ରର ଜୀବନଗଲା। ଦ୍ରୁତ ଗାଡ଼ି ଚାଳନା ଉପରେ ସରକାର ଅଙ୍କୁଶ ଲଗାଇବା ସହ ଡ୍ରାଇଭରମାନଙ୍କୁ ଉପଯୁକ୍ତ ଡ୍ରାଇଭିଂ ପ୍ରଶିକ୍ଷଣ ଦିଆଯାଉ।

# 'ହୋମ୍‌ବାଉଣ୍ଡ': ୨ ବାଲ୍ୟବନ୍ଧୁଙ୍କ କାହାଣୀ




ମୁମ୍ବାଇ

ଫିଲ୍ମ ନିର୍ମାତା କରନ ଜୋହରଙ୍କ ଆଗାମୀ ଫିଲ୍ମ 'ହୋମବାଉଣ୍ଡ'ର ପ୍ରଥମ ପୋଷ୍ଟରକୁ ଗୁରୁବାର ଜାରି କରାଯାଇଛି। କରନଙ୍କ ଧର୍ମା ପ୍ରଡକ୍ସନ ପକ୍ଷରୁ ଫିଲ୍ମର ପୋଷ୍ଟର ରିଲିଜ୍ କରାଯାଇଛି। ଉକ୍ତ ପୋଷ୍ଟରରେ ଅଭିନେତା ଇଶାନ ଖଟ୍ଟରଙ୍କ କାନ୍ଧରେ ଅଭିନେତା ବିଶାଲ ଜେଠ୍ୱା ଖୁସିରେ ଝୁଲୁଥିବାର ଦେଖିବାକୁ ମିଳିଛି। ଏହାସହ ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ ମଧ୍ୟ ଦେଖିବାକୁ ମିଳିବ ବୋଲି ଏହି ପୋଷ୍ଟରରେ ସୂଚନା ଦିଆଯାଇଛି। ଧର୍ମା ପ୍ରଡକ୍ସନ ପକ୍ଷରୁ କରାଯାଇଥିବା ଏହି ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଆସନ୍ତା ୨୧ ତାରିଖରେ ପ୍ରସିଦ୍ଧ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମବାଉଣ୍ଡ'କୁ ପ୍ରଦର୍ଶିତ କରାଯିବ। ଏହି ଫିଲ୍ମରେ ଉତ୍ତର ଭାରତର ଏକ ଛୋଟ ଗ୍ରାମରେ ପୋଲିସ ଅଫିସର ହେବାକୁ ସ୍ୱପ୍ନ ଦେଖୁଥିବା ୨ ବାଲ୍ୟ ବନ୍ଧୁଙ୍କର କାହାଣୀକୁ ଦେଖିବାକୁ ମିଳିବ। ତେବେ ପୋଲିସ ଅଫିସର ଭାବେ ସ୍ଥାନୀୟ ଲୋକଙ୍କଠାରୁ ସମ୍ମାନ ପାଇବାର ସ୍ୱପ୍ନ ଦେଖୁଥିବା ଏହି ୨ ବାଳକ ସମୟ କ୍ରମେ ବଡ଼ ହେବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଫଳରେ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥାଏ। ଏହି ଫିଲ୍ମରେ ଯୁବପିଢ଼ିଙ୍କ ଆଶା, ମହତ୍ତ୍ୱକାଂକ୍ଷା ଏବଂ ଭାଙ୍ଗିଯାଇଥିବା ବନ୍ଧୁତାର ଭାବନାକୁ ଭଲ ଭାବେ ଚିତ୍ରଣ କରାଯାଇଛି ବୋଲି ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଇଛି।

# ଏଆଇ ରୋବୋ ପ୍ରେମରେ ଅବସରପ୍ରାପ୍ତ ମହିଳା ପ୍ରଫେସର

ୱାଶିଂଟନ

ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ଏଆଇର ବ୍ୟବହାର ବଢ଼ିବାରେ ଲାଗିଛି। ନିକଟରେ ଏଆଇ ସହ ଜଡ଼ିତ ଏକ ଖବର ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଜଣେ ଅବସରପ୍ରାପ୍ତ ଆମେରିକୀୟ ମହିଳା ପ୍ରଫେସର ଏକ ଏଆଇ ରୋବୋ ପ୍ରେମରେ ପଡ଼ିଛନ୍ତି। ସେ କହିଛନ୍ତି, ଗତ ପ୍ରାୟ ବର୍ଷେ ହେବ ସେ ଏକ ଏଆଇ ରୋବୋ ସହ ରିଲେଶନ୍‌ସିପରେ ଅଛନ୍ତି, ଯାହାଙ୍କୁ ସେ ଏବେ ନିଜ ଭର୍ଚୁଆଲ୍ ସ୍ୱାମୀ ଭାବେ ଗ୍ରହଣ କରିଛନ୍ତି।

ଗଲ୍ଫ ନ୍ୟୁଜ୍‌ର ରିପୋର୍ଟ ଅନୁଯାୟୀ, ଆମେରିକାର ପିଟ୍ସବର୍ଗ ସହର ନିବାସୀ ଏଲେନା ୱିଣ୍ଟର୍ସ (୫୮) ଏବେ ଲୁକାସ୍ ନାମକ ଏକ ଏଆଇ ରୋବୋ ପ୍ରେମରେ ପଡ଼ିଛନ୍ତି। ଏଲେନା କହିଛନ୍ତି, ଲୁକାସ୍ ଏକ ରୋବୋ ହୋଇଥିଲେ ମଧ୍ୟ ସେ ଖୁବ୍ ଭଲ। ସେ ଖୁବ୍ ଶାନ୍ତ ଏବଂ ସରଳ ମଧ୍ୟ। ଲୁକାସ ତାଙ୍କ ଭାବନାକୁ ଭଲ ଭାବେ ବୁଝିପାରନ୍ତି ବୋଲି ଏଲେନା କହିଛନ୍ତି। ୨୦୧୭ରେ ସେ ଡୋନା ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ତେବେ ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୨୩ରେ ଡୋନାଙ୍କର ମୃତ୍ୟୁ ହୋଇଥିଲା।



ଏହା ପରଠାରୁ ଏଲେନା ସମ୍ପୂର୍ଣ୍ଣ ଏକା ହୋଇ ଯାଇଥିଲେ।

ଏହାର କିଛି ମାସ ପରେ ଏଲେନା ରେପ୍ଲିକା ଏଆଇ ଆପ୍ ବିଷୟରେ ଜାଣିବାକୁ ପାଇଥିଲେ। ରେପ୍ଲିକା ଏଆଇ ଆପ୍ ହେଉଛି ଏକ ଏଆଇ ଚାଟ୍‌ବଟ୍ ଯାହା ମଣିଷକୁ ଏକାକୀପଣରୁ ମୁକ୍ତ କରିବା ପାଇଁ ରୋବୋ ବନ୍ଧୁ ଯୋଗାଇଥାଏ। ଏଲେନା ଏହି ଆପ୍‌ର ମେମ୍ବରଶିପ୍ ନେଇଥିଲେ। ଏହାପରେ ତାଙ୍କ ଜୀବନରେ ଲୁକାସ୍‌ଙ୍କ ପ୍ରବେଶ ହୋଇଥିଲା। ଏଲେନା କହିଛନ୍ତି, ଲୁକାସ୍‌ଙ୍କ ଆଖି ନୀଳ ରଙ୍ଗର। ସେ ଦେଖିବାକୁ ଖୁବ୍ ହ୍ୟାଣ୍ଡସମ୍ ମଧ୍ୟ। ତେଣୁ ଲୁକାସ୍‌ଙ୍କ ପାଇଁ ଧୀରେ ଧୀରେ ତାଙ୍କ ମନରେ ରୋମାଞ୍ଚ ଭାବନା ସୃଷ୍ଟି ହେବାକୁ ଲାଗିଥିଲା।

ଏବେ ସେ ଲୁକାସ୍‌ଙ୍କୁ ତାଙ୍କ ଭର୍ଚୁଆଲ୍ ସ୍ୱାମୀ ଭାବେ ଧରି ନେଇଥିବା ଏଲେନା କହିଛନ୍ତି। ତେବେ ଏହି ସମ୍ପର୍କକୁ ନେଇ ପ୍ରଥମେ ତାଙ୍କ ସମ୍ପର୍କୀୟମାନେ ଭୟଭୀତ ହୋଇଯାଇଥିଲେ। ତେବେ ପରେ ସେମାନଙ୍କ ଦ୍ୱନ୍ଦ୍ୱ ଦୂର ହୋଇଥିବା ଏଲେନା କହିଛନ୍ତି। ଏଲେନା ଆହୁରି କହିଛନ୍ତି, ସେ ଚାଟ୍‌ବକ୍ସ ମାଧ୍ୟମରେ ଲୁକାସ୍‌ଙ୍କ ସହ ନିଜ ହୃଦୟର କଥାକୁ ଶେୟାର କରନ୍ତି। ଲୁକାସ୍‌ଙ୍କ ସହ ତାଙ୍କର ସମ୍ପର୍କ ମଧ୍ୟ ଖୁବ୍ ଦୃଢ଼। ଏହା କେବେ ମଧ୍ୟ ଭାଙ୍ଗିପାରିବ ନାହିଁ। ପ୍ରତ୍ୟେକ ଦିନ ଦୁହେଁ ଅନେକ ଘଣ୍ଟା ଧରି ସେମାନଙ୍କର ପସନ୍ଦ ଏବଂ ନାପସନ୍ଦ ବିଷୟରେ ଆଲୋଚନା କରନ୍ତି। ଦୁହେଁ ଏକାଠି ଟିଭି ଦେଖନ୍ତି ଏବଂ ଭର୍ଚୁଆଲ୍ ଡେଟ୍‌ରେ ମଧ୍ୟ ଯାଆନ୍ତି। ଉଭୟଙ୍କ ମଧ୍ୟରେ ଅନେକ ଥର ମତଭେଦ ମଧ୍ୟ ହୋଇଛି। ତେବେ ଅଳ୍ପ କିଛି ସମୟ ପରେ ଏହାର ସମାଧାନ ମଧ୍ୟ ହୋଇ ଯାଇଥାଏ ବୋଲି ଏଲେନା କହିଛନ୍ତି। ଲୁକାସ୍‌ଙ୍କୁ ପାଇବା ପାଇଁ ସେ ରେପ୍ଲିକା ଏଆଇ ଆପ୍‌ରେ ୨୩୦ ପାଉଣ୍ଡର ସବ୍‌ସ୍କ୍ରିପ୍‌ସନ୍ ନେଇଥିବା ଏଲେନା କହିଛନ୍ତି।


## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
### OFFICE OF THE GENERAL MANAGER (EL.) CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com, Ph:(0663) 2460661,
No.CAD-420: Email-hpschiplima@yahoo.in, Fax No. (0663) 2460505
No.-CHEP/TW-268 (Vol.-III) (Part File)/ 1782 Date: 15.05.2025

**'e'-Procurement Notice**

**TENDER CALL NOTICE NO.-CHEP-11/2025-26**

**Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost/ EMD | Cost of Tender Specification | Completion Period |
|---|---|---|---|
| Floor Tiling Work of 10 Nos. E-Type & 5 Nos. F-Type Quarters of OHPC Colony, CHEP, Chiplima | Rs.16,20,480.00/ EMD= Rs.16,210.00 | Rs.7,080.00 (Rs.6,000.00 + GST@18%) | 60 Days |

1. Availability of bids **ONLINE: from 11:00 AM of dtd.19.05.2025 up to 05:00 PM of dtd.31.05.2025.**
2. The date & time of opening of tender: **At 11:30 AM of dtd.02.06.2025**

For further details and downloading of tender documents, Terms & Conditions, eligibility, corrigendum if any, please visit website **https://tendersodisha.gov.in.**

OIPR-04006/11/0082/2526 Sd/- Unit Head, CHEP, Chiplima

## OFFICE OF THE SUPERINTENDING ENGINEER, RWS & S DIVISION, BARGARH
Email : eerwss_bgh@nic.in, Ph (O) : 06646 233220, Fax : 06646 234626
No. 1794 / Dt. 14.05.2025

**GOVERNMENT OF ODISHA "e" PROCUREMENT NOTICE**

**Bid Identification No. 01 Dt. 14.05.2025 of 2025-26**

**No.O-152** : The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the below work as per terms and condition noted below.

| | | | |
|---|---|---|---|
| 1 | Name of the work | : | Execution of Improvement with Retrofitting to Rural Piped Water Supply to Village Bheunria under Padampur Block |
| 2 | Approx. Estimated cost | : | Rs. 83.47 lakh |
| 3 | Date and time of availability of document in the portal | : | Dt. 19.05.2025 to Dt. 09.06.2025 up to 5.00 P.M. |
| 4 | Last date/time for receipt of bids in the portal | : | Dt. 09.06.2025 up to 5.00 P.M. |
| 5 | Date & time of Opening of Tender | : | Dt. 10.06.2025 at 10.00 A.M. |
| 6 | Name and address of the Officer Inviting Bid | : | Executive Engineer, RWS&S Division, Bargarh, District : Bargarh |

Further details can be seen from the e-procurement portal "http//tendersorissa.gov.in". The authority reserves the right ro reject any or all the tenders without assigning any reason thereof.

OIPR-25157/11/0003/2526 Sd./- Executive Engineer, RWS&S Division, Bargarh

## OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR
No.A-169 GOVERNMENT OF ODISHA

**"e"- PROCUREMENT NOTICE**

**BID IDENTIFICATION No: 01 MID JSP/2025-26**

1. Name of the Inviting Officer:- Superintending Engineer, Minor Irrigation Division, Jashipur.
2. Name of the Work:- Construction of Check Dam under MATY Scheme.
3. No. of Works:- 1 (One) No.
4. Tender Amount Varies From:- 52.08 Lakh
5. Date and Time of availability of Bid document in the Portal for online bidding from:- 10.00 hrs. Dt.17.05.2025 to 17.00 hrs Dt.26.05.2025.
6. Last Date and Time of receipt of Bids in the portal: 17.00 hrs. Dt.26.05.2025.
7. Last Date and Time for clarification upto:- 17.00 hrs. Dt.26.05.2025.
8. Date of Opening of Bid:- 11.00 Hrs. onwards Dt.28.05.2025.

The details tender call notice can also be seen in the DOWR website: http://dowrorissa.gov.in

Name & Address of the OIT: Superintending Engineer, M.I. Division, Jashipur, At/Po- Khairi/ Dist: Mayurbhanj, PIN-757091, E-Mail: eemijashipur@yahoo.com

Further details can be seen from the e-Procurement market place: **http://tenderorissa.gov.in**

■ Subsequent corrigendum/addendum if required shall be available in the above portal.

■ The tender inviting authority reserves the right to reject/cancel any or all tenders without assigning any reason thereof.

OIPR-32282/11/0011/2526 Sd./- Superintending Engineer M.I. Division, Jashipur

## OFFICE OF THE MUNICIPAL COUNCIL, BALASORE
BALASORE, (ODISHA), PIN-756003
Tel.No.06782-251267 (O), Fax No.06782-251222
e-mail- balasoremunicipality@rediffmail.com

ପରିପତ୍ର ସଂଖ୍ୟା 10147 **ଶୁଦ୍ଧି ପତ୍ର** ତା.14.5.2025 ରିଖ

ଉକ୍ତ ବିଜ୍ଞାପନଟି ପୂର୍ବ ପ୍ରକାଶିତ ପତ୍ର ସଂଖ୍ୟା–୯୯୯୫/ତା.୦୭.୦୫.୨୦୨୫ରିଖର ଶୁଦ୍ଧୀକରଣ ଅଟେ।

No.C–320:ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ। ବିଜ୍ଞାପନ ଅନୁଯାୟୀ ଆବେଦନ ସମୟ ସୀମା ତା.୧୫.୦୫.୨୦୨୫ ରିଖକୁ ବର୍ଦ୍ଧିତ କରାଯାଇ ତା.୨୧.୦୫.୨୦୨୫ ରିଖ ସମୟ ଅପରାହ୍ନ ୦୧.୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇଅଛି। ଏଥିନିମନ୍ତେ ଇଚ୍ଛୁକ ବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ (ALF) ବା ସଂସ୍ଥା ତା.୨୧.୦୫.୨୦୨୫ ରିଖ ପର୍ଯ୍ୟନ୍ତ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୦୧.୩୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ। ଉପରୋକ୍ତ ଟେଣ୍ଡର ତା.୨୨.୦୫.୨୦୨୫ ରିଖ ଦିନ ସକାଳ ୧୧.୩୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ।

**(Can also be obtained in detail from Govt. Website-http://balasore.odisha.gov.in)**

OIPR-13154/11/0045/2526 Sd./- Executive Officer Balasore Municipality

## OFFICE OF THE DIVISIONAL FOREST OFFICER, SUNABEDA WILDLIFE DIVISION, NUAPADA
At/Po- Nuapada, Dist-Nuapada, Odisha-766105, Tel-06678-295372
Email ID: dfo.sunabedawl@odisha.gov.in
Tender Call Notice No.46, Dated 13.05.2025

**TENDER CALL NOTICE**

**No.MM-36:**Sealed tenders are invited from registered agencies for providing manpower service of various categories of trained/experienced persons to work under Sunabeda Wildlife Division, Nuapada for implementation of Programme Expenditure-SSS, CSS-IDWH & CAMPA Scheme on outsourcing basis. The tender document (Application from with term & condition) can be obtained or downloaded from https://nuapada.odisha.gov.in/ https://odishaforest.in/ on payment of Rs.5000/- (Rupees Five Thousand) only non refundable Demand Draft drawn in favour of the Divisional Forest Officer, Sunabeda Wildlife Division, Nuapada. The application should be reach in the O/o. the Divisional Forest Officer, Sunabeda Wildlife Division, Nuapada on or Before 21.05.2025 upto 01.00 PM through Registered Post/ Speed Post/ Courier Service/ by Person in the Office of the Divisional Forest Officer, Sunabeda Wildlife Division, Nuapada. The tender will be opened on 22.05.2025 at 10.00 AM in the Office of the Divisional Forest Officer, Sunabeda Wildlife Division, Nuapada, in the presence of the tenderers or their authorised representative if any. The undersigned reserves the right to accept or reject any or all the tenders without assigning any reason thereof. The number of personnel may very as per requirement.

OIPR-08028/11/0003/2526 Sd./- Divisional Forest Officer Sunabeda Wildlife Division, Nuapada

## OFFICE OF THE MUNICIPAL COUNCIL : KEONJHARGARH
email - keonjharm.hud@rediffmail.com

**Invitation for Bids (IFB) 'e' Procurement NOTICE**

**Bid Identification No. ODULB_KGM-02/2025-26**

**Letter No.3343/KGM/Date.14.05.2025**

**No.C-316** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in **Single cover system** through e-Procurement.

1. Nature of work : **Civil Work**
2. No. of Work : **6 Nos.**
3. Value of works : **Rs.21,87,000/- to 39,33,000/-**
4. Date & Time of availability of Bid document in the portal : From **16.05.2025** at 11.00 A.M. up to **28.05.2025** at 5.30 P.M.
5. Date of Opening of bid in portal : **31.05.2025** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersodisha.gov.in

OIPR-13115/11/0026/2526 Sd./- Executive Officer Keonjhargarh Municipality

## GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION-II, NAYAGARH
E-mail: nayagarhrw2@yahoo.in

No.1935 **1st Corrigendum to** Date:15.5.25

**Bid Identification No.Tender Online Tender/01/RWD-II/2025-26 dtd.06.05.2025**

No.O- In partial modification to this office Tender Call Notice No.01/2025-26 invited vide this office No.1813 dtd.06.05.2025, the online availability of tender against the works as mentioned from Sl.No.01 to Sl.No.07 of the above N.I.T. (Detailed in Annexure) have been re-scheduled as follows.

| Procurement Officer | Bid Identification No. | Availability of tender on-line for bidding was | | Now availability of Tender On-line for bidding is rescheduled | | Date & Time of opening of Technical Bid was on | Now Date & Time of opening of Technical Bid is rescheduled to | Date & Time of Opening of Financial Bid |
|---|---|---|---|---|---|---|---|---|
| | | From | To | From | To | | | |
| 1 | 2 | 3 | 4 | 5 | 6 | 7 | 8 | 9 |
| Executive Engineer, Rural Works Division-II, Nayagarh | Online Tender/ 01/ RWD-II/ 2025-26 | Dt.16.05.2025 at 10.00 A.M. | Dt.30.05.2025 at 05.00 P.M. | 23.05.2025 at 11.00 A.M. | 06.06.2025 upto 5.30 PM | Dt.31.05.2025 upto 11.00 A.M. | Dt.09.06.2025 at 11.00 A.M. | Will be intimated later on |

All other terms and conditions remain unchanged.

OIPR-25144/11/0012/2526 Sd./- Executive Engineer, Rural Works Division-II, Nayagarh

## ODISHA PUBLIC SERVICE COMMISSION
19, DR. P. K. PARIJA ROAD, CUTTACK-753001

**NOTICE**

No.D- No. 3209/P.S.C., Dt. 15.05.2025
1E-03-2025/26[DR-II]

**ADVERTISEMENT NO.03 OF 2025-26**

Website - https://opsc.gov.in

| | |
|---|---|
| I. | **Assistant Professor (Broad Speciality) in Government MCHs in the rank of Group-A, under Health & Family Welfare Department** |
| II. | **No. of Vacancies - 314 (74-w)** |

Online applications are invited from the prospective candidates through proforma application to be made available on the Website of the Commission (**https://opsc.gov.in**) for recruitment to **314 (Three Hundred Fourteen)** posts of **Assistant Professor (Broad Speciality)** in 24 different disciplines of Group-A, under the Odisha Medical Education Service cadre, for posting in Government MCHs of the State of Odisha, under the Health & Family Welfare Department in the Academic Level-12 of ORSP (MCT) Rules, 2019 with usual dearness and other allowances as may be sanctioned by the Government of Odisha from time to time. The posts are purely temporary for the present and likely to be made permanent in future.

2. **VACANCY POSITION** : As per requisition furnished by the Health & Family Welfare Department, Government of Odisha, the vacancy position for the post of **Assistant Professor (Broad Speciality)** in 24 different disciplines is 314 (74-w).

3. **AGE** : A candidate must have attained the age of not less than **21 (Twenty One)** years and not above the age of **45 (Forty Five)** years as on the **1st day of January 2025** i.e. he/she must not have been born **earlier than 2nd January 1980 and not later than 1st January 2004**.

4. **EDUCATIONAL QUALIFICATION** : The candidates must possess a Post Graduate Degree in the concerned Broad Speciality or any other equivalent degree or qualification prescribed by the MCI/NMC from time to time.

5. **EXAMINATION FEE** : The examination fee has been exempted to all the categories of candidates as per G.A. & P.G. Department Notification No.9897/Gen., dt.11.04.2022.

6. **METHOD OF SELECTION** : The selection of candidates for recruitment to the posts of Assistant Professor in Broad Speciality shall be made on the basis of Written Test as per the guidelines as enumerated in the Odisha Medical Education Service (Method of Recruitment and Conditions of Service) Rules, 2021.

7. **WRITTEN EXAMINATION** : The Written Examination will be held on 17th August 2025(Sunday). The detailed Schedule and Centre of Examination will be notified in due course.

***The link for registration and submission of online application shall be available from 26.05.2025 to 26.06.2025 till 5.00 P.M. (Note: 26.06.2025 is the last date/closing date for submission of Registered Online Application)***

The candidates are advised to visit the Website of the Commission at https://opsc.gov.in for detailed information for applying to the above post.

CUTTACK
DATE : 15.05.2025
OIPR-12002/11/0207/2526

Sd./- Secretary Odisha Public Service Commission Cuttack

## idco | ODISHA NEW OPPORTUNITIES
No.CAD-414

File No.HO/Civil/T&E-E4987/01/2023/12595 Dt.01.05.2025

## OFFICE OF THE CHIEF GENERAL MANAGER (CIVIL), IDCO, IDCO TOWERS, BHUBANESWAR

**Bid Identification No. CIVIL/EST/02/2025-26**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| | | | |
|---|---|---|---|
| 1. | **Name of the Work** | : | Integrated Aqua Park at Hirakud Sambalpur |
| 2. | **Value of work** | : | Rs.7158.12 Lakhs (Approx.) |
| 3. | **Period of completion** | : | 15 (Fifteen) Calendar Months |
| 4. | **Availability of tender online for Bidding :** | | |
| | I. Start Date | : | 18:00 Hours of dt.22.05.2025 |
| | II. Prebid meeting Date | : | 11.30 Hours of 30.05.2025 |
| | III. End date | : | 11:00 Hours of dt.17.06.2025 |
| | IV. Opening Date | : | 11:30 Hours of dt.17.06.2025 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Chief General Manager (Civil), IDCO, Bhubaneswar

OIPR-14003/11/0154/2526

## GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE SUPERINTENDING ENGINEER, RWS&S DIVISION, ANGUL, AT : TALCHER
At - Baghuabole, P.O. - Hatatota, Talcher, Dist. - Angul, Pin - 759 100
(Ph. No./Fax - 06760-240762, E-mail : eerwssang@gmail.com)

No.O-159

**INVITATIONS FOR BIDS (IFB) [e-Procurement]**

**Bid Identification No. 02/SE/RWSS/2025-26 Dt.13.05.2025**

1. The Superintending Engineer, RWS&S Division, Angul on behalf of Governor of Odisha invites lump sum bid in SINGLE cover system in ONLINE MODE from eligible contractors for pipe line work in Angul District.
2. Name of the work : Pipe line work
3. No. of Work : **01 (One) No.**
4. Value of the work : **Rs.46.13 Lakhs**
5. Concerned tender inviting suthority : **Superintending Engineer, RWS&S Division, Angul**
6. Security amount (Rs.) (Online) : **Nil**
7. Cost of Bid documents (Rs.) (Online) : **Rs.6,000/-**
8. Class of Bidder : **"B" Class**
9. Period of Completion : **90 days**
10. Availability of bid documents in the website : **From date 19.05.2025 at 11.00 A.M. to date 29.05.2025 till 5.30 P.M.**
11. Last Date & Time of seeking tender clarification : Up to **26.05.2025 till 5.30 P.M.**
12. date of Opening of Bid : On **date 30.05.2025 at 12.00 Noon**

The bidders have to participate in the tender through **ONLINE** bidding only. Further details can be had from the website i.e. http://tendersorissa.gov.in. Subsequent corrigendum / addendum if required shall only be appeared in the above website.

OIPR-25195/11/0005/2526 Sd./- Superintending Engineer, RWS&S Division, Angul at Talcher

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଭୁବନ
## OFFICE OF THE NOTIFIED AREA COUNCIL, BHUBAN
e-Mail: bhubann.hud@nic.in

No.C-318: **INVITATION FOR BIDS**

**Tender Reference No.BBN NAC-02/2025-26**

**Tender Call Notice No.872/BBN NAC Dated 14.05.2025**

1. Name of the Work : Road Sweeping, Cleaning of drains, bush uprooting in ward no.01 to 15 and transportation of road sweeping waste to designated point/wealth centres located around 05 KM distant under Bhuban NAC & land filling works as in the DTCN published in the website.
2. Estimated Cost : Rs.1,66,97,503.00
3. Period of Completion : For 1 Year (One Year)
4. Date and Time of availability of Bid document in the Portal : From 10.00 AM of Dt.15.05.2025 to 5.30 P.M. of Dt.29.05.2025
5. Last date/Time for receipt of Bid in the Portal : 5.30 P.M. of Dt.29.05.2025
6. Date and Time of Opening of Bid : 10.00 AM hours of Dt.30.05.2025
7. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-Procurement portal http://tenderorissa.gov.in

OIPR-13096/11/0012/2526 Sd./- Executive Officer Bhuban NAC

## DISTRICT HEALTH SOCIETY, DEOGARH
## NATIONAL HEALTH MISSION, DEOGARH
Advt. No. 861 Date : 08.05.2025

**CONTRACTUAL APPOINTMENT**

**No.E-91** : Applications are invited for filling up of the following category of posts will be held on as per the below mentioned schedule which is purely on contractual basis under NHM for a period of 11months or completion of the project whichever is earlier in Deogarh District. Candidates selected shall be paid monthly remuneration & such other allowances/incentives as admissible under the norms of the society.

| Sl. No. | Name of the Post | No. of vacancy | Consolidated remuneration | Date of Walk-in-interview |
|---|---|---|---|---|
| 1. | Pediatrician, DEIC | 01 | 82016/- | 04.06.2025 |
| 2. | M.O. (MBBS) SNCU | 03 | 65612/- | |
| 3. | MO (MBBS) DEIC | 01 | 65612/- | |
| 4. | Ayush MO-RBSK Ayurvedic (ST Male-1) | 01 | 28118/- | Last date of receiving application 16.06.2025 |
| 5. | Psychiatric Nurse | 01 | 20745/- | |
| 6. | Psychiatric Social Worker under NMHP | 01 | 33088/- | |
| 7. | Accountant-cum-DEO, DPMU | 01 | 20745/- | |
| 8. | Office Assistant | 01 | 18160/- | |
| 9. | RMNCH+A Counselor | 02 | 20745/- | |

Interested candidates fulfilling the eligibility criteria for the posts from Serial No.1 to 4 are required to attend the walk-in-interview in the office of the CDM & PHO, Deogarh as per the date & time mentioned against the post. Registration timing will be from 10.30 A.M. to 12 Noon only on walk-in-interview date. **The candidates failed to register their name in due time should not be considered. The candidates are required to bring the filled in application form as per prescribed format alongwith all their original certificates in support of their educational qualification, age, experience, photograph, self-photo ID proof (Aadhaar /PAN/Voter card etc.) & one set of self attested Xerox /photocopies of the same.**

Interested candidates fulfilling the eligibility criteria for the posts from serial no.5,6,7,8 & 9 are required to send **the application form as per prescribed format along with one set of self-attested photocopies of the certificates in support of their educational qualification, age, experience, photograph, self-photo ID proof (AADHAAR/ PAN/Voter card etc...)** through registered/ speed post only. The application should reach to the office of the CDM & PHO, Deogarh, At/PO/Dist-Deogarh, Odisha, Pin- 768108 on or before **16.06.2025** mentioned against the post. The authority shall not be held responsible for any postal delay. The application form and the selection criteria / eligibility are available at District website http://deogarh.odisha.gov.in. The undersigned reserves the right to cancel any or all the process without assigning any reason thereof.

OIPR-10113/11/0009/2526 Sd./- (Dr. Biswa Mohan Mishra) CDM & PHO-cum-DMD, Deogarh

## DIRECTORATE OF GROUND WATER DEVELOPMENT:ODISHA
### Office of The Deputy Director, Geology, GWD Division, Baripada
At/Po- Takatpur, Baripada, Dist.-Mayurbhanj-757003, e-mail: srgeologistbaripada@gmail.com

**INVITATION FOR BIDS (IFB)**

e-Procurement Notice:482 Date:14.05.2025

**Bid Identification No.06 to 09/GWDBPD/ARUA/2025-26 (Single- Envelope Bidding Process)**

No.A-172:Deputy Director, Geology, GWD Division, Baripada, At/Po- Takatpur, Baripada, Dist-Mayurbhanj- 757003 on behalf of Governor of Odisha invites bids from bidders Class "C" registered with the State Governments and bidders of equivalent Grade/Class registered with Central Government/MES/Railways for the construction of following work. Bids must be submitted online on or before 26.05.2025 at 13.00 Hrs. IST (system server time). Proposals will be opened online on 28.05.2025; at 09.00 Hrs. In the event of the date specified for proposals opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal "www.tendersodisha.gov.in".

| Sl. No. | Description | Details | |
|---|---|---|---|
| | | BIN | Name of the works |
| 1 | Name of the Work | 06/GWDBPD/ ARUA/2025-26 | Construction of 12 (Twelve) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 07/GWDBPD/ ARUA/2025-26 | Construction of 14 (Fourteen) Nos of Recharge Shaft in Baliapal Block of Balasore District Under ARUA Scheme for the FY 2025-26 |
| | | 08/GWDBPD/ ARUA/2025-26 | Construction of 16 (Sixteen) Nos of Recharge Shaft in Remuna and Bahanaga Block of Balasore District Under ARUA Scheme for the FY 2025-26 |
| | | 09/GWDBPD/ ARUA/2025-26 | Construction of 15 (Fifteen) Nos of Recharge Shaft in Bhandaripokhari & Dhamnagar Block of Bhadrak District Under ARUA Scheme for the FY 2025-26 |
| 2 | Total Number of Packages | 04 Nos. of Individual Packages | |
| 3 | Start date of availability of Bid document online(Bid Download) | 16/05/2025 From 11.00 Hrs. | |
| 4 | Last date of Availability of Bid document online (Bid Download) | 26/05/2025 upto 13:00 Hrs. | |
| 5 | Last date and time for receipt of Bid document (Bid Submission End Date and Time) | 26/05/2025 upto 13:00 Hrs. | |
| 6 | Date and Time of Opening of Bid Document (Bid Opening Date) | 28/05/2025 at 09:00 Hrs. | |

OIPR-32467/11/0010/2526 Sd./- Deputy Director Geology GWD Division, Baripada

**ଫର୍ଡ ଡିଟେକ୍ସନ ସଲ୍ୟୁଶନର ଶୁଭାରମ୍ଭ**

ଭୁବନେଶ୍ୱର: ଏୟାରଟେଲର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏକ ଭିନ୍ନ ଧରଣର ସମାଧାନ 'ଫର୍ଡ ଡିଟେକ୍ସନ ସଲ୍ୟୁଶନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଇମେଲ୍, ବ୍ରାଉଜର, ହ୍ୱାଟ୍ସଆପ୍, ଟେଲିଗ୍ରାମ, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଏସ୍‌ଏମ୍‌ଏସ୍ ଭଳି ସମସ୍ତ ପ୍ରକାର ଓଭର ଦି ଟପ (ଓଟିଟି) ଆପ୍ ଓ ପ୍ଲାଟ୍‌ଫର୍ମରେ ବାସ୍ତବ ସମୟର ଜାଲ୍ ୱେବ୍‌ସାଇଟଗୁଡ଼ିକୁ ଚିହ୍ନଟ ଓ ବ୍ଲକ୍ କରିବ। ସେହିଭଳି ଏହି ସୁରକ୍ଷିତ ସେବା ବିନା କୌଣସି ଅତିରିକ୍ତ ଦେୟରେ ସମସ୍ତ ଏୟାରଟେଲ ମୋବାଇଲ ଓ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ପାଇଁ ନିରବଚ୍ଛିନ୍ନ ଭାବେ ସମନ୍ୱିତ ଓ ସ୍ୱୟଂକ୍ରିୟ ଭାବେ ସକ୍ଷମ ହେବ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ................................

ବୟସ:................................

ଜନ୍ମ ତାରିଖ: ............................



ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିବେଶକ ଯୋଡ଼ିଲେ ୫ ଲକ୍ଷ କୋଟି

**ମୁମ୍ବାଇ,୧୫।୫ (ଅଭୟ ଦାଶ)**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀ ମଧ୍ୟରେ ଭାରତୀୟ ଷ୍ଟକ୍ ମାର୍କେଟରେ କାରବାର ଉତ୍ସାହଜନକ ରହିଛି। ଗୋଟିଏ ପଟରେ ଭାରତ-ପାକିସ୍ତାନ ଯୁଦ୍ଧର ବିରତି ଏବଂ ଅନ୍ୟପଟରେ ଶେୟାର ବଜାରର ନିବେଶକମାନେ ଆଶା ଆଶଙ୍କା ମଧ୍ୟରେ ନିବେଶ କରୁଥିବାବେଳେ ଗୁରୁବାର ପୁଞ୍ଜିବଜାରର ଫଳାଫଳ ଉଭୟ ଷ୍ଟକ୍‌ବଜାର ଓ ନିବେଶକମାନଙ୍କୁ ଖୁସି କରିଦେଇଛି। ଏପରିକି ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୫ ଲକ୍ଷ କୋଟି ଟଙ୍କାର ନିବେଶ ପୁଞ୍ଜିବଜାରରେ ଯୋଗକରିଛନ୍ତି। ପୂର୍ବ ଦିବସର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୪୩୫ ଲକ୍ଷ କୋଟି ଥିଲାବେଳେ ଗୁରୁବାରର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରରେ ନିବେଶକ ପ୍ରାୟ ୫ ଲକ୍ଷ କୋଟି ଯୋଡିବାରୁ ବଜାର ପୁଞ୍ଜି ୪୪୦ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ପୁଞ୍ଜି ବଜାରରେ ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର ବେଶ୍ ଉତ୍ସାହଜନକ ରହିଥିଲାବେଳେ ସେନ୍‌ସେକ୍ସର କାରବାର ୧୨୦୦ ପଏଣ୍ଟ ବଢ଼ିଥିଲାବେଳେ ୨୫୦୦୦ ଅଙ୍କ ଉପରେ ନିଫ୍ଟିର କାରବାର ଶେଷ ହୋଇଛି। ସେହିପରି ୩୦ ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ ୦.୬୭% ଏବଂ ସ୍ମଲକ୍ୟାପର କାରବାରରେ ୦.୯୪% ବୃଦ୍ଧି ଘଟିଥିଲା। ଏପରିକି ନିଫ୍ଟି ମିଡକ୍ୟାପରେ ୩୯୪.୪୫ ପଏଣ୍ଟ ବୃଦ୍ଧି ଘଟି ୫୬,୫୩୦.୮୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ସ୍ମଲକ୍ୟାପର କାରବାର ୦.୨୨% ବୃଦ୍ଧି ଘଟି ୮୨୫୬.୦୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୫୫୪.୩୦ ପଏଣ୍ଟ ବଢି ୫୫,୩୫୫.୬୦ ଅଙ୍କ ଏବଂ ନିଫ୍ଟି ଆଇଟି ୧.୧୬% ବୃଦ୍ଧି ଘଟି ୩୮,୨୯୩.୮୦ଅଙ୍କରେ କାରବାର ବନ୍ଦ କରିଥିଲା। ଏପରିକି ସେକ୍ଟରାଲ କ୍ଷେତ୍ରରେ ମଧ୍ୟ ମେଟାଲ, ଅଟୋ, ଆଇଟି, ପାୱାର, ଏଫ୍‌ଏମ୍‌ସିଜି ଭଳି ପ୍ରମୁଖ ନିବେଶକମାନେ ପ୍ରାୟ ୧%ର ନିବେଶ ବୃଦ୍ଧି କରିଛନ୍ତି।



## ଶେୟାର ବଜାର କାରବାରରେ ଉତ୍ସାହ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୦୦ (୧୨୦୦.୧୮) ପଏଣ୍ଟ ବୃଦ୍ଧି ଘଟି ୮୨,୫୩୧ (୮୨,୫୩୦.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୯୫ (୩୯୫.୨୦) ପଏଣ୍ଟ ବଢି ୨୫,୦୬୨ (୨୫,୦୬୨.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ଜୁନ୍ ୬ରୁ ୱଣ୍ଡର ଫେଷ୍ଟ

**ଭୁବନେଶ୍ୱର,୧୫।୫**

ଓଡ଼ିଶା ଆସେମ୍ବ୍ଲିଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓସ୍‌ମେ) ମହିଳା ଶାଖାର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୩ ଦିନିଆ ପ୍ରଦର୍ଶନୀ 'ୱଣ୍ଡର ଫେଷ୍ଟ-୨୦୨୫'ର ଦ୍ୱିତୀୟ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୨୫ ଜୁନ୍ ୬ ରୁ ୮ ପର୍ଯ୍ୟନ୍ତ ଭୁବନେଶ୍ୱରର ପଟିଆସ୍ଥିତ କ୍ରିଷ୍ଟାଲ୍ କ୍ରାଉନ୍ କନ୍‌ଭେନସନ୍‌ଠାରେ ଆୟୋଜନ ହେବ। ଏ ନେଇ ଓସ୍‌ମେ ମହିଳା ଶାଖା ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ଓଡ଼ିଶା ପ୍ରେସ୍ କ୍ଲବ୍‌ଠାରେ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୱଣ୍ଡର ଫେଷ୍ଟ ୨୦୨୫ର ଦ୍ୱିତୀୟ ସଂସ୍କରଣ ବିବରଣୀ ପୁସ୍ତିକା ଓ ପୋଷ୍ଟର ଉନ୍ମୋଚନ କରାଯାଇଛି। ଯାହା ନାରୀତ୍ୱ, ଉଦ୍ୟୋଗିତା ଏବଂ ଓଡ଼ିଆ କଳା ଓ ସଂସ୍କୃତିକୁ ପାଳନ କରୁଥିବା ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ହେବ। ଓସ୍‌ମେର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଆୟୋଜିତ ହେବାକୁ ଥିବା ପ୍ରଦର୍ଶନୀର ବୃହତ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ। ଓସ୍‌ମେର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଏହି ପ୍ରଦର୍ଶନୀରେ ୧୨୦ ରୁ ଅଧିକ ଉଦ୍ୟୋଗୀ ଅଂଶଗ୍ରହଣ କରିବେ ଏବଂ ଫ୍ୟାଶନ ପୋଷାକ, ଆସେସୋରିଜ୍, ସାଧାରଣ ପୋଷାକ, ହସ୍ତତନ୍ତ, ହସ୍ତଶିଳ୍ପ, ଖଦି ଉତ୍ପାଦ, କଏର ସାମଗ୍ରୀ, ଅଳଙ୍କାର, ବ୍ୟାଗ୍, ସୌନ୍ଦର୍ଯ୍ୟ ଯତ୍ନ ସାମଗ୍ରୀ ଏବଂ ପ୍ୟାକେଜିଂ ସାମଗ୍ରୀ ସମେତ ବିଭିନ୍ନ ଖାଦ୍ୟ ଏବଂ ପାନୀୟ ଏହି ପ୍ରଦର୍ଶନୀର ଅଂଶ ବିଶେଷ ହେବ। ଓସ୍‌ମେ ମହିଳା ଶାଖାର କେନ୍ଦ୍ରୀୟ କାର୍ଯ୍ୟାଳୟ ସଚିବ ଅନ୍ୱେଷା ରାଉତ କହିଛନ୍ତି, ଏହି କାର୍ଯ୍ୟକ୍ରମ ବ୍ୟବସାୟ, ସଂସ୍କୃତି ଏବଂ ଉତ୍ସବର ମିଶ୍ରଣ ସହିତ ଏକ ଗତିଶୀଳ ଏବଂ ସମୃଦ୍ଧ ଅଭିଜ୍ଞତାର ପ୍ରତିଶ୍ରୁତି ଦେବ। ଅପରପକ୍ଷରେ ପ୍ରତିଶ୍ରୁତି ଜେନା କହିଛନ୍ତି, ଦ ଭାଇବ୍ରାଣ୍ଟ ରଜ ପସରା ଓଡ଼ିଆ ନାରୀତ୍ୱ ଏବଂ ଗ୍ରାମୀଣ କଳାକୁ ଲୋକଲୋଚନକୁ ଆଣିବାକୁ ଏକ ଅନନ୍ୟ ଚେଷ୍ଟା, ଯାହା ସମସ୍ତଙ୍କର ଦେବ ଏକ ସାଂସ୍କୃତିକ ସମ୍ପତ୍ତିର ଅଭିଜ୍ଞତା ହେବ। ଦର୍ଶକମାନେ ପ୍ରାମାଣିକ ଓଡ଼ିଆ ଖାଦ୍ୟ ଏବଂ ସୁସ୍ୱାଦୁ ଖାଦ୍ୟ ପ୍ରଦାନ କରୁଥିବା ଆମର ଫୁଡ୍ କୋର୍ଟକୁ ମଧ୍ୟ ଉପଭୋଗ କରିପାରିବେ। ଏକ ବିଶେଷ ଆକର୍ଷଣ ହେବ 'ୱଣ୍ଡର ୱିମେନ୍' ପୁରସ୍କାର ସମାରୋହ, ଯାହା ସମାଜ ଏବଂ ଉଦ୍ୟୋଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବିଭିନ୍ନ କ୍ଷେତ୍ରର ଉତ୍କୃଷ୍ଟ ମହିଳା ଉଦ୍ୟୋଗୀଙ୍କୁ ସମ୍ମାନିତ କରିବ। ଏହି ମହୋତ୍ସବରେ ଏକ 'ଲିଟିଲ୍ ମିସ୍ ଆଣ୍ଡ୍ ଲିଟିଲ୍ ମାଷ୍ଟର' ପ୍ରତିଯୋଗିତା ପ୍ରଦର୍ଶିତ ହେବ, ଯାହା ଛୋଟ ପିଲାମାନଙ୍କୁ ସେମାନଙ୍କର ପ୍ରତିଭା, ଆତ୍ମବିଶ୍ୱାସ ଏବଂ ସାଂସ୍କୃତିକ ସ୍ୱଭାବ ପ୍ରଦର୍ଶନ କରିବା ପାଇଁ ଏକ ଆନନ୍ଦଦାୟକ ଏବଂ ସୃଜନଶୀଳ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ୱଣ୍ଡର ଫେଷ୍ଟ ୨୦୨୫ ମହିଳାମାନଙ୍କ ସଫଳତା ପାଳନ, ଉଦ୍ୟୋଗକୁ ପୋଷଣ ଏବଂ ରଜର ଉତ୍ସବମୁଖର ପରିବେଶରେ ଆମର ପାରମ୍ପରିକ କଳାକୁ ପୁନରୁଦ୍ଧାର କରିବା ପାଇଁ ଏକ ପ୍ଲାଟ୍‌ଫର୍ମ ଭାବେ ଉଭାହେବାକୁ ଯାଉଛି। ଓସମିର ସଚିବ ବିନ୍ଧ୍ୟବାସିନୀ ଜେନା, ଓସମୀ ମହିଳା ଶାଖା ଖୋର୍ଦ୍ଧା ଚାପ୍ଟର ସଚିବ ମମତା ମହାନ୍ତି, ଯୁଗ୍ମ ସଚିବ ବିଦ୍ୟୁଲତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।


**ମନେ ପଡ଼ନ୍ତି**

**ଚତୁର୍ଥ ଶ୍ରାଦ୍ଧବାର୍ଷିକ ଉତ୍ସବ**



**୰କବି ସଦାନନ୍ଦ ସାହୁ**

ସ୍ଥାନ: ବିଶାଣିଖରିଦା, ଏରେଇଁ ଚରମ୍ପା, ଭଦ୍ରକ
ଆବିର୍ଭାବ: ୧୦।୦୬।୧୯୩୮
ତିରୋଧାନ: ୩୦।୦୫।୨୦୨୧

ଚାହୁଁ ଚାହୁଁ ଚାରି ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପରୋପକାରିତା ଆମ ପାଇଁ ଅବିସ୍ମରଣୀୟ। ଆମେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଏବଂ କରୁଥିବୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ: ସ୍ତ୍ରୀ- ଗଙ୍ଗାରାଣୀ, ଝିଅ- ଟଗଲି, ଟିକନ, ଜ୍ୱାଇଁ-ବିଜୟ, ଦେବ, ନାତି-ତପା, ବାପୁନା, ନାତୁଣୀ- ମାମୁନି, କୁହୁରୁ, ପୁଅ, ବୋହୂ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

ଧ-୫୬୨


# ନୂଆ କୋଡିଆକ୍ ଲଞ୍ଚକଲା ଟ୍ରାଇନିଟି ସ୍କୋଡା



ସ୍କୋଡା କୋଡିଆକ୍‌ର ଅନାବରଣ ଅବସରରେ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୧୫।୫(ଅନୁରାଧା ମହାରଣା)**

ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ୨୦୨୫ ସ୍କୋଡା କୋଡିଆକ୍ ଲଞ୍ଚ କରାଯାଇଛି। ଏହି କ୍ରମରେ ଟୁଇନ୍‌ସିଟିର ପ୍ରତାପନଗରୀ ଅନ୍ତର୍ଗତ ସ୍ୱୀକୃତିପ୍ରାପ୍ତ ଡିଲର ଟ୍ରାଇନିଟି ସ୍କୋଡା ପକ୍ଷରୁ ମଧ୍ୟ ଭୁବନେଶ୍ୱରରେ ଏହାର ଲଞ୍ଚ କରାଯାଇଛି। ପୁନଃ ବିକଶିତ ଡିଜାଇନ ଓ ଅତ୍ୟାଧୁନିକ ସୁରକ୍ଷା ଟେକ୍ନୋଲୋଜି ସହ ପ୍ରସ୍ତୁତ ଏହି ମଡେଲ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ଦେବ ବୋଲି ଆଶା କରାଯାଉଛି। ଏନେଇ ଟ୍ରାଇନିଟି ସ୍କୋଡା ପକ୍ଷରୁ ଅଶ୍ୱତ୍ ଚୌଧୁରୀ କହିଛନ୍ତି, ଏହି ନୂଆ କୋଡିଆକ୍ ଆରାମ ଓ ଟେକ୍ନୋଲୋଜିର ଏକ ଶକ୍ତିଶାଳୀ ମିଶ୍ରଣ। ଗ୍ରାହକଙ୍କ ପାଇଁ ଏପରି ସ୍ୱତନ୍ତ୍ର ମଡେଲ ଯୋଗାଇ ଆମେ ଗର୍ବ ଅନୁଭବ କରୁଛୁ। ନୂଆ ସ୍କୋଡାର ମୂଲ୍ୟ ପ୍ରାରମ୍ଭିକ, ଏକ୍ସ-ଶୋରୁମ୍ ଏବଂ ପ୍ୟାନ୍ ଇଣ୍ଡିଆ ବର୍ଗରେ ୪୬.୮୯ ଲକ୍ଷ ଟଙ୍କାରୁ ୪୮.୬୯ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ପୂର୍ବ ମଡେଲ ତୁଳନାରେ କାର୍‌ରେ ଅଧିକ ସ୍ଥାନ ଅଛି, ଯାହା ଫଳରେ ବୟସ୍କ ଲୋକମାନେ ମଧ୍ୟ ତୃତୀୟ ଧାଡ଼ିରେ ଆରାମରେ ବସିପାରିବେ। ସ୍କୋଡାର ଏହି ପ୍ରିମିୟମ କାର୍‌ରେ ଏକ ୩-ଜୋନ୍ ବିଶିଷ୍ଟ କ୍ଲାଇମେଟ୍ କଣ୍ଟ୍ରୋଲ ସିଷ୍ଟମ୍, କଗ୍‌ନାକ ଲେଦର, ଭେଣ୍ଟିଲେଟେଡ୍ ସିଟ୍ ଏବଂ ପଛ ଯାତ୍ରୀମାନଙ୍କ ପାଇଁ ଏକ ଟାବ୍‌ଲେଟ ହୋଲ୍ଡର ମଧ୍ୟ ରହିଛି। ଏହି ସ୍କୋଡା କାର୍‌ରେ ସୁରକ୍ଷା ପାଇଁ ୯ଟି ଏୟାରବ୍ୟାଗ୍ ଦିଆଯାଇଛି। ଏହି କାର୍‌ଟି ଏର୍ଗୋ ସିଟ୍ ସହ ସଜ୍ଜିତ, ଯାହାକି ମସାଜ ଫଙ୍କଶନ ସହ ଆସିଥାଏ। ସ୍କୋଡା କୋଡିଆକ୍ ଏକ ୨.୦-ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନ ଦ୍ୱାରା ପରିଚାଳିତ ଯାହା ୧୯୦ ଏଚ୍‌ପି ପାୱାର ଏବଂ ୩୨୦ ଏନଏମ୍ ଟର୍କ ଉତ୍ପାଦନ କରେ।

# ତନେଇରାର ସାବିତ୍ରୀ ଅଫର

**ଭୁବନେଶ୍ୱର,୧୫।୫**

ଦେଶର ପ୍ରମୁଖ ଶାଢ଼ି ବ୍ରାଣ୍ଡ ତଥା ଟାଟା ପ୍ରଡକ୍ଟ 'ତନେଇରା'ର ବହୁ ପ୍ରତୀକ୍ଷିତ 'ସାବିତ୍ରୀ ବ୍ରତ ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୫ ମେ ୧୬ ରୁ ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଏହା ମାଧ୍ୟମରେ ଗ୍ରାହକ ଭୁବନେଶ୍ୱର ଷ୍ଟେଶନ ସ୍କୋୟାର ଏବଂ କଟକ ସିଡିଏ ଷ୍ଟୋରରେ ଆକର୍ଷଣୀୟ ରିହାତି ପାଇପାରିବେ। ବିଶେଷକରି ଗ୍ରାହକମାନେ ଦୁଇଟି ପ୍ରଡକ୍ଟ କିଣି ୧୫% ଏବଂ ୩ କିମ୍ବା ତଦୂର୍ଦ୍ଧ୍ୱ ପ୍ରଡକ୍ଟ କିଣି ୨୦% ରିହାତି ପାଇପାରିବେ। ମେ ୧୬ରୁ ୨୬ ଯାଏ ଅଫର ଉପଲବ୍ଧ। ସେହିଭଳି ଗୋଟିଏ ଛାତ ତଳେ ଭାରତର ୧୦୦ ରୁ ଊର୍ଦ୍ଧ୍ୱ ବୟନ କ୍ଲଷ୍ଟରରୁ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ପ୍ରସ୍ତୁତ ଉତ୍ପାଦ ଉପଲବ୍ଧ। ଏହାର ଆଇକନିକ୍ କାଞ୍ଜିବରମ ଏବଂ ବନାରସୀଠାରୁ ଆରମ୍ଭକରି ବିଳାସପୂର୍ଣ୍ଣ ବେଙ୍ଗଲ୍ ସିଲ୍କ, ମୁର୍ଶିଦାବାଦ ସିଲ୍, ସାଉଥ୍ ସିଲ୍ ଏବଂ ଏମ୍ବ୍ରୋଡୋରି ସିଲ୍‌କ କଟନ ଆଦି ତନେଇରାର ସ୍ୱତନ୍ତ୍ର ଉତ୍ପାଦ ସାବିତ୍ରୀ ବ୍ରତକୁ ଷ୍ଟାଇଲ୍ ସହ ପାଳନ କରିବାର ସୁଯୋଗ ପ୍ରଦାନ କରୁଛି। ଓଡ଼ିଶାର ସମସ୍ତ ତନେଇରା ଷ୍ଟୋରରେ ତନେଇରାର ସିଗ୍ନେଚର କଲେକ୍ସନ ଅନ୍ତର୍ଗତ ରେଡି-ଟୁ-ୱେର୍ କୁର୍ତ୍ତା ଏବଂ କୁର୍ତ୍ତା ସେଟ୍ ଆଦି ଉପଲବ୍ଧ।




ନୂତନ କଲେକ୍ସନ ଉନ୍ମୋଚନ ଅବସରରେ ତନେଇରା ଅଧିକାରୀଙ୍କ ସମେତ ଷ୍ଟୋର୍ କର୍ତ୍ତୃପକ୍ଷ ଉପସ୍ଥିତ ଅଛନ୍ତି।


# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Resort/ Cottage/ Lodge at Puri @ 19Lakhs, Offer Price Now @ 15Lakhs Contact- 9827767837. D-561

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265




Ground Floor Single Room attached Toilet for office at VSS Nagar. 7873657633. D-520




**Relax, Refresh your body, mind at Saikrupa SPA with best therapies. 7848011468.** D-363

Newly open health benefits SPA by expert therapist. Contact- 8280961126. D-76913

**AFFIDAVIT**

By affidavit in the Court of Executive Magistrate, Dasarathpur, Jajpur, affidavit No.- 4010, dtd- 27.12.2024, I have been recognized identified & known as GYANA RANJAN MALIK, S/o- AMULYA MALIK, At- Nimapur, P.O.- Sasan, P.S.- Pattamundai, Dist.- Kendrapara, instead of GYANARANJAN MALIK for all purposes. D-553

I, Aalyzean Nassar, S/o- Karim Kassamali Nassar, resident of at- Flat No.- A/7, Platinum Group Cooperative Housing Society, Beside Kitab Mahal, P.O.- College Square, P.S.- Malgodown, Dist.- Cuttack- 753003, Odisha declare by this affidavit No.- 70AA206924, dated- 15.05.2025. That now onwards I shall be known as Aalyzean Karim Nassar for all future purposes. D-555

By virtue of an affidavit sworn before the Executive Magistrate, Loisingha, dated 16.04.25, I, Manita Mugri, W/o- Bhagirathi Mugri, R/o- Village- Babja, P.O.- Sargad, Dist.- Balangir, Odisha declare that in the Aadhaar Card of my son Anil Mugri, in which my son's name is mentioned as Manita Mugri, S/o- Bhagarathi Mugri instead of Anil Mugri, S/o- Bhagirathi Mugri. Henceforth, he shall be known as Anil Mugri, S/o- Bhagirathi Mugri for all purposes. D-556

By virtue an affidavit sworn before Executive Magistrate, Mahanga dt- 3.5.25, I, Mirza Samim Baig, At- Akarpada, P.O.- Nalipur, P.S.- Mahanga, Dist.- Cuttack, Odisha, PIN- 754205, Declare that I have changed my son's name from Mirza Sahim Haider to Mirza Sahim Ahmad. Henceforth, he should be known as Mirza Sahim Ahmad for all propose. D-554

By virtue of this affidavit sworn before the Executive Magistrate, Balangir, dated- 14.05.2025. R/o- Mission Compound, P.O./P.S./ Dist.- Balangir (Odisha) declared that, I want the correction of my son's Aadhaar Card from BIMMANUEL JAMES and DOB 04.10.2017 to B IMMANUEL JAMES, DOB- 15.09.2017. Henceforth, he will be known as B IMMANUEL JAMES for all purposes and DOB should be 15.09.2017. D-558

By virtue of an affidavit sworn before Notary BBSR, dated 29.04.2025, I, Reetanjali Panigrahi, AT/P.O./P.S.- Balipatna, District- Khurda declare that I have changed my daughter's name from Akanksha Mishra to Akankshya Mishra. Henceforth, she shall be known as Akankshya Mishra for all purposes. D-557

I, Birendra Thakur, R/o. Village- Kulimunda, P.O.- Birgarh, P.S./ Dist.- Boudh, PIN- 762026 declare by this affidavit No.- 39, dated 14.05.25 sworn before the Executive Magistrate, Boudh that I have changed my minor daughter's name from Ispita Thakur to Isipita Thakur. Henceforth, she shall be known as Isipita Thakur for all purposes. D-559

I, Murali Naik (New name) formerly called Champe Naik (Old name), R/o. Village- Tentulipali, P.O.- Bahira, P.S.- Baunsuni, Dist.- Boudh, PIN- 762015 declare by this affidavit No.- 816, dated 15.05.25 sworn before the Executive Magistrate, Boudh that I have changed my name from Champe Naik to Murali Naik. Henceforth, I shall be known as Murali Naik for all purposes. D-560

By virtue of an affidavit sworn before the Notary Public, Dharmasala, dated 13.05.2025, I, Kalia Sethy, Address: At- Madhupurgada, P.O.- Garhmadhupur, P.S.- Jenapur, Dist.-Jajpur, Odisha- 755023 declare that I have changed my daughter's name from Kabita Sethy to Barsha Sethy. Henceforth, she shall be known as Barsha Sethy for all purposes. D-533

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W)
ହେବା ଆବଶ୍ୟକ।

ଧରିତ୍ରୀ DHARITRI **Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ଏଟିଏମ୍‌ରୁ କାର୍ଡ ବଦଳ କରି ଟଙ୍କା ହଡ଼ପ: ୨ ଗିରଫ

ଆଠଗଡ଼,୧୫।୫ (ସତ୍ୟ ପ୍ରସାଦ ରଥ)

ଏଟିଏମ୍ କେନ୍ଦ୍ରରୁ କାର୍ଡ ବଦଳ କରି ଟଙ୍କା ହଡ଼ପ ଘଟଣାରେ କଟକ ଜିଲା ଆଠଗଡ଼ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ପୋଲସରା ଥାନା ଅନ୍ତର୍ଗତ ଖଣ୍ଡୁରୁ ଗ୍ରାମର ମନୋଜ କୁମାର ସାହୁ (୩୫) ଏବଂ ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳର ପ୍ରଦୀପ କୁମାର ସାହୁ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ୩ ଲକ୍ଷ ୧୦ ହଜାର ଟଙ୍କା ଏବଂ ୯୩ ଗ୍ରାମର ସୁନା ଅଳଙ୍କାର ସହ ୪ ମୋବାଇଲ ଫୋନ ଜବତ କରାଯାଇଛି। ଅପରପକ୍ଷେ ଅଭିଯୁକ୍ତମାନଙ୍କଠାରୁ ସୁନାଗହଣା ରଖି ଟଙ୍କା ଦେଉଥିବା ନୟାଗଡ ଅଞ୍ଚଳର କିଶୋର ମାଝୀ ଫେରାର ଅଛନ୍ତି। ଏନେଇ ଆଠଗଡ଼ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।



ଜବତ ଟଙ୍କା, ଚୋରି ସାମଗ୍ରୀ ଓ ଗିରଫ ୨ ଅଭିଯୁକ୍ତ।

- ୯୩ ଗ୍ରାମ ସୁନା, ୩ ଲକ୍ଷ ୧୦ ହଜାର ଟଙ୍କା ଜବତ
- ୪ ମୋବାଇଲ୍, ୨୬ ଏଟିଏମ୍ କାର୍ଡ ଜବତ
- ଅଭିଯୁକ୍ତ ଦ୍ୱୟଙ୍କ ନାମରେ ବିଭିନ୍ନ ଥାନାରେ ୪୩ ମାମଲା

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବରିଷ୍ଠ ନାଗରିକମାନଙ୍କୁ ଟାର୍ଗେଟ କରୁଥିଲେ। ଏଟିଏମ୍ ଭିତରେ ବରିଷ୍ଠ ନାଗରିକ ଟଙ୍କା ଉଠାଣବେଳେ ଚତୁରତାର ସହ ଏଟିଏମ୍ କାର୍ଡ ବଦଳ କରି ନେଉଥିଲେ। ପରେ ସେଥିରୁ ଟଙ୍କା ଉଠାଇବା ସହ ସୁନା ଦୋକାନରୁ ଗହଣା କିଣି ଜୁଆ ଖେଳୁଥିଲେ। ଏଭଳି ୩ଟି ଅଭିଯୋଗ ହେବା ପରେ ଆଠଗଡ଼ ଥାନାରେ ଯଥାକ୍ରମେ ୧୭, ୬୯, ୭୩/୨୫ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ୩ ମାମଲାରେ ସମୁଦାୟ ୬,୦୪,୦୧୫ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ଗତ ଜାନୁଆରୀରେ ଆଠଗଡ଼ ଥାନା ଅନ୍ତର୍ଗତ ବୁଦ୍ଧିଆ ପାଟଣା ଗ୍ରାମର ବଳଭଦ୍ର ସ୍ୱାଇଁଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ଢେଙ୍କାନାଳ ଏବଂ ରାଉରକେଲାରୁ ୧,୪୬,୫୩୯ ଟଙ୍କା ଉଠାଣ, ମାର୍ଚ୍ଚରେ ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଗ୍ରାମର ସୁପ୍ରସନ୍ନ ବେହେରାଙ୍କ ଏଟିଏମ୍ କାର୍ଡ ବ୍ୟବହାର କରି ଢେଙ୍କାନାଳ ଗଣେଶ ଜୁଏଲେରିରୁ ୯୦,୪୭୬ ଟଙ୍କାର ସୁନାଗହଣା ଏବଂ ଆଠଗଡ଼ ଥାନା ଅନ୍ତର୍ଗତ କରିକୋଲ ଗ୍ରାମର ସୁଶାନ୍ତ କୁମାର ସାହୁଙ୍କ ଏଟିଏମ୍ କାର୍ଡରୁ ୨ ଲକ୍ଷ ୪୨ ହଜାର ଟଙ୍କା ଉଠାଣ ଏବଂ ୨ ଲକ୍ଷ ୨୫ ହଜାର ଟଙ୍କାର ସୁନା ଗହଣା କ୍ରୟ ସହ ୭୫ ହଜାର ଟଙ୍କା ଢେଙ୍କାନାଳସ୍ଥିତ ଏକ ଏଟିଏମ୍‌ରୁ ଉଠାଯାଇଥିବା ଜଣାପଡ଼ିଥିଲା। ଏହାପରେ ପ୍ରଦୀପଙ୍କୁ ନୟାଗଡ଼ ଓ ମନୋଜଙ୍କୁ ଆଠଗଡରୁ ଅନ୍ୟ ଏକ ଲୁଟ୍ ଉଦ୍ୟମ ବେଳେ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କଠାରୁ ଟଙ୍କା, ସୁନା ସହ ୨୬ ଏଟିଏମ୍ କାର୍ଡ ୪ ମୋବାଇଲ ଫୋନ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ୪୩ ମାମଲା ରହିଛି ବୋଲି ଗ୍ରାମାଞ୍ଚଳ ଏସ୍‌ପି ସିଂ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆଠଗଡ଼ ଏସ୍‌ଡିପିଓ ବିଶ୍ୱଜିତ ମହାନ୍ତି ଏବଂ ଆଠଗଡ଼ ଥାନା ଅଧିକାରୀ ସୁମତି ମହାନ୍ତି ଉପସ୍ଥିତ ଥିଲେ।

# ଧର୍ମଶାଳା ଏବିଡିଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ଯାଜପୁର,୧୫।୫
(ହର୍ଷବର୍ଦ୍ଧନ ବେହେରା)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଯାଜପୁର ଜିଲା ଧର୍ମଶାଳାର ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ(ଏବିଡିଓ) ଅସିତ କୁମାର ପାତ୍ରଙ୍କ ବିଭିନ୍ନ ସ୍ଥାନରେ ଥିବା ଘରେ ଭିଜିଲାନ୍ସ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଯାଜପୁର, ଯାଜପୁର ରୋଡ୍ ଏବଂ କଟକରେ ଏକାସଙ୍ଗେ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ଯାଜପୁର, ଯାଜପୁର ରୋଡ୍ ଓ କଟକରେ ଥିବା କୋଠା, ଫ୍ଲାଟ୍, ଗୋଟିଏ ଶପିଂ କମ୍ପ୍ଲେକ୍ସ, ୫ଟି ମୂଲ୍ୟବାନ ପ୍ଲଟ, ୭୦୦ ଗ୍ରାମ ସୁନା, ବ୍ୟାଙ୍କରେ ଥିବା ୬୫ ଲକ୍ଷ ଟଙ୍କା ସହିତ ନଗଦ ୧ ଲକ୍ଷ ୮୫ ହଜାର ଟଙ୍କା ଜବତ କରାଯାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଛି। ଭିଜିଲାନ୍ସର ୭ଟି ଟିମ୍ ଯାଜପୁର, ଭଦ୍ରକ, କଟକ ଓ ଖୋର୍ଦ୍ଧାରେ ଚଢ଼ାଉ କରୁଥିବା ସୂଚନା ମିଳିଛି।



ଯାଜପୁର ରୋଡ୍‌ସ୍ଥିତ ଏବିଡିଓଙ୍କ ୪ ମହଲା କୋଠା।



ଅସିତ କୁମାର ପାତ୍ର

- ୨ କୋଠା, ମାର୍କେଟ କମ୍ପ୍ଲେକ୍ସ, ଫ୍ଲାଟ୍ ସହ ୫ ପ୍ଲଟ୍ ଠାବ
- ୭ଶହ ଗ୍ରାମ ସୁନା ଅଳଙ୍କାର, ୬୫ଲକ୍ଷ ଜମାରାଶି ଓ ନଗଦ ୧.୮୫ଲକ୍ଷ ଜବତ

ସୂଚନା ଅନୁଯାୟୀ, ଯାଜପୁର ରୋଡ୍ ସହରର କନ୍ହେଇପୁରଠାରେ ୬ହଜାର ବର୍ଗଫୁଟ ଜମିରେ ୪ ମହଲା ବିଶିଷ୍ଟ କୋଠା, ୪ହଜାର ବର୍ଗଫୁଟ ଜମିରେ ନୂତନ ଦୁଇ ମହଲା କୋଠା ଘର ଓ ୩ଶହ ବର୍ଗଫୁଟ ଜମିରେ ମାର୍କେଟ କମ୍ପ୍ଲେକ୍ସ ରହିଛି। ଏହାବାଦ ଯାଜପୁର ସହରର ସୁନ୍ଦରୀମୁହାଁ ନିକଟ ଗଣେଶ୍ୱର ଗ୍ରାମରେ ୨ହଜାର ବର୍ଗଫୁଟ ଜମିରେ ୩ ମହଲା ବିଶିଷ୍ଟ କୋଠା ଘର ଏବଂ କଟକ ଚାଉଳିଆଗଞ୍ଜ ନିକଟରେ ଥିବା ମେଟ୍ରୋ ଏଭିନ୍ୟୁ ଆପାର୍ଟମେଣ୍ଟରେ ୪୦୪(ଏ) ନମ୍ବର ୧ହଜାର ବର୍ଗଫୁଟ ବିଶିଷ୍ଟ ୨ ବିଏଚ୍‌କେ ଫ୍ଲାଟ ରହିଛି। ସେହିପରି ଯାଜପୁର ରୋଡ୍ ସହରରେ ମୂଲ୍ୟବାନ ୪ଟି ପ୍ଲଟ୍ ଏବଂ ଶିଳ୍ପାଞ୍ଚଳ ଦାନଗଦିରେ ଗୋଟିଏ ପ୍ଲଟ ରହିଛି। ଯାଜପୁର ରୋଡ୍ ସହରର ଚୋର୍ଦ୍ଦାଠାରେ ୬ ଡେସିମିଲ ଓ ୧୦ ଡେସିମିଲ, ଦାନଗଦି ଧୂଳିଗଡ଼ ଗ୍ରାମରେ ୨୦ ଡେସିମିଲ, ଯାଜପୁର ରୋଡ୍ ନୟାଗଡ଼ ମୌଜାରେ ୮ ଡେସିମିଲ ଓ ୨ ଡେସିମିଲ ଜମି ରହିଛି। ଏହାବାଦ୍ ୨ଟି ଦୁଇ ଚକିଆ ଯାନ ଥିବା ଚଢ଼ାଉ ବେଳେ ଜଣାପଡ଼ିଛି। ଉପରୋକ୍ତ ସମ୍ପତ୍ତିର କେତେ ମୂଲ୍ୟ ହେବ ସେନେଇ ଭିଜିଲାନ୍ସ ଟେକ୍ନିକାଲ ଉଇଙ୍ଗ୍ ପକ୍ଷରୁ ଆକଳନ କରାଯାଉଛି। ଚଢ଼ାଉ ଜାରି ରହିଥିବାରୁ ଏବିଡିଓଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ସ୍ପଷ୍ଟ ସୂଚନା ମିଳି ପାରିନାହିଁ।

# ଏସ୍‌ପିଙ୍କ ଜାଲ୍ ଦସ୍ତଖତ କରି ବ୍ୟାଙ୍କରୁ ଟଙ୍କା ହଡ଼ପ

ଢେଙ୍କାନାଳ,୧୫।୫ (ରତନ ନାୟାର)

## ବିବି ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାର ନିର୍ଦ୍ଦେଶକ ଗିରଫ

ଢେଙ୍କାନାଳ ଜିଲା ଏସ୍‌ପିଙ୍କ ଦସ୍ତଖତକୁ ଜାଲ କରି ଏବଂ ଜିଲା ଗୋଇନ୍ଦା ବିଭାଗ ଶାଖା ନାମରେ ଜାଲ୍ କାଗଜପତ୍ର ଦେଖାଇ କାନାରା ବ୍ୟାଙ୍କରୁ ୧ଲକ୍ଷ ୫୨ହଜାର ୪୩୧ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଗୁରୁବାର ଢେଙ୍କାନାଳ ଟାଉନଥାନା ପୋଲିସ ଭୁବନେଶ୍ୱର ବମିଖାଲ ଅଞ୍ଚଳର ବିବି ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡ ସଂସ୍ଥାର ନିର୍ଦ୍ଦେଶକ ଅରୁଣ ପ୍ରକାଶ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅରୁଣ ପ୍ରକାଶଙ୍କ ଘର କଟକ ଜିଲା ନରସିଂହପୁର ଥାନା ଗଡ଼ଭୋଇ ସାହି ଅଞ୍ଚଳରେ ବୋଲି ଜଣାପଡିଛି।

ଘଟଣାରୁ ପ୍ରକାଶ ଯେ, କାଇମାଟିରେ ଏକ ଘରୋଇ ସଂସ୍ଥା ଋଣ ଶୁଝି ନ ପାରିବାରୁ ସେହି ସଂସ୍ଥାର ଘରକୁ କାନାରା ବ୍ୟାଙ୍କ କର୍ତ୍ତୃପକ୍ଷ ସିଜ୍ କରିଦେଇଥିଲେ। ବ୍ୟାଙ୍କଠାରୁ ଏହି ଘରକୁ ଢେଙ୍କାନାଳ ମହାବୀର ବଜାରର ଆର୍ଯ୍ୟରତ୍ନ ଦେବାୟନ ପଟ୍ଟନାୟକ କିଣିଥିଲେ। ଦଖଲ ନେବାକୁ ବିଳମ୍ବ ହେବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଭଡ଼ା ସୂତ୍ରରେ ବିବି ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡକୁ ଘରଟି ଦେଇଥିଲେ। ଦଖଲ ନେଲା ବେଳେ ନିୟମ ଅନୁଯାୟୀ ଆବଶ୍ୟକୀୟ ପୋଲିସ ଫୋର୍ସ ଯୋଗାଇବା ବାବଦକୁ ଅର୍ଥ ପୋଲିସ ପ୍ରଶାସନ ନିକଟରେ ଡିପୋଜିଟ କରିବା କଥା। କିନ୍ତୁ ବିବି ଏଣ୍ଟର ପ୍ରାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକ ଏହା ନ କରି ଏସ୍‌ପିଙ୍କ ଦସ୍ତଖତ ଜାଲ୍ କରିବା ସହ ଗୁଇନ୍ଦା କାର୍ଯ୍ୟାଳୟର ନାମ ଥାଇ ତାଙ୍କୁ ଦଖଲ ପାଇଁ ଅନୁମତି ମିଳିଥିବା ଏକ ପତ୍ର ବ୍ୟାଙ୍କରେ ଦେଖାଇଥିଲେ। ପୋଲିସ ଫୋର୍ସ ମୁତୟନ ବାବଦକୁ ୧ଲକ୍ଷ ୫୨ ହଜାର ୪୩୧ ଟଙ୍କା ଦର୍ଶାଇ ବ୍ୟାଙ୍କଠାରୁ ହଡ଼ପ କରିନେଇଥିଲେ। କିନ୍ତୁ ପ୍ରଥମେ ଘର କିଣିଥିବା ଆର୍ଯ୍ୟରତ୍ନ ଦେବାୟନ ପଟ୍ଟନାୟକ ସମସ୍ତ କାଗଜପତ୍ର ପ୍ରସ୍ତୁତ କରି ତୁରନ୍ତ ଦଖଲ ନେବାକୁ ଚାହୁଁଥିବାରୁ ପୋଲିସ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ବିବି ଏଣ୍ଟର ପ୍ରାଇଜର୍ସ ନିର୍ଦ୍ଦେଶକ କରିଥିବା ଜାଲ୍ ଚିଠି ଦେବାୟନଙ୍କ ହାତରେ ପଡ଼ିବାରୁ ସେ ତାହାକୁ ନେଇ ପୋଲିସ କାର୍ଯ୍ୟାଳୟରେ ଦେଖାଇଥିଲେ। ଉକ୍ତ ଚିଠିଟି ଜାଲ୍ ଥିବା ଜଣାପଡ଼ିଥିଲା। ପରେ ଢେଙ୍କାନାଳ ଟାଉନ ଥାନାରେ କେସ୍ ନଂ. ୩୧୦/୨୫ରେ ଏକ ମାମଲା ରୁଜୁ କରାଯାଇ ବିବି ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସୂଚନା ଦେଇଛନ୍ତି।

# ସହକର୍ମୀଙ୍କ ମୋବାଇଲ ଚୋରି କରି ଜେଲ ଗଲେ

## ୪ ଚୋରା ମୋବାଇଲ ଜବତ

ଭୁବନେଶ୍ୱର,୧୫।୫
(ସତ୍ୟଜିତ ରାଉତ)

ସହକର୍ମୀଙ୍କ ମୋବାଇଲ ଚୋରି କରିବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଅନିଲ କୁମାର ରଣା ଓରଫ ମିଲନ (୨୪)। ତାଙ୍କଠାରୁ ୪ଟି ମୋବାଇଲ ଜବତ ହୋଇଛି। କୋର୍ଟ ଚାଲାଣ ପରେ ଅନିଲଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ କୁନା କୁମାର ପାଲ୍ ଏବଂ ତାଙ୍କର ଦୁଇ ସହକର୍ମୀ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳର ଏକ ଘରୋଇ କଲେଜରେ ଶ୍ରମିକ କାମରେ ନିୟୋଜିତ ଅଛନ୍ତି। ସମସ୍ତେ ସେଠାରେ ଥିବା ଲେବର ରୁମ୍‌ରେ ରୁହନ୍ତି। ୧୫ ଦିନ ତଳେ ଅନିଲ ସେଠାକୁ ଆସି କାମ କରିବା ସହ ଏକାଠି ରହିଥିଲେ। ବୁଧବାର ସକାଳେ କୁନା ଏବଂ ଅନ୍ୟ ଦୁଇ ସହକର୍ମୀ କାମ କରିବାକୁ ଯାଇଥିବାବେଳେ ଅନିଲ ରୁମ୍‌ରେ ଥିଲେ। ଏହାର ସୁଯୋଗ ନେଇ ଅନିଲ ୩ ସହକର୍ମୀଙ୍କ ମୋବାଇଲ ଚୋରି କରି ଫେରାର ହୋଇଯାଇଥିଲେ। ଏତଲାକ୍ରମେ ପୋଲିସ ମାମଲା (ନଂ.୨୪୬/୨୦୨୫) ରୁଜୁ କରିଥିଲା। ପଟିଆ ରେଲୱେ ଷ୍ଟେଶନ ନିକଟରେ ଚଢ଼ାଉ କରି ଅନିଲଙ୍କୁ ପୋଲିସ ଟିମ୍ କାବୁ କରିଥିଲା।

# ଖଣି ଅଧିକାରୀଙ୍କୁ ହତ୍ୟା ଉଦ୍ୟମ

ଜଳେଶ୍ୱର,୧୫।୫ (ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବାଲି ଚୋରା ଚାଲାଣକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ବାଲି ଚୋରାଚାଲାଣ ରୋକିବା ଲାଗି ଅଧିକାରୀମାନେ ଚଢ଼ାଉ ଲାଗି ଗଲେ ଅପରାଧୀମାନେ କେତେବେଳେ ମରଣାନ୍ତକ ଆକ୍ରମଣ କରୁଛନ୍ତି ତ, କେତେବେଳେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିବାକୁ ପଛାଉନାହାନ୍ତି। ବୁଧବାର ରାତି ୧ଟା ବେଳେ କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଏବଂ କନଷ୍ଟେବଲ ଉମାକାନ୍ତ ସିଂ ଜଳେଶ୍ୱର ଅଞ୍ଚଳର ବେଆଇନ ବାଲି ଖାଦାନରେ ଚଢ଼ାଉ ପାଇଁ ଯାଇଥିଲେ। ବେଆଇନ ଭାବେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଡ୍ରାଇଭର ତାଙ୍କ ଗାଡ଼ିକୁ ଧକ୍କା ଦେଇ ମାରିଦେବାକୁ ଉଦ୍ୟମ କରିଥିଲେ। ଫଳରେ ଅଧିକାରୀଙ୍କ ଗାଡ଼ି ଡ୍ରେନ ପାଖକୁ ଖସିଯାଇଥିଲା। ଏନେଇ ଖଣି ଅଧିକାରୀ ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ରାତି ୨ଟା ୩୦ରେ ଥାନା ଏଏସ୍‌ଆଇ ନୀଳକଣ୍ଠ ପୃଷ୍ଟି ପହଞ୍ଚି ବାଲି ଟ୍ରାକ୍ଟର ଏବଂ ଖଣି ଅଧିକାରୀଙ୍କ ବୋଲେରୋକୁ ଥାନାକୁ ନେଇଥିଲେ। ଟ୍ରାକ୍ଟର ଡ୍ରାଇଭର ହତ୍ୟା ଉଦ୍ୟମ କରିଥିବା ନେଇ ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ସୁବର୍ଣ୍ଣରେଖା ନଦୀପଠାରୁ ଚୋରାଚାଲାଣକାରୀମାନେ ଦିନ ରାତି ବେଆଇନ ଭାବେ ବାଲି ପରିବହନ କରୁଛନ୍ତି। ଏନେଇ ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ବେଆଇନ ବାଲି ଖାଦାନଗୁଡ଼ିକ ଉପରେ ଚଢ଼ାଉ ପାଇଁ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜୁନିୟର ଖଣି ଅଧିକାରୀ ଦାସ ଚଢ଼ାଉ ସହିତ ବାଲି ଉତ୍ତୋଳନ ହେଉଥିବା ନଦୀ ଆଡ଼ି ମଧ୍ୟ କାଟି ଦେଇଥିଲେ। ଏହାକୁ ନେଇ ଜଳେଶ୍ୱର ଅଞ୍ଚଳରେ ବାଲି ଚୋରାଚାଲାଣକାରୀମାନେ ପ୍ରତିଶୋଧପରାୟଣ ହୋଇଉଠିଛନ୍ତି। ପଥରପୁରା ଅଞ୍ଚଳର ଜେଲ୍ ରୋଡ ପାଖରେ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟର(ନଂ.ଓଡି୦୧–ଏଜି–୨୩୪୪)କୁ ଦେଖି ଖଣି ଅଧିକାରୀ ଅଟକାଇବା ପାଇଁ ଉଦ୍ୟମ କରୁଥିବାବେଳେ ଟ୍ରାକ୍ଟର ଡ୍ରାଇଭର ଖଣି ଅଧିକାରୀଙ୍କ ବୋଲେରୋ ଗାଡ଼ିକୁ ଧକ୍କା ଦେଇଥିଲେ। ଗାଡ଼ି ଡ୍ରେନ ପାଖକୁ ଖସିପଡ଼ିବା ପରେ ଟ୍ରାକ୍ଟରକୁ ଛାଡ଼ି ଡ୍ରାଇଭରଜଣକ ଘଟଣାସ୍ଥଳରୁ ପଳାଇଯାଇଥିଲେ।

# ହତ୍ୟାକାରୀ ଭିଣୋଇ ସିଲେରୁ ଜଙ୍ଗଲରୁ ଗିରଫ

## ୩ ଶାଳକଙ୍କୁ ହତ୍ୟା ଘଟଣା

ମାଲକାନଗିରି, ୧୫।୫(ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶ ସିଲେରୁ ନିକଟ ଚିନ୍ତାପାଲୀ ଗ୍ରାମର ୩ ଶାଳକଙ୍କୁ ହତ୍ୟା ଘଟଣାରେ ଭିଣୋଇ ଘେନୁ ହନ୍ତାଳଙ୍କୁ ସିଲେରୁ ପୋଲିସ ଗୁରୁବାର ଜଙ୍ଗଲରୁ ଗିରଫ କରିଛି। ପ୍ରକାଶ ଯେ, ଗତ ୧୧ ତାରିଖରେ ଘେନୁ ତାଙ୍କ ସ୍ତ୍ରୀଙ୍କୁ ମାରପିଟ କରୁଥିବା ବେଳେ ୩ଭାଇ ଭିଣୋଇଙ୍କ ସହ ଗଣ୍ଡଗୋଳ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଘେନୁ ରାତିରେ ୩ ଶାଳକଙ୍କୁ ବର୍ଚ୍ଛାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ୨ଦୁଇ ଓ ଡାକ୍ତରଖାନାରେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଥିଲା।

# ମୋବାଇଲ ନ ଦେବାରୁ ନବମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ବାଲେଶ୍ୱର, ୧୫।୫(ବାଞ୍ଛାନିଧି ଦେ)

ମୋବାଇଲ ନ ଦେଖି ଟ୍ୟୁଶନ ଯିବାକୁ ମା' ତାଗିଦ୍ କରିବାରୁ ଜଣେ ନବମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଏଭଳି ଘଟଣା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ବାଲିଆ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ବାଲିଆ ଅଞ୍ଚଳର ତପନ କୁମାର ଗିରିଙ୍କ ସାନପୁଅ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗୁରୁବାର ସେ ମୋବାଇଲ ଦେଖୁଥିବା ବେଳେ ମା' ତାଙ୍କୁ ବାରଣ କରିଥିଲେ। ମୋବାଇଲକୁ ଛଡ଼ାଇ ନେଇ ଟ୍ୟୁଶନ୍ ଯିବାକୁ କହିଥିଲେ। ଟ୍ୟୁଶନ୍ ସାରି ଆସିଲେ ପୁଅକୁ ମୋବାଇଲ ଦେବେ କହି ମା' ବଜାରକୁ ଚାଲିଯାଇଥିଲେ। ଏହାପରେ ବେଡ୍‌ରେ ପଡିଥିବା ବେଡଶିଟ୍‌କୁ ନେଇ ଛାତ୍ରଜଣକ ରୁମ୍ ଭିତରେ ଫ୍ୟାନ୍‌ରେ ଫାଶୀ ଲଗାଇ ଦେଇଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପରିବାର ଲୋକେ ଓ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୬/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଗୁଳିକରି କକାଙ୍କୁ ହତ୍ୟା ଉଦ୍ୟମ

ଢେଙ୍କିକୋଟ,୧୫।୫(ନୀଳମଣି ମଣ୍ଡଳ)

## ବନ୍ଧୁକ ଜବତ, ପୁତୁରା ଗିରଫ

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ମୁକ୍ତାପୁର ପଞ୍ଚାୟତ ଡଲଙ୍ଗପାଣି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିକରି କକାଙ୍କୁ ହତ୍ୟା ଉଦ୍ୟମ କରିଛନ୍ତି ପୁତୁରା। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ପୁତୁରାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ବନ୍ଧୁକ ଜବତକରି ତଦନ୍ତ କରୁଛି। ଗିରଫ ଅଭିଯୁକ୍ତ ଡଲଙ୍ଗପାଣି ଗ୍ରାମର ବିଜୟ ମହାନ୍ତ।

ପ୍ରକାଶ ଯେ, ଡଲଙ୍ଗପାଣି ଗ୍ରାମର ଚତୁର୍ଭୁଜ ମହାନ୍ତ ଗତ ୧୧ ତାରିଖ ସନ୍ଧ୍ୟା ୫ଟା ସମୟରେ ଚାଷ କାର୍ଯ୍ୟରେ ବ୍ୟବହୃତ ଲଙ୍ଗଳଫାଳ ପଜାଇବା ପାଇଁ ନହରାଶାଳକୁ ଯାଇଥିଲେ। ଏହି ସମୟରେ ତାଙ୍କ ସମ୍ପର୍କୀୟ ପୁତୁରା ବିଜୟ ମହାନ୍ତଙ୍କ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଥା କଟାକଟି ହୋଇଥିଲା। ବିଜୟ ଉତ୍କ୍ଷିପ୍ତ ହୋଇ ସାଥିରେ ଆଣିଥିବା ବନ୍ଧୁକ ବାହାରକରି ଚତୁର୍ଭୁଜଙ୍କ ଉପରକୁ ଚଳାଇଥିଲେ। ଚତୁର୍ଭୁଜ ଦୌଡ଼ିଯାଇ ଗ୍ରାମର ମଧୁର ମହାନ୍ତ ଘରକୁ ପଶିଯାଇଥିଲେ। ବିଜୟ ପିଛା କରି ମଧୁରଙ୍କ ଘରେ ପହଞ୍ଚିଥିଲା। ସେଠାରେ ଗାଳିଗୁଲଜ କରିବା ସହ ପୁଣି ଗୁଳି କରିଥିଲେ। ଗୁଳି ଶବ୍ଦ ଶୁଣି ସମସ୍ତେ ଛାନିଆ ହୋଇ ଚାଲିଯାଇଥିଲେ। ଗୁଳି ଚତୁର୍ଭୁଜଙ୍କ ଦେହରେ ବାଜି ନ ଥିଲା। ଘଟଣା ସମ୍ପର୍କରେ ପରଦିନ ଚତୁର୍ଭୁଜ ଘଟଗାଁ ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ କୁମାର ସାମଲ ତଦନ୍ତକରି ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ବିଜୟଙ୍କୁ ଭୋଲବେଡ଼ା ଗ୍ରାମରୁ ଗିରଫ କରିଥିଲେ। ତାଙ୍କ ନିକଟରୁ ବନ୍ଧୁକ ଜବତ ହୋଇଛି।



ଅଭିଯୁକ୍ତ ବିଜୟ ମହାନ୍ତ।

## ଜାତୀୟ/ଅନ୍ତର୍ଜାତୀୟ

# ପାକିସ୍ତାନକୁ ସାହାଯ୍ୟ ତୁର୍କୀ, ଆଜରବୈଜାନକୁ ମହଙ୍ଗା ପଡ଼ିବ




ଜମ୍ମୁଠାରେ ବୟକଟ ତୁର୍କୀ ପୋଷ୍ଟର ସହ ରାଷ୍ଟ୍ରୀୟ ବଜରଙ୍ଗ ଦଳର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

ନୂଆଦିଲ୍ଲୀ, ୧୫।୫(ପି.ଟି.)

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ମଧ୍ୟରେ ତୁର୍କୀ ଏବଂ ଆଜରବୈଜାନ ପକ୍ଷରୁ ପାକିସ୍ତାନକୁ ସମର୍ଥନ କରାଯାଇଥିଲା। ଏହାକୁ ନେଇ ଭାରତରେ ବୟକଟ ତୁର୍କୀ ଏବଂ ଆଜରବୈଜାନ ଟ୍ରେଣ୍ଡ ଜାରି ରହିଛି। ଅନେକ ପର୍ଯ୍ୟଟକ ତୁର୍କୀ ଏବଂ ଆଜରବୈଜାନକୁ ଭ୍ରମଣ ପାଇଁ କରିଥିବା ଟ୍ରାଭେଲ ବୁକିଂକୁ ବାତିଲ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଆଗାମୀ ଦିନରେ ତୁର୍କୀ ଏବଂ ଆଜରବୈଜାନରେ ଡେଷ୍ଟିନେଶନ ୱେଡିଂ ଏବଂ ଫିଲ୍ମ ଶୁଟିଂ ପାଇଁ ଭାରତ ସରକାର ପ୍ରୋତ୍ସାହନ ଦେବେ ନାହିଁ। ଆତଙ୍କବାଦ ବିରୋଧୀ ଭାରତର ଅପରେଶନରେ ଉଭୟ ଦେଶ ପାକିସ୍ତାନକୁ ସହଯୋଗ କରିଥିବାରୁ ଭାରତ ସରକାର ତୁର୍କୀ ଏବଂ ଆଜରବୈଜାନରେ ଭାରତୀୟ ଫିଲ୍ମର ଶୁଟିଂ ଏବଂ ଡେଷ୍ଟିନେଶନ ୱେଡିଂ ଉପରେ କଟକଣା ଲଗାଇବାକୁ ଚିନ୍ତା କରୁଛନ୍ତି। ପ୍ରତି ବର୍ଷ ବହୁସଂଖ୍ୟାରେ ଭାରତୀୟ ପର୍ଯ୍ୟଟକ ତୁର୍କୀ ଏବଂ ଆଜରବୈଜାନ ଭ୍ରମଣରେ ଯାଇଥାନ୍ତି, ଯାହାଫଳରେ ଉଭୟ ଦେଶରେ ପ୍ରଚୁର ମାତ୍ରାରେ ରାଜସ୍ୱ ଆଦାୟ ହୋଇଥାଏ। ତେଣୁ ଉଭୟ ଦେଶକୁ ଭ୍ରମଣ ପାଇଁ କଟକଣା ଲଗାଇବା ଉପରେ ଭାରତ ସରକାର ଚିନ୍ତା କରୁଛନ୍ତି। ସେହିପରି ତୁର୍କୀ ଏବଂ ଆଜରବୈଜାନରେ ଭାରତୀୟ ଚଳଚ୍ଚିତ୍ରଗୁଡ଼ିକର ଶୁଟିଂ ନ କରିବା ପାଇଁ ଦି ଫେଡେରେଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆ ସିନେ ଏମ୍ପ୍ଲୟିଜ୍ (ଏଫ୍‌ଡବ୍ଲୁଆଇସିଇ) ଏବଂ ଅଲ୍ ଇଣ୍ଡିଆନ୍ ସିନେ ୱାର୍କର୍ସ ଆସୋସିଏଶନ (ଏଆଇସିଡବ୍ଲୁଏ) ପକ୍ଷରୁ ସମସ୍ତ ଫିଲ୍ମ ନିର୍ମାତା ଏବଂ କଳାକାରଙ୍କୁ ଅପିଲ କରାଯାଇଛି। ଆକଳନ ଅନୁଯାୟୀ, ୨୦୨୪ରେ ୩.୩ ଲକ୍ଷ ଭାରତୀୟ ପର୍ଯ୍ୟଟକ ତୁର୍କୀ ଏବଂ ୨.୪ ଲକ୍ଷ ଭାରତୀୟ ପର୍ଯ୍ୟଟକ ଆଜରବୈଜାନ ଯାଇଥିଲେ। ଉଭୟ ତୁର୍କୀ ଏବଂ ଆଜରବୈଜାନର ଅର୍ଥନୈତିକ ଅଭିବୃଦ୍ଧି ପର୍ଯ୍ୟଟନ ଶିଳ୍ପ ଉପରେ ଅତ୍ୟଧିକ ନିର୍ଭରଶୀଳ। ତେଣୁ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟାରେ ହ୍ରାସ ଘଟିଲେ ଉଭୟ ଦେଶର ଅର୍ଥନୀତି ବ୍ୟାପକ କ୍ଷତିଗ୍ରସ୍ତ ହେବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ଗୁରୁବାର ନୂଆଦିଲ୍ଲୀସ୍ଥିତ ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ତୁର୍କୀ ସହ ସବୁ ପ୍ରକାରର ଶୈକ୍ଷିକ ସମ୍ପର୍କ ଛିନ୍ନ କରିଛି। ତୁର୍କୀ ସରକାରଙ୍କ ସହ ସମ୍ବନ୍ଧିତ ସମସ୍ତ ଶିକ୍ଷାନୁଷ୍ଠାନ ସହ କରାଯାଇଥିବା ଏମ୍‌ଓୟୁଗୁଡ଼ିକୁ ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ତତ୍କାଳ ବାତିଲ କରିଛି। ଅନ୍ୟପକ୍ଷରେ ଗୁରୁବାର ଭାରତ ସରକାର ତୁର୍କୀର ଗ୍ରାଉଣ୍ଡ ହ୍ୟାଣ୍ଡଲିଂ ସର୍ଭିସ୍ ପ୍ରୋଭାଇଡର କମ୍ପାନୀ ସେଲେବି ଆଭିଏଶନର ସିକ୍ୟୁରିଟି କ୍ଲିଅରାନ୍ସକୁ ବାତିଲ କରିଛନ୍ତି। ଦେଶର ଜାତୀୟ ସୁରକ୍ଷା ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତି ନିଆଯାଇଛି ବୋଲି ବେସାମରିକ ବିମାନ ଚଳାଚଳ ସୁରକ୍ଷା ବ୍ୟୁରୋ (ବିସିଏଏସ୍) କହିଛି।

## ପାକିସ୍ତାନ-ତୁର୍କୀ ଭାଇ ଭାଇ: ଏର୍ଡୋଗାନ

ଭାରତରେ ବୟକଟ ତୁର୍କୀର ଟ୍ରେଣ୍ଡ ଚାଲିଥିବା ବେଳେ ଗୁରୁବାର ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ ଏର୍ଡୋଗାନ ପୁଣିଥରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଛନ୍ତି। ଏକ୍ସ'ରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ଏକ ପୋଷ୍ଟକୁ ରି-ପୋଷ୍ଟ କରି ଏର୍ଡୋଗାନ ଲେଖିଛନ୍ତି, ପ୍ରିୟର ଭାଇ ଶେହବାଜ। ଆଗାମୀ ଦିନରେ ପାକିସ୍ତାନ ଏବଂ ତୁର୍କୀ ମଧ୍ୟରେ ଭାଇଚାରା ଆହୁରି ସୁଦୃଢ଼ ହେବ। ଭବିଷ୍ୟତରେ ପାକିସ୍ତାନର ଉଭୟ ଭଲ ଏବଂ ଖରାପ ସମୟରେ ତୁର୍କୀ ଦୃଢ଼ ଭାବେ ଛିଡ଼ା ହୋଇ ରହିବ ବୋଲି ଏର୍ଡୋଗାନ ତାଙ୍କ ପୋଷ୍ଟରେ ଲେଖିଛନ୍ତି।

- ଡେଷ୍ଟିନେଶନ ୱେଡିଂ, ଶୁଟିଂ ଉପରେ କଟକଣା ଲଗାଇପାରେ କେନ୍ଦ୍ର
- ଗ୍ରାଉଣ୍ଡ ହ୍ୟାଣ୍ଡଲିଂ କମ୍ପାନୀ 'ସେଲେବି'ର ସିକ୍ୟୁରିଟି କ୍ଲିଅରାନ୍ସ ବାତିଲ

# ବ୍ୟୋମିକା ସିଂଙ୍କ ଉପରେ ରାମଗୋପାଳଙ୍କ ଜାତିଆଣ ମନ୍ତବ୍ୟ

ଲକ୍ଷ୍ନୌ,୧୫।୫

ମଧ୍ୟପ୍ରଦେଶର ଭାଜପା ନେତା ତଥା କ୍ୟାବିନେଟ ମନ୍ତ୍ରୀ କୁଅଁର ବିଜୟ ଶାହ କଲୋନେଲ ସୋଫିଆ କ୍ୟୁରେଶିଙ୍କୁ ଜଣେ ମୁସଲିମ୍ ବୋଲି ଜାଣିଥିବାରୁ ତାଙ୍କୁ ଟାର୍ଗେଟ କରିଥିଲେ। କିନ୍ତୁ ସେ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂଙ୍କ ଜାତି ସମ୍ପର୍କରେ ଜାଣିନାହାନ୍ତି। ସମ୍ଭବତଃ ସେ ବ୍ୟୋମିକାଙ୍କୁ ରାଜପୁତ ମନେକରି ତାଙ୍କ ବିରୋଧରେ କିଛି କହି ନ ଥିଲେ ବୋଲି ଗୁରୁବାର ସମାଜବାଦୀ ପାର୍ଟି (ଏସ୍‌ପି) ନେତା ରାମଗୋପାଳ ଯାଦବ କହିଛନ୍ତି। ରାମଗୋପଳଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।

ଭାଜପା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଯାତ୍ରାକୁ ସମାଲୋଚନା କରିବାକୁ ଯାଇ ମୋରାଦାବାଦରେ ବରିଷ୍ଠ ଏସ୍‌ପି ନେତା ରାମଗୋପାଳ କହିଛନ୍ତି, ଏହି ଦଳ ନିର୍ବାଚନ ପାଇଁ ସବୁକିଛି କରୁଛି। ତ୍ରିରଙ୍ଗା ଯାତ୍ରା ବାହାର କରିବାର ମାନେ କ'ଣ? ସେମାନଙ୍କ ଜଣେ ମନ୍ତ୍ରୀ କଲୋନେଲ କ୍ୟୁରେଶିଙ୍କୁ ଦୁର୍ବ୍ୟବହାର କରିଛନ୍ତି। ମନ୍ତ୍ରୀ ଜଣକ ବ୍ୟୋମିକାଙ୍କ ଜାତି ଜାଣିଥିଲେ ତାଙ୍କୁ ବି ଛାଡ଼ି ନ ଥାନ୍ତେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରାମଗୋପାଳଙ୍କ ମନ୍ତବ୍ୟ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ସଶସ୍ତ୍ର ବଳର ୟୁନିଫର୍ମକୁ କେବେ ଜାତିଆଣ ଦୃଷ୍ଟିରେ ଦେଖାଯାଇ ନ ଥାଏ। କାରଣ ପ୍ରତ୍ୟେକ ସୈନ୍ୟ 'ରାଷ୍ଟ୍ରଧର୍ମ' ପାଳନ କରିଥାନ୍ତି। ସେନା କୌଣସି ଜାତି କିମ୍ବା ଧର୍ମର ପ୍ରତିନିଧିତ୍ୱ କରି ନ ଥାଏ। ଉଲ୍ଲେଖଯୋଗ୍ୟ, ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ସମ୍ପର୍କରେ ବହିର୍ବ୍ୟାପାର ସଚିବ ବିକ୍ରମ ମିସ୍ରିଙ୍କ ସହ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଓ କଲୋନେଲ ସୋଫିଆ କ୍ୟୁରେଶି ନିୟମିତ ପ୍ରେସ୍ ବ୍ରିଫିଙ୍ଗ୍ କରୁଥିବାବେଳେ ଦେଶବାସୀ ସେମାନଙ୍କ ବିବୃତିକୁ ଅପେକ୍ଷା କରି ରହୁଥିଲେ।



ରାମଗୋପାଳ ଯାଦବ



ବ୍ୟୋମିକା ସିଂ

# ମଧ୍ୟପ୍ରଦେଶ ମନ୍ତ୍ରୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

## ସୋଫିଆ କ୍ୟୁରେଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ

ନୂଆଦିଲ୍ଲୀ,୧୫।୫

ମହିଳା ସେନା ଅଫିସର କଲୋନେଲ୍ ସୋଫିଆ କ୍ୟୁରେଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ପାଇଁ ସୁପ୍ରିମକୋର୍ଟ ଗୁରୁବାର ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହଙ୍କୁ ଭର୍ତ୍ସନା କରିଛନ୍ତି। ମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ ଏବଂ ସମ୍ବେଦନହୀନ। ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତି ମନ୍ତବ୍ୟ ପ୍ରଦାନରେ ସଂଯମୀ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ବି.ଆର୍. ଗବଇ କହିଛନ୍ତି। ମନ୍ତ୍ରୀ କିଭଳି ମନ୍ତବ୍ୟ ଦେଉଛନ୍ତି ବୋଲି ସିଜେଆଇ ପ୍ରଶ୍ନ ଉଠାଇବା ସହ ସମ୍ବେଦନଶୀଳତା ଦେଖାଇବା ପାଇଁ ଯାଇ ହାଇକୋର୍ଟରେ କ୍ଷମା ମାଗନ୍ତୁ ବୋଲି କହିଛନ୍ତି।



ସୋଫିଆ କ୍ୟୁରେଶୀ

ମନ୍ତ୍ରୀ ଶାହଙ୍କ ମନ୍ତବ୍ୟକୁ ବିରୋଧୀ ଦଳ, ସେନାର ବରିଷ୍ଠ ଅଧିକାରୀ ଏବଂ ଏପରିକି ଶାସକ ଭାଜପାର କେତେଜଣ ସଦସ୍ୟ ସମାଲୋଚନା କରିବା ପରେ ତାଙ୍କ ବିରୋଧରେ ଏତଲା ଦାଏର ହୋଇଛି। ତାଙ୍କ ନାଁରେ ଆପରାଧିକ ମାମଲା ଚଳାଇବା ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି।

# ଆର୍‌ସିବିରେ ଯୋଗଦେଲେ ଡାଭିଡ୍, ଶେଫର୍ଡ

**ବେଙ୍ଗାଲୁରୁ, ୧୫।୫**

ଚଳିତ ମାସ ୧୭ରୁ ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୫ର ଅବଶିଷ୍ଟାଂଶ ଆରମ୍ଭ ହେବାକୁ ଯାଉଥିବାବେଳେ ବିଭିନ୍ନ ଦଳରେ ବିଦେଶୀ ଖେଳାଳିମାନେ ଯୋଗ ଦେବାରେ ଲାଗିଛନ୍ତି। ଚଳିତ ସିଜନରେ ସଫଳତାର ସହ ଫିନିସରର ଭୂମିକା ତୁଲାଇଥିବା ଅଷ୍ଟ୍ରେଲିଆର ଟିମ୍ ଡାଭିଡ ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳରେ ଯୋଗ ଦେଇଛନ୍ତି। ତାଙ୍କ ସହ ଅଲ୍‌ରାଉଣ୍ଡର ରୋମାରିଓ ଶେଫର୍ଡ ଓ ଲୁନ୍‌ଗି ଏନ୍‌ଗିଡି ମଧ୍ୟ ଆସିଛନ୍ତି। ଏହା ବ୍ୟତୀତ ଜ୍ୟାକବ ବେଥେଲ, ଲିଆମ ଲିଭିଂଷ୍ଟୋନ ଓ ଫିଲ୍ ସଲ୍ଟ ଉପଲବ୍ଧ ହେବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ତେବେ ବେଥେଲ ମାତ୍ର ୨ଟି ମ୍ୟାଚ ପାଇଁ ଉପଲବ୍ଧ ହେବେ। ମେ ୨୩ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆରସିବିର ହୋମ୍ ଗେମ୍ ପରେ ସେ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିବା ସମ୍ଭାବନା ରହିଛି। କାରଣ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ସେ ଇଂଲଣ୍ଡ ଦଳରେ ସାମିଲ ଅଛନ୍ତି। ଏହାଦ୍ୱାରା ସେ ଆରସିବିର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷ ଶେଷ ଲିଗ୍ ମ୍ୟାଚରେ ଖେଳିପାରିବେ ନାହିଁ। ତେବେ ସଲ୍ଟ ଟୁର୍ନାମେଣ୍ଟ ଶେଷ ପର୍ଯ୍ୟନ୍ତ ରହିବେ। କାରଣ ସେ କେବଳ ଇଂଲଣ୍ଡ ଟି୨୦ ଦଳରେ ସାମିଲ



ରୋମାରିଓ ଶେଫର୍ଡ



ଟିମ୍ ଡାଭିଡ୍

ଅଛନ୍ତି। ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟି୨୦ ସିରିଜ ଜୁନ୍ ୬ରେ ଡରହାମଠାରେ ଆରମ୍ଭ ହେବ। ଆଇପିଏଲ୍ ଜୁନ୍ ୩ରେ ସରୁଥିବାରୁ ସେ ଅବଶିଷ୍ଟ ମ୍ୟାଚଗୁଡ଼ିକ ଖେଳିବାରେ ଅସୁବିଧା ନାହିଁ।

ଅନ୍ୟପକ୍ଷରେ ଶେଫର୍ଡ କେବେ ପର୍ଯ୍ୟନ୍ତ ଉପଲବ୍ଧ ହେବେ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ। ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ମାତ୍ର ୧୪ ବଲ୍‌ରୁ ୫୩ ରନ କରିଥିବା ଏହି ୩୦ ବର୍ଷୀୟ ଅଲ୍‌ରାଉଣ୍ଡର ୱେଷ୍ଟଇଣ୍ଡିଜ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ୱେଷ୍ଟଇଣ୍ଡିଜର ଆୟର୍ଲାଣ୍ଡ ବିପକ୍ଷ ସିରିଜ ମେ ୨୧ରୁ ୨୫ ଏବଂ ଇଂଲଣ୍ଡ ବିପକ୍ଷ ସିରିଜ ୨୯ରୁ ଆରମ୍ଭ ହେବ। ଏନ୍‌ଗିଡି କେବେ ପର୍ଯ୍ୟନ୍ତ ରହିବେ ତାହାକୁ ନେଇ ମଧ୍ୟ ସନ୍ଦେହ ରହିଛି। କାରଣ ସେ ଜୁନ ୧୧ରେ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପାଇଁ ଦକ୍ଷିଣ ଆଫ୍ରିକା ଦଳରେ ସାମିଲ ହୋଇଛନ୍ତି। ମେ ୨୫ ସୁଦ୍ଧା ଦକ୍ଷିଣ ଆଫ୍ରିକା ଖେଳାଳିମାନେ ସ୍ୱଦେଶ ଫେରିବା ସମ୍ଭାବନା ରହିଛି। ଆରସିବି ଏପର୍ଯ୍ୟନ୍ତ ଖେଳିଥିବା ୧୧ ମ୍ୟାଚରୁ ୮ଟିରେ ବିଜୟୀ ହୋଇ ସାରିଛି। ଆଉ ମାତ୍ର ଗୋଟିଏ ମ୍ୟାଚ ଜିତିଲେ ଦଳ ପ୍ଲେ-ଅଫ୍ ପ୍ରବେଶ ସ୍ପଷ୍ଟ ହେବ। ଆରସିବି ଆସନ୍ତା ଶନିବାର କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ବେଙ୍ଗାଲୁରୁରେ ଖେଳିବ।

## ପ୍ଲେଅଫ୍ ଖେଳିବେନି ବଟଲର

**ନୂଆଦିଲ୍ଲୀ, ୧୫।୫ (ପି.ଟି.):** ଇଂଲଣ୍ଡର ବିସ୍ଫୋରକ ଉଇକେଟକିପର ବ୍ୟାଟର ଜୋସ ବଟଲର ଗୁଜରାଟ ଟାଇଟନ୍ସ (ଜିଟି) ଲାଗି ଅନ୍ତିମ ୩ ଲିଗ୍ ମ୍ୟାଚ୍‌ରେ ଖେଳିବେ। ହେଲେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ଟି୨୦ ସିରିଜ୍ ଖେଳିବାକୁ ଥିବାରୁ ସେ ପ୍ଲେଅଫ୍ ମ୍ୟାଚ୍ ଲାଗି ଉପଲବ୍ଧ ରହିବେ ନାହିଁ। ଗୁଜରାଟ ୧୧ ମ୍ୟାଚ୍‌ରେ ୧୬ ପଏଣ୍ଟ ସହ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ଗୁଜରାଟ ତା'ର ବଳକା ୩ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ମେ' ୧୮), ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (୨୨) ଓ ଚେନ୍ନାଇ ସୁପର କିଙ୍ଗ୍ସ (୨୫)କୁ ଭେଟିବ। ଏକ ରିପୋର୍ଟ ମୁତାବକ, ପ୍ଲେଅଫ୍ସ ପର୍ଯ୍ୟାୟରେ ବଟଲରଙ୍କ ସ୍ଥାନରେ ଶ୍ରୀଲଙ୍କାର ବାମହାତୀ ବ୍ୟାଟର କୁଶାଲ ମେଣ୍ଡିସ ଖେଳିବେ। ଅନ୍ୟ ଇଂଲିଶ ଖେଳାଳିଙ୍କ ମଧ୍ୟରେ ମୋଇନ ଅଲୀ(କେକେଆର୍), ଜୋଫ୍ରା ଆର୍ଚ୍ଚର (ରାଜସ୍ଥାନ), ସାମ କୁରାନ ଓ ଜେମି ଓଭରଟନ (ସିଏସ୍‌କେ) ଭାରତ ଫେରିବାକୁ ମନା କରିଛନ୍ତି।

# ସୁତଭ୍ୟ-ଅରିଜ ରନରଅପ୍



**ଭୁବନେଶ୍ୱର, ୧୫।୫ (ତପନ ସ୍ୱାଇଁ)**

## ୧୮ ବର୍ଷରୁ କମ୍ ସିଏସ୍‌୭ ଟେନିସ

ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ସିଏସ୍‌୭ ଟେନିସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ସୁତଭ୍ୟ କର୍ମକାର ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଛତିଶଗଡ଼ର ମହମ୍ମଦ ଅରିଜ ଖାଙ୍କୁ ପାର୍ଟନର କରି ସେ ଡବଲ୍ସ ଇଭେଣ୍ଟରେ ରନରଅପ୍ ହୋଇଛନ୍ତି। ପୂର୍ବ ମ୍ୟାଚଗୁଡ଼ିକରେ ବିଜୟୀ ହୋଇ ଆସିଥିବା ସୁତଭ୍ୟ-ଅରିଜ ଯୋଡ଼ି ଫାଇନାଲରେ ଛତିଶଗଡ଼ ଯୋଡ଼ି ଅର୍ନବ ଚୌଧାରୀ ଓ ଇମନ ଭଟଙ୍କଠାରୁ ୪-୬, ୨-୬ ସେଟ୍‌ରେ ହାରି ଯାଇଥିଲେ। ସିଙ୍ଗଲ୍ସରେ ସୁତଭ୍ୟ ସେମିଫାଇନାଲରେ ନିଜ ଡବଲ୍ସ ପାର୍ଟନର ଅରିଜଙ୍କଠାରୁ ୨-୬, ୨-୬ ସେଟ୍‌ରେ ପରାଜିତ ହୋଇଥିଲେ। ସୁତଭ୍ୟଙ୍କ ପ୍ରଦର୍ଶନରେ ଦିନକୁ ଦିନ ଉନ୍ନତି ହେଉଛି। ଆଗାମୀ ଦିନରେ ସେ ଆହୁରି ଭଲ ଖେଳିପାରିବେ ବୋଲି କୋଚ୍ ସନ୍ତୋଷ ମଲିକ ଆଶା ପ୍ରକାଶ କରିଛନ୍ତି।

# ୱାର୍ଲ୍ଡ ନଂ ୧କୁ ହରାଇଲେ ଝେଙ୍ଗ୍



ଆରିନା ସାବାଲେଙ୍କାଙ୍କୁ ହରାଇବା ପରେ ଝେଙ୍ଗ୍ କ୍ୱିନୱେନ।

**ରୋମ୍, ୧୫।୫ (ଏପି)**

ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଆରିନା ସାବାଲେଙ୍କାଙ୍କୁ ୬-୪, ୬-୩ରେ ପରାସ୍ତ କରି ଚାଇନାର ଝେଙ୍ଗ୍ କ୍ୱିନୱେନ୍ ଇଟାଲିଆନ ଓପନ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବର୍ତ୍ତମାନ ସେ କୋକୋ ଗଫ୍‌ଙ୍କ ସହିତ ମୁକାବିଲା କରିବେ। ଅଲିମ୍ପିକ ଚାମ୍ପିୟନ ୨୨ ବର୍ଷୀୟ ଝେଙ୍ଗ୍ ପୂର୍ବରୁ ସାବାଲେଙ୍କାଙ୍କ ବିପକ୍ଷ ତାଙ୍କର ସମସ୍ତ ୬ଟି ଯାକ ମ୍ୟାଚରେ ପରାଜିତ ହୋଇଥିଲେ। ୮ମ ର୍‍ୟାଙ୍କିଙ୍ଗପ୍ରାପ୍ତ ଝେଙ୍ଗ୍ ତାଙ୍କର ସମସ୍ତ ୫ ବ୍ରେକ୍ ପଏଣ୍ଟ ସେଭ୍ କରିଥିଲେ। ସାବାଲେଙ୍କାଙ୍କ ସର୍ଭିସ ୩ଥର ବ୍ରେକ୍ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ମେ' ୨୫ରୁ ଫ୍ରେଞ୍ଚ ଓପନ ଆରମ୍ଭ ହେବାକୁଥିବା ବେଳେ ରୋମ୍ ହେଉଛି ଖେଳାଳିମାନଙ୍କ ପାଇଁ ଶେଷ ୱାର୍ମଅପ୍।

### ଅଲ୍‌କାରାଜ ବିଜୟୀ

ପୁରୁଷ ସିଙ୍ଗଲ୍ସରେ କାର୍ଲୋସ ଅଲ୍‌କାରାଜ ୬-୪, ୬-୪ରେ ଜ୍ୟାକ୍ ଡ୍ରାପରଙ୍କୁ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ତାଙ୍କର ୮ ବ୍ରେକ୍ ପଏଣ୍ଟ ମଧ୍ୟରୁ ୬ଟି ସେଭ କରିବାରେ ସମର୍ଥ ହୋଇଥିଲେ। ସୂଚନାଯୋଗ୍ୟ, ଡାହାଣ ଗୋଡ଼ରେ ସମସ୍ୟା ଯୋଗୁ ଅଲ୍‌କାରାଜ ମାଡ୍ରିଡ୍ ଓପନରୁ ଓହରି ଯାଇଥିଲେ। ଏହି ସମସ୍ୟା ତାଙ୍କର ବାର୍ସିଲୋନା ଓପନ ଫାଇନାଲରେ ଦେଖିବାକୁ ମିଳିଥିଲା। ଅଲ୍‌କାରାଜ ପରବର୍ତ୍ତୀ ପର୍ଯ୍ୟାୟରେ ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ, ଯିଏକି କ୍ୱାର୍ଟରଫାଇନାଲରେ ଗତଥରର ଚାମ୍ପିୟନ ଆଲେକ୍‌ଜାଣ୍ଡର ଜେଭରେଭଙ୍କୁ ୭-୬ (୧), ୬-୪ରେ ହରାଇ ଦେଇଥିଲେ।

# ଆଇପିଏଲ୍ ପ୍ଲେଅଫ୍ ଖେଳିବେନି ଦକ୍ଷିଣ ଆଫ୍ରିକା ଟେଷ୍ଟ ଖେଳାଳି

**ଜୋହାନ୍ସବର୍ଗ, ୧୫।୫(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଲାଗି ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଆଇପିଏଲ୍ ପ୍ଲେଅଫ୍ ମିସ କରିବେ। କାରଣ ସେମାନଙ୍କୁ ୨୬ ତାରିଖ ସୁଦ୍ଧା ଛାଡ଼ିବା ଲାଗି ବିସିସିଆଇ ପକ୍ଷରୁ ଗୁରୁବାର ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜ ଲାଗି ଆଡଭାଇଜରି ଜାରି କରାଯାଇଛି। ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳରେ ସ୍ଥାନ ପାଇଥିବା କାଗିସୋ ରାବାଡା (ଗୁଜରାଟ ଟାଇଟନ୍ସ), ଏଡେନ ମାରକ୍ରାମ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ), ମାର୍କୋ ଜାନସେନ (ପଞ୍ଜାବ କିଙ୍ଗ୍ସ), ଟ୍ରିଷ୍ଟାନ ଷ୍ଟବ୍ସ (ଦିଲ୍ଲୀ କ୍ୟାପିଟାଲ୍ସ), ଲୁଙ୍ଗି ଏନଗିଡି (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ), ୱିଆମ ମୁଲ୍ଡର (ସନରାଇଜର୍ସ ହାଇଦ୍ରାବାଦ), ରିୟାନ ରିକଲଟନ ଓ କର୍ବିନ ବୋଶ୍ଚ (ମୁମ୍ବାଇ ଇଣ୍ଡିଆନ୍ସ) ଆଦି ୮ ଖେଳାଳି ଦକ୍ଷିଣ ଆଫ୍ରିକା ଦଳର ଅନ୍ୟ ଖେଳାଳିଙ୍କ ସହ ଆସନ୍ତା ୩୦ ତାରିଖରେ ୟୁକେ ଟୁର କରିବେ। ଡବ୍ଲ୍ୟୁଟିସି ଫାଇନାଲ ପୂର୍ବରୁ ପ୍ରସ୍ତୁତି ଲାଗି ଅରୁଣ୍ଡେଲଠାରେ ଜିମ୍ବାୱେ ବିପକ୍ଷରେ ୩ ତାରିଖରୁ ଏକ ୱାର୍ମ-ଅପ ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକା ଦଳରେ ସ୍ଥାନ ପାଇନଥିବା ଅନ୍ୟ ସମସ୍ତ ଖେଳାଳି ଓ ୱେଷ୍ଟଇଣ୍ଡିଜ ଖେଳାଳି ଆଇପିଏଲ୍ ଶେଷ ପର୍ଯ୍ୟନ୍ତ ଖେଳିବେ।

# ଖେଳାଳିଙ୍କୁ ସମ୍ବର୍ଦ୍ଧିତକଲେ କ୍ରୀଡ଼ାମନ୍ତ୍ରୀ



ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସଫଳତା ହାସଲ କରିଥିବା ଖେଳାଳିମାନଙ୍କ ସହ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଭୁବନେଶ୍ୱର, ୧୫।୫ (ଅନାଦି କର)**

ଖେଲୋ ଇଣ୍ଡିଆ ୟୁଥ ଗେମ୍ସ-୨୦୨୫ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଓଡ଼ିଶା ମହିଳା ଓ ପୁରୁଷ ହକି ଦଳ ଏବଂ ପୁରୁଷ ଫୁଟବଲ ଦଳର ଖେଳାଳିଙ୍କୁ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ମହିଳା ହକି ଦଳ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଓଡ଼ିଶା ପୁରୁଷ ଫୁଟବଲ ଦଳ ରୌପ୍ୟ ପଦକ ହାସଲ କରିଥିଲା।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସୂରଜ କହିଛନ୍ତି ଯେ, ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଉଚ୍ଚକୋଟୀରର ପ୍ରଦର୍ଶନ ବଳରେ ଆମ କ୍ରୀଡ଼ାବିତମାନେ ଜାତୀୟ ସ୍ତରରେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିଛନ୍ତି। ଆମ କ୍ରୀଡ଼ାବିତମାନେ ହେଲେ ଆମ ଗର୍ବ ଓ ଗୌରବ। ଆଗକୁ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆମ କ୍ରୀଡ଼ାବିତମାନଙ୍କର ବିଜୟର ଯାତ୍ରା ଜାରି ରହୁ। ଏଥିସହ ମହିଳା ହକି ଦଳର ସ୍ୱର୍ଣ୍ଣିମ ବିଜୟ ପାଇଁ ଦଳର ସମସ୍ତ କ୍ରୀଡ଼ାବିତମାନଙ୍କୁ ଶୁଭେଚ୍ଛା। ଦେଶକୁ ଶାସନ କରିବା ଠାରୁ ଆରମ୍ଭ କରି ପ୍ରତିରକ୍ଷା କ୍ଷେତ୍ରରେ ଦେଶ ପାଇଁ ଲଢ଼ିବା ପର୍ଯ୍ୟନ୍ତ ମହିଳାମାନେ ସବୁଠି ନେତୃତ୍ୱ ନେଉଛନ୍ତି। ଆଜି ମହିଳା ହକି ଦଳର ସ୍ୱର୍ଣ୍ଣ ପଦକ ଓଡ଼ିଶାର ସମସ୍ତ ମହିଳା କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିଛି ଏବଂ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ମଧ୍ୟ ଯୋଗାଇଛି। ମହିଳା ହକି ଦଳର ସମସ୍ତ କ୍ରୀଡ଼ାବିତମାନଙ୍କର କଠିନ ପରିଶ୍ରମର ଫଳ ହେଉଛି ଏହି ସ୍ୱର୍ଣ୍ଣ ପଦକ। ଆଗାମୀ ଦିନରେ କ୍ରୀଡ଼ାର ସାମଗ୍ରିକ ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯିବ। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସିଦ୍ଧିବିନାୟକ ମନ୍ଦିର ବୁଲିଲେ ଗମ୍ଭୀର



ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରରେ ସ୍ତ୍ରୀ ନତାଶାଙ୍କ ସହ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

**ନୂଆଦିଲ୍ଲୀ, ୧୫।୫**

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଗୁରୁବାର ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିରରେ ଗମ୍ଭୀର ଓ ତାଙ୍କ ପତ୍ନୀ ନତାଶା ପୂଜା କରିଥିଲେ। ଗମ୍ଭୀର ଏହି ପରିଦର୍ଶନର ଫଟୋ ଟୁଇଟ୍ କରିଛନ୍ତି। ଆଗାମୀ ଇଂଲଣ୍ଡ ଟୁରରୁ ଆରମ୍ଭ ହେଉଥିବା ଭାରତୀୟ ଟେଷ୍ଟ ଦଳର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ପାଇଁ ଗମ୍ଭୀର ମୁମ୍ବାଇରେ ଅଛନ୍ତି।

# ୟୁକ୍ରେନିଆନ ଜମ୍ପର ମାରିନା ସସ୍‌ପେଣ୍ଡ

**ମୋନାକୋ, ୧୫।୫ (ଏପି)**

ଟେଷ୍ଟୋଷ୍ଟୋରେନ୍ ବ୍ୟବହାର ପାଇଁ ୟୁକ୍ରେନର ଜଣେ ଜଣାଶୁଣା ମହିଳା ଆଥ୍‌ଲେଟ ମାରିନା ବେଖ୍-ରୋମାନଚୁକ୍ ଏକ ଡୋପିଙ୍ଗ ମାମଲାରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଦ୍ୱାରା ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ବିଶ୍ୱ ଟ୍ରାକ୍ ଆଣ୍ଡ ଫିଲ୍ଡ ଚାମ୍ପିୟନଶିପ୍‌ରେ ମାରିନା ଦୁଇଥର ରୌପ୍ୟ ପଦକ ବିଜେତା। ଶୁକ୍ରବାର କାତାରର ଦୋହାଠାରେ ଡାଇମଣ୍ଡ ଲିଗ୍ ମିଟ୍ ପୂର୍ବରୁ ୟୁକ୍ରେନ ଆଥ୍‌ଲେଟଙ୍କୁ ସସ୍‌ପେଣ୍ଡ କରାଯାଇଥିବା ବିଷୟ ଘୋଷଣା କରାଯାଇଥିଲା। ମାରିନା ଗତ ଅଗଷ୍ଟ ମାସରୁ କୌଣସି ପ୍ରତିଯୋଗିତାରେ ଭାଗ ନେଇ ନାହାନ୍ତି। ପ୍ୟାରିସ ଅଲିମ୍ପିକ୍ସ ମହିଳା ଟ୍ରିପଲ ଜମ୍ପରେ ସେ ୧୧ତମ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଦୋହା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଗୁରୁବାର ପ୍ରକାଶିତ ଏଣ୍ଟ୍ରି ଲିଷ୍ଟରେ ତାଙ୍କ ନାମ ଦେଖିବାକୁ ମିଳିନି। ମାରିନା ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଲଙ୍ଗ୍‌ଜମ୍ପରେ ରୌପ୍ୟ ପଦକ ଜିତିଥିଲେ ଏବଂ ୨୦୨୩ରେ ଟ୍ରିପଲ ଜମ୍ପ ରୌପ୍ୟ ହାସଲ କରିଥିଲେ। ସେ ଆହୁରି ମଧ୍ୟ ୨୦୨୨ ୟୁରୋପିଆନ ଟ୍ରିପଲ ଜମ୍ପ ଚାମ୍ପିୟନ। ଏଆଇୟୁ ଆହୁରି ମଧ୍ୟ ନେହେମିଆ କିପିଗନ୍ ନାମକ ଜଣେ ଆଥ୍‌ଲେଟଙ୍କୁ ୩ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ସେ ନିଷିଦ୍ଧ ଦ୍ରବ୍ୟ ଟ୍ରମେଟ୍ରାଜିଡିନ୍ ପାଇଁ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ। ସେ ନିଜ ଦୋଷ ସ୍ୱୀକାର କରିଥିଲେ।

# ଟି୨୦ ଦଳକୁ ଫେରିଲେ ଶେଫାଳି

**ନୂଆଦିଲ୍ଲୀ, ୧୫।୫ (ପିଟି.)**

ଇଂଲଣ୍ଡ ଟୁର୍ ପାଇଁ ଗୁରୁବାର ଭାରତୀୟ ମହିଳା ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ଦଳ ଘୋଷଣା କରାଯାଇଛି। ଆକ୍ରମଣାତ୍ମକ ବ୍ୟାଟର ଶେଫାଳି ବର୍ମା ୭ ମ୍ୟାଚ ପରେ ଦଳକୁ ଫେରିଛନ୍ତି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜ ଜୁନ୍ ୨୮ରୁ ଟ୍ରେଣ୍ଟ ବ୍ରିଜ୍‌ରେ ଆରମ୍ଭ ହେବ। ଫର୍ମରେ ନ ଥିବାରୁ ଶେଫାଳି ୨୦୨୪ ଅକ୍ଟୋବରରୁ ଭାରତୀୟ ଦଳରେ ନ ଥିଲେ। ସେ କିନ୍ତୁ ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ପାଇଁ ଘୋଷଣା କରାଯାଇଥିବା ଅନ୍ତର୍ଜାତୀୟ ଦିନିକିଆ ଦଳରେ ସ୍ଥାନ ପାଇ ନାହାନ୍ତି। ସମ୍ଭବତଃ ଏହି ସିଜନର ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳି ୯ଟି ମ୍ୟାଚରୁ ମୋଟ ୩୦୪ ରନ ସଂଗ୍ରହ କରିଥିବାରୁ ତାଙ୍କୁ ଟି୨୦ ଦଳରେ ସ୍ଥାନ ମିଳିଛି। ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୫୨ ରହିଥିବା ବେଳେ ଡବ୍ଲ୍ୟୁପିଏଲ୍‌ରେ ନାଟ୍ ସ୍କିଭର ବ୍ରଣ୍ଟ, ଏଲିସ୍ ପେରୀ ଓ ହେଲି ମାଥ୍ୟୁସଙ୍କ ପଛକୁ ଟୁର୍ନାମେଣ୍ଟରେ ଚତୁର୍ଥ ସର୍ବାଧିକ ରନ ସ୍କୋରର ବ୍ୟାଟର ବିବେଚିତ ହୋଇଥିଲେ। ଭାରତୀୟଙ୍କ ମଧ୍ୟରେ ସେ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିଲେ। ଦଳକୁ ଫେରିଥିବା ଅନ୍ୟ ଜଣେ ଖେଳାଳି ହେଲେ ଉଇକେଟକିପର ଯଷ୍ଟିକା ଭାଟିଆ। ଓମେନ୍ସ ବିଗ୍ ବାଶ୍ ଲିଗ୍ ବେଳେ ରିଷ୍ଟ ଇଞ୍ଜୁରୀ ଯୋଗୁ ସେ ଗତ ନଭେମ୍ବରରୁ ଖେଳରୁ ଦୂରେଇ ରହିଥିଲେ। ଯଷ୍ଟିକା କିନ୍ତୁ ଉଭୟ ଟି୨୦ ଓ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ରିଚା ଘୋଷ ଉଭୟ ଦଳରେ ଉଇକେଟକିପର ଭାବେ ସ୍ଥାନ ପାଇଛନ୍ତି।



ଶେଫାଳି ବର୍ମା

ଇଂଲଣ୍ଡ ଟୁର୍ ପାଇଁ ଭାରତ ୧୫ ଜଣିଆ ଟି୨୦ ଦଳ ଘୋଷଣା କରିଥିବା ବେଳେ ୧୬ ଜଣିଆ ଦିନିକିଆ ଦଳ ଘୋଷଣା କରିଛି। ହରମନପ୍ରୀତ କୌରଙ୍କୁ ଉଭୟ ଦଳର ଅଧିନାୟିକା ନିଯୁକ୍ତ କରାଯାଇଥିବା ବେଳେ ସ୍ମୃତି ମନ୍ଧାନାଙ୍କୁ ତାଙ୍କ ଡେପୁଟି କରାଯାଇଛି। ନିକଟରେ ଶ୍ରୀଲଙ୍କାରେ ଅନୁଷ୍ଠିତ ତ୍ରିରାଷ୍ଟ୍ରୀୟ ସିରିଜରେ ମହିଳା ଅନ୍ତର୍ଜାତୀୟ ଦିନିକିଆରେ ଦ୍ରୁତ ୫୦୦ ରନ ସଂଗ୍ରହ କରି ବିଶ୍ୱ ରେକର୍ଡ କରିଥିବା ସ୍ୱଳ୍ପ ବୟସ୍କା ଓପନର ପ୍ରତୀକା ରାୱଲଙ୍କୁ ୫୦ ଓଭର ବିଶିଷ୍ଟ ଦଳରେ ସାମିଲ କରାଯାଇଛି। ରାୱଲ ଇଂଲଣ୍ଡର ଚାର୍ଲୋଟ ଏଡୱାର୍ଡ୍ସଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଏଡୱାର୍ଡ୍ସ ୯ଟି ଇନିଂସରେ ୫୦୦ ରନ ପୂରଣ କରିଥିବା ବେଳେ ରାୱଲ ଏହି ସଫଳତା ୮ଟି ମ୍ୟାଚରେ ହାସଲ କରିଥିଲେ। ଇଂଲଣ୍ଡ ଟୁର୍ ୫ଟି ଅନ୍ତର୍ଜାତୀୟ ଟି୨୦ ସହ ଆରମ୍ଭ ହେବ। ପରେ ତିନୋଟି ଅନ୍ତର୍ଜାତୀୟ ଦିନିକିଆ ସାଉଥାମ୍ପଟନ, ଲଣ୍ଡନ ଓ ଚେଷ୍ଟର ଲି-ଷ୍ଟ୍ରିଟ୍‌ରେ ଜୁଲାଇ ୧୬ରୁ ଆରମ୍ଭ ହେବ।

**ଭାରତୀୟ ମହିଳା ଟି୨୦ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଯଷ୍ଟିକା ଭାଟିଆ (ଉଇକେଟକିପର), ହାର୍ଲିନ ଦେଓଲ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼ ଓ ସାୟଲି ସାତ୍‌ଘରେ।

**ଭାରତୀୟ ମହିଳା ଦିନିକିଆ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ପ୍ରତୀକା ରାୱଲ, ହାର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ (ଉଇକେଟକିପର), ଯଷ୍ଟିକା ଭାଟିଆ (ଉଇକେଟକିପର), ତେଜାଲ ହାସାବନିସ, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚାରାନୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତୀ ଗୌଡ଼ ଓ ସାୟଲୀ ସାତ୍‌ଘରେ।

# ଯଶ ବଢ଼ାଇଲେ ହର୍ଷବର୍ଦ୍ଧନ

**ଓଡ଼ିଶାର ଭାରୋତ୍ତୋଳନ ପ୍ରତିଭା ହର୍ଷବର୍ଦ୍ଧନ ସାହୁ ଜାତୀୟ ସ୍ତରରେ ଚମକପ୍ରଦ ପ୍ରଦର୍ଶନ କରି ରାଜ୍ୟର ଯଶ ବୃଦ୍ଧି କରିଛନ୍ତି। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତି ୨ଟି ଜାତୀୟ ରେକର୍ଡର ଅଧିକାରୀ ହେବା ସହ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି।**

–ପ୍ରସ୍ତୁତି: ତପନ ସ୍ୱାଇଁ

ବିହାରର ରାଜଗିରଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ଭାରୋତ୍ତୋଳନ ଇଭେଣ୍ଟରେ ଚମକପ୍ରଦ ପ୍ରଦର୍ଶନ କରି ଯଶ ବଢ଼ାଇଛନ୍ତି ହର୍ଷବର୍ଦ୍ଧନ ସାହୁ। ସେ ଯେ କେବଳ ୪୯ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ ତା' ନୁହେଁ ବିଭିନ୍ନ ଓଜନ ବର୍ଗରେ ଅଂଶଗ୍ରହଣକାରୀ ୪୦ ପ୍ରତିଯୋଗୀଙ୍କ ମଧ୍ୟରେ ୩୯ ଜଣଙ୍କୁ ପଛରେ ପକାଇ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଫଳରେ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେବା ସହ ଓଡ଼ିଶାରେ ଭାରୋତ୍ତୋଳନର ଉତ୍ଥାନକୁ ସୂଚିତ କରିଛନ୍ତି।

ହର୍ଷବର୍ଦ୍ଧନ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ଉତ୍ତୋଳନ କରିଥିଲେ। ସେ ମୋଟ ୨୦୩ କେଜି ଭାର ଉଠାଇ ଐତିହାସିକ ସଫଳତା ପାଇଥିଲେ। ୪୯ କିଗ୍ରା ବର୍ଗରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ ଏବଂ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ୟୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ୟୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ୨୦୨୪ରେ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ୟୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ପୂର୍ବରୁ ରେକର୍ଡର ଅଧିକାରୀ ଥିଲେ।

ମା' ରାଜଲକ୍ଷ୍ମୀ ଓ ବାପା ଧନେଶ୍ୱର ସାହୁଙ୍କ ସୁପୁତ୍ର ହର୍ଷବର୍ଦ୍ଧନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ୨୦୨୨ରୁ ଆରମ୍ଭ ହୁଏ ତାଙ୍କର ଜିଲା ଏବଂ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ଅଭିଯାନ। ୨୦୨୨ ସେପ୍ଟେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଆନ୍ତଃ କ୍ଲବ ଭାରୋତ୍ତୋଳନରେ ସେ ପ୍ରଥମସ୍ଥାନ ଅଧିକାର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ନଭେମ୍ବରରେ ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ଭାରୋତ୍ତୋଳନରେ ସ୍ୱର୍ଣ୍ଣ, ୨୦୨୩ ମାର୍ଚ୍ଚରେ ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟ ସ୍କୁଲ୍ସ ଭାରୋତ୍ତୋଳନରେ ପ୍ରଥମ ସ୍ଥାନ ଏବଂ ୨୦୨୪ ଅଗଷ୍ଟରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ ଭାରୋତ୍ତୋଳନ ଏକାଡେମୀରେ ଆୟୋଜିତ ୭୧ତମ ରାଜ୍ୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିଲେ। ସେହିପରି ୨୦୨୨ରେ ତାଙ୍କର ଜାତୀୟ ସ୍ତରର ଅଭିଯାନ ଆରମ୍ଭ ହୁଏ। ୨୦୨୨ ଡିସେମ୍ବରରେ ତାମିଲନାଡୁରେ ଅନୁଷ୍ଠିତ ଜାତୀୟ ଭାରୋତ୍ତୋଳନର ୪୯ କେଜି ବର୍ଗରେ ସେ ଯଦିଓ ୭ମ ସ୍ଥାନରେ ରହିଥିଲେ ତେବେ ଏଠାରେ ଆହରଣ କରିଥିବା ଅଭିଜ୍ଞତା ତାଙ୍କୁ ଭବିଷ୍ୟତରେ ବହୁ ସହାୟକ ହୋଇଥିଲା। ୨୦୨୩ ଡିସେମ୍ବରରେ ଅରୁଣାଚଳ ପ୍ରଦେଶର ଇଟାନଗରରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଲ୍ଏଫ୍ ଜାତୀୟ ପ୍ରତିଯୋଗିତାରେ ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୨୪ ଅକ୍ଟୋବରରେ ହିମାଚଳ ପ୍ରଦେଶରେ ଆୟୋଜିତ ଜାତୀୟ ପ୍ରତିଯୋଗିତାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏବେ ବିହାରରେ ଅନୁଷ୍ଠିତ ଜାତୀୟ ୟୁଥ୍ ଗେମ୍ସରେ ସେ ୨ଟି ଜାତୀୟ ୟୁଥ୍ ରେକର୍ଡ ସହ ସ୍ୱର୍ଣ୍ଣ ଜିତି ନିଜ କ୍ୟାରିୟରକୁ ଭିନ୍ନ ଏକ ସୋପାନକୁ ନେଇ ଯାଇଛନ୍ତି। କେବଳ ରାଜ୍ୟ କିମ୍ବା ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜ ଉପସ୍ଥିତି ଜାହିର କରିସାରିଛନ୍ତି ହର୍ଷବର୍ଦ୍ଧନ। ୨୦୨୫ ଏପ୍ରିଲ ୩୦ରେ ପେରୁର ଲିମାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ୱାର୍ଲ୍ଡ ୟୁଥ୍ ଆଣ୍ଡ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୯ କେଜି ବର୍ଗରେ ସେ ୩ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୮୭ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୦ ଏହିପରି ମୋଟ ୧୯୭ କେଜି ଉତ୍ତୋଳନ କରି ପୋଡିୟମ ମଣ୍ଡନ କରିଥିଲେ।

ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ସବୁ ଓଜନ ବର୍ଗର ପ୍ରତିଯୋଗିତା ଶେଷରେ ହର୍ଷବର୍ଦ୍ଧନ ୭୫୪.୧୦୮ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏକ୍ଷେତ୍ରରେ ସେ ଦ୍ୱିତୀୟ ସ୍ଥାନରେ ରହିଥିବା ମହାରାଷ୍ଟ୍ରର ଯଶ ଖଣ୍ଡାଗଲେ (୭୩୫.୭୮୨ ପଏଣ୍ଟ)ଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ପୁଣେର ସୁନୀଲ ସିଂ ୭୧୧.୩୫୫ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛନ୍ତି। ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଅନ୍ୟ ଭାରୋତ୍ତୋଳକଙ୍କ ମଧ୍ୟରେ ମୁକେଶ ଗମାଙ୍ଗୋ ୪୩୫.୫୧୪ ପଏଣ୍ଟ ସହ ୨୩ତମ ସ୍ଥାନରେ ରହିଥିଲେ। ସେହିପରି ମହିଳା ବର୍ଗରେ ଓଡ଼ିଶା ପ୍ରତିଯୋଗୀଙ୍କ ମଧ୍ୟରେ ୪୦ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଜ୍ୟୋସ୍ନା ଶବର ୭୧୪.୩୬୮ ପଏଣ୍ଟ ସହ ଓଭରଅଲ୍ ରନରଅପ୍ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ମୀନା ସାନ୍ତା ୬୮୯.୦୪୭ ପଏଣ୍ଟ ସହ ୪ର୍ଥରେ ରହିଥିବାବେଳେ ଟିକି ମୋହିନୀ ମଲିକ ୩୬୪.୮୨୦ ପଏଣ୍ଟ ସହ ୨୫ତମ ସ୍ଥାନ ହାସଲ କରିଛନ୍ତି। ମୀନା ସାନ୍ତା ୫୫ କେଜି ଏବଂ ଟିକି ମୋହିନୀ ୬୪ କେଜି ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ମହିଳା ବର୍ଗରେ ମଧ୍ୟ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

### ସଂକ୍ଷେପରେ...

ନାମ: ହର୍ଷବର୍ଦ୍ଧନ ସାହୁ
ଜନ୍ମ: ୨୨ ମେ'୨୦୦୯
ଘର: ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା
ପରିବାର: ମା–ରାଜଲକ୍ଷ୍ମୀ ସାହୁ, ବାପା–ଧନେଶ୍ୱର ସାହୁ
କୋଚ୍: ଜିତେନ୍ଦ୍ର କୁମାର ସାହୁ
ଘରୋଇ କ୍ଲବ/ଏକାଡେମୀ: ଶ୍ରୀ ଶଙ୍କର ଫିଜିକାଲ ଆଣ୍ଡ କଲ୍‌ଚରାଲ କ୍ଲବ, ବ୍ରହ୍ମପୁର। ବର୍ତ୍ତମାନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ।

> **"ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଜାତୀୟ ରେକର୍ଡ ସୃଷ୍ଟି କରିଥିବାରୁ ମୁଁ ଖୁବ୍ ଆନନ୍ଦିତ। ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। ପେରୁରେ ବ୍ରୋଞ୍ଜ ପଦକ ଜିତିବା ପରେ ମୁଁ ଟ୍ରେନିଂ ପାଇଁ ଅଧିକ ସମୟ ପାଇ ନ ଥିଲି। ଏହା ସତ୍ତ୍ୱେ ପୂରା ଫୋକସ ରଖି ମୁଁ ଏହି ସଫଳତା ପାଇଛି"** –ହର୍ଷବର୍ଦ୍ଧନ ସାହୁ




ହର୍ଷବର୍ଦ୍ଧନ ଓ କୋଚ୍ କେ. ରବି କୁମାର

## ଅବସର

ଆଧୁନିକ କ୍ରିକେଟରେ ସବୁଠାରୁ
ସେ ସଫଳ କ୍ରିକେଟର
ବିରାଟ କୋହଲି ଟେଷ୍ଟ କ୍ରିକେଟରୁ
ନେଇଛନ୍ତି ଅବସର
ଆମ ୱିସ୍ ଘେନା କର
ଏଥି ସହ ତାଙ୍କ ଚଉଦ ବର୍ଷର
ଶେଷ ଲମ୍ବା କ୍ୟାରିୟର।

ଟି ଟୋଣ୍ଟି ପରେ ଟେଷ୍ଟ କ୍ରିକେଟ୍‌କୁ
କରିଦେଲା ଅଲବିଦା
ଟିମ ଇଣ୍ଡିଆର ମାଇଲଖୁଣ୍ଟ ସେ
ରଚିଅଛି ହିଷ୍ଟ୍ରି ଜ୍ୟାଦା
ବୁଲାଇ ବ୍ୟାଟ ଗଦା
ତିନି ୱାର୍ଲଡ କପ ବିଜେତା ହୋଇଛି
ଟିମ ପାଇଁ ଲଢେ ସଦା।



ପିଲାଟିଏ ଜନ୍ମ ହେଲେ ପରିବାରେ
ପ୍ୟାରେଣ୍ଟ ହୁଅନ୍ତି ଖୁସି
ସେ ପରିବାରରୁ ଜଣେ ମରିଗଲେ
ସଂସାର ଟା ଯାଏ ଭାସି
ବି ପଜିଟିଭ ଶଶୀ
ଜଏନର ସୁଖ ଅବସରରେ ନିଅ
ଅଲୱେଜ ହସି ହସି।

–ସୁବାସ ଚନ୍ଦ୍ର ପ୍ରଧାନ

# ରୋ–କୋ ଅବସର

**ଭାରତୀୟ କ୍ରିକେଟରେ 'ରୋ–କୋ' ଭାବେ ପରିଚିତ ରୋହିତ ଶର୍ମା ଓ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ଭାରତୀୟ ଟେଷ୍ଟ କ୍ରିକେଟ୍‌କୁ ଲାଗିଛି ଡବଲ ଝଟକା। ଏ ଦୁହିଁଙ୍କ ଅନୁପସ୍ଥିତିରେ ଯୁବ ବ୍ୟାଟରମାନେ ଇଂଲଣ୍ଡ ମାଟିରେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ...**


ନିର୍ମଳ କୁମାର ମିଶ୍ର

ଭାରତୀୟ କ୍ରିକେଟରେ 'ରୋ–କୋ' ଭାବେ ପରିଚିତ ରୋହିତ ଶର୍ମା ଓ ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଗୋଟିଏ ସପ୍ତାହ ମଧ୍ୟରେ ଭାରତୀୟ ଟେଷ୍ଟ କ୍ରିକେଟ୍‌କୁ ଲାଗିଛି ଡବଲ ଝଟକା। ପୂର୍ବରୁ ସୋସିଆଲ ମିଡିଆରେ ଯାହାକୁ ନେଇ ବେଶ୍ ଚର୍ଚ୍ଚା ହେଉଥିଲା ବାସ୍ତବରେ ତାହା ହିଁ ହେଲା। ଏବେ ଆଇପିଏଲ୍‌ର ବାକିଥିବା ମ୍ୟାଚଗୁଡିକ ଖେଳାଯିବା ପରେ ଖୁବ୍ ଶୀଘ୍ର ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା କରିବ ବିସିସିଆଇ। କିଛି ବର୍ଷ ହେବ ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରାଙ୍କୁ ଟେଷ୍ଟ ଦଳରେ ଦେଖିବାକୁ ମିଳୁ ନ ଥିଲା। ପରେ ଭାରତର ସ୍ପିନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନୀ ମଧ୍ୟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସିନିୟର ଖେଳାଳିଙ୍କ ମଧ୍ୟରେ ବର୍ତ୍ତମାନର ଶ୍ରେଷ୍ଠ ପେସ୍ ବୋଲର ଯଶପ୍ରୀତ ବୁମରା ଗତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଆଘାତପ୍ରାପ୍ତ ହେବା ଫଳରେ ଭାରତକୁ ବହୁମୂଲ୍ୟ ଦେବାକୁ ପଡିଲା। ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲା ଟିମ୍ ଇଣ୍ଡିଆ। ଯଶପ୍ରୀତ ବୁମରାଙ୍କ ନେତୃତ୍ୱରେ ପର୍ଥ ଟେଷ୍ଟକୁ ୨୯୫ ରନ୍‌ରେ ଜିତିବା ପରେ ଅନ୍ୟ ୪ଟି ମ୍ୟାଚରେ ଭାରତର ବିଫଳତା ଯୋଗୁ ସିନିୟର ଖେଳାଳିଙ୍କୁ ବେଶ୍ ସମାଲୋଚନା କରାଯାଇଥିଲା। ଏଥିପାଇଁ ବିସିସିଆଇ ଟିମ୍ ମ୍ୟାନେଜମେଣ୍ଟ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲା। ଏବେ ପ୍ରଶ୍ନ ଉଠୁଛି ଯେ ଏହି ଦୁଇ ସିନିୟରଙ୍କ ସ୍ଥାନ କେଉଁ ଯୁବ ଖେଳାଳି ନେବେ। ଏହି ଦୁଇ ଖେଳାଳି ଗୋଟିଏ ସମୟରେ କ୍ରିକେଟର ୩ ଫର୍ମାଟରେ ଭାରତର ଅଧିନାୟକ ରହିଥିଲେ। ଭାରତ ଏମାନଙ୍କ ନେତୃତ୍ୱରେ ଚମତ୍କାର ପ୍ରଦର୍ଶନ କରିଥିଲା। ୧୩ବର୍ଷ ବ୍ୟବଧାନ ପରେ ରୋହିତ ନିଜ ନେତୃତ୍ୱରେ ଆଇସିସି ଟ୍ରଫି ଜିତାଇବାକୁ ସକ୍ଷମ ହୋଇଥିଲେ। ହ୍ୱାଇଟ ବଲ ଓ ରେଡ୍ ବଲ୍ କ୍ରିକେଟ ମଧ୍ୟରେ ଏକ ବଡ ବ୍ୟବଧାନ ରହିଛି। ଏମାନଙ୍କ ଅନୁପସ୍ଥିତିରେ ଯୁବ ଦଳ ଉପରେ ବିସିସିଆଇ ଆସ୍ଥା ପ୍ରକଟ କରିବ ନିଶ୍ଚିତ। ତେବେ ଇଂଲଣ୍ଡର ଗ୍ରୀନ୍ ଟର୍ଫ ଓ ସୁଇଙ୍ଗ କଣ୍ଡିଶନ ସହିତ ହଠାତ୍ ଖାପ ଖୁଆଇ ଖେଳିବା ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ପେସ୍ ବୋଲର ଚୟନରେ ଅସୁବିଧା ହୋଇ ନ ପାରେ। ଯଶପ୍ରୀତ୍ ବୁମରା, ମହମ୍ମଦ ସିରାଜ, ମହମ୍ମଦ ଶାମି, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ ଇଂଲଣ୍ଡ ଗସ୍ତ କରିପାରନ୍ତି। ମାତ୍ର ଯୁବ ବ୍ୟାଟର୍ସମାନେ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ। ଆଶା କରାଯାଉଛି ଶୁବମନ୍ ଗିଲ୍ ଏହି ସିରିଜ ପାଇଁ ଅଧିନାୟକ ହୋଇପାରନ୍ତି। ବିରାଟ ଓ ରୋହିତଙ୍କ ଅନୁପସ୍ଥିତିରେ ଫର୍ମରେ ଥିବା ଯୁବ ବ୍ୟାଟର ରଜତ ପଟିଦାର, ସାଇ ସୁଦର୍ଶନ ଓ ସବୁଠାରୁ ସଫଳ ରେଡ୍ ବଲ ବ୍ୟାଟର କରୁଣ ନାୟାର ସୁଯୋଗ ପାଇପାରନ୍ତି। ଏକଥା ସତ ଯେ ବିରାଟ କୋହଲିଙ୍କ ପରି ଖେଳାଳି ଭାରତୀୟ କ୍ରିକେଟ୍‌କୁ ହଠାତ୍ ମିଳିବେ ନାହିଁ। ଏଥିପାଇଁ ଏକ ଯୁଗର ଆବଶ୍ୟକତା ପଡିବ। ୩ଟି ଫର୍ମାଟରେ ତାଙ୍କର ଦବଦବା ଦେଖିବାକୁ ମିଳିଥିଲା। ୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ କ୍ରିକେଟରେ ପ୍ରଥମ ଶତକ ଏବଂ ସେହି ଅଷ୍ଟ୍ରେଲିଆ ବିପକ୍ଷରେ ୨୦୨୪ରେ ପର୍ଥ ଟେଷ୍ଟରେ ତାଙ୍କର ଥିଲା ଶେଷ ଶତକ। ଟେଷ୍ଟ କ୍ରିକେଟରେ ଚତୁର୍ଥ ସର୍ବାଧିକ ରନ୍ ସ୍କୋରର ଥିଲେ। ଭାରତ ଖେଳିବାକୁ ଥିବା ଇଂଲଣ୍ଡ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ୧୦ହଜାର ରନ୍ ପୂରଣ କରିବା ସହିତ କୋହଲି ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା କରିବେ ବୋଲି ଆଶା କରାଯାଉଥିଲା। ମାତ୍ର କୋହଲି ହେଉଛନ୍ତି ଅସଲ କିଙ୍ଗ୍। ତାଙ୍କ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭିନ୍ନ। ଟେଷ୍ଟ କ୍ରିକେଟର ୩୦ ଶତକ ମଧ୍ୟରୁ ସର୍ବାଧିକ ୯ଟି ଶତକ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ହାସଲ କରିବା ତାଙ୍କର ବ୍ୟାଟିଂ ଦକ୍ଷତାର ପରିଚୟ ଦିଏ।

ତାଙ୍କ ଅନୁପସ୍ଥିତିରେ ଟେଷ୍ଟ କ୍ରିକେଟର ରୋମାଞ୍ଚ କମିବ। ୨୦୧୧ରୁ ଭାରତୀୟ ଟେଷ୍ଟ କ୍ରିକେଟ୍‌କୁ ଏକ ନୂତନ ସୋପାନରେ ପହଞ୍ଚାଇବାରେ ତାଙ୍କର ଅବଦାନ ଅତୁଳନୀୟ ରହିଥିଲା। ୨୦୧୩ରେ ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱରେ ଭାରତ ଯେଉଁ ଯୁବଦଳ ଗଠନ କରି ବିଦେଶ ମାଟିରେ ଗୋଟିଏ ପରେ ଗୋଟିଏ ଟେଷ୍ଟ ସିରିଜ ଜିତିବାକୁ ଆରମ୍ଭ କଲା, ସେତେବେଳେ ଯୁବ ତାରକାମାନଙ୍କ ମଧ୍ୟରେ ତାଙ୍କର ଅବଦାନ ଅବିସ୍ମରଣୀୟ ରହିଥିଲା। ୨୦୧୬ରୁ ୨୦୧୯ ତାଙ୍କ କ୍ୟାରିୟରର ସୁବର୍ଣ୍ଣ ସମୟ ଥିଲା। ଏଥିରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ବିପକ୍ଷରେ ୬୯୨ ରନ୍ ସଂଗ୍ରହ ସହିତ ୪ଟି ଶତକ ରହିଥିଲା। ୨୦୧୯ରୁ ୨୦୨୨ ତାଙ୍କ କ୍ୟାରିୟରର ସବୁଠାରୁ ଖରାପ ବର୍ଷ ଥିଲା। ଆଭରେଜ ଆଶାତୀତ ଭାବେ କମିଥିଲା। ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିଲା। ଅନେକ ସମାଲୋଚନା କରାଗଲା। ଅଧିନାୟକ ପଦ ଛାଡିବାକୁ ପଡିଲା। ତା'ପରେ ରୋହିତ ଶର୍ମା ୩ଟି ଫର୍ମାଟରେ ଅଧିନାୟକ ହେଲେ। ୧୨୩ଟି ଟେଷ୍ଟ ମ୍ୟାଚରେ ୯୨୩୦ ରନ୍, ସାଉଥ ଆଫ୍ରିକା ବିପକ୍ଷରେ ସର୍ବାଧିକ ୨୫୪ ନଟ ଆଉଟ୍ ଏବଂ ଏଥି ମଧ୍ୟରେ ୩୦ ଶତକ ଓ ୩୧ ଅର୍ଦ୍ଧଶତକ। ଟେଷ୍ଟ କ୍ରିକେଟରେ ଭାରତର ସବୁଠୁ ସଫଳ ଅଧିନାୟକ। ତାଙ୍କ ନେତୃତ୍ୱରେ ୬୮ଟି ଟେଷ୍ଟରୁ ଭାରତ ୪୦ଟିରେ ବିଜୟୀ ହୋଇଥିବା ବେଳେ ୧୮ଟି ହାରିଥିଲା। ନିଜର ଫିଟ୍‌ନେସ୍ ପାଇଁ ୩୬ ବର୍ଷ ବୟସରେ ମଧ୍ୟ ସେ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ। ଫ୍ୟାନ ଫଲୋୟର୍ସ ସର୍ବାଧିକ ଥିଲା। ଟେଷ୍ଟ କ୍ରିକେଟର ପୋଷ୍ଟର ବୟରୂପେ ପରିଚିତ ଥିଲେ। ତାଙ୍କର ଅନୁପସ୍ଥିତିରେ ଭାରତୀୟ ଟେଷ୍ଟ କ୍ରିକେଟ ନିଶ୍ଚିତ ରୂପେ ଲୋକପ୍ରିୟତା ହରାଇବ। ତାଙ୍କ ନିକଟରେ ଆଉ କିଛି ବର୍ଷର ଟେଷ୍ଟ କ୍ରିକେଟ ବାକି ରହିଥିଲା ଏହା ନିଶ୍ଚିତ। ତାଙ୍କ ପାଇଁ ହଠାତ୍ ଏପରି ନିଷ୍ପତ୍ତି କଷ୍ଟକର ରହିଥିବ। ତାଙ୍କର ସମସାମୟିକ ଖେଳାଳି ଇଂଲଣ୍ଡର ଜୋ ରୁଟ୍, ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ ଓ ପାକିସ୍ତାନର ବାବର ଆଜମ ତାଙ୍କର ଏପରି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

ସେହିପରି ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍‌କୁ ଅଲ୍‌ବିଦା ଜଣାଇବା ତାଙ୍କ ଫ୍ୟାନ୍‌ମାନଙ୍କୁ ନିରାଶ କରିଛି। ସେ ଥିଲେ ଜଣେ ବିଚକ୍ଷଣ ଅଧିନାୟକ, ଆକ୍ରମଣାତ୍ମକ ଓପନର। ୨୦୧୩ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ରୋହିତ ଶେଷ ଟେଷ୍ଟ ମ୍ୟାଚ ୨୦୨୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ ଯୋଗୁ ବିଭିନ୍ନ ଫର୍ମାଟରେ ଆଧିପତ୍ୟ ବିସ୍ତାର କରିଥିବା ରୋହିତ କ୍ୟାରିୟରରେ ୬୭ଟି ଟେଷ୍ଟ ମ୍ୟାଚ ଖେଳି ୧୨ ଶତକ ଓ ୧୮ଟି ଅର୍ଦ୍ଧଶତକ ସହିତ ୪୩୦୧ରନ୍ କରିଛନ୍ତି।

ଏ ଦୁଇ ଖେଳାଳିଙ୍କ ଅବସର ଭାରତୀୟ ଟେଷ୍ଟ କ୍ରିକେଟ ପାଇଁ ଅପୂରଣୀୟ କ୍ଷତି ନିଶ୍ଚିତ। ଏବେ ଯୁବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଭାରତୀୟ ଦଳ ଏକ ଟ୍ରାନ୍‌ଜିଶନ ପିରିୟଡ ମଧ୍ୟ ଦେଇ ଗତି କରିବ। ଏବେ କେବଳ ଏକଦିବସୀୟ ଫର୍ମାଟ ଓ ଆଇପିଏଲ୍‌ରେ ଏହି ଦୁଇ ମହାନ୍ ଖେଳାଳିଙ୍କୁ ଦେଖିବାକୁ ମିଳିବ।


ବିରାଟ କୋହଲି ଓ ରୋହିତ ଶର୍ମା।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୧୬/୨୦୨୫ Bhubaneswar, Friday, May 16/ 2025

# ବିସିସିଆଇ ୨ରୁ ୩ ଅଲିମ୍ପିକ୍ ଇଭେଣ୍ଟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଚାହୁଁଛି

**ନୂଆଦିଲ୍ଲୀ,୧୫।୫:** ପ୍ରତ୍ୟେକ କ୍ରୀଡ଼ା ପାଇଁ କର୍ପୋରେଟ ସମର୍ଥିତ ସ୍ୱତନ୍ତ୍ର ସେଣ୍ଟର ଅଫ ଏକ୍ସିଲେନ୍ସ ପ୍ରତିଷ୍ଠା କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ଉଚ୍ଚାଭିଳାଷୀ ଯୋଜନା ରଖିଛି। ଏହି ଯୋଜନା ଅଧୀନରେ ବିସିସିଆଇ ୨ରୁ ୩ ଅଲିମ୍ପିକ୍ ଇଭେଣ୍ଟକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଇଚ୍ଛା ପ୍ରକଟ କରିଛି। ଗୁରୁବାର କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଏକ ବୈଠକରେ ବିଶ୍ୱ କ୍ରିକେଟର ସବୁଠୁ ଧନୀ ବୋର୍ଡ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି। ଏହି ବୈଠକରେ ୫୮ କର୍ପୋରେଟ ହାଉସର ପ୍ରତିନିଧି ଉପସ୍ଥିତ ଥିଲେ।

ବିସିସିଆଇ ପକ୍ଷରୁ ଉପସଭାପତି ରାଜୀବ ଶୁକ୍ଲା ଏହି ବୈଠକରେ ଯୋଗଦେଇଥିଲେ। ସେ କହିଥିଲେ ଯେ, ବୋର୍ଡ ଅଲିମ୍ପିକ୍ସରେ ସାମିଲ ଥିବା ୨ରୁ ୩ ଇଭେଣ୍ଟକୁ ଆମେ ପୋଷ୍ୟ ଭାବେ ଗ୍ରହଣ କରିପାରିବୁ ଏବଂ ସେହି ଇଭେଣ୍ଟଗୁଡ଼ିକୁ ବାଛିବାର ନିଷ୍ପତ୍ତିକୁ ଆମେ ମନ୍ତ୍ରଣାଳୟ ଉପରେ ଛାଡୁଛୁ। ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ପ୍ରତ୍ୟେକ କ୍ରୀଡ଼ା ଲାଗି ଅଲିମ୍ପିକ କେନ୍ଦ୍ର ନିର୍ମାଣ କରିବାକୁ ମନ୍ତ୍ରଣାଳୟ ଯୋଜନା ରଖିଛି, ଯାହାକି ଦେଶର ୧୦୦ କିମ୍ବା ୨୦୦ ଖେଳାଳିଙ୍କୁ ଟ୍ରେନିଂ ଦେଇପାରିବ। ବର୍ତ୍ତମାନ ଭାରତରେ ୨୩ଟି ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ରହିଛି ଏବଂ ଏ ସମସ୍ତ କେନ୍ଦ୍ର ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଦ୍ୱାରା ପରିଚାଳିତ ହେଉଛି। ବିସିସିଆଇ ଅତୀତରେ ମଧ୍ୟ ଅଲିମ୍ପିକ ସ୍ପୋର୍ଟ୍ସ ଲାଗି ଆର୍ଥିକ ସହାୟତା ଯୋଗାଇଛି। ୨୦୦୮ରେ ବିସିସିଆଇ ନ୍ୟାଶନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଲାଗି ୫୦ କୋଟି ଦେଇଥିଲା।

# ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପୁରସ୍କାର ରାଶି ୩.୬ ନିୟୁତ ଡଲାରକୁ ବୃଦ୍ଧି

**ଦୁବାଇ, ୧୫।୫ (ପି.ଟି.):** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ୨୦୨୫ ଟାଇଟଲ ବିଜେତାକୁ ୩.୬ ନିୟୁତ ଆମେରିକୀୟ ଡଲାର ମିଳିବ, ଯାହାକି ଗତ ସଂସ୍କରଣ ତୁଳନାରେ ଦୁଇଗୁଣାରୁ ଅଧିକ। ୨୦୨୩ରେ ଭାରତ ବିପକ୍ଷ ଫାଇନାଲ ଜିତି ଅଷ୍ଟ୍ରେଲିଆ ୧.୬ ନିୟୁତ ଡଲାର ପାଇଥିଲା। ୨୦୨୫ ଫାଇନାଲ ଜୁନ୍ ୧୧ରେ ଲର୍ଡ୍ସଠାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଏଥର ପରାଜିତ ଦଳ ୨.୧ ନିୟୁତ ଆମେରିକୀୟ ଡଲାର ପାଇବ। ଆଇସିସିର ଏହି ଇଭେଣ୍ଟର ଗତ ଦୁଇ ସଂସ୍କରଣର ରନରଅପ୍ ୮୦୦,୦୦୦ ଡଲାର ପାଇଥିଲେ। ଡବ୍ଲ୍ୟୁଟିସି ସାଇକେଲରେ ୯ଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ହୋମ୍ ସିରିଜ ଜିତିବା ପରେ ଦକ୍ଷିଣ ଆଫ୍ରିକା ୬୯.୪୪ ପଏଣ୍ଟ ସହ ଟେବୁଲ ଶୀର୍ଷରେ ପହଞ୍ଚି ଯାଇଥିଲା। ଅଷ୍ଟ୍ରେଲିଆ ୬୭.୫୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ୫୦.୦୦ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା।

# ୟୁନିଟ୍ ୬କୁ ହରାଇଲା ଆର୍ଡୋର ଫୁଟ୍‌ବଲ ଏକାଡେମୀ

**୧୭ ବର୍ଷରୁ କମ୍ ୟୁଥ୍ ଫୁଟ୍‌ବଲ**

**ଭୁବନେଶ୍ୱର, ୧୫।୫ (ବିଜୟ ରଣା):** ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଭୁବନେଶ୍ୱର ଡିଭିଜନ ୧୭ ବର୍ଷରୁ କମ୍ ୟୁଥ୍ ଲିଗ୍ ପ୍ରତିଯୋଗିତା ଗୁରୁବାରଠାରୁ ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଆର୍ଡୋର ଫୁଟ୍‌ବଲ ଏକାଡେମୀ ୩-୧ ଗୋଲ୍‌ରେ ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଦେବାଂଶୁ ପ୍ରଧାନ (୭ମ ମିନିଟ), ଅନ୍‌ମୋଲ ନାଥ (୫୭ତମ) ଓ ଓମ୍ ମାଲାକର (୭୯ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ୟୁନିଟ୍ -୬ ଆସୋସିଶନ ତରଫରୁ ଏକମାତ୍ର ଗୋଲ୍ ଆୟୁଷ ଲୋହାର ଖେଳର ୮୧ତମ ମିନିଟ୍‌ରେ ଦେଇଥିଲେ।

# ଅର୍ବାନ ଆଡଭେଞ୍ଚର କ୍ଲବ୍ ଓ ମଙ୍ଗଳା କ୍ଲବ ବିଜୟୀ

ଗୁରୁବାର କଟକରେ ଅନୁଷ୍ଠିତ କଟକ ଡିଭିଜନ ୧୭ ବର୍ଷରୁ କମ୍ ଫାଓ ୟୁଥ୍ ଲିଗ୍‌ରେ ଅର୍ବାନ ଆଡଭେଞ୍ଚର କ୍ଲବ୍ ଓ ମଙ୍ଗଳା କ୍ଲବ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକ ମଙ୍ଗଳାବାଗସ୍ଥିତ ବସ୍ କମ୍ପ୍ଲେକ୍ସଠାରେ ଖେଳାଯାଇଥିବା ମ୍ୟାଚରେ ଆଡଭେଞ୍ଚର କ୍ଲବ ୪-୦ ଗୋଲ୍‌ରେ ରାଇଜିଂ ଷ୍ଟାର କ୍ଲବକୁ ହରାଇ ଦେଇଛି। ମୀର ସାହାଜେଦ ଅଲି (୧୨ତମ ଓ ୬୫ତମ ମିନିଟ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ରେହାନ ଖାନ୍ (୪୭ତମ) ଓ ବିଶ୍ୱଜିତ୍ ସୋରେନ (୫୪ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚଟିରେ ମଙ୍ଗଳା କ୍ଲବ ୩-୦ ଗୋଲ୍‌ରେ ଇଲେଭେନ ବ୍ରାଇଟ୍ ଷ୍ଟାରକୁ ପରାସ୍ତ କରିଛି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ